# ଧରିତ୍ରୀ DHARITRI

49 ୪୯

ଭୁବନେଶ୍ୱର, ସୋମବାର, ନଭେମ୍ବର ୨୮/୨୦୨୨ (୧୮ ପୃଷ୍ଠା) | Bhubaneswar, Monday, November 28/2022 | Page 18 | ₹ 7.00 | ★★★★★★

୪୯ଶ ଭାଗ ୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 49 ISSUE 5 | ମୂଲ୍ୟ₹୭/-



DSPL-303

ODISHA NEW OPPORTUNITIES



*Odisha's 3rd flagship Investors' Summit*

MAKE IN **ODISHA** CONCLAVE'22

**BHUBANESWAR | 30 NOV- 04 DEC | 2022**

*Come & explore the vast investment opportunities in Odisha.*

**Shri Naveen Patnaik**
Hon'ble Chief Minister, Odisha

**30NOV WEDNESDAY**

• Inauguration of the Make in Odisha Conclave 2022 by Hon'ble CM • Cultural Program

**01DEC THURSDAY**

• Plenary Session with Industry Leaders • Country Sessions • Cultural Program

**02DEC FRIDAY**

• Plenary on Skilled-in-Odisha • Plenary on Metal Downstream & Ancillaries • 10 Sectoral Sessions • Cultural Program

**03DEC SATURDAY**

• Plenary on Women Empowerment • Plenary on Transfering School Education for future ready Odisha • Valedictory Session & Cultural Program

**04DEC SUNDAY**

• Exhibition open for public • Mega Cultural Event • Food Court

**COME, JOIN THE JUGGERNAUT**

**Gate 1** Entry for Invitee & General Public | **Gate 2** Entry for Special Invitee | **Gate 3** Entry for Media

**Public Timing** 1st-3rd Dec. 2022, 4PM-8PM | 4th Dec. 2022, 11AM-8PM

Industry Partner FICCI | Investment Promotion Advisor pwc | Country Partners: Germany, Japan, Norway




**Register at https://mio.investodisha.gov.in**

**Download MIO Conclave'22 APP**

Scan to register

OIPR-14005/13/0028/2223

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨୮ ନଭେମ୍ବର, ୨୦୨୨

## ସିଇଓ, ମହିଳା ଆୟୋଗ ଅଧ୍ୟକ୍ଷାଙ୍କ ନିକଟରେ ବିଜେଡିର ଅଭିଯୋଗ

ଭୁବନେଶ୍ୱର: ପଦ୍ମପୁର ଉପନିର୍ବାଚନରେ ଭାଜପା ହିଂସା ଆରମ୍ଭ କରି ଦେଇଛି। ଗତ ୨୪ ତାରିଖରେ ବିଜେଡି କର୍ମୀ ସଞ୍ଜୁ ବରିହାଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଛତିଶଗଡ଼ରୁ ଚୁନିଲାଲ ସାହୁ ଭଳି ଗୁଣ୍ଡା ଭଡ଼ାରେ ଆଣି ପଦ୍ମପୁରରେ ଭାଜପା ଭୋଟରଙ୍କୁ ଧମକାଉଛି ବୋଲି ବିଜେଡିର ଏକ ପ୍ରତିନିଧି ଦଳ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ ନିକଟରେ ରବିବାର ଫେରାଦ ହୋଇଛି। ସେହିପରି ବିଜେଡିର ଆଉ ଏକ ପ୍ରତିନିଧି ଦଳ ସିଇଓଙ୍କୁ ଭେଟି ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କ ବିରୋଧରେ ଅଭିଯୋଗ କରିଛି। ଉପନିର୍ବାଚନରେ ଜୟନାରାୟଣ ମିଶ୍ର ମହିଳାଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ ଦେଇଛନ୍ତି। ମହିଳା ବିରୋଧୀ ମନ୍ତବ୍ୟ ପାଇଁ ଜୟନାରାୟଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦଳ ସିଇଓ ଏବଂ ମହିଳା ଆୟୋଗ ଅଧ୍ୟକ୍ଷାଙ୍କ ନିକଟରେ ଦାବି କରିଛି।



# ରଷିକୁଲ୍ୟା ମୁହାଣରେ ଅଲିଭ୍ ରିଡ୍ଲେଙ୍କ ମିଳନ ଆରମ୍ଭ

ଗଞ୍ଜାମ,୨୭।୧୧(ଡି.ଏନ.ଏ.)


ଅଲିଭ୍ ରିଡ୍ଲେଙ୍କ ମିଳନ ପର୍ବ

ଅଲିଭ୍ ରିଡ୍ଲେ କଇଁଛଙ୍କ ଏକ୍ଟୁଡ଼ିଶାଳ ପରିଚିତ ତଥା ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ଗଞ୍ଜାମ ଜିଲାର ରଷିକୁଲ୍ୟା ମୁହାଣରେ ସାମୁଦ୍ରିକ କଇଁଛମାନଙ୍କ ମିଳନ ପର୍ବ ଆରମ୍ଭ ହୋଇଛି। ଏ ନେଇ ବନ ବିଭାଗ, ପରିବେଶବିତ୍, ପର୍ଯ୍ୟଟକ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ରବିବାର ବିଭାଗ କର୍ମଚାରୀମାନେ ଗଞ୍ଜାମ ବ୍ଲକ ପୁରୁଣାବନ୍ଧ ରଷିକୁଲ୍ୟା ନଦୀରୁ ବାହାରି କଇଁଛ ସୁରକ୍ଷାକୁ ନେଇ ଗଭୀର ସମୁଦ୍ରର ନୀଳ ଜଳରାଶି ମଧ୍ୟରେ ପାଟ୍ରୋଲିଂ କରୁଥିବା ସମୟରେ କୂଳଠାରୁ ପ୍ରାୟ ୬ ରୁ ୭ କିଲୋମିଟର ଦୂରତାରେ ଦୁଇ ଯୋଡ଼ା ଅଣ୍ଡିରା ଓ ମାଈ କଇଁଛଙ୍କ ମିଳନ ହେଉଥିବା ନେଇ ଦେଖିବାକୁ ମିଳିଥିବା ରମ୍ଭା ଫରେଷ୍ଟର ଅବିନାଶ ଚୌଧୁରୀ ସୂଚନା ଦେଇଛନ୍ତି। ଏଥିସହ ଆସନ୍ତା ଡିସେମ୍ବର ୧୫ ତାରିଖ ବେଳକୁ ବହୁ ସଂଖ୍ୟାରେ ଦଳଦଳ ହୋଇ ସାମୁଦ୍ରିକ କଇଁଛଙ୍କ ମିଳନ ପ୍ରକ୍ରିୟା ସମୁଦ୍ର ମଧ୍ୟରେ ଦେଖିବାକୁ ମିଳିବ। ତେଣୁ ସେମାନଙ୍କ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି ବୋଲି ସେ ପ୍ରକାଶ କରିଥିଲେ। ଚଳିତବର୍ଷ ନଭେମ୍ବର ଶେଷ ସପ୍ତାହରେ କଇଁଛଙ୍କ ମିଳନ ପ୍ରକ୍ରିୟା ଆରମ୍ଭ ହେବ ବୋଲି ପରିବେଶବିତ୍‌ମାନେ ଯେଉଁ ପୂର୍ବାନୁମାନ କରିଥିଲେ ତାହା ଠିକ୍ ସମୟରେ ଫଳପ୍ରଦ ହୋଇଛି।

# ଏଏସ୍‌ଓଙ୍କଠାରୁ ଠକିନେଲେ ୨୭ ଲକ୍ଷ

## ଲୋନ୍ ଦେବା ଆଳରେ ସାଇବର ଠକେଇ

- ମଧ୍ୟପ୍ରଦେଶରୁ ୨ ଭାଇ ଗିରଫ
- ୧୦ ଲକ୍ଷ ଲୋନ ଦେବାକୁ ଦେଇଥିଲେ ପ୍ରତିଶ୍ରୁତି
- ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଆସିବା ପରେ ଜେଲ୍ ଗଲେ ଅଭିଯୁକ୍ତ

ଭୁବନେଶ୍ୱର,୨୭।୧୧(ବ୍ୟୁରୋ)

ଓଡ଼ିଶା ସଚିବାଳୟରେ କାର୍ଯ୍ୟ କରୁଥିବା ଜଣେ ଆସିଷ୍ଟାଣ୍ଟ ସେକ୍ସନ ଅଫିସର (ଏଏସ୍‌ଓ)ଙ୍କୁ 'ବଜାଜ୍ ଫାଇନାନ୍ସ'ରୁ ୧୦ଲକ୍ଷ ଟଙ୍କା ଲୋନ୍ ଦେବା ଆଳରେ ୨୬.୮୧ ଲକ୍ଷ ଟଙ୍କା ଠକେଇ କରିବା ଅଭିଯୋଗରେ ଭୁବନେଶ୍ୱର ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ଥାନା ପୋଲିସ ମଧ୍ୟପ୍ରଦେଶରୁ ୨ ଭାଇଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ମଧ୍ୟପ୍ରଦେଶ ଗ୍ୱାଲିୟର ଜିଲା ସିରୋଲ ଥାନା ଅଞ୍ଚଳର ଅଙ୍କିତ କୁମାର ସିଂ (୧୯) ଓ ବଲେନ୍ଦ୍ର ସିଂ (୨୪)। ଭାଇଦ୍ୱୟଙ୍କୁ ଗୁରୁବାର ମଧ୍ୟପ୍ରଦେଶରୁ ଗିରଫ କରାଯିବା ପରେ ସ୍ଥାନୀୟ କୋର୍ଟଙ୍କୁ ଚାଲାଣ କରାଯାଇଥିଲା। ସେଠାରୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଅଣାଯାଇ ରବିବାର ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ଦୁଇଭାଇଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେମାନେ ପୂର୍ବରୁ ଏକାଧିକ ଠକେଇ କରିଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ଉଭୟଙ୍କୁ ରିମାଣ୍ଡରେ ଆଣି ଠକେଇ ସଂକ୍ରାନ୍ତରେ ଅଧିକ ତଥ୍ୟ ଯୋଗାଡ଼ କରିବାକୁ ପୋଲିସ ଯୋଜନା କରୁଥିବା ସୂଚନା ମିଳିଛି।

ପୋଲିସ ସୂଚନା ଅନୁଯାୟୀ, ସଚିବାଳୟରେ ଏଏସ୍‌ଓ ଭାବେ କାର୍ଯ୍ୟ କରୁଥିବା ଅଭିଷେକ ହୋତାଙ୍କୁ ଅଭିଯୁକ୍ତ ଦୁଇ ଭାଇ ଫସାଇଥିଲେ। ଗତ ଜୁନରେ ଅଭିଯୁକ୍ତମାନେ ଯୁବତୀଙ୍କ ପରିଚୟ ଦେଇ କଥା ହୋଇଥିଲେ। ସେ ନିଜକୁ ବଜାଜ୍ ଫାଇନାନ୍ସର କର୍ମଚାରୀ ବୋଲି ପରିଚୟ ଦେଇଥିଲେ। ଅଭିଯୁକ୍ତମାନେ ୧୦ ଲକ୍ଷ ଟଙ୍କାର ଲୋନ ଦେବାକୁ କହିବାରୁ ଅଭିଷେକ ନେବାକୁ ରାଜି ହୋଇଥିଲେ। ଏଥିପାଇଁ ପ୍ରଥମେ ୨୫ ହଜାର ଟଙ୍କା ଦେବାକୁ ପଡ଼ିବ ବୋଲି କହିଥିଲେ। ଏହାପରେ ବିଭିନ୍ନ ନମ୍ବରରୁ ଅଭିଷେକଙ୍କୁ ଫୋନ କରି ଇନ୍ସ୍ୟୁରାନ୍ସ ବାବଦରେ ପୁଣି ୪ ଲକ୍ଷ, ପ୍ରୋସେସିଂ ଫି' ପାଇଁ ୪୦ ହଜାର ଟଙ୍କା ଦେବାକୁ ପଡ଼ିବ ବୋଲି କହିଥିଲେ।



ଅଭିଯୁକ୍ତ ୨ ଭାଇ

ଏହିପରି ୮ଟି ପର୍ଯ୍ୟାୟରେ ଅଭିଷେକଙ୍କଠାରୁ ଅଭିଯୁକ୍ତମାନେ ୨୬ ଲକ୍ଷ ୮୧ ହଜାର ୨୫୦ ଟଙ୍କା ନେଇଯାଇଥିଲେ। ପରବର୍ତ୍ତୀ ସମୟରେ ଉଭୟ ଅଭିଷେକଙ୍କ ମୋବାଇଲ ନମ୍ବରକୁ ବ୍ଲକ କରି ଦେଇଥିଲେ। ଏନେଇ ଗତ ଅଗଷ୍ଟ ୨୫ରେ ଅଭିଷେକଙ୍କ ଅଭିଯୋଗ କ୍ରମେ ପୋଲିସ ମାମଲା (ନଂ.୩୫/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମଧ୍ୟପ୍ରଦେଶରେ ୨ ଭାଇ ଏହି ଠକେଇ କରୁଥିବା ଜଣାପଡ଼ିବା ପରେ ପୋଲିସ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିଥିଲା।




# ପ୍ରଥମ ଶ୍ରେଣୀ ଛାତ୍ରୀଙ୍କୁ ପ୍ରଧାନ ଶିକ୍ଷକଙ୍କ ମାଡ଼

## ଅଭିଯୋଗ କଲେ ସ୍କୁଲରୁ ବାହାର କରିଦେବାକୁ ଧମକ ଦେଇଥିଲେ

ବାରିପଦା ଅଫିସ/ଠାକୁରମୁଣ୍ଡା (ଡି.ଏନ୍.ଏ.),୨୭।୧୧

ଜଣେ ପ୍ରଥମ ଶ୍ରେଣୀ ଆଦିବାସୀ ଛାତ୍ରୀଙ୍କୁ ପ୍ରଧାନ ଶିକ୍ଷକ ନିସ୍ଠୁକ ମାଡ଼ ମାରିଥିବା ନେଇ ଅଭିଯୋଗ ହୋଇଛି। ଏଭଳି ଘଟଣା ଘଟିଛି ମୟୂରଭଞ୍ଜ ଜିଲା କରଞ୍ଜିଆ ବ୍ଲକର ହାତୀବାରି ସେବାଶ୍ରମ ସ୍କୁଲରେ। ଗତ ୧୭ ତାରିଖରେ ଘଟଣାଟି ଘଟିଥିଲା। ଏନେଇ ଅଭିଯୋଗ କଲେ ଛାତ୍ରୀଙ୍କୁ ସ୍କୁଲରୁ ବାହାର କରିଦେବେ ବୋଲି ପ୍ରଧାନ ଶିକ୍ଷକ ଧମକ ଦେଇଥିଲେ। ଏଣୁ ଭୟରେ ଛାତ୍ରୀଙ୍କ ପରିବାର ଲୋକେ ଅଭିଯୋଗ କରି ନ ଥିଲେ। ଛାତ୍ରୀଙ୍କ ମାମୁ ଅର୍ଜୁନ ତାମୁଡ଼ିଆ ଘଟଣା ସମ୍ପର୍କରେ ଜାଣିବା ପରେ ଶୁକ୍ରବାର କରଞ୍ଜିଆ ଥାନାରେ ଏତଲା ଦେଇଛନ୍ତି। ପୋଲିସ ଶନିବାର ଏକ ମାମଲା (ନଂ.୩୩୩/୨୨) ରୁଜୁ କରି ତଦନ୍ତ ଜାରି ରଖିଛି।

ଅଭିଯୋଗ ଅନୁଯାୟୀ, ଗତ ୧୭ ତାରିଖରେ ସ୍କୁଲ ପରିସରରେ ନବନିର୍ମିତ ପ୍ରତିମୂର୍ତ୍ତି ଭାଙ୍ଗିଥିବା ଦେଖି ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ସାହୁ ଉକ୍ତ ଛାତ୍ରୀଙ୍କୁ ପଚାରି ବୁଝିବା ସହ ପ୍ରାର୍ଥନା କ୍ଲାସରେ ସର୍ବସମ୍ମୁଖରେ କାନ ଧରାଇ ମାଡ଼ ମାରିଥିଲେ। ମାଡ଼ ଓ ଗାଳି କରିବାରୁ ଛାତ୍ରୀ ଜଣଙ୍କ ନିଜ ପ୍ୟାଣ୍ଟରେ ପରିସ୍ରା କରି ଦେଇଥିଲେ। ଛାତ୍ରୀ ଜଣକ କିଛିଦିନ ପରେ ପରିବାର ଲୋକଙ୍କୁ କହିବାରୁ ଏହାକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗତ ୨୪ ତାରିଖରେ ଛାତ୍ରୀଙ୍କ ମାମୁ ସ୍କୁଲରେ ପହଞ୍ଚି ଘଟଣା ସମ୍ପର୍କରେ ବୁଝିବାରୁ ପ୍ରଧାନ ଶିକ୍ଷକ ତାଙ୍କୁ ନାଲି ଆଖି ଦେଖାଇଥିଲେ। ଘଟଣାକୁ ନେଇ ବିଭାଗୀୟ ଅଧିକାରୀମାନେ ପ୍ରଧାନ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯିବ ବୋଲି କହିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ୨୫ ତାରିଖରେ ଛାତ୍ରୀଙ୍କ ମାମୁ ଥାନା ଦ୍ୱାରସ୍ଥ ହୋଇଥିଲେ। ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଛନ୍ତି।

ଏ ସମ୍ପର୍କରେ ଦାୟିତ୍ୱରେ ଥିବା ଜିଲା ମଙ୍ଗଳ ଅଧିକାରୀ ସୁନାରାମ ସିଂ କହିଛନ୍ତି, ଅଭିଭାବକଙ୍କ ଅଭିଯୋଗ ଆଧାରରେ ଉକ୍ତ ସ୍କୁଲ ପ୍ରଧାନ ଶିକ୍ଷକଙ୍କୁ ଯଶିପୁର ବ୍ଲକକୁ ବଦଳି କରାଯାଇଛି। ବିଭାଗୀୟ ତଦନ୍ତ ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ଏନେଇ ପ୍ରଧାନ ଶିକ୍ଷକଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରେ ଏଭଳି ଘଟଣାକୁ ସାଧାରଣରେ ନାପସନ୍ଦ କରାଯାଇଛି।




# ଖୋର୍ଦ୍ଧା ତହସିଲଦାର, ଆର୍‌ଆଇଙ୍କ ବିରୋଧରେ ମାମଲା ରୁଜୁ

ଖୋର୍ଦ୍ଧା ଅଫିସ,୨୭।୧୧

ଖୋର୍ଦ୍ଧା ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) କାର୍ଯ୍ୟାଳୟ ନିକଟସ୍ଥ ଏକ ସେବାକେନ୍ଦ୍ରକୁ ଭାଙ୍ଗି ଦେବା ନେଇ ଗୁରୁଜଙ୍ଗର ରଣଜିତ ମହାପାତ୍ର ଗତ ଅକ୍ଟୋବର ୩ରେ ଖୋର୍ଦ୍ଧା ତହସିଲଦାର ଏବଂ ଆର୍‌ଆଇଙ୍କ ବିରୋଧରେ ଆଦର୍ଶ ଥାନାରେ ଏତଲା ଦେଇଥିଲେ। ମାତ୍ର ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିଲା। ଫଳରେ ଏନେଇ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଶନିବାର ଆଦର୍ଶ ଥାନାରେ ଦଫା ୪୨୭, ୨୯୪, ୩୪୧, ୫୦୬ ଏବଂ ୩୪ ଆଇପିସିରେ ଏକ ମାମଲା (ନଂ. ୬୨୧/୨୨) ରୁଜୁ ହୋଇଛି।

ଅଭିଯୋଗରେ ଦର୍ଶାଯାଇଛି ଯେ, ଆର୍‌ଆଇ କାର୍ଯ୍ୟାଳୟ ନିକଟରେ ରଣଜିତଙ୍କର ଏକ କ୍ୟାବିନ ରହିଥିଲା। ସେଠାରେ ସେ ସେବାକେନ୍ଦ୍ର ଖୋଲିଥିଲେ। ସରକାରଙ୍କ ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କୁ ଅନ୍‌ଲାଇନ ସେବା ଯୋଗାଇଆସୁଥିଲେ। ତେବେ ତହସିଲଦାର ଏବଂ ଆର୍‌ଆଇ ବିନା ନୋଟିସରେ ରାଜନୈତିକ ତଥା ବ୍ୟକ୍ତିଗତ ଆକ୍ରୋଶ ରଖି ଜେସିବି ଲଗାଇ ସେହି ସେବାକେନ୍ଦ୍ରକୁ ଭାଙ୍ଗିଦେଇଥିଲେ। ସେ ଏହାର ବିରୋଧ କରିବାରୁ ତହସିଲଦାର କୁଆଡ଼େ ତାଙ୍କ ଘରଦ୍ୱାର ଭାଙ୍ଗିଦେବା ସହ ମିଥ୍ୟା ମାମଲା ରୁଜୁ କରି ଜେଲରେ ପୂରାଇ ଦେବେ ବୋଲି ଧମକ ଦେଇଥିଲେ ବୋଲି ରଣଜିତ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। କ୍ୟାବିନରେ ଥିବା ତାଙ୍କ କମ୍ପ୍ୟୁଟର, ଲାପ୍‌ଟପ୍, ପ୍ରିଣ୍ଟର, ଜେରକ୍ସ ମେଶିନ ଏବଂ ଅନ୍ୟ ଆସବାବପତ୍ର, ଯାହାର ମୂଲ୍ୟ ଲକ୍ଷାଧିକ ଟଙ୍କାରୁ ଊର୍ଦ୍ଧ୍ୱ ହେବ ସବୁ ନଷ୍ଟ ହୋଇଯାଇଛି। ସମ୍ପୃକ୍ତ ତହସିଲଦାର ଏବଂ ଆର୍‌ଆଇଙ୍କ ବିରୋଧରେ ସେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।







# ୪ ବିଇଓଙ୍କ ଉପରେ ୧୧ ବ୍ଲକର ଶିକ୍ଷା ଭାର

## ରାୟଗଡ଼ା ଜିଲାରେ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ

ରାୟଗଡ଼ା ଅଫିସ,୨୭।୧୧

ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ପିଲାଙ୍କୁ ସ୍କୁଲ ମୁହାଁ କରିବା ପାଇଁ ସରକାର ବିଭିନ୍ନ ଯୋଜନା ପ୍ରସ୍ତୁତ କରୁଛନ୍ତି। ହେଲେ ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲାରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ଜିଲାରେ ୧୧ ବ୍ଲକ ମଧ୍ୟରୁ ୭ରେ ବିଇଓ ପଦବୀ ଖାଲି ପଡ଼ିଛି। ସେହିପରି ଚଳିତ ମାସରେ ଆଉ ଏକ ବ୍ଲକରେ ବିଇଓ ପଦବୀ ଖାଲି ହେବାକୁ ଯାଉଛି। ଫଳରେ ଶିକ୍ଷା ବ୍ୟବସ୍ଥାର ତଦାରଖ ଠିକ୍‌ରେ ହୋଇପାରୁନାହିଁ। ଅନେକ ସ୍କୁଲରେ ପିଲାଙ୍କ ଉପସ୍ଥାନ କମ୍ ରହୁଥିବା ବେଳେ ଆଉ କେତେକ ସ୍କୁଲରେ ପିଲାଙ୍କୁ ପଢ଼ାଇବା ପାଇଁ ଶିକ୍ଷକଙ୍କ ଅଭାବ ରହିଛି। ଏଭଳି ପରିସ୍ଥିତିରେ ସ୍କୁଲଗୁଡ଼ିକର ସମସ୍ୟା ବୁଝିବା ଏବଂ ଜିଲାସ୍ତରରେ ଉପସ୍ଥାପନା କରିବାକୁ ସ୍ଥାୟୀ ବିଇଓ ନାହାନ୍ତି। ୪ ବିଇଓଙ୍କ ହାତରେ ଚାଲିଛି ୧୧ ବ୍ଲକର ଶିକ୍ଷା ବ୍ୟବସ୍ଥା।

ଜିଲାର ଗୁଡ଼ାରି ବ୍ଲକରେ ୨୦୧୭ ଜୁନ୍‌ରୁ ସ୍ଥାୟୀ ବିଇଓ ପଦବୀ ଖାଲି ପଡ଼ିଛି। ସେହିପରି ୨୦୨୧ ରୁ କାଶୀପୁର ବ୍ଲକରେ, ୨୦୨୧ରୁ କଲ୍ୟାଣସିଂହପୁରରେ, ୨୦୨୨ ଜୁନ୍‌ରୁ ରାୟଗଡ଼ା ସଦର ବ୍ଲକରେ, ୨୦୨୧ ରୁ ଚନ୍ଦ୍ରପୁର ବ୍ଲକରେ, ୨୦୨୨ ଫେବୃୟାରୀରୁ ଗୁଣପୁର ବ୍ଲକରେ ଏବଂ ବିଷମକଟକ ବ୍ଲକରେ ୨ ମାସ ହେଲା ସ୍ଥାୟୀ ବିଇଓ ପଦବୀ ଖାଲି ପଡ଼ିଥିଲେ ମଧ୍ୟ ପୂରଣ ହୋଇପାରୁନାହିଁ। ଏବେ କେବଳ ୪ ବ୍ଲକ ଯଥା ପଦ୍ମପୁର, ମୁନିଗୁଡ଼ା, ରାମନାଗୁଡ଼ା ଏବଂ କୋଲନରା ବ୍ଲକରେ ସ୍ଥାୟୀ ବିଇଓ ଦାୟିତ୍ୱରେ ଅଛନ୍ତି। ନିକଟସ୍ଥ ବ୍ଲକର ବିଇଓଙ୍କୁ ନିଜ ବ୍ଲକ ସହ ଖାଲି ପଡ଼ିଥିବା ବ୍ଲକର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେମାନେ ଏକାଧିକ ବ୍ଲକର ଦାୟିତ୍ୱ ଠିକ୍‌ରେ ତୁଲାଇପାରୁ ନ ଥିବା ଜଣାପଡ଼ିଛି। ଫଳରେ ତୃଣମୂଳ ସ୍ତରରେ ପ୍ରଶାସନିକ ପରିଚାଳନା, ନିରୀକ୍ଷଣ, ବିଭାଗୀୟ ସମସ୍ତ କର୍ମଚାରୀଙ୍କ କାର୍ଯ୍ୟକ୍ରମ ନିରୀକ୍ଷଣ କରିବା, ସମସ୍ତ ଶିକ୍ଷକଙ୍କୁ ସୂଚନା ପହଞ୍ଚାଇବା, ବିଦ୍ୟାଳୟରେ ଶୈକ୍ଷିକ ଉପକରଣ ଯୋଗାଇବା ଆଦିରେ ସମସ୍ୟା ଦେଖାଦେଉଛି। ଜିଲାର ୭ ବ୍ଲକରେ ସ୍ଥାୟୀ ବିଇଓ ନ ଥିବା ବିଷୟରେ ଡିଇଓ ପୂର୍ଣ୍ଣଚନ୍ଦ୍ର ବରିହାଙ୍କୁ ପଚାରିବାରୁ ସେ କହିଛନ୍ତି, କ୍ଲାସ୍ ୨ ବରିଷ୍ଠ ଶିକ୍ଷକମାନଙ୍କ ପ୍ରମୋସନ ହେଲେ ଏସବୁ ସମସ୍ୟାର ସମାଧାନ ହୋଇପାରିବ।






# ଧରିତ୍ରୀ
DHARITRI
49 ୪୯

ଭୁବନେଶ୍ୱର, ସୋମବାର, ନଭେମ୍ବର ୨୮/୨୦୨୨ | Bhubaneswar, Monday, November 28/2022



# ପ୍ରାଥମିକ ଶିକ୍ଷକଙ୍କ ରଣହୁଙ୍କାର

## ଦାବି, ପ୍ରତିବାଦ, ବିକ୍ଷୋଭରେ କମ୍ପିଲା ଲୋୟର ପିଏମ୍‌ଜି

ଗତ ୨୪ ତାରିଖରୁ ବିଧାନସଭା ଶୀତକାଳୀନ ଅଧିବେଶନ ଆରମ୍ଭ ହୋଇଛି। ଏଥିସହ ବିଧାନସଭା ସମ୍ମୁଖ ଲୋୟର ପିଏମ୍‌ଜି ମଧ୍ୟ ସରଗରମ ହୋଇଉଠିଛି। ନ୍ୟାୟ, ଅଧିକାର ଓ ଦାବିକୁ ନେଇ ପ୍ରତିଦିନ ବିଭିନ୍ନ ସଂଗଠନ ଆନ୍ଦୋଳନ ଚଳାଇଥିବାବେଳେ ପ୍ରତିବାଦ, ବିକ୍ଷୋଭ ମାଧ୍ୟମରେ ସରକାରଙ୍କ ଦୃଷ୍ଟିଆକର୍ଷଣ କରୁଛନ୍ତି। ତେବେ ରବିବାରର ଚିତ୍ର ଥିଲା ଭିନ୍ନ। ସକାଳୁ ହଜାର ହଜାର ଶିକ୍ଷକ ସହର ଭିତରକୁ ପ୍ରବେଶ କରିବାରୁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଥିଲା। ସେମାନଙ୍କ ରଣହୁଙ୍କାରରେ ପ୍ରକମ୍ପିତ ହୋଇଥିଲା ବିଧାନସଭା ଅଞ୍ଚଳ। ସେମାନଙ୍କ ସହ ଚାଷୀ ଏକତା ମଞ୍ଚ, ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ୍ ୱାର୍କର୍ସ ଆସୋସିଏଶନ, କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନ ସିଆଇଟିୟୁ, ଭାଜପା ମଧ୍ୟ ନିଜ ନିଜର ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। କିଏ ରାଜ୍ୟ ସରକାରଙ୍କୁ ତ ଆଉ କିଏ କେନ୍ଦ୍ର ସରକାରଙ୍କ ବିରୋଧରେ ବର୍ଷିଥିଲେ। ହେଲେ ଶିକ୍ଷକଙ୍କ ସଂଖ୍ୟା ଏତେ ଅଧିକ ଥିଲା ଯେ ସବୁଠି ସେମାନଙ୍କ ଉପସ୍ଥିତି ଓ ରଣହୁଙ୍କାର ଦେଖିବାକୁ ମିଳିଥିଲା।



ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ରବିବାର ବିଭିନ୍ନ ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରୁଥିବା ପ୍ରାଥମିକ ସ୍କୁଲ ଶିକ୍ଷୟିତ୍ରୀଶିକ୍ଷକ । (ଫଟୋ-ମୌସମ)

**ଭୁବନେଶ୍ୱର,୨୭।୧୧(ବ୍ୟୁରୋ)**

ରାଜ୍ୟର ଆର୍ଥିକ ସଙ୍କଟ ସମୟରେ ରାଜ୍ୟ ସରକାରଙ୍କ ସହ ଠିଆ ହୋଇଥିଲେ ଶିକ୍ଷା ସହାୟକ। ଶିକ୍ଷକତା ସହ ସରକାରଙ୍କ ବିଭିନ୍ନ କାର୍ଯ୍ୟରେ ନିଜକୁ ସାମିଲ କରିଥିଲେ। ହେଲେ ରାଜ୍ୟ ସରକାରଙ୍କ ସ୍ୱାର୍ଥ ହାସଲ ପରେ ଏବେ ଏହି ପ୍ରାଥମିକ ଶିକ୍ଷକଙ୍କ ସ୍ୱାର୍ଥର ବଳିଦାନ ଦିଆଯାଇଛି। ସମସ୍ତ ସୁବିଧା ସୁଯୋଗରୁ ବଞ୍ଚିତ କରାଯାଇଛି। ଏଭଳି ଅଭିଯୋଗ ଆଣି ଆନ୍ଦୋଳନକୁ ଓହ୍ଲାଇଛନ୍ତି ପ୍ରାଥମିକ ଶିକ୍ଷକ। ଏହାର ପ୍ରତିବାଦ ସ୍ୱରୂପ ରବିବାର ସାରା ରାଜ୍ୟର ପ୍ରାଥମିକ ଶିକ୍ଷକମାନେ ନିଜର ହକ୍ ପାଇଁ ରାଜଧାନୀରେ ଏକାଠି ହୋଇ ରାଜ୍ୟ ସରକାରଙ୍କ ଶିକ୍ଷାନୀତିର କଡ଼ା ସମାଲୋଚନା କରିଥିଲେ। ରାଜ୍ୟ ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘର ଆହ୍ୱାନକ୍ରମେ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନରେ ଠିକା ନିଯୁକ୍ତି ସମ୍ପୂର୍ଣ୍ଣ ପ୍ରତ୍ୟାହାର ସହ ୩ ଦଫା ଦାବି ରଖିଛନ୍ତି ଶିକ୍ଷକମାନେ। ମହାସଂଘର ସାଧାରଣ ସମ୍ପାଦକ ବଙ୍କିମ ଚନ୍ଦ୍ର ସାଗର କହିଛନ୍ତି, ୩୦ ଜିଲାରୁ ପ୍ରାୟ ୧ ଲକ୍ଷ ୫୫ ହଜାର ପ୍ରାଥମିକ ଶିକ୍ଷୟିତ୍ରୀ ଓ ଶିକ୍ଷକ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଶିକ୍ଷକମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ ରାଜରାସ୍ତାରେ ବସିଲେ ଶିକ୍ଷା ବ୍ୟବସ୍ଥାର ଗତି କେଉଁଆଡ଼କୁ ଯିବ ଜାଣି ମଧ୍ୟ ମୁଖ୍ୟମନ୍ତ୍ରୀ ଚୁପ୍ ରହୁଛନ୍ତି। ଏହାର ଅର୍ଥ ରାଜ୍ୟ ସରକାର ଜାଣି ଜାଣି ପିଲାଙ୍କ ଓ ଶିକ୍ଷକଙ୍କ ଭବିଷ୍ୟତ ସହ ଖେଳୁଛନ୍ତି। ସେ କହିଛନ୍ତି, ୨୦୦୧ରୁ ରାଜ୍ୟ ସରକାର ସ୍ୱେଚ୍ଛାସେବୀ ଶିକ୍ଷା ସହାୟକ ନାମରେ ପ୍ରାଥମିକ ଶିକ୍ଷାରେ ନିଯୁକ୍ତି ଦେଇଥିଲେ। ପରବର୍ତ୍ତୀ ସମୟରେ ଅନ୍ୟ ☞ପୃଷ୍ଠା-୨

## ଫୁଲବାଣୀରେ ସର୍ବନିମ୍ନ ପାରଦ ୯.୫ ଡିଗ୍ରୀ

**ଭୁବନେଶ୍ୱର, ୨୭।୧୧(ବ୍ୟୁରୋ)**

ସାରା ଓଡ଼ିଶାରେ ଶୀତର ଲହରି ଜାରି ରହିଛି। ରାଜ୍ୟର ବିଭିନ୍ନ ସ୍ଥାନରେ ପାରଦ ୧୦ଡିଗ୍ରୀ ରହୁଛି। ବିଶେଷ କରି ଆଭ୍ୟନ୍ତରୀଣ ଓଡ଼ିଶାରେ ଶୀତର ପ୍ରଭାବ ଅଧିକ ଅନୁଭୂତ ହେଉଛି। ରବିବାର ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୯.୫ଡିଗ୍ରୀ ସହ ସବୁଠାରୁ ଥଣ୍ଡା ସହର ରହିଥିଲା। ସେହିପରି ୨୨ଟି ସହରରେ ତାପମାତ୍ରା ୧୫ ଡିଗ୍ରୀ ତଳେ ରହିଥିଲା। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ, କେନ୍ଦୁଝରଗଡ଼ରେ ୧୦, ଦାରିଙ୍ଗବାଡ଼ିରେ ୧୦, ଝାରସୁଗୁଡ଼ା ୧୦.୬, ବାଲେଶ୍ୱର ୧୩.୯, କଟକ ୧୪.୮, ଭୁବନେଶ୍ୱର ୧୪, ଅନୁଗୋଳ ୧୨.୬, ବାରିପଦା ୧୪, ସମ୍ବଲପୁର ୧୩.୫, ସୁନ୍ଦରଗଡ଼ ୧୨, ହୀରାକୁଦ ୧୧.୮, ଭବାନୀପାଟଣା ୧୩, ବଲାଙ୍ଗୀର ୧୩.୫, କୋରାପୁଟ ୧୨.୬, ଟିଟିଲାଗଡ଼ ୧୪, ସୋନପୁର ୧୩.୯, ବୌଦ୍ଧ ୧୪, ଭଦ୍ରକ ୧୪, ବରଗଡ଼ ୧୨.୪, ଦେବଗଡ଼ ୧୧.୫, କେନ୍ଦ୍ରାପଡ଼ାରେ ୧୪.୨ ଡିଗ୍ରୀ ତାପମାତ୍ରା ରହିଥିଲା। ସେହିଭଳି ଚାନ୍ଦବାଲି ଓ ନୟାଗଡ଼ରେ ୧୫ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଆସନ୍ତା ୫ଦିନ ପର୍ଯ୍ୟନ୍ତ ଏହିଭଳି ଥଣ୍ଡା ଅନୁଭୂତ ହେବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଉତ୍ତର ଓ ଉତ୍ତର ପଶ୍ଚିମ ଦିଗରୁ ବହୁଥିବା ପବନର ପ୍ରଭାବରେ ତାପମାତ୍ରା ହ୍ରାସ ପାଉଛି। ଆସନ୍ତା ୪ରୁ ୫ ଦିନ ମଧ୍ୟରେ ତାପମାତ୍ରା ୨ରୁ ୩ ଡିଗ୍ରୀ କମିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି।

**ଆଜିର ସମ୍ପାଦକୀୟ**
ଗୋଟିଏ ଚିନ୍ତା












## ବସେରା ଡିଜାଇନ୍ସର ଏମ୍‌ଡି ଗିରଫ

**ଫ୍ଲାଟ୍ ଦେବା ଆଳରେ ୧.୭୨ କୋଟି ଠକେଇ**

- ଅଭିଯୁକ୍ତା ତଥା ନିର୍ଦ୍ଦେଶିକା ସ୍ତ୍ରୀଙ୍କୁ ଖୋଜୁଛି ଇଓଡବ୍ଲ୍ୟୁ
- ପୂର୍ବରୁ ଗିରଫ ହୋଇଥିଲେ ମଧ୍ୟସ୍ଥ ସାଜିଥିବା ଜଣେ ବିଲ୍ଡର



ମନୋଜ ପଟ୍ଟନାୟକ

**ଭୁବନେଶ୍ୱର,୨୭।୧୧(ବ୍ୟୁରୋ)**

ଫ୍ଲାଟ୍ ଦେବାକୁ କହି ବହୁ ଲୋକଙ୍କଠାରୁ ୧.୭୨ କୋଟି ଠକେଇ ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଆଉଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ବସେରା ଡିଜାଇନ୍ସ ପ୍ରାଇଭେଟ ଲିମିଟେଡ୍ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ☞ପୃଷ୍ଠା-୨

## ମାର୍ଚ୍ଚ ସୁଦ୍ଧା ସରିବ ନାଟମଣ୍ଡପ ମରାମତି

**ଶ୍ରୀମନ୍ଦିର ନାଟମଣ୍ଡପ ଫାଟ, ଜଗମୋହନ କାମ ଅନୁଧ୍ୟାନ କଲା ଏଏସ୍‌ଆଇ ବିଶେଷଜ୍ଞ ଟିମ୍**

**ପୁରୀ ଅଫିସ, ୨୭।୧୧**

ଶ୍ରୀମନ୍ଦିର ନାଟମଣ୍ଡପ ବିମରେ ଥିବା ଫାଟ ଓ ଜଗମୋହନର ମରାମତି କାର୍ଯ୍ୟ ରବିବାର ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ (ଏଏସ୍‌ଆଇ)ର ବିଶେଷଜ୍ଞ ଟିମ୍ ଅନୁଧ୍ୟାନ କରିଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଆମିକସ୍‌କ୍ୟୁରି ଏନ୍.କେ. ମହାନ୍ତି, ଆଇଆଇଟି ଚେନ୍ନାଇର ପ୍ରଫେସର ଅରୁଣ ମେନନ୍, ଏଏସ୍‌ଆଇର ଅତିରିକ୍ତ ଡିଜି ଜାନଭି ଶର୍ମା, ଏଏସ୍‌ଆଇ ସଂରକ୍ଷକ ଅଧିକାରୀଙ୍କ ସମେତ ଶ୍ରୀମନ୍ଦିର ପ୍ରଶାସନ ଅଧିକାରୀଙ୍କୁ ନେଇ ଗଠିତ ଏକ ଉଚ୍ଚସ୍ତରୀୟ ଟିମ୍ ଶ୍ରୀମନ୍ଦିର ନାଟମଣ୍ଡପ ବିମ୍‌ରେ ଥିବା ଫାଟ ଅନୁଧ୍ୟାନ କରିଛନ୍ତି। ନାଟମଣ୍ଡପର ୪ଟି ପିଲର (ସ୍ତମ୍ଭ) ଏବଂ ବିମ୍ ସମେତ କ୍ୟାପିଟାଲ ବିମ୍‌ଗୁଡ଼ିକର ଦୁର୍ବଳ ସ୍ଥିତି ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଇଛି। ପାଣି ଗଳୁଥିବା ନାଟମଣ୍ଡପ ଓ ଜଗମୋହନ ଛାତ ସ୍ଥିତି ଅନୁଧ୍ୟାନ ପାଇଁ ଖଡ଼ଗପୁର ଆଇଆଇଟିକୁ ଦାୟିତ୍ୱ ଦିଆଯାଇଛି। ତେବେ ୨୦୧୮ ମସିହାରେ ନାଟମଣ୍ଡପ ବିମ୍‌ରେ ଫାଟ ଥିବା ଜଣାପଡ଼ିବା ପରେ ଏହାର ମରାମତି ପାଇଁ ଏଏସ୍‌ଆଇ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା। ଉଚ୍ଚସ୍ତରୀୟ ଟିମ୍ ଅନୁଧ୍ୟାନ ସମୟରେ ସେହି ଫାଟ ପୂର୍ବରୁ ଯେଭଳି ଥିଲା ତାହା ଏବେ ବି ସେହିଭଳି ରହିଛି ବୋଲି ଜଣାପଡ଼ିଛି। ଖୁବଶୀଘ୍ର ଏହାର ମରାମତି କାର୍ଯ୍ୟ ଆରମ୍ଭ କରାଯାଇ ଆସନ୍ତା ମାର୍ଚ୍ଚ -ଏପ୍ରିଲ ସୁଦ୍ଧା ଶେଷ କରାଯିବ ବୋଲି ଏଏସ୍‌ଆଇ ପକ୍ଷରୁ ସୂଚନା ମିଳିଛି।

ଆମିକସ୍‌କ୍ୟୁରିଙ୍କ ସହ ଏଏସ୍‌ଆଇର ଉଚ୍ଚସ୍ତରୀୟ ଟିମ୍ ଶ୍ରୀମନ୍ଦିର ଯାଇ ଦୁଇଘଣ୍ଟାରୁ ଅଧିକ ସମୟ ଧରି ଶ୍ରୀମନ୍ଦିର ☞ପୃଷ୍ଠା-୨

## ଭୋକିଲା ଶିଶୁଙ୍କୁ ଡ୍ରଗ୍ସ ଦେଇ ଶୁଆଉଛନ୍ତି

**ତାଲିବାନ୍ ଶାସନର ଦ୍ୱିତୀୟ ବର୍ଷରେ କରୁଣ ସ୍ଥିତି**

- ବଞ୍ଚିବା ପାଇଁ ଅଙ୍ଗ ଓ କନ୍ୟାସନ୍ତାନ ବିକିଦେଉଛନ୍ତି

**କାବୁଲ,୨୭।୧୧**

ଆଫଗାନିସ୍ତାନରେ ତାଲିବାନ୍ ଶାସନର ଦ୍ୱିତୀୟ ବର୍ଷ ଚାଲିଥିବାବେଳେ ଲୋକଙ୍କ କରୁଣ ସ୍ଥିତି ସାମ୍ନାକୁ ଆସିଛି। ଲୋକେ ଖାଇବାକୁ ନ ପାଇ ଉପବାସ ରହୁଥିବାବେଳେ ଭୋକିଲା ଶିଶୁଙ୍କୁ ଶୁଆଇଦେବା ଲାଗି ନିଶା ଔଷଧ ବ୍ୟବହାର କରୁଛନ୍ତି। ବଞ୍ଚିବା ପାଇଁ ନିଜ ଶରୀରର ଅଙ୍ଗ ଏବଂ କନ୍ୟାସନ୍ତାନଙ୍କୁ ବିକ୍ରି କରିଦେଇଥିବାର ରିପୋର୍ଟ ପ୍ରକାଶ ପାଇଛି। ଦେଶର ଲକ୍ଷ ଲକ୍ଷ ଲୋକ ଦୁର୍ଭିକ୍ଷର ଦ୍ୱାରଦେଶରେ।

ଆଫଗାନିସ୍ତାନର ହେରାତ୍ ସହରର ବସ୍ତିରେ ରହୁଥିବା ଅବଦୁଲ ୱାହବଙ୍କ କହିବା ଅନୁଯାୟୀ



ସେମାନଙ୍କ ପାଖରେ ଖାଇବାକୁ କିଛି ନାହିଁ। ପିଲାଏ ଭୋକ ବିକଳରେ ନ ଶୋଇ କାନ୍ଦିବାରୁ ସେ ଔଷଧ ଦୋକାନକୁ ଯାଇ ନିଦ ବଟିକା କିଣିଆଣିଥିଲେ। ପିଲାଙ୍କୁ ଶୁଆଇବା ପାଇଁ ସେ ଏହି ଔଷଧ ବ୍ୟବହାର କରିଥିଲେ ବୋଲି ଗଣମାଧ୍ୟମକୁ କହିଛନ୍ତି। କେବଳ ଅବଦୁଲ ନୁହନ୍ତି, ଉକ୍ତ ବସ୍ତିର ଅନେକ ପରିବାର ଭୋକିଲା ପିଲାଙ୍କୁ ଶୁଆଇବା ଲାଗି ବହୁ ଦିନ ହେଲା ଏହି ତରିକା ଆପଣାଇଥିବା ସ୍ୱୀକାର କରିଛନ୍ତି। ଗୁଲାମ ହଜରତ୍ ☞ପୃଷ୍ଠା-୨




**ଆଜିର ମନ୍ତବ୍ୟ**

ପ୍ରଭାବଶାଳୀ ଜି୨୦ର ଅଧ୍ୟକ୍ଷତା ଭାରତ ପାଇଁ ଏକ ବଡ଼ ସୁଯୋଗ। ଏହି ଅଧ୍ୟକ୍ଷତା ଅବଧି ଭିତରେ ବିଶ୍ୱର ମଙ୍ଗଳ ପାଇଁ ଭାରତ କାର୍ଯ୍ୟ କରିବା ଜରୁରୀ। **-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଫୁଲ ଫୁଟିଗଲା ଫୁଲୁରୀ**
**ଲକ୍ଷେ ଭେଣ୍ଡିଆଙ୍କୁ କାହାକୁ ଦେଇ**
**ଭାର ଘେନିଗଲୁ ସୁନ୍ଦରୀ।**

ସୁନ୍ଦରୀ ଝିଅ ପଛରେ ଅନେକ ପ୍ରଶଂସକ ବା ପ୍ରେମିକଙ୍କ ଧାଡ଼ି ଛୁଟିଥାଏ। ଏପରି ଝିଅକୁ ବିବାହ କରିବା ଲାଗି ପ୍ରତୀକ୍ଷା ଫସର ଫାଟିବା ପରେ ସେ ଜଣଙ୍କୁ ହିଁ ଯଥାର୍ଥରେ ବିବାହ କରିବା ଦେଖି ତାହା ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଫୁଲ ବାସକୁ, କଥା ରସକୁ**
**କଥା ରହିଗଲା, ଦିନ ଦଶକୁ।**

ସୁଗନ୍ଧଯୁକ୍ତ ଫୁଲ ମନକୁ ମୁଗ୍ଧ କରିଦେଇଥାଏ। ରସଯୁକ୍ତ କଥା ବା ରସିକିଆ କଥା ମନକୁ କିଣି ନେଇଥାଏ। ସେହିପରି କିଛି ଘଟଣା ବା କଥା ମନ ମଧ୍ୟରେ ଅନେକ ଦିନ ପର୍ଯ୍ୟନ୍ତ ଘର କରି ରହିଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଭାଜପାକୁ ସର୍ବାଧିକ କର୍ପୋରେଟ୍ ଚାନ୍ଦା ଗୁଜରାଟରୁ ମିଳିଛି

**ଏଡିଆର୍ ରିପୋର୍ଟ**

ADR
Association for Democratic Reforms

**ନୂଆଦିଲ୍ଲୀ, ୨୭।୧୧(ପି.ଟି.)**

୨୦୧୭ରୁ ୨୦୨୧ ମଧ୍ୟରେ ଗୁଜରାଟରୁ ଭାଜପା ସର୍ବାଧିକ କର୍ପୋରେଟ ଚାନ୍ଦା ପାଇଛି। ଏହି ଚାନ୍ଦା ପରିମାଣ କଂଗ୍ରେସ ପାଇଥିବା ଚାନ୍ଦାର ୧୬ ଗୁଣ ବୋଲି ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ପକ୍ଷରୁ ରବିବାର ପ୍ରକାଶିତ ରିପୋର୍ଟରେ କୁହାଯାଇଛି। ଉକ୍ତ ରିପୋର୍ଟ ଅନୁଯାୟୀ ୨୦୧୬-୧୭ରୁ ୨୦୨୦-୨୧ ଆର୍ଥିକ ବର୍ଷରେ ଗୁଜରାଟର ୧,୫୭୧ ଦାତାଙ୍କଠାରୁ ମୋଟ ୧୭୪.୦୬ କୋଟି ଟଙ୍କାର କର୍ପୋରେଟ୍ ଚାନ୍ଦା ଭାଜପା, କଂଗ୍ରେସ, ଏଏପି ଏବଂ ଏସ୍‌କେଏମ୍‌କୁ ମିଳିଛି। ସେଥିରୁ କେବଳ ଭାଜପାକୁ ୧,୫୧୯ ଦାତାଙ୍କଠାରୁ ୧୬୩.୫୪ କୋଟି ଟଙ୍କା ମିଳିଥିବା ରିପୋର୍ଟରେ କୁହାଯାଇଛି। ଅନ୍ୟ ପକ୍ଷରେ କଂଗ୍ରେସ ଏହି ସମୟରେ ମାତ୍ର ୧୦.୪୬ କୋଟି ଟଙ୍କା କର୍ପୋରେଟ ଚାନ୍ଦା ପାଇଥିବା ଜଣାପଡ଼ିଛି। ଗୁଜରାଟରେ ନୂଆ ଦଳ ଭାବେ ଉଭା ହୋଇଥିବା ଆମ୍ ଆଦ୍‌ମୀ ପାର୍ଟି (ଏଏପି)କୁ ୫ ବର୍ଷରେ ମୋଟ ୩.୨ ଲକ୍ଷ ଟଙ୍କା କର୍ପୋରେଟ୍ ଚାନ୍ଦା ମିଳିଥିବାବେଳେ ୨୦୧୭-୨୦ରେ ଆଦୌ ଚାନ୍ଦା ପାଇନାହିଁ।

ରିପୋର୍ଟ ଅନୁଯାୟୀ ଗତ ୫ ବର୍ଷରେ ବିଭିନ୍ନ ରାଜନୈତିକ ଦଳଙ୍କୁ ମୋଟ ୪,୦୧୪.୫୮ କୋଟି ଟଙ୍କାର କର୍ପୋରେଟ ଚାନ୍ଦା ମିଳିଛି। ସେଥିରୁ ଗୁଜରାଟରୁ ଆସିଥିବା ଚାନ୍ଦା ପରିମାଣ ୪.୩୪ ପ୍ରତିଶତ ବା ୧୭୪.୦୬ କୋଟି ଟଙ୍କା। ରାଜନୈତିକ ଦଳଗୁଡ଼ିକ ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ କରିଥିବା ତଥ୍ୟରୁ ଏହା ଜଣାପଡ଼ିଛି। ଉଭୟ ଜାତୀୟ ଏବଂ ଆଞ୍ଚଳିକ ଦଳଗୁଡ଼ିକ ମୋଟ ୧୨,୭୪୫.୬୧ ଚାନ୍ଦା ସଂଗ୍ରହ କରିଥିବା ସେମାନଙ୍କ ବାର୍ଷିକ ଅଡିଟ୍ ରିପୋର୍ଟରେ ଘୋଷଣା କରିଛନ୍ତି। ସେଥିରୁ ୮ ଜାତୀୟ ଦଳ ପାଇଥିବା ଚାନ୍ଦା ପରିମାଣ ୧୦,୪୭୧.୦୪ କୋଟି ଟଙ୍କା ବୋଲି ଏଡିଆର୍ ରିପୋର୍ଟରେ କୁହାଯାଇଛି।

# ନେପାଳରେ ଶାସକ ମେଣ୍ଟକୁ ସଂଖ୍ୟାଗରିଷ୍ଠତା

**କାଠମାଣ୍ଡୁ, ୨୭।୧୧**

ନେପାଳ ପ୍ରଧାନମନ୍ତ୍ରୀ ଶେର ବାହାଦୁର ଦେଉବାଙ୍କ ନେତୃତ୍ୱାଧୀନ ନେପାଳୀ କଂଗ୍ରେସକୁ ରବିବାର ସଂଖ୍ୟାଗରିଷ୍ଠତା ମିଳିଛି। ସଦ୍ୟ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ଶାସକ ଦଳ ୫୩ ଆସନରେ ବିଜୟୀ ହୋଇ ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ ଉଭା ହୋଇଛି। ଫଳରେ ପଡ଼ୋଶୀ ଦେଶରେ ଲାଗିରହିଥିବା ରାଜନୈତିକ ସଙ୍କଟ ଦୂର ହେବା ନେଇ ଆଶା ଉଜ୍ଜୀବୀତ ହୋଇଛି। ନେପାଳ ପାର୍ଲାମେଣ୍ଟ ପ୍ରତିନିଧି ସଭା ଏବଂ ୭ ପ୍ରାଦେଶିକ ବିଧାନସଭା ପାଇଁ ନଭେମ୍ବର ୨୦ରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସୋମବାର ଗଣତି ଆରମ୍ଭ ହୋଇଥିଲା, ଯାହାର ଫଳାଫଳ ରବିବାର ଆସିଛି। ନେପାଳୀ କଂଗ୍ରେସ ୫୩ ଆସନ ଦଖଲ କରି ସବୁଠୁ ବଡ଼ ଦଳ ଭାବେ ଉଭା ହୋଇଥିବାବେଳେ ବିରୋଧୀ ନେପାଳ (ୟୁନିଫାଏଡ୍ ମାର୍କ୍ସବାଦୀ-ଲେନିନବାଦୀ) (ସିପିଏନ୍-ୟୁଏମ୍‌ଏଲ୍)କୁ ୪୨ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଅନ୍ୟପକ୍ଷେ ସିପିଏନ୍-ମାଓଇଷ୍ଟ ୧୭ ଆସନ ଦଖଲ କରି ତୃତୀୟ ବୃହତ୍ ଦଳର ମାନ୍ୟତା ଲାଭ କରିଛି। ସିପିଏନ୍-ୟୁନିଫାଏଡ୍ ସୋସିଆଲିଷ୍ଟକୁ ୧୦ ଆସନ ମିଳିଛି। ନବଗଠିତ ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟି ଏବଂ ହିନ୍ଦୁ ସପକ୍ଷବାଦୀ ରାଷ୍ଟ୍ରୀୟ ପ୍ରଜାତନ୍ତ୍ର ପାର୍ଟିର ପ୍ରାର୍ଥୀ ୭ଟି ଲେଖାଏ ଆସନ ଦଖଲ କରିଛନ୍ତି। ସ୍ୱାଧୀନ ଓ ଅନ୍ୟ ଛୋଟ ଦଳଗୁଡ଼ିକ ୨୧ ଆସନରେ ବିଜୟୀ ହୋଇଛନ୍ତି। ୨୭୫ ଆସନ ବିଶିଷ୍ଟ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ର ୧୬୫ ଆସନରେ ପ୍ରତ୍ୟକ୍ଷ ନିର୍ବାଚନ ହୋଇଥିଲା। ସେଥିରୁ ୮ ଆସନର ଫଳାଫଳକୁ ଅପେକ୍ଷା କରାଯାଇଛି। ସରକାର ଗଠନ ପାଇଁ ମ୍ୟାଜିକ୍ ନମ୍ବର ୧୩୮ ହୋଇଥିବାବେଳେ ୫ ଦଳକୁ ନେଇ ଗଠିତ ଶାସକ ମେଣ୍ଟକୁ ୮୫ ଆସନରେ ସଫଳତା ମିଳିଛି। ଏଥିସହ ଶାସକ ମେଣ୍ଟ ପୁଣି ଥରେ ସରକାର ଗଠନ ଦିଗରେ ଅଗ୍ରସର ହୋଇଛି। ପ୍ରଧାନମନ୍ତ୍ରୀ ଦେଉବାଙ୍କ ସମେତ ୩ ପୂର୍ବତନ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି, ପୁଷ୍ପକମଳ ଦହଲ ପ୍ରଚଣ୍ଡ ଓ ମାଧବ ନେପାଳ ମଧ୍ୟ ପାର୍ଲାମେଣ୍ଟକୁ ନିର୍ବାଚିତ ହୋଇଛନ୍ତି।

# ୪ ପିଲାଙ୍କ ଉପରେ ମାଡ଼ିଗଲା ଟ୍ରେନ୍

**ଚଣ୍ଡିଗଡ଼, ୨୭।୧୧**

ପଞ୍ଜାବର କିରତପୁର ସାହିବ୍‌ରେ ରବିବାର ଟ୍ରେନ୍ ମାଡ଼ିଯାଇ ୩ ଜଣ ପିଲାଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ଜଣେ ଆହତ ହୋଇଛନ୍ତି। ରେଲଲାଇନ ନିକଟରେ ଥିବା ଏକ ଗଛରୁ କୋଳି ଖାଇବାକୁ ସେମାନେ ଆସିଥିଲେ। କୋଳି ପାଇଁ ରେଲଲାଇନରେ ଛିଡ଼ାହୋଇଥିବାବେଳେ ଟ୍ରେନ୍ ଆସୁଥିବା ନେଇ ଜାଣିପାରି ନ ଥିଲେ। ସାହରନ୍‌ପୁରରୁ ହିମାଚଳପ୍ରଦେଶ ଯାଉଥିବା ଟ୍ରେନ୍‌ଟି ସେମାନଙ୍କୁ ଧକ୍କା ଦେବାରୁ ଘଟଣାସ୍ଥଳରେ ୨ ଜଣ ଏବଂ ହସ୍ପିଟାଲ ନେବା ବାଟରେ ଅନ୍ୟ ଜଣଙ୍କ ମୃତ୍ୟୁ ଘଟିଥିଲା। ଚତୁର୍ଥ ପିଲା ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ପ୍ରାଥମିକ ଶିକ୍ଷକଙ୍କ ...

ସମସ୍ତ ବିଭାଗରେ ଠିକା ନିଯୁକ୍ତି ଆରମ୍ଭ କରାଯାଇଥିଲା। ନିକଟରେ ୨୦୧୩ ମସିହା ପରଠାରୁ ନିଯୁକ୍ତି ପାଇଥିବା ଠିକା କର୍ମଚାରୀଙ୍କ ନିଯୁକ୍ତିକୁ ନିୟମିତ କରାଯାଇଛି। କିନ୍ତୁ ଏହା ପୂର୍ବରୁ ନିଯୁକ୍ତି ପାଇଥିବା ଏହି ଶିକ୍ଷକମାନେ ଏଥିରୁ ବଞ୍ଚିତ ହୋଇଛନ୍ତି। ରାଜ୍ୟ ଆର୍ଥିକ ସଙ୍କଟ ଦେଇ ଗତି କରୁଥିବାବେଳେ ମାତ୍ର ୧୫୦୦ ଟଙ୍କା ପାରିତୋଷିକ ପାଇ ଯେଉଁମାନେ ରାଜ୍ୟ ସରକାରଙ୍କ ରାଜକୋଷକୁ ଭରଣା କରିବାରେ ସହଯୋଗ କରିଥିଲେ ସେମାନଙ୍କୁ ସରକାର ଅଣଦେଖା କରୁଛନ୍ତି। ସମ୍ପୃକ୍ତ ଶିକ୍ଷକଙ୍କୁ ମଧ୍ୟ ସରକାର ବିଚାରକୁ ନିଅନ୍ତୁ ଏବଂ ଅନୁରୂପ ଭାବେ ବର୍ଦ୍ଧିତ ଦରମା ପ୍ରଦାନ କରନ୍ତୁ। ସେହିପରି ଦେଶର ୨୨ଟି ରାଜ୍ୟରେ ପ୍ରାଥମିକ ଶିକ୍ଷକଙ୍କୁ କେନ୍ଦ୍ରୀୟ ହାରରେ ଦରମା ଦିଆଯାଉଥିବାବେଳେ ସପ୍ତମ ବେତନ କମିଶନ ଅନୁଯାୟୀ ମାତ୍ର ୨୨୦୦ଟଙ୍କା ଗ୍ରେଡ୍ ପେ'ରେ ଓଡ଼ିଶାର ପ୍ରାଥମିକ ଶିକ୍ଷକଙ୍କୁ ଦରମା ଦିଆଯାଉଛି। ତେଣୁ ଏହି ନିୟମରେ ପରିବର୍ତ୍ତନ ଆଣିବା ପାଇଁ ଶିକ୍ଷକ ସଂଘ ପକ୍ଷରୁ ଦାବି ଉପସ୍ଥାପନ କରାଯାଇଛି। ଅନ୍ୟପଟେ ୨୦୦୫ ମସିହାରୁ ନିଯୁକ୍ତ ସମସ୍ତ ସରକାରୀ କର୍ମଚାରୀଙ୍କ କ୍ଷେତ୍ରରେ ନୂଆ ପେନ୍‌ସନ ଉଚ୍ଛେଦ କରି ପୁରୁଣା ପେନ୍‌ସନ ନିୟମ ଲାଗୁ କରିବା ପାଇଁ ଦାବିରେ ଦର୍ଶାଯାଇଛି। ତେବେ ଦାବି ପୂରଣ ନ ହେବା ଯାଏ ବିକ୍ଷୋଭ ଜାରି ରହିବ ବୋଲି ସେ ଚେତାବନୀ ଦେଇଛନ୍ତି। ମହାସଂଘ ସଭାପତି ମଣ୍ଡଳୀ ସଦସ୍ୟ ସୁଶାନ୍ତ ବେହେରା, ରାଜେଶ ମହାନ୍ତି, ବ୍ରହ୍ମାନନ୍ଦ ମହାରଣା, ସାଧାରଣ ସମ୍ପାଦକ ମଣ୍ଡଳୀର ବିଭୁ ପ୍ରସାଦ ସାହୁ, ବଙ୍କିମ ଚନ୍ଦ୍ର ସାଗର, ଖଗେନ୍ଦ୍ର ନାଥ ପାଲ ଓ ପଶ୍ଚିମ ଓଡ଼ିଶା ଶିକ୍ଷକ ଫୋରମର ସୁରେଶ ପ୍ରଧାନ, ରାମଲାଲ ପଟେଲ ପ୍ରମୁଖ ଉଦ୍‌ବୋଧନ ଦେଇ ଦାବି ରଖିଥିଲେ।

ଅନ୍ୟପକ୍ଷରେ ସିଆଇଟିୟୁ ପକ୍ଷରୁ ମଧ୍ୟ କେତେକ ଦାବି ନେଇ ଆନ୍ଦୋଳନ ଚାଲିଥିବାବେଳେ ରବିବାର ରାଜ୍ୟ ସଭାପତି ସାଥୀ ଜନାର୍ଦ୍ଦନ ପତିଙ୍କ ସଭାପତିତ୍ୱରେ ଧାରଣାସ୍ଥଳରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସଂଗଠନର ସର୍ବଭାରତୀୟ ସଭାନେତ୍ରୀ ଡ. କେ ହେମଲତା ଯୋଗଦେଇ ଦେଶର ଖାଦ୍ୟ ସୁରକ୍ଷା, ଉତ୍ପାଦନ କ୍ଷମତା, ଗଣତାନ୍ତ୍ରିକ ଧର୍ମ ନିରପେକ୍ଷତା, ସଂଘୀୟ ରାଜନୈତିକ ବ୍ୟବସ୍ଥା ସାମ୍ବିଧାନିକ ଅଧିକାର, ସଂସଦୀୟ ମାନଦଣ୍ଡ ଆଦି ବ୍ୟବସ୍ଥାମାନ ଗଭୀର ଚାପ ମଧ୍ୟରେ ଗତି କରୁଥିବା କହିଥିଲେ। ସର୍ବଭାରତୀୟ ଉପସଭାପତି ତଥା ରାଜ୍ୟ ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି, ବିଧାୟକ ଲକ୍ଷ୍ମଣ ମୁଣ୍ଡା, କେନ୍ଦ୍ର ସରକାରଙ୍କ ଜନବିରୋଧୀ ନୀତିକୁ ପ୍ରତିହତ କରିବା ପାଇଁ ଆଗାମୀ ଦିନରେ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ୍, କୃଷକ-ଶ୍ରମିକ ଐକ୍ୟ ସାରା ଦେଶରେ ଗଢ଼ି ତୋଳିବାକୁ ଆହ୍ୱାନ ଦେଇଥିଲେ। ସେହିପରି ଆନ୍ଦୋଳନ ଚଳାଇଥିବା ଚାଷୀ ବଞ୍ଚାଅ ଅଭିଯାନ ଅଭିଯୋଗ କରିଛି ଯେ, ଭାଜପା ହିଁ ଚାଷୀଙ୍କ ଅସଲ ଶତ୍ରୁ। କେନ୍ଦ୍ର ସରକାରଙ୍କ ବିରୋଧରେ କେବଳ ବିଧାନସଭାରେ ମତ ତିଆରି ହେଉନାହିଁ, ରାଜରାସ୍ତାରେ ହିଁ ଚାଷୀମାନେ ପ୍ରତିବାଦ କରୁଛନ୍ତି। ଭାଜପା ଚାଷୀଙ୍କୁ ପ୍ରାପ୍ୟ ଦେଲାବେଳକୁ କୁଣ୍ଠାବୋଧ କରୁଛି ବୋଲି ଅଭିଯାନ ନେତା ଶୁଭେନ୍ଦୁ ମଲ୍ଲିକ କହିଛନ୍ତି। ରବିବାର ଅଭିଯାନ ତରଫରୁ ଚାଷୀମାନେ ଶୋଭାଯାତ୍ରା କରି କେନ୍ଦ୍ର ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ। କର୍ପୋରେଟଙ୍କୁ କୋଟି କୋଟି ଟଙ୍କା ଋଣଛାଡ଼ କରି ସରକାରୀ ଚାକିରିଆଙ୍କୁ ମହଙ୍ଗା ଭତ୍ତା, ବୋନସ ଅଜାଡ଼ି ଦେଉଛନ୍ତି। କିନ୍ତୁ ଚାଷୀ ସେମାନଙ୍କ ଉତ୍ପାଦର ଉଚିତ୍ ମୂଲ୍ୟ ପାଉ ନାହିଁ। ମନସୌର ଓ ଖେରି ଘଟଣାରେ ଭାରତୀୟ ଜନତା ପାର୍ଟି ଚାଷୀ ହତ୍ୟାକାରୀ ବୋଲି ଭାଜପା ନେତାମାନେ ଭୁଲି ଯାଇଥିବା ଅଭିଯାନର ଅନ୍ୟତମ ନେତା ସଂଗ୍ରାମ କିଶୋର କହିଛନ୍ତି। ଆନ୍ଦୋଳନରେ ଚାଷୀ ସଂଗଠକ ଅକ୍ଷୟ କୁମାର ଦାସ, ବିଜୟ ରଥ, ସୁଶାନ୍ତ ଦାସ, ଚିତ୍ତରଞ୍ଜନ ନନ୍ଦ, ଦୁଃଶାସନ ଭୋଇ ପ୍ରମୁଖ ଯୋଗ ଦେଇଥିଲେ।

ଏଥିସହ ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କସ୍ ଆସୋସିଏଶନ ଓ ଭାରତୀୟ ମଜଦୂର ସଂଘ ନେତୃତ୍ୱରେ ଅଙ୍ଗନୱାଡ଼ି କର୍ମୀ, ମିନି ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାମାନେ ମଧ୍ୟ ଆନ୍ଦୋଳନ ଚଳାଇଛନ୍ତି। ୨୦୧୮ ଆନ୍ଦୋଳନରେ ସମୟରେ ବହିଷ୍କୃତ ହୋଇଥିବା ୬ଜଣ ଅଙ୍ଗନୱାଡ଼ିକୁ ପୁନଃ ନିଯୁକ୍ତି, ସମସ୍ତଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ପ୍ରଦାନ ଓ ମାନ୍ୟତା ମିଳିବା ପର୍ଯ୍ୟନ୍ତ ଅଙ୍ଗନୱାଡ଼ି କର୍ମୀଙ୍କୁ ୧୮ହଜାର ଟଙ୍କା ଏବଂ ସହାୟିକାଙ୍କୁ ୯ ହଜାର ଟଙ୍କା ଦରମା ପ୍ରଦାନ, ମିନି ଅଙ୍ଗନୱାଡ଼ି କର୍ମୀଙ୍କୁ ମୁଖ୍ୟ ଅଙ୍ଗନୱାଡ଼ି କର୍ମୀ କରାଯାଉ ବୋଲି ସେମାନେ ଦାବି କରି ଆସୁଛନ୍ତି। ସେହିପରି ଅବସରକାଳୀନ ଭତ୍ତା, ମୃତ୍ୟୁ ପରେ ପରିବାରକୁ ୫ଲକ୍ଷ ଟଙ୍କା କ୍ଷତିପୂରଣ ସହ ପରିବାରରୁ ଜଣଙ୍କୁ ଚାକିରି ପ୍ରଦାନ ଦାବିରେ ଧାରଣାରେ ବସିଛନ୍ତି।



ବିଶେଷଜ୍ଞ ଟିମ୍‌ର ଅଧିକାରୀମାନେ କାର୍ଯ୍ୟ ଅନୁଧାନ ପାଇଁ ଶ୍ରୀମନ୍ଦିରକୁ ଯାଉଛନ୍ତି।

## ମାର୍ଚ୍ଚ ସୁଦ୍ଧା ସରିବ ...

- **୪ବର୍ଷ ତଳର ବିମ୍ ଫାଟ ପୂର୍ବଭଳି ରହିଛି**
- **ଖଡ଼ଗପୁର ଆଇଆଇଟିକୁ ସ୍ଥିତି ଅନୁଧାନ ଦାୟିତ୍ୱ**
- **ଜୟବିଜୟ ଦ୍ୱାର, ଗରୁଡ଼ସ୍ତମ୍ଭ ଛାତରେ ବି ଫାଟ**

ନାଟମଣ୍ଡପ ବିମ୍ ଫାଟ ଅନୁଧାନ କରିଥିଲେ। ନାଟମଣ୍ଡପ ବିମ୍‌ରେ ୪ବର୍ଷ ତଳେ ଯେଉଁଭଳି ଫାଟ ରହିଥିଲା ଏବେ ବି ସେମିତି ଫାଟ ରହିଥିବା ଦେଖିବାକୁ ପାଇଥିଲେ। ଖୁବ୍‌ଶୀଘ୍ର ଏହାର ମରାମତି କାମ ଆରମ୍ଭ ହେବ। ଦୁଇଟି ପ୍ରକାର ମରାମତି ପାଇଁ ଏଏସ୍‌ଆଇ ପ୍ରସ୍ତାବ ଦେବା ପରେ ଗୋଟିଏ କାର୍ଯ୍ୟକାରୀ ହେବ। କାମ ସମୟରେ କ୍ରାକ୍ ଟ୍ରାନ୍ସମିଟର ଲାଗିବ। ଜଗମୋହନରେ ମଧ୍ୟ ଏଏସ୍‌ଆଇ ପକ୍ଷରୁ ଚାଲିଥିବା କାର୍ଯ୍ୟର ଅନୁଧାନ କରାଯାଇଛି। ଶ୍ରୀମନ୍ଦିର ନାଟମଣ୍ଡପ ମରାମତି ପାଇଁ ନକ୍ସା ପ୍ରସ୍ତୁତ କରାଯାଉଛି। ଚେନ୍ନାଇ, ବରୋଦା ଏବଂ ଦିଲ୍ଲୀର କେତେଜଣ ବୈଷୟିକ କର୍ମଚାରୀ ଏହି କାର୍ଯ୍ୟରେ ଲାଗିପଡ଼ିଛନ୍ତି। ନକ୍ସା ପ୍ରସ୍ତୁତ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ସୂଚନା ମିଳିଛି। ନାଟମଣ୍ଡପର ୪ଟି ପିଲର ଏବଂ ବିମ୍ ସମେତ କ୍ୟାପିଟାଲ ବିମ୍‌ଗୁଡ଼ିକର ଦୁର୍ବଳ ସ୍ଥିତି ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଇଛି। ପାଣି ଗଳୁଥିବା ନାଟମଣ୍ଡପ ଓ ଜଗମୋହନ ଛାତ ସ୍ଥିତି ଅନୁଧାନ ପାଇଁ ଖଡ଼ଗପୁର ଆଇଆଇଟିକୁ ଦାୟିତ୍ୱ ଦିଆଯାଇଛି। ବୈଷୟିକ କୋର୍ କମିଟି ନିକଟରେ ଖୁବ୍‌ଶୀଘ୍ର ନକ୍ସା ଉପସ୍ଥାପନ କରାଯିବ। କମିଟି ଅନୁମୋଦନ ପରେ ଆର୍ଥିକ ମଞ୍ଜୁରୀ ପାଇଁ ଏଏସ୍‌ଆଇ ମୁଖ୍ୟ କାର୍ଯ୍ୟାଳୟକୁ ପଠାଯିବ। ଏଥିସହ ଚେନ୍ନାଇ ଆଇଆଇଟି ପ୍ରଫେସର ଅରୁଣ କୁମାର ମେନନଙ୍କ ମତାମତ ନିଆଯାଇଛି। ନାଟମଣ୍ଡପ ମରାମତି ପୂର୍ବରୁ ଅତ୍ୟାଧୁନିକ ପ୍ରଣାଳୀରେ ଲୋଡ୍ ମିଟର ଲଗାଯାଇ ବିମ୍ ଓ ପିଲରଗୁଡ଼ିକ ଉପରେ ପଡୁଥିବା ଭାର ଆକଳନ କରାଯିବ। ଆବଶ୍ୟକ ପଡ଼ିଲେ କେନ୍ଦ୍ରୀୟ କୋଠାବାଡ଼ି ଗବେଷଣା କେନ୍ଦ୍ରର ସହାୟତା ନିଆଯିବ ବୋଲି ସୂଚନା ମିଳିଛି। ବିମ୍ ଓ ପିଲରଗୁଡ଼ିକରେ ଦେଖାଦେଇଥିବା ଫାଟ ନୂଆ କି ପୁରୁଣା ଏବଂ ସେଗୁଡ଼ିକ ନାଟମଣ୍ଡପ ଛାତ ଭାର ସମ୍ଭାଳିବାକୁ ଏବେ ସମର୍ଥ କି ନାହିଁ ସେଥିନେଇ ଆକଳନ କରାଯାଇଛି। ନାଟମଣ୍ଡପ ଛାତ ଓ କାନ୍ଥର କେତେକ ପଥର ଭାଙ୍ଗିରୁଜି ଯାଇଥିବା ଅନୁଧାନରୁ ଜଣାପଡ଼ିଛି। ପାଣି ଗଳୁଥିବା ସ୍ଥାନରେ ତରଳ ପଦାର୍ଥ ଦିଆଯାଇ ମରାମତି କରାଯିବ। ଜୟବିଜୟ ଦ୍ୱାର ଏବଂ ଗରୁଡ଼ସ୍ତମ୍ଭ ଛାତରେ ଫାଟ ଥିବା ପୂର୍ବରୁ ଠାବ କରାଯାଇଛି। ନାଟମଣ୍ଡପ ଓ ଜଗମୋହନ ଏବଂ ନାଟମଣ୍ଡପ-ଭୋଗମଣ୍ଡପ ଘର ସଂଯୋଗସ୍ଥଳ ଛାତ ମରାମତି କରାଯିବା ପ୍ରସ୍ତାବ ରହିଛି। ଶ୍ରୀମନ୍ଦିର ନାଟମଣ୍ଡପ ବିମ୍‌ରେ ଫାଟ ଦେଖାଦେବା ପରେ ୨୦୧୮ ମସିହାରୁ କ୍ରାକ୍ ମିଟର ଜରିଆରେ ଏହାର ସ୍ଥିତି ଅନୁଧାନ କରାଯାଉଛି। ଯେହେତୁ ବିମ୍‌ର ଫାଟ ବାହାରକୁ ସ୍ପଷ୍ଟ ଜଣାପଡୁନାହିଁ, ସେ ଦୃଷ୍ଟିରୁ ଏହି ଫାଟ ଆକାରରେ କେତେ ବଡ଼ ଓ ଏହାର ତୀବ୍ରତା କେତେ ରହିଛି, କେତେ ପରିମାଣରେ ଏହି ଫାଟ ବଢୁଛି ତାହାକୁ କ୍ରାକ୍ ମିଟର ଜରିଆରେ ଅନୁଧାନ କରାଯାଉଛି। ତେବେ ରବିବାର ଉଚ୍ଚସ୍ତରୀୟ ଟିମ୍ ଅନୁଧାନ ପରେ ଫାଟ ପୂର୍ବରୁ ଯେଉଁଭଳି ଥିଲା ଏବେ ବି ସେମିତି ରହିଥିବା ସୂଚନା ଦେଇଛନ୍ତି। ନିକଟରେ ଏହାକୁ ନେଇ ଆମିକସ୍‌କ୍ୟୁରିଙ୍କ ରିପୋର୍ଟ ଏବଂ ହାଇକୋର୍ଟ ବିରକ୍ତି ପ୍ରକାଶ କରିବା ପରେ ଏଏସ୍‌ଆଇ ନାଟମଣ୍ଡପ କାମ ଆରମ୍ଭ କରିବାକୁ ଯାଉଛି। ନାଟମଣ୍ଡପରେ ଭାରା ବନ୍ଧା କାମ ଶେଷ ହୋଇଛି। ଅନ୍ୟପକ୍ଷରେ ନାଟମଣ୍ଡପ ପରେ ଜଗମୋହନରେ ଆରମ୍ଭ ହୋଇଥିବା କାର୍ଯ୍ୟ ମଧ୍ୟ ଅନୁଧାନ କରାଯାଇଛି। ଖୁବ୍‌ଶୀଘ୍ର ନାଟମଣ୍ଡପ ସ୍ଥିତି ନେଇ ହାଇକୋର୍ଟଙ୍କୁ ରିପୋର୍ଟ ଦିଆଯିବ ବୋଲି ସୂଚନା ମିଳିଛି।

## ଭୋକିଲା ଶିଶୁଙ୍କୁ ...

ନାମକ ବ୍ୟକ୍ତି ତାଙ୍କ ପକେଟରୁ ଆଲପ୍ରାଜୋଲମ୍ ଟାବ୍‌ଲେଟ୍‌ର ଗୋଟିଏ ଷ୍ଟ୍ରିପ୍ କାଢ଼ି ଦେଖାଇଥିଲେ। ଗୋଟିଏ ରୁଟି ଦାମ୍‌ରେ ୫ଟି ଆଲପ୍ରାଜୋଲମ୍ ମିଳିଯାଉଛି। ଗୁଲାମଙ୍କର ୬ ପିଲା ଥିବାବେଳେ ସେମାନଙ୍କୁ ଶୁଆଇବା ପାଇଁ ସେ ଏହି ଔଷଧ ଦେଉଥିବା କହିଛନ୍ତି।

ଗତବର୍ଷ ଅଗଷ୍ଟରେ ତାଲିବାନ ବିଦ୍ରୋହ ବଳରେ ଆଫଗାନିସ୍ତାନ ଶାସନ କ୍ଷମତା ଅକ୍ତିଆର କରିଥିଲା। ତେବେ ଏହି ନୂଆ ସରକାରଙ୍କୁ ଅନ୍ତର୍ଜାତୀୟ ସ୍ୱୀକୃତି ମିଳି ନ ଥିବାରୁ ବିଦେଶୀ ପାଣ୍ଠି ସହାୟତା ବନ୍ଦ ହୋଇଯାଇଛି। ଫଳରେ ଦେଶର ଅର୍ଥନୀତି ଭୁଶୁଡ଼ି ପଡ଼ିବା ସହ ଲୋକଙ୍କ ପାଖରେ କାମ ନାହିଁ। କେବେ କେମିତି କାମ ମିଳିଲେ ଦିନକୁ ୧୦ ଆଫଗାନି (ପ୍ରାୟ ୮୦ ଟଙ୍କା) ମଜୁରି ମିଳିଥାଏ। ସେମାନେ ଖାଦ୍ୟ ଯୋଗାଡ଼ ପାଇଁ କରିଥିବା ଋଣ ପରିଶୋଧ ଲାଗି କିଡ୍‌ନୀ ବିକ୍ରି କରିଦେଉଛନ୍ତି। ଜଣେ ବ୍ୟକ୍ତି ୨,୭୦,୦୦୦ ଆଫଗାନି (୩,୧୦୦ଡଲାର)ରେ କିଡ୍‌ନୀ ବିକିଥିବା କହିଛନ୍ତି। ସେ ଏହି ଅର୍ଥର ଅଧିକାଂଶ ଭାଗ ଋଣ ପରିଶୋଧରେ ବିନିଯୋଗ କରିଛନ୍ତି। ଗୋଟିଏ ରାତିରେ ଖାଇଲେ, ତା' ପରଦିନକୁ ଖାଦ୍ୟ ନାହିଁ। ଗୋଟିଏ କିଡ୍‌ନୀ ବିକି ସେ ନିଜକୁ ଅଧାମଣିଷ ଭଳି ଅନୁଭବ କରୁଥିବା କହିଛନ୍ତି।

ଗରିବ ଆଫଗାନ୍‌ମାନେ କେବଳ ନିଜ ଅଙ୍ଗ ବିକୁନାହାନ୍ତି, ସେମାନେ ଖାଦ୍ୟ ଯୋଗାଡ଼ ପାଇଁ ଶିଶୁକନ୍ୟାଙ୍କୁ ମଧ୍ୟ ବିକ୍ରି କରିଦେଉଛନ୍ତି। ନିଜାମୁଦ୍ଦିନ୍ ନାମକ ବ୍ୟକ୍ତି ତାଙ୍କର ୫ ବର୍ଷର କନ୍ୟାକୁ ଲକ୍ଷେ ଆଫଗାନିରେ ବିକ୍ରି କରିଥିବା କହିଛନ୍ତି। ଶିଶୁକନ୍ୟାର ମୂଲ୍ୟ କିଡ୍‌ନୀ ମୂଲ୍ୟର ଅଧାରୁ କମ୍। ହଜ୍‌ରାତୁଲ୍ଲା ତାଙ୍କ ଶିଶୁକନ୍ୟା ନାଜିଆଙ୍କୁ କାନ୍ଦାହାରର ଜଣେ ପୁଅ ସହ ବିବାହ ପାଇଁ ବିକିଛନ୍ତି। ୧୪ ବର୍ଷ ହେଲେ ପୁଅ ପରିବାର ଝିଅକୁ ନେଇଯିବେ। ଏଥିପାଇଁ ହଜ୍‌ରାତୁଲ୍ଲାଙ୍କୁ ଦୁଇ କିସ୍ତିରେ ଅର୍ଥ ପୈଠ କରାଯାଇଛି। ଏହି ଅର୍ଥକୁ ସେ ଖାଦ୍ୟ ଓ ଔଷଧ କିଣାରେ ବିନିଯୋଗ କରିଥିବା କହିଛନ୍ତି। ଦେଶରେ ୫ ବର୍ଷରୁ କମ୍ ବୟସର ଶିଶୁମାନେ ରୋଗଣା ଓ ଅପପୁଷ୍ଟିର ଶିକାର ହୋଇଥିବା ଦେଖିବାକୁ ମିଳିଛି। ଅନ୍ତର୍ଜାତୀୟ କଟକଣା ଯୋଗୁ ଆଫଗାନିସ୍ତାନ ସ୍ଥିତି ଶୋଚନୀୟ ହେବାରେ ଲାଗିଛି।

## ବସେରା ଡିଜାଇନ୍ସର ...

(ଏମ୍‌ଡି) ମନୋଜ ପଟ୍ଟନାୟକ। ଅଭିଯୁକ୍ତ ମନୋଜଙ୍କୁ ରବିବାର କଟକ ଓପିଆଇଡି କୋର୍ଟକୁ ଚାଲାଣ କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଠକେଇ ମାମଲାରେ ନିର୍ଦ୍ଦେଶକ ସାଜିଥିବା ବିଲ୍ଡର ଅମ୍ରେଶ ଷଡ଼ଙ୍ଗୀଙ୍କୁ ଗତ ଜୁନ୍ ତୃତୀୟ ସପ୍ତାହରେ ଗିରଫ କରାଯାଇଥିଲା। ତେବେ ଏହି ମାମଲାରେ ସଂସ୍ଥାର ନିର୍ଦ୍ଦେଶିକା ତଥା ଏମ୍‌ଡି ମନୋଜ ପଟ୍ଟନାୟକଙ୍କ ସ୍ତ୍ରୀ ସୁଚିତ୍ରା ବିଶୋଇ ମଧ୍ୟ ଅଭିଯୁକ୍ତ ଅଛନ୍ତି। ସୁଚିତ୍ରାଙ୍କ ସମେତ ଅନ୍ୟ ନିର୍ଦ୍ଦେଶକଙ୍କୁ ଗିରଫ କରିବାକୁ ଇଓଡବ୍ଲ୍ୟୁ ଖୋଳତାଡ଼ ଜାରି ରଖିଛି। ସୂଚନା ଅନୁଯାୟୀ, ବସେରା ଡିଜାଇନ୍‌ସ ପ୍ରାଇଭେଟ ଲିମିଟେଡ୍‌ର ଏମ୍‌ଡି ମନୋଜ ଓ ତାଙ୍କ ସହଯୋଗୀମାନେ ଭୁବନେଶ୍ୱର ସିଜୁଆଠାରେ 'ବସେରା ପ୍ରେସ୍‌କୋ ପ୍ରୋଜେକ୍ଟ'ରେ ଫ୍ଲାଟ୍ ଦେବାକୁ କହି ବହୁ ଲୋକଙ୍କୁ ଠକେଇ ଜାଲରେ ଫଶାଇଥିଲେ। ଜ୍ୟୋତିଶେଖର ପଣ୍ଡା ଓ ତାଙ୍କ ଭାଇ ଶୁଭଶଙ୍କର ଉକ୍ତ ପ୍ରୋଜେକ୍ଟରେ ଏକ ୩ ବିଏଚ୍‌କେ ଫ୍ଲାଟ୍‌କୁ ୪୧ ଲକ୍ଷ ୫୦ ହଜାର ଟଙ୍କାରେ କିଣିବାକୁ ପଞ୍ଜୀକରଣ କରିଥିଲେ। ଏଥିପାଇଁ ୨୦୧୬ ଏପ୍ରିଲ ୧୫ରେ ମାଲିକାନା ଚୁକ୍ତିପତ୍ର ହୋଇଥିଲା। ୨୦୧୭ ଜୁନ ୩୦ରେ ଫ୍ଲାଟ ନଂ.୩୦୬ ଦିଆଯିବାକୁ ସଂସ୍ଥା ପକ୍ଷରୁ କୁହାଯାଇଥିଲା। ଆଲାହାବାଦ୍ ବ୍ୟାଙ୍କର ଓଲ୍ଡ ଷ୍ଟେଶନ ସ୍କୋୟାର ବ୍ରାଞ୍ଚରେ ଉଭୟ ଭାଇ ୩୨ ଲକ୍ଷ ଟଙ୍କାର ଏକ ଗୃହଋଣ କରିଥିଲେ। ବ୍ୟାଙ୍କ ପକ୍ଷରୁ ଋଣ ବାବଦକୁ ବସେରା ଡିଜାଇନ୍‌ସ ପ୍ରାଇଭେଟ୍ ଲିମିଟେଡ୍‌ର ଆକାଉଣ୍ଟକୁ ୧୮ ଲକ୍ଷ ୫୦ ହଜାର ଟଙ୍କା ପଠାଯାଇଥିଲା। ହେଲେ ପରବର୍ତ୍ତୀ ସମୟରେ ସଂସ୍ଥା ପକ୍ଷରୁ ଫ୍ଲାଟ୍ ଦିଆଯାଇ ନ ଥିଲା। ଏପରିକି ପଳାଶୁଣୀଠାରେ ଥିବା ଅଫିସ ବନ୍ଦ କରି ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଏନେଇ ଅଭିଯୋଗ ହେବା ପରେ ଇଓଡବ୍ଲ୍ୟୁ ୨୦୨୦ ଫେବୃୟାରୀ ୨ରେ ଏକ ମାମଲା (ନଂ.୨/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ତଦନ୍ତରୁ ଜଣାପଡ଼ିଛି ଯେ, ଏହି ସଂସ୍ଥା ବିଭିନ୍ନ ପ୍ରୋଜେକ୍ଟରେ ଫ୍ଲାଟ ଦେବାକୁ କହି ଏହିପରି ଏକାଧିକ ଲୋକଙ୍କଠାରୁ ୧.୭୨ କୋଟି ଟଙ୍କା ଠକେଇ କରିଛି। ଏସଂକ୍ରାନ୍ତରେ ପୂର୍ବରୁ ମଧ୍ୟ ମାମଲା ରହିଥିବା ଇଓଡବ୍ଲ୍ୟୁ ପକ୍ଷରୁ କୁହାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**: ଦୈହିକ ଦୁର୍ବଳତା ଅପସରିଯିବ ଏବଂ ଧୈର୍ଯ୍ୟ, ପ୍ରଚେଷ୍ଟା ଦିଗରେ ଉତ୍ସାହିତ ହେବେ। କର୍ମକ୍ଷେତ୍ରରେ କୌଶଳପୂର୍ଣ୍ଣ ବ୍ୟବହାର ଅନ୍ୟକୁ ଆପଣାର କରିବାରେ ସାହାଯ୍ୟ କରିବ। ସନ୍ତାନଙ୍କ ଅଶାନ୍ତ ମନଦେଖି ନିଜେ ଚିନ୍ତିତ ହୋଇପାରନ୍ତି। ଏକ ନିର୍ଦ୍ଦିଷ୍ଟ ଦିଗରେ ଖର୍ଚ୍ଚ କରିବାକୁ ରଖିଥିବା ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବାର ସୂଚନା ରହିଛି।

**ବୃଷ**: ଅଜଣା ବ୍ୟକ୍ତିଙ୍କ ସହ ଆକସ୍ମିକ ବନ୍ଧୁତା କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିବାରେ ସହାୟକ ହେବ। କର୍ମକ୍ଷେତ୍ରରେ ଅଟକି ରହିଥିବା କାମର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ ଭଲରେ ଚାଲିବା ହେତୁ କେତେକାଂଶରେ ଏକ ପ୍ରକାର ଖୁସି ହେବେ। ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି।

**ମିଥୁନ**: ବିଭିନ୍ନ ଯୋଜନା କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି କରିବାର ପ୍ରକ୍ରିୟା ଆରମ୍ଭ କରିବେ। ସାଂସ୍କୃତିକ କାର୍ଯ୍ୟରେ, ଆନୁଷ୍ଠାନିକ କାମରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ସ୍ଥଳ ବିଶେଷରେ ସଂଯମତାର ଅଭାବ ଓ ଧନହାନି ଦୁଶ୍ଚିନ୍ତାର କାରଣ ହୋଇପାରେ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ପ୍ରକାଶନ କ୍ଷେତ୍ର ଠିକ୍ ରହିବ।

**କର୍କଟ**: ବନ୍ଧୁଙ୍କ ସହ ବିବାଦ ଓ କିଛି ନୂତନ କାମରେ ପ୍ରତିବନ୍ଧକ ହେତୁ ଚିନ୍ତିତ ରହିବେ। ପୂର୍ବ ସମସ୍ୟା ସମାଧାନ ହେବାରେ କୌଣସି ନୀଚ ଜାତିର ବ୍ୟକ୍ତି ମୁଖ୍ୟ ଭୂମିକା ଗ୍ରହଣ କରିବେ। ସଭାସମିତିରେ କାହା କଥା ସହ ଅନ୍ୟ କାହାର କଥା ମିଶିବ ନାହିଁ। ଆକସ୍ମିକ ଭାବରେ ପ୍ରତିକୂଳ ପରିସ୍ଥିତି ଯୋଗୁ ଯାତ୍ରା ସ୍ଥଗିତ ରହିଯାଇପାରେ।

**ସିଂହ**: କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ। ଅବଶ୍ୟ ସାହିତ୍ୟ, ସାମ୍ବାଦିକତା, କଳା, କ୍ରୀଡ଼ା, ଚଳଚ୍ଚିତ୍ର ତଥା ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ହଠାତ୍ କୌଣସି କ୍ଷେତ୍ରରେ ଭାଙ୍ଗି ପଡ଼ନ୍ତୁ ନାହିଁ, ସମୟାନ୍ତରେ ଠିକ୍ ହେବ। ପୂର୍ବ ଶତ୍ରୁତା, ଅଶାନ୍ତି ଓ ଋଣଭାର କ୍ରମଶଃ ହ୍ରାସ ପାଇବ।

**କନ୍ୟା**: ପ୍ରତିକୂଳ ପରିସ୍ଥିତି ଲାଗି ରହିଲେ ମଧ୍ୟ ଆପଣ ପଛକୁ ଫେରିବେ ନାହିଁ ଓ କାର୍ଯ୍ୟ ହାସଲରେ ସମର୍ଥ ହେବେ। ଲକ୍ଷ୍ୟ ପୂରଣ ଦିଗରେ ଅସହଯୋଗ, ଅସମ୍ମାନ ପାଇ ଦୁଃଖିତ ହେବେ। ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବା କାରଣରୁ ସାମୟିକ ଚିନ୍ତା କରିପାରନ୍ତି। ଘରୁ ବରାଦ ପାଇ ଭଲ ଭଲ ଜିନିଷ କିଣିବା ସକାଶେ ମନ ବଳାଇବେ।

**ତୁଳା**: ନୂତନ ବନ୍ଧୁ ସମ୍ପର୍କ ଆପଣଙ୍କ କାର୍ଯ୍ୟଧାରା ସକାଶେ ସାହାଯ୍ୟ କରିବ। ଜଣେ ପଡ଼ୋଶୀ କିମ୍ବା ବନ୍ଧୁଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହେବ। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ। ଅପରିଚିତଙ୍କ ଆଗମନ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ।

**ବିଛା**: ପାରିପାର୍ଶ୍ୱିକ ଅବସ୍ଥା ବଦଳି ଯିବା ସାଙ୍ଗକୁ ଯାହା ଖୋଜୁଛନ୍ତି ଓ ଆଶା କରୁଛନ୍ତି ଅବଶ୍ୟ ପାଇବେ। କଳା, ସଭାସମିତି ଓ ମନୋରଞ୍ଜନରେ ଆଗ୍ରହୀ ହେବେ। ସାଧାରଣ କଥାକୁ କେନ୍ଦ୍ର କରି ଅପରାହ୍ନରେ ଟେନସନ୍ ବଢ଼ିପାରେ। ମାଲିମକଦ୍ଦମାରେ ନିଜ ସପକ୍ଷରେ ରାୟ ପ୍ରକାଶ ପାଇବାରେ ଆଶାୟୀ ହେବେ।

**ଧନୁ**: କାର୍ଯ୍ୟ ହାନି ସାଙ୍ଗକୁ ପ୍ରତ୍ୟେକ କ୍ଷେତ୍ରରେ ଅସନ୍ତୋଷର ମାତ୍ରା କ୍ରମଶଃ ବୃଦ୍ଧି ପାଇବ। ଅତି ଦରକାରୀ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ଚିନ୍ତା କରିଥିବା ଯୋଜନାଟିକୁ କାର୍ଯ୍ୟକାରୀ କରିବାକୁ ମନ ବଳାଇ ପାରନ୍ତି। ଅପେକ୍ଷା କରିବାକୁ କହିଥିବା ବନ୍ଧୁଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ନ ପାଇ ବ୍ୟସ୍ତ ହୋଇ ପଡିବେ।

**ମକର**: ପ୍ରତିବନ୍ଧକ ମଧ୍ୟରେ ନୂତନ ପ୍ଲଟ, ଯାନବାହନ, ବନ୍ଧୁ ସମ୍ପର୍କ ସ୍ଥାପନର ଯୋଗ ରହିଛି। ଆବଶ୍ୟକତା ପୂରଣ କରିବା ସକାଶେ ଧାରକରଜ କରି କାମ ତୁଲାଇ ନେବାକୁ ବାଧ ହେବେ। ନିକଟ ସମ୍ପର୍କୀୟମାନଙ୍କ ଗହଣରେ ପରିହାସଯୁକ୍ତ କଥା କର୍ମ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରିବ। ଆର୍ଥିକ ଅବନତିର ସମୀକ୍ଷା କରିପାରନ୍ତି।

**କୁମ୍ଭ**: ସାମାନ୍ୟ କେତେକ ସାଧାରଣ ଅସୁବିଧାକୁ ବାଦ୍ ଦେଲେ ଦିନଟିରେ ବହୁତ ଭଲ କାମ କରିବେ। ଅନ୍ୟମାନଙ୍କ ସହମତିରେ ମୂଲ୍ୟବାନ ଜିନିଷ କିଣିବାର ସୁଯୋଗ ମଧ୍ୟ ପାଇଯିବେ। ନେତ୍ୱ ସ୍ଥାନୀୟ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଉପକୃତ ହେବେ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ।

**ମୀନ**: ଫେରିବା ବାଟରେ ବନ୍ଧୁଙ୍କୁ ଭେଟି ଆଗାମୀ କାଲିର ଯୋଜନା ପ୍ରସ୍ତୁତ କରିପାରନ୍ତି। ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିବ। ବ୍ୟବସାୟରେ ଲାଭ ମିଳିବ ଏବଂ କୌଣସି ଅନ୍ୟ ଏକ ଉଦ୍ଦେଶ୍ୟରେ ସେହି ଟଙ୍କାକୁ ବିନିଯୋଗ କରିପାରନ୍ତି। ପରିବାର ଭିତରେ ବୁଝାମଣା ସମ୍ପର୍କରେ ଉନ୍ନତି ଘଟିବା ଦିଗରେ ପଡ଼ୋଶୀ ସାହାଯ୍ୟ କରିବେ।

ଆଜି ନଭେମ୍ବର ୨୮ ତାରିଖ, ମାର୍ଗଶିର ଶୁକ୍ଳପକ୍ଷ ନାଗ / ମନସା / କୁରାଳ ପଞ୍ଚମୀଯୁକ୍ତ ଷଷ୍ଠୀ ସୋମବାର, କୁମ୍ଭକାରଙ୍କ ଉପକରଣ ସହ ଚକ୍ରଧାରୀଙ୍କ ପୂଜା, ସୀତା ବିବାହ, ରାଶିନକ୍ଷତ୍ର ଦିବା ଘ.୧୦/୨୯ ମି. ଗତେ, ଶ୍ରବଣା-ମକର, ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଷଷ୍ଠୀର ପାର୍ବଣ ଶ୍ରାଦ୍ଧ, ଶରଣଂ, ଦିବା ଘ.୦୬।୦୬ ଗତେ ଘ.୦୭।୨୮ ମଧ୍ୟେ, ଘ.୦୯।୦୧ ଗତେ ଘ.୧୧।୧୨ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ. ୦୭।୨୮ ଗତେ ଘ.୦୮।୫୦ ମଧ୍ୟେ ରାହୁକାଳ।

**କେନ୍ଦ୍ରମନ୍ତ୍ରୀଙ୍କ ଫଟୋ ଉଠାଇବାକୁ ନେଇ ଭାଜପାର ଏତଲା**

ବରଗଡ଼ ଅଫିସ/ପଦ୍ମପୁର,୨୭।୧୧(ଡି.ଏନ.ଏ): ବରଗଡ଼ ଜିଲା ପଦ୍ମପୁର ଉପନିର୍ବାଚନରେ ଭାଜପା ପ୍ରାର୍ଥୀ ପ୍ରଦୀପ ପୁରୋହିତଙ୍କ ପ୍ରଚାର ପାଇଁ ରବିବାର ଆସିଥିବା କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ନରେନ୍ଦ୍ର ସିଂ ତୋମାର ଅପରାହ୍ନ ପ୍ରାୟ ୩ଟା ୪୫ମିନିଟ୍‌ରେ ପଦ୍ମପୁର ନିକଟ ପୁରୁଷୋତ୍ତମପୁର ଗ୍ରାମର ଅମିତ ଗର୍ଗଙ୍କ ଘରେ ଭୋଜନ କରୁଥିଲେ। ଏହି ସମୟରେ ସେଠାକୁ ଜଣେ ଅଜଣା ଲୋକ ଯାଇ ଫଟୋ ଉଠାଇବା ଘଟଣାକୁ ନେଇ ପଦ୍ମପୁର ଥାନାରେ ଭାଜପା ନେତା ପ୍ରୀତେଶ କୁମାର ବହିଦାର ଏତଲା ଦେଇଛନ୍ତି। ଏତଲା ପାଇବା ପରେ ପୋଲିସ ତଦନ୍ତ ଚଳାଇଛି। ଅନ୍ୟପଟେ ଘଟଣାସ୍ଥଳରୁ ମିଳିଥିବା ପରିଚୟପତ୍ରରେ ଉକ୍ତ ବ୍ୟକ୍ତି ଜଣଙ୍କ ସିଆଇଡି ସ୍ପେଶାଲ ବ୍ରାଞ୍ଚରେ କାର୍ଯ୍ୟରତ ଏଏସ୍‌ଆଇ ଭୋଜରାଜ ଦାଶ ବୋଲି ଜଣାପଡ଼ିଛି।

# ‘ଲୁଲାଙ୍କ ବିଜୟ ସମାଜବାଦୀଙ୍କ ପାଇଁ ଶୁଭ ଲକ୍ଷଣ’

ଭୁବନେଶ୍ୱର, ୨୭।୧୧(ବ୍ୟୁରୋ)

ସିଆଇଟିୟୁର ପଞ୍ଚଦଶ ରାଜ୍ୟ ସମ୍ମିଳନୀ ସ୍ଥାନୀୟ କସ୍ତୁରବା ନାରୀ ମହଲଠାରେ ରବିବାର ଉଦ୍‌ଘାଟିତ ହୋଇଯାଇଛି। ୩ ଦିନ ଧରି ଚାଲିବାକୁ ଥିବା ଏହି ସମ୍ମିଳନୀରେ ସିଆଇଟିୟୁର ସର୍ବଭାରତୀୟ ସଭାନେତ୍ରୀ କେ. ହେମଲତା ଯୋଗଦେଇଛନ୍ତି। ଏହି ଅବସରରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥା ଅଭ୍ୟର୍ଥନା ସମିତିର ଅଧ୍ୟକ୍ଷ ତଥାଗତ ସତପଥୀ ସ୍ୱାଗତ ଭାଷଣରେ କହିଛନ୍ତି, ଭାରତ ବର୍ଷକୁ ଫାସିବାଦୀ ଶକ୍ତିର ଯେଉଁ ବିପଦ ମାଡ଼ି ଆସୁଛି ସେହି ବିପଦକୁ ଆମକୁ ସାମ୍ନା କରିବାକୁ ପଡ଼ିବ। ବିପଦ ଆସିଲେ ହିଁ ସାଧାରଣ ଲୋକେ ଏକାଠି ହେବେ। ଏମିତି ଏକ ପରିସ୍ଥିତି ଆମ ପୃଥିବୀରେ ଉପୁଜିଛି ଯେ ଯେଉଁ ଦେଶଗୁଡ଼ିକରେ ସମାଜବାଦ ଆରମ୍ଭ ହୋଇଥିଲା ସେଠି ଦକ୍ଷିଣପନ୍ଥୀ ଶକ୍ତିମାନଙ୍କ ଅଭ୍ୟୁଦୟ ଘଟିଲେ ସୁଦ୍ଧା ବ୍ରାଜିଲ ଭଳି ଦେଶରେ ବାମପନ୍ଥୀ ନେତା ଲୁଇଜ୍ ଇନାସିଓ ଲୁଲା ଡା ସିଲ୍‌ଭା ବିପୁଳ ଭୋଟରେ ବିଜୟୀ ହୋଇଛନ୍ତି। ଏହା ସମାଜବାଦୀଙ୍କ ପାଇଁ ଶୁଭ ଲକ୍ଷଣ। ଯେତେଦିନ ପର୍ଯ୍ୟନ୍ତ ଅନ୍ୟାୟ, ଅନୀତି, ଦୁର୍ନୀତି ରହିଛି ସେତେଦିନ ପର୍ଯ୍ୟନ୍ତ ସମାଜବାଦ ରହିବ। ସେତେଦିନ ପର୍ଯ୍ୟନ୍ତ ସାଧାରଣ ଲୋକଙ୍କ ଭିତରେ ମେଳି ଏବଂ ଏକତା ରହିବ। ତେଣୁ ଏଥିରେ କିଛି ହତାଶ ହେବାର ନାହିଁ। ଆମମାନଙ୍କ ପାଇଁ ଏକ ସୁଯୋଗ ଆସିଛି, ଆମେ ସାଧାରଣ ଲୋକେ ଏହି ପ୍ରତିକୂଳ ପରିସ୍ଥିତିରେ ଏକାଠି ହୋଇପାରିବା। ଭାରତବର୍ଷର ଜନଗଣ ରାଜନୈତିକ କାର୍ଯ୍ୟକଳାପ ପ୍ରତି ବିମୁଖତା ପ୍ରକାଶ କରିଥିବାବେଳେ ଏମିତି ସବୁ ଘଟଣା ଘଟୁଛି। ସାଧାରଣ ଲୋକେ ସେଥିରେ ଏକାଠି ହେଉଛନ୍ତି। ଏହା ସତ୍ୟ ଯେ, ଯେଉଁମାନେ ଲଢ଼ିବେ ସେମାନଙ୍କୁ କଳା ଆଇନ ଜରିଆରେ ଜେଲ ଯିବାକୁ ପଡ଼ିପାରେ। କିନ୍ତୁ ଏବେ ଯେତେ ଅନ୍ଧକାର ହେବ ସୂର୍ଯ୍ୟୋଦୟ ସେତେ ପାଖେଇ ଆସିବ। ଆମ ସମସ୍ତଙ୍କୁ ନୂଆ ସୁଯୋଗକୁ ଅପେକ୍ଷା କରି ଆଗକୁ ଯିବାକୁ ପଡ଼ିବ ବୋଲି ସତପଥୀ କହିଛନ୍ତି।

ଏହି ଅବସରରେ କେ. ହେମଲତା କହିଛନ୍ତି, କେନ୍ଦ୍ରରେ ନରେନ୍ଦ୍ର ମୋଦି କ୍ଷମତାକୁ ଆସିବା ପରେ ଶ୍ରମିକମାନଙ୍କ ପାଇଁ ରହିଥିବା ଶ୍ରମ କଲ୍ୟାଣ ଆଇନଗୁଡ଼ିକୁ ଅକାମୀ କରିବା ଲାଗି ୪ଟି ଶ୍ରମ କୋଡ୍ ଆଣିଛନ୍ତି। ସିଆଇଟିୟୁ ରାଜ୍ୟ ସମ୍ମିଳନୀରେ କେନ୍ଦ୍ର ଆଣିଥିବା ଶ୍ରମକୋଡ୍ ବାତିଲ କରିବା ପାଇଁ ମିଳିତ ଶ୍ରମିକ ଆନ୍ଦୋଳନ ଗଢ଼ି ତୋଳିବାକୁ ସେ ଗୁରୁତ୍ୱାରୋପ କରିଛନ୍ତି। ସିଆଇଟିୟୁର ରାଜ୍ୟ ସଭାପତି ଜନାର୍ଦ୍ଦନ ପତି ତାଙ୍କ ଅଭିଭାଷଣ ରଖିଥିବାବେଳେ କେନ୍ଦ୍ରର ବିଭିନ୍ନ ଟ୍ରେଡ୍ ୟୁନିୟନର ୧୦ ଜଣ ନେତୃବୃନ୍ଦଙ୍କୁ ସ୍ୱାଗତ କରାଯାଇଛି। ମୁଖ୍ୟତଃ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରର ଜନବିରୋଧୀ, ଶ୍ରମିକ ବିରୋଧୀ ଅର୍ଥନୀତି ଏବଂ ସାମ୍ପ୍ରଦାୟିକ ରାଜନୀତି ବିରୋଧରେ ଆନ୍ଦୋଳନ ଗଢ଼ିତୋଳିବା ପାଇଁ ସମ୍ମିଳନୀରେ ସମସ୍ତଙ୍କୁ ଆହ୍ୱାନ ଦିଆଯାଇଛି।



ରବିବାର ଭୁବନେଶ୍ୱରସ୍ଥିତ କସ୍ତୁରବା ନାରୀ ମହଲଠାରେ ସିଆଇଟିୟୁ ରାଜ୍ୟ ସଭାପତି ଜନାର୍ଦ୍ଦନ ପତି ସଂଘର ପତାକା ଉତ୍ତୋଳନ କରୁଛନ୍ତି। ନିକଟରେ ଅଛନ୍ତି ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ, ସିଆଇଟିୟୁର ସର୍ବଭାରତୀୟ ସଭାନେତ୍ରୀ କେ. ହେମଲତା ଏବଂ ଅନ୍ୟମାନେ।

# କ୍ୟାମେରା ପାଖେ ମନ୍ଥର, ପରେ କ୍ଷିପ୍ର

ଯାଜପୁର ଅଫିସ,୨୭।୧୧



ବିଶ୍ୱରେ ଦୁର୍ଘଟଣାଜନିତ ମୃତ୍ୟୁର ପ୍ରାୟ ୧୧% ଭାରତରେ ହେଉଛି। ଓଡ଼ିଶାରେ ପ୍ରତିବର୍ଷ ସଡ଼କ ଦୁର୍ଘଟଣା ହେତୁ ପ୍ରାୟ ୫ହଜାର ଲୋକଙ୍କ ମୃତ୍ୟୁ ହୋଇଥାଏ। ଏହି କାରଣରୁ ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଡ୍ରାଇଭିଂ ଇଲେକ୍ଟ୍ରୋନିକ୍ ଏନଫୋର୍ସମେଣ୍ଟ ଟୁ ସେଭ୍ ହ୍ୟୁମାନ୍ ଲାଇଭସ୍ (ଦିଶା) ଯୋଜନା କାର୍ଯ୍ୟକାରୀ ହୋଇଛି। ଏହି ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ୧୬ ନମ୍ବର ଜାତୀୟ ରାଜପଥ (ଏନ୍‌ଏଚ୍)ର ଯାଜପୁର ଜିଲା ପାଣିକୋଇଲିଠାରୁ ରାମେଶ୍ୱର ପର୍ଯ୍ୟନ୍ତ ୧୪୦ କି.ମି. ରାସ୍ତାର ୨୪ଟି ସ୍ଥାନରେ ଏଏନ୍‌ପିଆର୍(ଅଟୋମେଟିକ ନମ୍ବର ପ୍ଲେଟ ରିକଗ୍‌ନାଇଜେଶନ୍) କ୍ୟାମେରା ଲଗାଯାଇଛି। ଦ୍ରୁତଗତିରେ ଯାନବାହନ ଚଳାଚଳ, ବିନା ହେଲମେଟ୍, ଭୁଲ ରାସ୍ତାରେ ଚଳାଇବା ଇତ୍ୟାଦି ଉପରେ ଜରିମାନା ଲାଗୁ କରିବାର ବ୍ୟବସ୍ଥା ହୋଇଛି। ଏହି ଯୋଜନାରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁହାର ନିୟନ୍ତ୍ରଣ ହୋଇପାରିବ ବୋଲି ସରକାର ଆଶା ରଖିଛନ୍ତି। ହେଲେ ପ୍ରାୟ ୫ରୁ ୧୦ କି.ମି. ଦୂରତା ମଧ୍ୟରେ ଏହି କ୍ୟାମେରା ସ୍ଥାପନ ହୋଇଥିବାରୁ ଗାଡ଼ିର ଗତିକୁ କେବଳ କ୍ୟାମେରା ନିକଟରେ ନିୟନ୍ତ୍ରଣ କରିଦିଆଯାଉଛି। ପରେ ପୁଣି କ୍ଷିପ୍ରଗତିରେ ଗାଡ଼ି ଚଳାଯାଉଥିବା ଦେଖିବାକୁ ମିଳୁଛି। ଫଳରେ ଦୁର୍ଘଟଣା ହ୍ରାସ ଲକ୍ଷ୍ୟ ଏଥିରେ ପରାହତ ହେବ ବୋଲି ମତପ୍ରକାଶ ପାଇଛି।

## ଦୁର୍ଘଟଣା ରୋକିବ ଏଏନ୍‌ପିଆର୍

ଇଣ୍ଟେଲିଜେଣ୍ଟ ଟ୍ରାଫିକ ମ୍ୟାନେଜମେଣ୍ଟ ସିଷ୍ଟମ ଉପକରଣ ଏବଂ ସ୍ପିଡ୍ ମାପ କ୍ୟାମେରା ସ୍ଥାପନ କରାଯାଇ ଭୁବନେଶ୍ୱର ସହରର କଣ୍ଟ୍ରୋଲ କମାଣ୍ଡ ସେଣ୍ଟର ସହିତ ସଂଯୁକ୍ତ ହୋଇଛି। ଏହି ଉପକରଣଗୁଡ଼ିକ ଗାଡ଼ିର ପଞ୍ଜୀକରଣ ନମ୍ବର ସହିତ ମଧ୍ୟ ସଂଯୋଗ କରାଯାଇଛି। ଯେତେବେଳେ ବି ଏକ ଯାନ ନିର୍ଦ୍ଦିଷ୍ଟ ବେଗ ସୀମା ଅତିକ୍ରମ କରି ଗତି କରେ, ସେତେବେଳେ ଉକ୍ତ କ୍ୟାମେରା ଗାଡ଼ିର ନମ୍ବର ପ୍ଲେଟର ଫଟୋ ଉଠାଇଥାଏ। ସେଥିରେ ଗାଡିର ପଞ୍ଜୀକରଣ ନମ୍ବର ଲେଖାଯାଇଥାଏ। ଉପରୋକ୍ତ ପଞ୍ଜୀକରଣ ନମ୍ବରର ସମ୍ପୂର୍ଣ୍ଣ ସୂଚନା ପାଇବା ପରେ ଗାଡ଼ି ମାଲିକଙ୍କ ନମ୍ବରକୁ ମେସେଜ ଦିଆଯାଇ ଜରିମାନା ଆଦାୟ କରିବାକୁ ପଦକ୍ଷେପ ନିଆଯାଉଛି। ଦ୍ୱିତୀୟ ପର୍ଯ୍ୟାୟରେ ସାରା ରାଜ୍ୟରେ ୩୫ଟି ଜାତୀୟ ରାଜପଥର ପ୍ରାୟ ୫୫୭୬.୩୭ କିମି ଏବଂ ୬୦ଟି ରାଜ୍ୟ ରାଜପଥର ୪୭୫୦.୪୭ କିମି ରାସ୍ତାରେ ଥିବା ସମସ୍ତ ବ୍ଲାକ ସ୍ପଟ୍, ଅସୁରକ୍ଷିତ ସ୍ଥାନ ଓ ଗୁରୁତ୍ୱପୂର୍ଣ୍ଣ ଛକଗୁଡ଼ିକରେ ଏଏନ୍‌ପିଆର୍ କ୍ୟାମେରା ଲଗେଇବାକୁ ପ୍ରସ୍ତାବ ରହିଛି। ଏହିମର୍ମରେ ପରିବହନ ବିଭାଗ ଯୁଗ୍ମ ସଚିବ କିଶୋର ଚନ୍ଦ୍ର ଦାସ ଯୋଜନାର ସଫଳ ରୂପାୟନ ସମ୍ପର୍କରେ ଗୋପବନ୍ଧୁ ଏକାଡେମୀର ଡାଇରେକ୍ଟର ଜେନେରାଲଙ୍କୁ ସୂଚନା ଦେଇଛନ୍ତି।

# ବିସ୍ଫୋରଣରେ ଛାତ ଫାଟିଲା

ଚାନ୍ଦବାଲି,୨୭।୧୧(ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ମତୋ ଦକ୍ଷିଣସାହି ଗ୍ରାମରେ ରବିବାର ଅପରାହ୍ନରେ ବିସ୍ଫୋରଣ ଘଟି ଏକ ଘର ଛାତ ଓ କାନ୍ଥ ଫାଟିଯାଇଛି। ଏଥିସହ ଅଗ୍ନିକାଣ୍ଡ ଘଟି ଏହି ଘରେ ଥିବା ବିଷ୍ଣୁମୋହନ ସାହୁ ନାମକ ବ୍ୟକ୍ତି ଗୁରୁତର ହୋଇଛନ୍ତି। ତାଙ୍କୁ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପରେ ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ବିଷ୍ଣୁମୋହନ ଜଣେ ବାଣ କାରିଗର ଓ ବ୍ୟବସାୟୀ। ତାଙ୍କ ଘରେ ଥିବା ବାଣ ବିସ୍ଫୋରଣ ଯୋଗୁ ନିଆଁ ଲାଗିଥିବା ସନ୍ଦେହ କରାଯାଉଥିବା ବେଳେ ଗ୍ୟାସ୍ ଚୁଲାରୁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ତେବେ ପ୍ରକୃତ କାରଣ ଜଣାପଡ଼ି ନାହିଁ। ଖବରପାଇ ଚାନ୍ଦବାଲିରୁ ଦମକଳ ବାହିନୀ ଆସି ନିଆଁକୁ ଆୟତ୍ତ କରିଥିଲା। ଚାନ୍ଦବାଲି ଥାନାଧିକାରୀ ସ୍ଥିତି ଅନୁଧ୍ୟାନ କରିଛନ୍ତି।






# ଗୋଟିଏ ଚିନ୍ତା

ଦେଶ ଏବଂ ଦେଶବାସୀଙ୍କ ଲାଗି ବ୍ୟବସ୍ଥାପକ, କାର୍ଯ୍ୟପାଳିକା ଓ ନ୍ୟାୟପାଳିକାର ଗୋଟିଏ ଭାବନା ରହିବା ଦରକାର ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୨୬ ନଭେମ୍ବର ସମ୍ବିଧାନ ଦିବସ ଅବସରରେ ଆହ୍ୱାନ ଦେବା ପରେ ଏକ ନୂଆ ଧରଣର ଆଲୋଚନା ଆରମ୍ଭ ହୋଇଛି। ଗଣତନ୍ତ୍ରର ତିନୋଟି ଅଙ୍ଗ ସ୍ୱତନ୍ତ୍ର ଓ ସ୍ୱାଧୀନ ବୋଲି ଭାରତୀୟ ସମ୍ବିଧାନରେ ଉଲ୍ଲେଖ କରାଯାଇଛି। ସେଗୁଡ଼ିକର କାର୍ଯ୍ୟ ମଧ୍ୟ ସ୍ପଷ୍ଟ ଭାବେ ବର୍ଣ୍ଣନା ହୋଇଛି। କୌଣସି ଅଙ୍ଗ ନିଜ ଲକ୍ଷ୍ମଣରେଖା ଯେଭଳି ଅତିକ୍ରମ କରିପାରିବେ ନାହିଁ ସେହି ଦିଗରେ ପ୍ରାଞ୍ଜଳ ଭାବେ ବୁଝାଇ ଦିଆଯାଇଛି। ଏଭଳି ସ୍ଥିତିରେ ଏହି ଅଙ୍ଗଗୁଡ଼ିକର ଚିନ୍ତାଧାରା ବା ଭାବନା କଦାପି ସମାନ ହେବା ଉଚିତ ନୁହେଁ। ଏହା ବ୍ୟତୀତ ପ୍ରଶ୍ନ ଉଠିପାରେ ଯେ ଯେଉଁ 'ଗୋଟିଏ ଚିନ୍ତା' କୁହାଯାଉଛି ତାହାର ମୂଳ ଚିନ୍ତକ କିଏ ହେବେ। ଯଦି ଯୁକ୍ତି କରାଯାଏ ଯେ ଲୋକଙ୍କ ମଙ୍ଗଳ ଓ ଦେଶର ଏକତା ଏକମାତ୍ର ଚିନ୍ତା ହେବା ଦରକାର, ତେବେ ତାହାର ମଧ୍ୟ ଅନେକ ଦିଗ ରହିଛି। ଉଦାହରଣ ସ୍ୱରୂପ ଭାରତର ଅସଂଖ୍ୟ ଗରିବଙ୍କ ସମସ୍ୟାକୁ ଗୋଟିଏ ଭାବନାରେ ସମାଧାନ କରିଦେଇ ହେବ ବୋଲି ବିଶ୍ୱାସ କରିହେଉ ନାହିଁ। ଜଣେ ଚାଷୀର ମଙ୍ଗଳ ଚିନ୍ତା କଲାବେଳକୁ ଅନ୍ୟଜଣେ ସହର ବାସିନ୍ଦା ମଧ୍ୟବିତ୍ତ ନାଗରିକର ଚିନ୍ତା କରିବା ଅସମ୍ଭବ। ସେହିଭଳି ଦେଶର ଅନେକ ଉଡ଼ାଜାହାଜ ପଡ଼ିଆ ଓ ବନ୍ଦରର ମାଲିକ ହୋଇଯାଇଥିବା ବ୍ୟକ୍ତିଙ୍କର ମଙ୍ଗଳ ଚିନ୍ତା କରୁଥିବା ବ୍ୟକ୍ତି କେବେହେଲେ ଏକ କାରଖାନାର ଖଟିଖିଆ ଶ୍ରମିକ କିମ୍ବା ଭୂମିହୀନ କୃଷି ଶ୍ରମିକର ସମସ୍ୟା ଚିନ୍ତା କରିବା କୌଣସି ଭାବେ ସମ୍ଭବପର ନୁହେଁ। ପ୍ରତ୍ୟେକ ବ୍ୟକ୍ତି ନିଜ ଚକ୍ଷୁରେ ସୀମିତ ସତ୍ୟ ଦେଖିଥାଏ। ସମ୍ପୂର୍ଣ୍ଣ ସତ୍ୟ ଯିଏ ଦେଖିଲେ ସେ ହେଲେ ଠାକୁର। ଦୁଃଖର କଥା ଯେ ସ୍ୱୟଂ ଭଗବାନ ଆସି ଭାରତୀୟ ଆଇନ ବ୍ୟବସ୍ଥା, କାର୍ଯ୍ୟପାଳିକା କିମ୍ବା ବିଧାୟକ/ସାଂସଦ ଏପର୍ଯ୍ୟନ୍ତ ହୋଇପାରି ନାହାନ୍ତି। ଏଠାରେ ଖୋଦ୍ ପ୍ରଭୁ ଆସି କଲେଜିୟମ୍ ବ୍ୟବସ୍ଥାରେ ପ୍ରଧାନ ବିଚାରପତି, ପରୀକ୍ଷା ଦେଇ ଆଇଏଏସ୍ ଅଫିସର କିମ୍ବା ନିର୍ବାଚନ ଲଢ଼ି ବିଧାୟକ ବା ସାଂସଦ ହୋଇପାରିବେ ବୋଲି ବିଶ୍ୱାସ ହେଉନାହିଁ। ତାଙ୍କୁ କୌଣସି ଦଳ ଟିକେଟ ମଧ୍ୟ ଦେଇ ନ ପାରେ। କାରଣ ଦଳର ମୁଖ୍ୟ ନେତା ନିଜକୁ ମହାପ୍ରଭୁଙ୍କ ସାମ୍ନାରେ ଦୁର୍ବଳ ଭାବିଲେ ଅସୁବିଧା ହୋଇଯିବ। ସେହିଭଳି କ୍ୟାବିନେଟ ସଚିବ କିମ୍ବା ଭାରତର ପ୍ରଧାନ ବିଚାରପତି କେବେହେଲେ, ନିଜ ବ୍ୟବସ୍ଥା ଭିତରେ, ମହାପ୍ରଭୁଙ୍କୁ ସ୍ଥାନ ଦେବାକୁ ଇଚ୍ଛୁକ ହେବେ ନାହିଁ। ତେଣୁ କୌଣସି ଜଣେ ବ୍ୟକ୍ତିବିଶେଷଙ୍କ ଏଭଳି ଦକ୍ଷତା ନାହିଁ, ଯାହାଦ୍ୱାରା କି ଗୋଟେ ଚିନ୍ତାରେ ଏତେବଡ଼ ଏକ ଦେଶର ସବୁ ବ୍ୟବସ୍ଥା ପରିଚାଳିତ ହୋଇପାରିବ।

ଦେଖିବାକୁ ଗଲେ ୧୫୦ କୋଟି ଜନସଂଖ୍ୟାବିଶିଷ୍ଟ ଭାରତରେ ସର୍ବନିମ୍ନ ୧୫୦ କୋଟି ଚିନ୍ତା ନିଶ୍ଚିତ ଭାବେ ଥିବ। ମୋ ଚିନ୍ତା ମୋ ପାଇଁ ବଡ଼। ଆପଣଙ୍କ ଚିନ୍ତା ଆପଣଙ୍କ ପାଇଁ ବଡ଼। ଆପଣ ମୋ ଚିନ୍ତାକୁ ସ୍ୱୀକାର କରିପାରିବେ ନାହିଁ କିମ୍ବା ମୁଁ ମଧ୍ୟ ଆପଣଙ୍କ ଚିନ୍ତାକୁ ଗ୍ରହଣ ନ କରିପାରେ। ସେଥିପାଇଁ 'ଗୋଟିଏ ଚିନ୍ତା' ଏ ଦେଶ ଓ ସମାଜ ପାଇଁ ଅତ୍ୟନ୍ତ ମାରାତ୍ମକ ହେବ। ଏଭଳି ସ୍ଥିତିରେ କିଏ କାହାର କେମିତି ମଙ୍ଗଳ କାମନା କରିବେ ତାହା କୌଣସି ରାଜନୈତିକ ବ୍ୟକ୍ତି କହିପାରିବେ ନାହିଁ। ଉଦାହରଣ ସ୍ୱରୂପ, ଖୋଦ୍ ରାଷ୍ଟ୍ରପତିଙ୍କ ନିଜ ଗ୍ରାମରେ ୨୦୨୨ ମସିହା ପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିଲା। ଆଜିର ରାଷ୍ଟ୍ରପତି ପୂର୍ବରୁ ଓଡ଼ିଶା ସରକାରଙ୍କ ମନ୍ତ୍ରୀ ରହିଛନ୍ତି, ଦୀର୍ଘ ୫ ବର୍ଷ ଝାଡ଼ଖଣ୍ଡର ରାଜ୍ୟପାଳ ଦାୟିତ୍ୱ ମଧ୍ୟ ତୁଲାଇଛନ୍ତି। ତଥାପି ଏହି ଛୋଟିଆ କାର୍ଯ୍ୟଟିଏ କରିପାରି ନ ଥିବା ହେତୁ ନିଜ ଉପରେ ତାଙ୍କର ଭାବନା ନିଶ୍ଚିତ ଭାବେ ନକାରାତ୍ମକ ଦିଗକୁ ଯାଇଥିବ। ସେଥିପାଇଁ ଏହା ମଧ୍ୟ କୁହାଯାଇପାରେ ଯେ, ଧନୀ କିମ୍ବା ଶକ୍ତିଶାଳୀ ଲୋକଙ୍କର ମଧ୍ୟ ବିଭିନ୍ନ ପ୍ରକାର ଚିନ୍ତା ଥାଏ।

ସାଧାରଣ ଭାରତୀୟଙ୍କ ମନରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ, କେଉଁ ଉଦ୍ଦେଶ୍ୟରେ ରାଷ୍ଟ୍ରପତି ଏଭଳି ମନ୍ତବ୍ୟ ଦେବାକୁ ପସନ୍ଦ କଲେ। ସମ୍ଭବତଃ କେନ୍ଦ୍ର ସରକାରଙ୍କ 'ଏକ ଦେଶ ଏକ ପତାକା', 'ଏକ ରାଷ୍ଟ୍ର ଏକ ଭାଷା', 'ଏକ ଦେଶ ଏକ ରାଶନ କାର୍ଡ' ଆଦି ସ୍ଲୋଗାନ ଓ ପଦକ୍ଷେପ ଧାରାରେ ରାଷ୍ଟ୍ରପତି ବିନା ଚିନ୍ତା କରି ଚାଲିଯାଇଛନ୍ତି। ସମସ୍ତେ ଜାଣନ୍ତି ଯେ, ଭାରତର ରାଷ୍ଟ୍ରପତି ନିଜ ବିବେକ କିମ୍ବା ବୁଦ୍ଧି ଅନୁଯାୟୀ ଭାଷଣ ଦିଅନ୍ତି ନାହିଁ। ରାଜେନ୍ଦ୍ର ପ୍ରସାଦଙ୍କଠାରୁ ଆରମ୍ଭ କରି ଏପିଜେ ଅବଦୁଲ କଲାମଙ୍କ ବାଟ ଦେଇ ଦ୍ରୌପଦୀ ମୁର୍ମୁଙ୍କ ପର୍ଯ୍ୟନ୍ତ ଯେତେ ଭାଷଣ ହୋଇଛି, ସରକାରୀ ସ୍ତରରେ ଅମଲାତନ୍ତ୍ରୀମାନେ ତାହାକୁ ଲେଖିଥାନ୍ତି। ରାଷ୍ଟ୍ରପତିମାନେ କେବଳ ସେହି ଲେଖାଗୁଡ଼ିକୁ ପାଠ କରିଆସିଥାନ୍ତି, ଯାହାଫଳରେ ରାଷ୍ଟ୍ରପତି ପଦବୀକୁ ଯେତେ ସମ୍ମାନ ଦିଆଗଲେ ମଧ୍ୟ ତାହା ଏକ ଆଳଙ୍କାରିକ ପଦବୀ। ସେଥିରେ କିଏ ବସିଲେ କିଏ ଉଠିଲେ ଦେଶବାସୀଙ୍କ ପାଇଁ କୌଣସି ଗୁରୁତ୍ୱ ରଖେ ନାହିଁ। ଦ୍ରୌପଦୀ ମୁର୍ମୁଙ୍କ ପଦବୀ ହାସଲ କରିବାରେ ଆମେ ଓଡ଼ିଆ ସମସ୍ତେ ଅତ୍ୟନ୍ତ ଖୁସି। ଆଶା କରିବା ଯେ ଆମ ଗହଣରୁ ଯାଇଥିବା ଏହି ବ୍ୟକ୍ତିତ୍ୱ ଭାରତର ରାଷ୍ଟ୍ରପତି ଭାବେ ନିଜର ସ୍ୱାଧୀନ ଚିନ୍ତାଧାରାକୁ ଲୋକଙ୍କ ସାମ୍ନାକୁ ଆଣି ନିଜର ଗରିମା ପ୍ରମାଣିତ କରିବାକୁ ଚେଷ୍ଟା କରିବେ।

# ଦ୍ୱିତୀୟ ଭଗବାନ୍ ବି ଯମ ହୋଇପାରେ



ସହଦେବ ସାହୁ

ଅକ୍ଟୋବର ୧୯ରେ ଏହି ସ୍ତମ୍ଭରେ 'ଧବଳଟଗର ଉପରେ କଳା ଆବରଣ' ଅଗ୍ରଲେଖରେ କଟକ ସହରରେ କେତେକ ଔଷଧ ଦୋକାନୀ ଭେଜାଲ ଔଷଧ ବିକ୍ରି କରି କଟକର ବଦନାମ କରୁଛନ୍ତି ବୋଲି ଦର୍ଶାଇଥିଲି ; ତାହା ପଢ଼ି ଆପଣମାନେ ଭାବୁଥିବେ ଓଡ଼ିଶାର ନିରୀହ ଲୋକେ ଏମିତି ଠକିଯାଉଛନ୍ତି। ଦେଶର ରାଜଧାନୀ ଦିଲ୍ଲୀରେ ଏହାଠାରୁ ଗୁରୁତର କାଣ୍ଡ ଘଟୁଛି ବୋଲି ମୁଁ ଦିଲ୍ଲୀରେ ଥିବାବେଳେ ୧୭ ତାରିଖର ଏକ ଖବର ପଢ଼ିଲି– ତିଆରିଠାରୁ ଆରମ୍ଭ କରି ବିତରଣ (ବିକ୍ରି) ପର୍ଯ୍ୟନ୍ତ ସବୁ ସ୍ତର ହାତେଇଥିବା ଏକ ସିଣ୍ଡିକେଟ୍ (ବ୍ୟବସାୟ ଗୋଷ୍ଠୀ) କର୍କଟ ରୋଗୀଙ୍କୁ ଭେଜାଲ ଯୋଗାଉଥିବା ଘଟଣା ଦିଲ୍ଲୀର ପୋଲିସ୍ କମିଶନର (କ୍ରାଇମ୍) ଶ୍ରୀ ଯାଦବ ଧରିଛନ୍ତି, ତହିଁର କର୍ଣ୍ଣଧାର ଜଣେ ଡାକ୍ତର । ରୋଗୀର ଚିନ୍ତାରେ ଦ୍ୱିତୀୟ ଭଗବାନ୍ ମନେ ହେଉଥିବା ଡାକ୍ତର ଜଣକ ରୋଗୀକୁ ସିଧାସଳଖ ଯମପୁରକୁ ପଠାଉଛନ୍ତି! ଶଲ୍ୟଚିକିତ୍ସା ଆଳରେ ରୋଗୀର ବୃକକ୍ ଭଳି ଅଙ୍ଗ ଚୋରି କରିନେବା, ପ୍ରସୂତିର ଚିକିତ୍ସା ଆଳରେ କନ୍ୟାଭ୍ରୂଣ ହତ୍ୟା କରିବା ଆଦି ବାସ୍ତବ ଘଟଣା ହୋଇଗଲାଣି। ଜାଣିଲା ପରେ ମନେହୁଏ ମୁଷ୍ଟିମେୟ ହେଲେ ବି କେତେ ଜଣ ଡାକ୍ତର ପ୍ରଚୁର ଟଙ୍କା ଲାଳସାରେ ଯମ ହୋଇଯାଉଛନ୍ତି। କର୍ମ ଅନୁଯାୟୀ ମଣିଷକୁ ଦଣ୍ଡ ମିଳେ ଓ ସେହି ଦଣ୍ଡ ଭୋଗିବା ଲାଗି ଯମ ହିଁ ମଣିଷକୁ ଯମପୁରକୁ ନେଇଥାଏ: ଏ କଥା ପୁରାଣ ଭିତରେ ରହିଯାଇନାହିଁ, ପଇସା ଲୋଭ ଏବକାର କେତେକ ଡାକ୍ତରଙ୍କୁ ଯମର ଆସିଷ୍ଟାଣ୍ଟ କରିଦେଲାଣି। କେତେକ ପ୍ରବଞ୍ଚକ ଡାକ୍ତରଙ୍କ ଅମାନବୀୟ କାଣ୍ଡ ଯେଉଁ ଲୋକେ ଜାଣିନଥା'ନ୍ତି, ସେମାନେ ଡାକ୍ତରଙ୍କୁ ଦୋଷ ଦିଅନ୍ତି ନାହିଁ, ଭଗବାନ୍ଙ୍କ ଉପରେ ସବୁ ସମର୍ପଣ କରିଦିଅନ୍ତି! ଯେଉଁ କତିପୟ ଲୋକେ ଚିକିତ୍ସାରେ ଅବହେଳାକୁ ଦାୟୀ କରନ୍ତି, ସେମାନେ ଚିକିତ୍ସାଳୟ ଓ ସମ୍ପୃକ୍ତ ଚିକିତ୍ସକଙ୍କ ବିରୋଧରେ କୋର୍ଟର ଆଶ୍ରୟ ନିଅନ୍ତି। ଓଡ଼ିଶାର ଉଦାହରଣ ଦେବା ଉଚିତ୍ ହେବ ନାହିଁ। ବିହାରର ଗୋଟିଏ ସଦ୍ୟ ଘଟଣା ଶୁଣିଲେ ଆମେ ଚିହିଙ୍କି ଉଠିବା: ମୂତ୍ରନଳୀ ସଂକ୍ରମଣ ଦୂର କରିବା ପାଇଁ ସର୍ଜରି କରିବା ବାହାନାରେ ବିହାରର ମୁଜାଫରପୁର ସହରର ଡାକ୍ତର ଆର୍. କେ. ସିଂ ଏକ ପ୍ରାଇଭେଟ୍ ନର୍ସିଂହୋମ୍‌ରେ ୩ ସେପ୍ଟେମ୍ବର ୨୦୨୨ରେ ୩୮ ବର୍ଷୀୟା ସୁନୀତା ଦେବୀଙ୍କ ଶରୀରରୁ ବୃକ୍କ କାଢ଼ି ନେଇଛନ୍ତି । ସେ ଡାକ୍ତର ନିଜ କିଡ୍‌ନୀ ମୋତେ ଦିଅନ୍ତୁ ବୋଲି ଏବେ ଡାୟାଲିସିସରେ ଥିବା ସୁନୀତା ସରକାରଙ୍କ ନିକଟରେ ଅର୍ଜି କରିଛି। ଡାକ୍ତର ସିଂ ଲୁଚିଛନ୍ତି କେଉଁଠି ଜଣାନାହିଁ । ଦିଲ୍ଲୀର ଘଟଣା ଜଣାଏ କିପରି ପାଠଶାଠ ପଢ଼ିଥିବା ଲୋକ ବି ଭଲ ଔଷଧର ଛାପ ଦେଖି କେବେ ସନ୍ଦେହ କରିନପାରି ନକଲି ଔଷଧର କ୍ୟାପ୍‌ସୁଲ୍ କିଣୁଛି। କର୍କଟ ରୋଗର ଚିକିତ୍ସା ପାଇଁ ଯେଉଁସବୁ ଔଷଧ ସୁପାରିସ କରାଯାଏ, ସେଗୁଡ଼ିକ ଭିତରେ ଅଛି (୧) ଅଷ୍ଟ୍ରାଜେନେକା କମ୍ପାନୀର ଟାଗ୍ରିସୋ ୮୦ ମିଲିଗ୍ରାମ ବଟିକା, (୨) ବିକନ୍ ଫର୍ମାର ଟାଗ୍ରିକ୍ସ ୮୦ ମି.ଗ୍ରା., (୩) ଇନ୍‌ସେପ୍ଟା ଫର୍ମାର ଓସିସେଣ୍ଟ ୮୦ ମି.ଗ୍ରା., (୪) ଏଭେରେଷ୍ଟ ଫର୍ମାର ଓଲାନିବ୍ ୧୫୦ ମି.ଗ୍ରା., ପାଲବକ୍ସେନ୍ ୧୨୫ ମି.ଗ୍ରା., ଓସିମର୍ଟ ୮୦ ମି.ଗ୍ରା., ପାଲବୋସେଣ୍ଟ ୧୨୫ ମି.ଗ୍ରା., ଓ ଭେଣ୍ଟୋକ୍ସେନ ୧୦୦ ମି.ଗ୍ରା. । ସେଗୁଡ଼ିକର ନକଲି ବା ଭେଜାଲ୍ କରି ଅଧା ଦରରେ ବିକୁଥିଲା ଏକ ସିଣ୍ଡିକେଟ୍। ଚାଇନାର ହୁବେଇ ବିଶ୍ୱବିଦ୍ୟାଳୟରୁ ଏମ୍‌ବିବିଏସ୍ ପରେ ଫରେନ୍ ମେଡିକାଲ୍ ଗ୍ରାଜୁଏଟ୍ ଏଗ୍‌ଜାମିନେସନ୍ ପାସ୍ କରି ପବିତ୍ର ମୋହନ ପ୍ରଧାନ ଯଥାକ୍ରମେ ଦିଲ୍ଲୀର ଜିଟିବି ହସ୍ପିଟାଲ୍, ସୁପରସ୍ପେସାଲିଟି କ୍ୟାନ୍‌ସର ଇନ୍‌ଷ୍ଟିଚ୍ୟୁଟ ଓ ପରେ ଦୀପଚାନ୍ଦ ବନ୍ଧୁ ହସ୍ପିଟାଲରେ ଜୁନିଅର ରେସିଡେଣ୍ଟ ଭାବେ କାମ କଲେ । ତାଙ୍କ ସାଙ୍ଗରେ ପଢ଼ିଥିବା ବାଂଲାଦେଶର ଜଣେ ଛାତ୍ରର ପ୍ରରୋଚନାରେ ବହୁତ ପଇସା ରୋଜଗାର କରିବା ନିଶାରେ ସେ କ୍ୟାନ୍‌ସର ରୋଗର ମେଡିସିନ୍ ତିଆରି କମ୍ପାନୀ ବସାଇଲେ, ନିଜ ସମ୍ପର୍କୀୟ ଭାଇ ଶୁଭମ୍ ମାନ୍ନା ଓ ରାମ କୁମାରଙ୍କୁ ତହିଁରେ ନିଯୁକ୍ତ କଲେ । ମାନ୍ନା ବି.ଟେକ୍. କରି ବହୁରାଷ୍ଟ୍ରୀୟ କମ୍ପାନୀରେ କାମ କରୁଥିଲେ। ସେ ତିଆରି କଲେ ବାର୍ କୋଡ୍, ବ୍ୟାଚ୍ ନମ୍ବର ଏମ୍ଏସିଂ ଓ ଏକ୍ସପାରି ଡେଟ୍। ରାମ କୁମାର ହରିୟାଣାର ଗାନାଉରଠାରେ ଆର୍‌ଡିଏମ୍ ବାୟୋଟେକ୍ ନାମରେ ଏକ କାରଖାନା ଖୋଲି ଔଷଧ ତିଆରିର ଆକ୍ଟିଭ୍ ଫର୍ମାସ୍ୟୁଟିକାଲ୍ ଇନ୍‌ଗ୍ରେଡିଏଣ୍ଟ (ଏପିଆଇ) କିଛି କିଣି ପ୍ରାୟ ୨୧ଟିରୁ ବେଶି ନାମକରା କର୍କଟ ରୋଗର ଔଷଧ ନାଁରେ ଭେଜାଲ ଔଷଧ ତିଆରି କଲେ । ଚଣ୍ଡିଗଡ଼ରେ ମେଡ୍‌ୟର୍କ ନାଁରେ ଏକ ଫାର୍ମା କମ୍ପାନୀ ଖୋଲିଥିବା ଆଉ ଜଣେ ଏକାଂଶ ବର୍ମା ଏଥିରେ ସାମିଲ ହେଲେ। ବାଂଲାଦେଶର ବ୍ରାଣ୍ଡ ଇନସେପ୍‌ଟା ନାଁରେ ସେ ଲକ୍ଷେ କ୍ୟାପ୍‌ସୁଲ୍ ଯୋଗାଇଥିଲେ । ବର୍ମା ଇଣ୍ଡିଆମାର୍ଟ କମ୍ପାନୀର ୱେବ୍‌ସାଇଟ୍‌ରୁ କେଉଁ ଲୋକେ କେବଳ କ୍ୟାନ୍‌ସର ମେଡିସିନ ଖୋଜୁଛନ୍ତି, ସେମାନଙ୍କ ମୋବାଇଲ ନମ୍ବର ନିଆଗଲା ଓ ସେମାନଙ୍କ ସହ ସମ୍ପର୍କ କରି ଶସ୍ତାରେ ଔଷଧ ଯୋଗାଇବେ ବୋଲି କଣ୍ଟାକ୍ଟ କଲେ, ୫୦% ମାର୍ଜିନ୍ ନେଇ ବିକିବେ ବୋଲି କହିଲେ । ପ୍ରଭାତ କୁମାର ନାମକ ଆଉ ଜଣେ ଦିଲ୍ଲୀ ଚାନ୍ଦନିଚୌକର ଭଗୀରଥ ପ୍ୟାଲେସ୍‌ରେ ଆଦିତ୍ୟ ଫାର୍ମା ଅଫିସ ଖୋଲି ଅଙ୍କୋଲଜି ଓ ନେଫ୍ରୋଲଜି ସମ୍ପର୍କିତ ଔଷଧର ହୋଲ୍‌ସେଲ୍ ବିଜ୍‌ନେସ୍ କଲେ। ଆଇଟିଆଇ ଡିପ୍ଲୋମାଧାରୀ ପଙ୍କଜ କୁମାର ପ୍ୟାକିଂ କରନ୍ତି । ଆଉ ଜଣେ ଆଇଟିଆଇ ଡିପ୍ଲୋମାଧାରୀ ଅଙ୍କିତ ଶର୍ମା କୋରିଅର୍ ଓ ଡେଲିଭରି କାମ କଲେ। ସେମାନଙ୍କ ଏହି ସିଣ୍ଡିକେଟ୍ ଏଭଳି ବ୍ୟବସାୟ କଲା, ଯେପରି ସାଧାରଣ ସାଧୁ ବ୍ୟବସାୟୀଟିଏ କରିଥାଏ। ଷ୍ଟାଣ୍ଡାର୍ଡ ମେଡିସିନ୍ ଭଳି ସେମାନଙ୍କ ଔଷଧ ବିକ୍ରିହେଲା, ଅସଲି ଔଷଧର ତନଖି ପାଇଁ ଯେଉଁ କ୍ୟୁଆର୍ କୋଡ୍ ବ୍ୟବହାର ହୁଏ, ତାହା ଭଳି କ୍ୟୁଆର୍ କୋଡ୍ ଏବଂ ଔଷଧର ବ୍ୟବହାରଯୋଗ୍ୟ ଶେଷ ତାରିଖ (ଏକ୍ସପାଏରି ଡେଟ୍) ବି ଥିଲା । ତେଣୁ ରୋଗୀ ଓ ତା'ର ସମ୍ପର୍କୀୟ ଗରାଖମାନେ ସନ୍ଦେହରେ ନ ଥିଲେ, ବରଂ ଶସ୍ତାରେ ପାଇ ଖୁସି ହେଉଥିଲେ । ଗୋପନୀୟ ସୂତ୍ରରୁ ଖବର ପାଇ ଦିଲ୍ଲୀର ସ୍ପେଶାଲ୍ କମିଶନର (କ୍ରାଇମ୍) ଯାଦବଙ୍କ ଅଧୀନରେ ପୋଲିସ୍ ଚଢ଼ାଉ କରି ଏ ନରହନ୍ତା କାରବାର ଧରିଛି । ରୋଗୀର ପଇସାରେ ରୋଗୀକୁ ଯମପୁରକୁ ପଠାଇବାର ଏ ତରିକାର ମୁଖ୍ୟ ହେଉଛି ଡ. ପ୍ରଧାନ, ହିପ୍ପୋକ୍ରାଟିକ୍ ଓଥ୍ (ବୃତ୍ତିଗତ ନୈତିକତାକୁ ରକ୍ଷା କରିବାର ଶପଥ) ନେଇଥିବା ଜଣେ ମେଡିକାଲ୍ ଡିଗ୍ରୀଧାରୀ। ମୃତ୍ୟୁମୁଖକୁ ଠେଲିଦେବା, ହତ୍ୟାର ଉଦ୍ରେକ (ଆବେଟମେଣ୍ଟ ଅଫ୍ ମର୍ଡର) କରୁଥିବା ଅପରାଧରେ ସେ ଫାଶିଦଣ୍ଡ ପାଇବା କଥା, ମାତ୍ର ଆମ ଭାରତ ପିଙ୍ଗଳ ସଂହିତା (ଆଇପିସି)ରେ ବର୍ଷକରୁ କମ୍ କାରାଦଣ୍ଡ ଓ କିଛି ଜରିମାନା ଦଣ୍ଡର ବ୍ୟବସ୍ଥା ଅଛି। କେତେକ ପ୍ରଦେଶ 'ଆଇପିସି'ର ରାଜ୍ୟସ୍ତରୀୟ ସଂଶୋଧନ ଆଣି ଆଜୀବନ କାରାଦଣ୍ଡର ପ୍ରାବଧାନ କରିଛନ୍ତି, କିନ୍ତୁ ଓଡ଼ିଶା କରିନାହିଁ। ଫଳରେ ରାଜନୈତିକ ଦଳକୁ ଚାନ୍ଦା ଦେଇ (ଅବଶ୍ୟ ଲୋଭୀ ପୋଲିସ୍ କର୍ମଚାରୀଙ୍କୁ ହାତ କରି) ଓଡ଼ିଶାର ଯମମାନେ ଧରାପଡୁନାହାନ୍ତି। ଯଦି କତିପୟ ଧରାପଡୁଛନ୍ତି ତ୍ରୁଟିଶୂନ୍ୟ ଦୋଷାରୋପ ପତ୍ର ଯୋଗୁ ଅଥବା ପୋଲିସ୍ ମକଦ୍ଦମା ଚଳାଇବାରେ ଏତେ ବିଳମ୍ବ କରୁଛି ଯେ କୋର୍ଟରେ ଅଭିଯୁକ୍ତମାନେ ଖସିଯାଇ ପାରୁଛନ୍ତି। ରାଜନୀତିର ଏକ ବଡ଼ ନୀତି ହୋଇଗଲାଣି ଯେ ଭୋଟ କିଣିବା ଲାଗି ଫ୍ରିବି ଓ ନଗଦନାରାୟଣ ଦିଆଯିବ ଏବଂ ତାହା ପାଇଁ ଚାନ୍ଦା ଦେବାକୁ ଏମିତିକା ଠକମାନେ ଆଗେଇ ଆସିବେ,–କେବଳ ଔଷଧରେ ନୁହେଁ ମଦ ଓ ତେଜରାତି ସାମଗ୍ରୀରେ ମିଶାମିଶି କରୁଥିବା ଲୋକେ– ସେମାନଙ୍କ କାରବାର ଉପରେ ଯେତେ ଜିଲା ତନଖି ହେବ, ସେତେ ବେଶି ଚାନ୍ଦା ମିଳିବ, ଲୋକେ ରସାତଳକୁ ବା ଯମପୁରକୁ ଯାଆନ୍ତୁ ପଛକେ! ଆମେ ପରା ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ପଇସାର ପ୍ରଭାବ କିପରି ଧର୍ମାଧିକାରୀମାନଙ୍କ ଆଚରଣରେ ପଡ଼େ ଦେଖିଛୁ, ଅଧିକ ପଇସା ନ ପାଇଲେ ମୁଣ୍ଡରେ ବେତ ମାଡ଼ ଦେଇ କେତେକେ କହନ୍ତି ପରା 'ବେହି ପୋ ନରକକୁ ଯା'! ଆମ ରାଜନେତାମାନେ ତ ସବୁବେଳେ ଗୁଣୁଗୁଣୁ ହେଉଛନ୍ତି– ଲୋକଙ୍କ ଜୀବନ ପଛେ ନର୍କେ ପଡ଼ିଥାଉ ମୋ ଗାଦି ଉଦ୍ଧାର ହେଉ!



– sahadevas@yahoo.com

# ଅଳପ ଲୋକେ ଅଧିକାର...



ହରେକୃଷ୍ଣ ଦାସ

The Block Development Officer, Talcher on behalf of PR & DW Department, Govt. of Odisha invites bid in double cover system from the eligible bidders for "Conducting Topography Survey, Geo-Technical Investigation, Capacity sizing and Techno-Commercial evaluation and final feasibility report in connection with empanelment of rate contract for Solar Plant of Balanda Mines, Talcher Area, of approx. 166 acres". They should quote the rate including cost of survey, labour & all other taxes etc. They are required to submit the attested copy of Aadhaar card, PAN card along with the quotation. The cost of bid documents is Rs.6000/- (Rupees Six thousand) only in the form of Demand Draft in favour of the Block Development Officer, Talcher drawn on any Nationalized Bank, payable at Talcher. The sale of bid document will be started from 28.11.2022 to 12.12.2022 upto 5.00 P.M. The last date for submission of bid documents is 17.12.2022 upto 05.00 P.M. and the bid documents will be opened on Dtd. 18.12.2022 at 11.00 A.M. in presence of the bidders or their authorized agents. They are required to submit the bid documents by Speed Post / Registered Post (India Post) to the office of the undersigned. In a sealed envelope clearly mentioning on the top EOI No. - 01/TAL-21.11.2022. Bid documents received after due date and time shall not be entertained. The authority reserves the right to reject any or all quotation without assigning any reason thereof and shall not bound to issue any work order in favour of the lowest bidder.

For other details you can visit the webstie www.angul.nic.in or in the Office of the BDO, Talcher during office hours.

**Sd./- Block Development Officer**
**Talcher**


# ଆଇନଶୃଙ୍ଖଳା ଦାୟିତ୍ୱ କେନ୍ଦ୍ରୀୟ ସୁରକ୍ଷା ବଳକୁ ଦିଆଯାଉ: ଭାଜପା

**ପଦ୍ମପୁର ଉପନିର୍ବାଚନ**

**ଭୁବନେଶ୍ୱର, ୨୭।୧୧(ବ୍ୟୁରୋ):** ଶାସକ ଦଳ ନେତା ଓ ମନ୍ତ୍ରୀଙ୍କ ଯୋଗୁ ପଦ୍ମପୁର ନିର୍ବାଚନମଣ୍ଡଳୀରେ ବର୍ତ୍ତମାନ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି। ପଦ୍ମପୁର ଉପନିର୍ବାଚନରେ ପୋଲିସ ଓ ପ୍ରଶାସନ ଅକ୍ଷମ ହୋଇଥିବାରୁ ଏହାର ଆଇନଶୃଙ୍ଖଳା ପରିସ୍ଥିତିର ନିୟନ୍ତ୍ରଣ ଦାୟିତ୍ୱ କେନ୍ଦ୍ରୀୟ ସୁରକ୍ଷା ବଳ ହାତକୁ ଦିଆଯାଉ ବୋଲି ଭାଜପା ଦାବି କରିଛି। ରାଜ୍ୟ ନିର୍ବାଚନ ଅଧିକାରୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଏଭଳି ଅଗଣତାନ୍ତ୍ରିକ ଓ ଅସାମ୍ବିଧାନିକ କାର୍ଯ୍ୟ ବିରୋଧରେ ଭାଜପା ଆନ୍ଦୋଳନ କରିବା ସହ ବିଧାନସଭାରେ ଏହି କଥାକୁ ଉପସ୍ଥାପନ କରିବ ବୋଲି ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି କହିଛନ୍ତି । ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ବାହାର ଅଞ୍ଚଳରୁ ଗୁଣ୍ଡାମାନଙ୍କୁ ଆଣି ଶାନ୍ତିପ୍ରିୟ ପଦ୍ମପୁର ଅଞ୍ଚଳବାସୀଙ୍କୁ ଧମକଚମକ ଦେବା ସହ ଭାଜପା କାର୍ଯ୍ୟକର୍ତ୍ତାଙ୍କ ଉପରେ ହିଂସାତ୍ମକ ଆଭିମୁଖ୍ୟ ଆପଣାଉଛନ୍ତି। ଶନିବାର ପାଇକମାଳ ଢେଙ୍କିମୁଣ୍ଡା ପଞ୍ଚାୟତର ଚୁହୁରିପଡ଼ା ଗ୍ରାମର ୩ ଜଣ ଭାଜପା କାର୍ଯ୍ୟକର୍ତ୍ତା ବିନୋଦ ବାଗ୍, ଅନିରୁଦ୍ଧ ବାଗ ଏବଂ ସୁନୀଲ ବାଗଙ୍କ ଉପରେ ମନ୍ତ୍ରୀ ଦାସଙ୍କ ନିର୍ଦ୍ଦେଶରେ ତାଙ୍କ ଗୁଣ୍ଡାମାନେ ଟାଙ୍ଗିଆ ଦ୍ୱାରା ମରଣାନ୍ତକ ଆକ୍ରମଣ କରିଛନ୍ତି। ସେହିପରି ବିଜେଡି ବିଧାୟକ ମନୋହର ରନ୍ଧାରୀ ଆଦର୍ଶ ଆଚରଣ ବିଧି ଏବଂ ଲୋକ ପ୍ରତିନିଧି ଅଇନ-୧୯୫୧କୁ ଫୁ କରିଦେଇ ଦଳ ସପକ୍ଷରେ ଭୋଟ ଦେବା ପାଇଁ ଖୋଲାଖୋଲି ଭାବେ ଦିନ ଦ୍ୱିପ୍ରହରରେ ଦା ଏବଂ କମ୍ବଳ ବାଣ୍ଟି ଲୋକଙ୍କୁ ପ୍ରଭାବିତ କରୁଛନ୍ତି। ଏଭଳି ବେଆଇନ କାର୍ଯ୍ୟ ଉପରେ ରୋକ୍ ଲଗାଇବା ସହିତ ଶାସକ ଦଳର ଉଭୟ ନେତାଙ୍କୁ ନିର୍ବାଚନ ପ୍ରକ୍ରିୟାରୁ ବାଦ୍ ଦେବାକୁ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଭାଜପାର ଏକ ପ୍ରତିନିଧି ଦଳ ରବିବାର ଦାବି କରିଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୭।୧୧।୨୦୨୨

| | |
|---|---|
| ୫,୧୨,୭୮୪ ଟଙ୍କା | |
| ସୁନା | ୨୩୦ ମିଲିଗ୍ରାମ |
| ରୁପା | ୨୮.୬୦୦ ଗ୍ରାମ |

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଥାଲାସେମିଆ ଶିଶୁଙ୍କ ପାଇଁ ରକ୍ତଦାନ ଶିବିର, ଧଉଳି ଚାରୁ ଓ କାରୁକଳା ମହାବିଦ୍ୟାଳୟ, ଧଉଳି, ପୂର୍ବାହ୍ନ ୧୦ଟା।
- ସ୍ୱତନ୍ତ୍ର ହସ୍ତତନ୍ତ ମେଳା, ଏକାମ୍ର ହାଟ, ପୂର୍ବାହ୍ନ ୧୧ଟା।
- ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଓଡ଼ିଶା ରାଜ୍ୟ ସାକ୍ଷର କର୍ମଚାରୀ ସଂଘ ପକ୍ଷରୁ ଶୋଭାଯାତ୍ରା, କଂଗ୍ରେସ ଭବନ, ପୂର୍ବାହ୍ନ ୧୧ଟା।
- ମୃଦୁଗୁଞ୍ଜନ ପକ୍ଷରୁ ୨ ଦିନିଆ ସପ୍ତରଙ୍ଗ କାର୍ଯ୍ୟକ୍ରମ, ରବୀନ୍ଦ୍ର ମଣ୍ଡପ, ଅପରାହ୍ନ ୪ଟା।
- ନାଟ୍ୟଶାସ୍ତ୍ର ପୁରସ୍କାର, ସୂଚନା ଭବନ, ଅପରାହ୍ନ ୪ଟା।
- ସାଂସ୍କୃତିକ ସଂନ୍ଧ୍ୟା, ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର ଅଡ଼ିଟୋରିୟମ୍, ଜୟଦେବ ବିହାର, ଅପରାହ୍ନ ୫ଟା ୩୦।
- ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନ ଆନୁକୂଲ୍ୟରେ ୧୮୫ତମ ଆଲୋଚନା ଚକ୍ର, ଭାରତୀୟ ବିଦ୍ୟାଭବନ ସଭାଗୃହ, ଖାରବେଳ ନଗର, ସନ୍ଧ୍ୟା ୬ଟା।

ବାଲିଅନ୍ତା
- ଉତ୍ତର ଭୁବନେଶ୍ୱର ଉନ୍ନୟନ ପରିଷଦ ପକ୍ଷରୁ ୮ ଦଫା ଦାବି ନେଇ ଜନ ସମାବେଶ, ହଂସପାଳ, ପୂର୍ବାହ୍ନ ୯ଟା।

କଟକ
- ମହାନଦୀ ରିଂ ରୋଡ ବସ୍ତି ବେଆଇନ ଉଚ୍ଛେଦ ପ୍ରତିବାଦରେ ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ବିକ୍ଷୋଭ, ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖ, ପୂର୍ବାହ୍ନ ୧୧ଟା।
- କୁରାଳ ପଞ୍ଚମୀ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟନ, ଶିଳ୍ପୀ କୁମ୍ଭାର ସାହି, ସନ୍ଧ୍ୟା ୬ଟା ୩୦।

# 'ପ୍ରତ୍ୟେକ ପିଲାଙ୍କ ସ୍ୱପ୍ନକୁ ସାକାର କରିଛି ଉତ୍କଳ'

## ଉତ୍କଳ ବିଶ୍ୱବିଦ୍ୟାଳୟର ୮୦ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୨୭।୧୧(ବ୍ୟୁରୋ)

ଉତ୍କଳ ବିଶ୍ୱବିଦ୍ୟାଳୟ ଶିକ୍ଷାର ମନ୍ଦିର। ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କର ସ୍ୱପ୍ନ ଓ ଅଭିଳାଷକୁ ସାକାର କରିବାରେ ଉତ୍କଳ ଠିକ ଭାବେ ଦାୟିତ୍ୱ ନିର୍ବାହ କରିଛି। ତେଣୁ ଉତ୍କଳ ବିଶ୍ୱବିଦ୍ୟାଳୟ ସାରା ବିଶ୍ୱରେ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ଭାବେ ପରିଗଣିତ ହେଉଛି। ଏଠାକାର ଛାତ୍ରୀଛାତ୍ର ବିଶ୍ୱର କୋଣେ ଅନୁକୋଣେ ନିଜର ପ୍ରତିଭା ଓ ଦକ୍ଷତା ପ୍ରତିପାଦନ କରିବା ସହ ସଫଳତାର ଉଚ୍ଚତମ ସୋପାନରେ ପହଞ୍ଚି ପାରିଛନ୍ତି ଏବଂ ବିଶ୍ୱବିଦ୍ୟାଳୟର ଗରିମା ବୃଦ୍ଧି କରିଛନ୍ତି। ଉତ୍କଳର ସ୍ୱତନ୍ତ୍ରତା ହେଉଛି ଏହାର ଇତିହାସ, ଭୂଗୋଳ, ସଂସ୍କୃତି ଏବଂ ପରିବେଶ, ଯାହା ଉତ୍କଳ ବିଶ୍ୱବିଦ୍ୟାଳୟକୁ ବିଶ୍ୱର ସର୍ବଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ରୂପେ ପରିଗଣିତ କରାଇବାରେ ସହାୟକ ହୋଇପାରିଛି ବୋଲି ଭୁବନେଶ୍ୱର ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଆଶୁତୋଷ ବିଶ୍ୱାସ କହିଛନ୍ତି। ବାଣୀବିହାରସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ପ୍ରେକ୍ଷାଳୟରେ ଆୟୋଜିତ ଉତ୍କଳ ବିଶ୍ୱବିଦ୍ୟାଳୟର ୮୦ତମ ପ୍ରତିଷ୍ଠା ଦିବସ ପାଳନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଫେସର ବିଶ୍ୱାସ ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଶାର ଗର୍ବ ଓ ଗୌରବ ବୋଲି ମତବ୍ୟକ୍ତ କରିଥିଲେ। ଚିକିତ୍ସା ସେବା କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ଭୁବନେଶ୍ୱର ଏମ୍ସ ସହିତ ଉତ୍କଳ ବିଶ୍ୱବିଦ୍ୟାଳୟ ଏକ ଚୁକ୍ତି ସ୍ୱାକ୍ଷର କରିବ, ଯାହା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗବେଷଣା ପାଇଁ ସହାୟକ ହୋଇପାରିବ ବୋଲି ପ୍ରଫେସର ବିଶ୍ୱାସ ପ୍ରକାଶ କରିଥିଲେ।




ପ୍ରତିଷ୍ଠା ଉତ୍ସବରେ ଅତିଥିମାନେ ଜଣେ ଛାତ୍ରୀଙ୍କୁ ପଦକ ସହ ମାନପତ୍ର ପ୍ରଦାନ କରୁଛନ୍ତି।

### ସ୍ୱାସ୍ଥ୍ୟସେବାରେ ଗବେଷଣା ପାଇଁ ଭୁବନେଶ୍ୱର ଏମ୍ସ ସହ ହେବ ଚୁକ୍ତି

ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା ମୁଖ୍ୟ ବକ୍ତା ଭାବେ ଯୋଗଦେଇ କହିଥିଲେ, ସଫଳତା ହାସଲ କରିବା ପାଇଁ ସଂଘର୍ଷ ଏବଂ ପରିଶ୍ରମ କରିବା ଉଚିତ। ଅସଫଳତା ଆମ ଜୀବନର ବଡ଼ ଶିକ୍ଷକ ଅଟେ, ଯେଉଁଠାରୁ ଶିକ୍ଷାଗ୍ରହଣ କରି ତାହାକୁ ସୁଧାରି ପୁଣି ଆଗକୁ ବଢ଼ିଲେ ଆମେ ସଫଳତା ନିଶ୍ଚୟ ପାଇପାରିବା। କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ସ୍ୱାଗତ ଅଭିଭାଷଣ ଦେଇ କହିଥିଲେ, ଉତ୍କଳ ବିଶ୍ୱବିଦ୍ୟାଳୟ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ଲାଭ କରୁଛି। ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅଧୀନ ଉତ୍କର୍ଷ ଓ ସମାନତା ପରିଯୋଜନା ଏବଂ ଭାରତ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅଧୀନ ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନରୁ ସରକାରୀ ଆର୍ଥିକ ସହାୟତା ଲାଭ କରିଛି। ଭାରତୀୟ ରିଜର୍ଭ ବ୍ୟାଙ୍କ ସହାୟତାରେ ଅର୍ଥନୀତି ବିଭାଗରେ 'ଆରବିଆଇ ଚେୟାର'ର ପୁନରୁଦ୍ଧାର ଏବଂ ଭାରତ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ସହାୟତାରେ ବକ୍ସି ଜଗବନ୍ଧୁ ବିଦ୍ୟାଧରଙ୍କ ସ୍ମୃତିରେ 'ପାଇକ ଚେୟାର'ର ସ୍ଥାପନ ହୋଇଛି। ଡିଜିଟାଲ ପରିକଳ୍ପନା ସାକାର ସହ ନୂତନ ଜାତୀୟ ଶିକ୍ଷାନୀତି ୨୦୨୦ର ସଫଳ କ୍ରିୟାନ୍ୱୟନ ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ ଆଗାମୀ ଦିନରେ ବିଶ୍ୱବିଦ୍ୟାଳୟକୁ ନାକ୍ ଏ++ ମାନ୍ୟତା ପ୍ରଦାନ ପାଇଁ ମାର୍ଗ ପ୍ରଶସ୍ତ କରିବ ବୋଲି କୁଳପତି କହିଥିଲେ। ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ଦୁର୍ଗାଶଙ୍କର ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କୁଳସଚିବ ଡ. ଅଭୟ କୁମାର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ର କଲ୍ୟାଣ ନିର୍ଦ୍ଦେଶିକା ପ୍ରଫେସର ମିତାଲି ଚିନାରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର, ଶିଲ୍ଡ ଓ ଅର୍ଥରାଶି ଦେଇ ପୁରସ୍କୃତ ସହ ସମ୍ବର୍ଦ୍ଧିତ କରାଯାଇଥିଲା।



କଟକ ଶହୀଦଭବନରେ ଗୁଞ୍ଜନ ନୃତ୍ୟ ଓ ସଙ୍ଗୀତ ଉତ୍ସବର ଶେଷ ସନ୍ଧ୍ୟାରେ ଶିଳ୍ପୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

## ଟଏଲେଟ୍‌ରେ ମୃତ୍ୟୁ

**ବାଲିଅନ୍ତା,୨୭।୧୧(ଡି.ଏନ୍.ଏ.):** ଶୌଚ ହେବାକୁ ଟଏଲେଟ୍‌କୁ ଯାଇଥିବାବେଳେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଲିଅନ୍ତା ତଳଗଡ ଗ୍ରାମର ସଚିତ୍ର ସାହୁ(୫୪)। ସଚିତ୍ର ଏକ ବସ୍‌ର କଣ୍ଡକ୍ଟର ଭାବେ କାର୍ଯ୍ୟ କରନ୍ତି। ସେ ଡ୍ୟୁଟି ଯିବା ପୂର୍ବରୁ ନିତ୍ୟକର୍ମ ସାରିବାକୁ ଭୋର ୫ଟାରେ ଟଏଲେଟ୍‌କୁ ଯାଇଥିଲେ। ଫେରିବା ଡେରି ହେବାରୁ ସ୍ତ୍ରୀ ସେଠାକୁ ଯାଇ ସ୍ୱାମୀ ତଳେ ପଡିଥିବା ଦେଖିଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଉଛି।

## ଡିସେମ୍ବର ୧୬ରୁ ଭେଷଜ ବିଶେଷଜ୍ଞ ସମ୍ମିଳନୀ

**କଟକ ଅଫିସ,୨୭।୧୧:** ଆସୋସିଏଶନ ଅଫ ଫିଜିସିଆନ ଅଫ୍ ଇଣ୍ଡିଆ ଓଡ଼ିଶା ଷ୍ଟେଟ୍ ଚାପ୍ଟର ପକ୍ଷରୁ ୩ ଦିନିଆ ୪୨ତମ ଆପିକନ ଓଡ଼ିଶା ଭେଷଜ ବିଶେଷଜ୍ଞ ସମ୍ମିଳନୀ ଏସ୍‌ସିବି ମେଡିକାଲର ନୂତନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବ। ଏହି ସମ୍ମିଳନୀରେ ଦେଶରୁ ୧୦୦ ଜଣ ବିଶେଷଜ୍ଞ ବକ୍ତାଙ୍କ ସମେତ ୧୦୦୦ରୁ ଊର୍ଦ୍ଧ୍ୱ ଭେଷଜ ବିଶେଷଜ୍ଞ ପ୍ରତିନିଧି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଭେଷଜ ଚିକିତ୍ସା କ୍ଷେତ୍ରରେ ସୃଷ୍ଟି ହେଉଥିବା ନୂତନ ଚିକିତ୍ସା ଜ୍ଞାନ ସମ୍ପର୍କିତ ତଥ୍ୟ ବକ୍ତାମାନେ ଉପସ୍ଥାପନ କରିବେ। ସେହିପରି ୨୦୦ରୁ ଅଧିକ ଭେଷଜ ବିଭାଗର ସ୍ନାତକ ବିଦ୍ୟାର୍ଥୀ ଯୋଗଦେବା ସହ ୧୦୦ରୁ ଊର୍ଦ୍ଧ୍ୱ ସନ୍ଦର୍ଭ ଉପସ୍ଥାପନ କରାଯିବ। ଏଥିସହ ବିବିଧ କର୍ମଶାଳା, ଆଲୋଚନାଚକ୍ର, ବକ୍ତୃତା, କୁଇଜ୍ ପ୍ରତିଯୋଗିତା କରାଯାଇ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଏ ନେଇ କଟକ କ୍ଲବ୍ ସଭାଗୃହରେ ରବିବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଆସୋସିଏଶନର ଅଧ୍ୟକ୍ଷ ପ୍ରଫେସର ଡା. ଜୟନ୍ତ ପଣ୍ଡା ଯୋଗଦେଇ କହିଥିଲେ, ଦିନକୁ ଦିନ ଚିକିତ୍ସା କ୍ଷେତ୍ରରେ ନୂଆ ତଥ୍ୟ ଏବଂ ଔଷଧ ବାହାରୁଛି। ଚିକିତ୍ସକମାନଙ୍କୁ ଭେଷଜ ଚିକିତ୍ସା ସମ୍ବନ୍ଧୀୟ ଅଧିକ ଜ୍ଞାନ ହାସଲ ନିମନ୍ତେ ଏଭଳି ସମ୍ମିଳନୀ ବହୁ ଭାବେ ସହାୟକ ହୋଇପାରିବ। ଏହି ସମ୍ମିଳନୀରେ ଆସୋସିଏଶନ ସମ୍ପାଦକ ନୀହାର ରଞ୍ଜନ ମହାନ୍ତିଙ୍କ ସମେତ ଭେଷଜ ବିଶେଷଜ୍ଞ ସଦସ୍ୟମାନେ ଉପସ୍ଥିତ ଥିଲେ।

# କେଦାର ମିଶ୍ରଙ୍କୁ 'ଜାତୀୟ ନିବେଦିତା ପଟ୍ଟନାୟକ ସମ୍ମାନ'

### ଗୁଞ୍ଜନ ନୃତ୍ୟ ଓ ସଙ୍ଗୀତ ଉତ୍ସବ ଉଦ୍‌ଯାପିତ

କଟକ ଅଫିସ, ୨୭।୧୧

କଟକ ଶହୀଦ ଭବନରେ ୩ଦିନ ଧରି ଅନୁଷ୍ଠିତ ହୋଇଥିବା ଗୁଞ୍ଜନ ନୃତ୍ୟ ଓ ସଙ୍ଗୀତ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ପଦ୍ମଶ୍ରୀ ଶ୍ୟାମାମଣି ଦେବୀ ଅତିଥି ଭାବେ ଯୋଗଦେଇ କହିଥିଲେ, କଟକ ଏକ ସାଂସ୍କୃତିକ ପୀଠ କହିଲେ ଅତ୍ୟୁକ୍ତି ହେବ ନାହିଁ। କାରଣ ପିଲାଦିନରୁ ଦେଖି ଆସୁଛି ଏଠାରେ ପ୍ରତିଦିନ କିଛି ନା କିଛି କାର୍ଯ୍ୟକ୍ରମ ହେଉଛି। କଟକରେ ରହି ଶାସ୍ତ୍ରୀୟ ସଙ୍ଗୀତ ଶୁଣି ଶୁଣି ସଙ୍ଗୀତ ପ୍ରତି ଆକୃଷ୍ଟ ହେଲି। ପୂର୍ବରୁ ସଙ୍ଗୀତ ପ୍ରତି ଆଗ୍ରହ ଥିଲା। ହେଲେ କଟକ ଏଥିପାଇଁ ଅଧିକ ପ୍ରେରଣା ଦେଇ ସଙ୍ଗୀତ ଆଡ଼କୁ ଆଗେଇ ନେଇଥିଲା। ଲଗାତାର ୨୬ ବର୍ଷ ଧରି କଟକର ସଂସ୍କୃତିକୁ ମୀରା ଦାସ ବଞ୍ଚାଇ ରଖିଥିବାରୁ ବାସ୍ତବରେ ଧନ୍ୟବାଦର ପାତ୍ର ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଚାରପତି ଅରୁଣ କୁମାର ପରିଚ୍ଛା ଓ ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ଗୁଞ୍ଜନ ଡ୍ୟାନ୍ସ ଏକାଡେମୀର ଗୁରୁ ମୀରା ଦାସ ଏକକ ଓଡ଼ିଶୀ ନୃତ୍ୟ 'ଆଉ ନ ବଜା' ପରିବେଷଣ କରିଥିଲେ। ଏହାପରେ ନୃତ୍ୟନାଟିକା 'ସେଇ ରମଣୀ' ପରିବେଷିତ ହୋଇଥିଲା। ଏଥିସହ କୁନି କଳାକାରମାନେ ସ୍ୱସ୍ତି ବଚନ ପରିବେଷଣ କରିଥିଲେ। ଏହି ଅବସରରେ ଓଡ଼ିଆ ଭାଷା ଓ ସାହିତ୍ୟ କ୍ଷେତ୍ରରେ ଅବଦାନ ପାଇଁ ସାରସ୍ୱତ ସାଧକ ତଥା ଲେଖକ କେଦାର ମିଶ୍ରଙ୍କୁ ଜାତୀୟ ନିବେଦିତା ପଟ୍ଟନାୟକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା ଓ ଗାୟତ୍ରୀ ଦାସ ଧନ୍ୟବାଦ ଦେଇଥିଲେ।



ଉତ୍ସବରେ ସାରସ୍ୱତ ସାଧକ କେଦାର ମିଶ୍ରଙ୍କୁ 'ଜାତୀୟ ନିବେଦିତା ପଟ୍ଟନାୟକ ସମ୍ମାନ' ପ୍ରଦାନ କରାଯାଉଛି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଅନନ୍ତ



@ ବିଭୂତି



@ ବିକାଶ



@ ପ୍ରିୟଚନ୍ଦନ



@ ନିରଞ୍ଜନ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।




ଭୁବନେଶ୍ୱର ଗୀତ ଗୋବିନ୍ଦ ସଦନରେ ରବିବାର ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅତିଥିମାନେ ରତ୍ନମଞ୍ଜୁଳା ଘଡ଼େଇ ଭୂୟାଁଙ୍କ ଲିଖିତ ପୁସ୍ତକ 'ଚିତା ଓ ମୁରୁଜ'କୁ ଉନ୍ମୋଚନ କରୁଛନ୍ତି।



ରାଷ୍ଟ୍ରାୟତ୍ତ ଉଦ୍ୟୋଗ ବିକ୍ରି ବନ୍ଦ ସହ ବିଭିନ୍ନ ଦାବି ନେଇ ସିଟୁ ପକ୍ଷରୁ ରବିବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଅନୁଷ୍ଠିତ ସମାବେଶ।

## ସଂକ୍ଷେପରେ

### ସିରିଜ୍ ଦୁର୍ଘଟଣାରେ ୩ ଆହତ, କାର୍ ଜବତ

ଭୁବନେଶ୍ୱର, ୨୭।୧୧(ବ୍ୟୁରୋ): ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ହାଇସ୍କୁଲ ନିକଟରେ ରବିବାର ରାତିରେ ସିରିଜ ଦୁର୍ଘଟଣା ହୋଇଛି । ନିଶାସକ୍ତ ଅବସ୍ଥାରେ ଜଣେ ବ୍ୟକ୍ତି ଦ୍ରୁତଗତିରେ ଗାଡି ଚଳାଇ ଦୁର୍ଘଟଣା ଘଟାଇଛନ୍ତି। ଏଥିରେ ୩ଜଣ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ଦୁର୍ଘଟଣା ଘଟାଇଥିବା କାର ଚାଳକଙ୍କୁ ଲୋକେ କାବୁ କରି ନିର୍ଘାତ ମାଡ଼ ମାରି ପୋଲିସ୍ ଜିମା ଦେଇଛନ୍ତି। ପୋଲିସ କାର୍‌କୁ ଜବତ କରି ଥାନାକୁ ଆଣିବା ସହ ଚାଳକଙ୍କୁ ଅଟକ ରଖି ପଚରାଉଚରା କରୁଛି। ସୂଚନାନୁସାରେ, କାର ଚାଳକ ଜଣଙ୍କ ଲକ୍ଷ୍ମୀସାଗର ଛକରୁ ଝାରପଡ଼ା ଦୁର୍ଗାମଣ୍ଡପ ଅଭିମୁଖେ ଯାଉଥିଲେ। ଗାଡ଼ିର ବେଗ ଅଧିକ ଥିବାରୁ ଲକ୍ଷ୍ମୀସାଗର ହାଇସ୍କୁଲ ନିକଟରେ ପ୍ରଥମେ ରାସ୍ତା କଡ଼ରେ ପକୁଡି ବିକ୍ରି କରୁଥିବା ଦୋକାନୀଙ୍କୁ ଧକ୍କା ଦେବା ପରେ ପୁଣି ଦ୍ରୁତି ଗତିରେ ଯାଇ ବୁଲେଟ ଚାଳକ ଏବଂ ସାଇକେଲ୍ ଆରୋହୀଙ୍କୁ ଧକ୍କା ଦେଇଥିଲେ।

### ନନ୍ଦନକାନନରେ ଜନ୍ମନେବେ ନୂଆ ଶାବକ

ବାରଙ୍ଗ,୨୭।୧୧(ଡି.ଏନ୍.ଏ.): ପ୍ରାଣୀ ଉଦ୍ୟାନ ନନ୍ଦନକାନନର ଭାଲୁ ସଫାରିରେ ରହୁଥିବା ଦେଶୀ ଭାଲୁ ଲିଜା ଶୁକ୍ରବାର ବିଳମ୍ବିତ ରାତିରେ ଗୋଟିଏ ଶାବକ ଜନ୍ମ ଦେଇଛି। ସେହିପରି ହିମାଳୟ କଳା ମାଈ ଭାଲୁ ମୁନି ଓ ଦେଶୀ ମାଈ ଭାଲୁ ବରବୀ ମା' ହେବାକୁ ଯାଉଛନ୍ତି। ୧୬(ଖ) ଏନ୍‌କ୍ଲୋଜରରେ ରହୁଥିବା ହିମାଳୟ କଳାଭାଲୁ ମୁନି ଓ ୧୬(ଗ)ଏନ୍‌କ୍ଲୋଜରରେ ରହୁଥିବା ଦେଶୀଭାଲୁ ବରବୀ ଗର୍ଭଧାରଣ କରିଥିବା ଜଣାପଡ଼ିବା ପରେ ନନ୍ଦନକାନନ କର୍ତ୍ତୃପକ୍ଷ ଉଭୟଙ୍କ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଉଛନ୍ତି। ଗତ ଅଗଷ୍ଟରେ ଭାଲୁ ମୁନି ସହିତ ଅଣ୍ଡିରା ହିମାଳୟ କଳାଭାଲୁ ବିକ୍ରମର ମିଳନ ହୋଇଥିଲା। ଦେଶୀ ମାଈଭାଲୁ ବରବୀ ସହିତ ଅଣ୍ଡିରା ଦେଶୀଭାଲୁ କବୀରର ମିଳନ ହୋଇଥିଲା। ବିଳାସପୁର 'ଜୁ'ରୁ ୨୦୧୮ରେ ଆସିଥିବା ସିଂହୀ ରେବତୀ ଏବେ ଗର୍ଭଧାରଣ କରିଛି। ଧଳା ବାଘୁଣୀ ରୂପା ଓ ସାଧାରଣ ବାଘ ରାଜେଶର ମିଳନରୁ ରୂପା ଏବେ ଗର୍ଭବତୀ। ସେହିପରି ହାଇଦ୍ରାବାଦରୁ ଆସିଥିବା ଧଳାବାଘ ସାହିଲ ଓ ମୌସୁମୀଙ୍କ ମିଳନରୁ ମୌସୁମୀ ଏବେ ଗର୍ଭବତୀ ଥିବା ଜଣାପଡ଼ିଛି।

### ଚୋରା ବାଇକ୍ ବିକ୍ରି ବେଳେ ୨ ଗିରଫ

ଭୁବନେଶ୍ୱର, ୨୭।୧୧(ବ୍ୟୁରୋ) : ଚୋରା ବାଇକ୍‌କୁ କମ୍ ମୂଲ୍ୟରେ କିଣି ଅଧିକ ଦାମରେ ବିକ୍ରି କରିବାକୁ କରିଥିଲେ ଯୋଜନା । ହେଲେ ବିକ୍ରି ପାଇଁ ଗ୍ରାହକ ଖୋଜୁଥିବା ବେଳେ ପୋଲିସ ହାତରେ ଧରାପଡିଛନ୍ତି ୨ ଯୁବକ । ସେମାନେ ହେଲେ ନୟାପଲ୍ଲୀ ଥାନା ଅଞ୍ଚଳରେ ରହୁଥିବା ଖୋର୍ଦ୍ଧା ଜିଲାର କେଶବ ଜେନା ଓ ପ୍ରଦୀପ ଜେନା। ସେମାନଙ୍କଠାରୁ ୩ଟି ବାଇକ୍ ଜବତ କରାଯାଇଛି। ପୋଲିସ ମାମଲା (୪୪୧/୨୨) ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରିଛି । ପଚରାଉଚରା ବେଳେ ଏହି ଚୋରା ଗାଡି ଜଣେ ଅଚିହ୍ନା ବ୍ୟକ୍ତିଙ୍କଠାରୁ କମ ଦାମରେ ଆଣିଥିଲେ ବୋଲି କହିଛନ୍ତି।

### 'ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବାବାଙ୍କ ଅବଦାନ ଅତୁଳନୀୟ'

ସେଣ୍ଟ ଜାଭିୟର ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୨୭।୧୧: ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ସେଣ୍ଟ ଜାଭିୟର ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକ ଉତ୍ସବ ଆୟୋଜିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କେଇସିଟି ଓ ଏମ୍ଏକ୍ସଇସିଟି ଗ୍ରୁପ୍‌ର ୩୬ତମ ବାର୍ଷିକ ଉତ୍ସବ ସାଙ୍ଗକୁ ସତ୍ୟସାଇ ବାବାଙ୍କର ୯୭ତମ ଜନ୍ମଦିବସ ମଧ୍ୟ ସ୍ଥାନୀୟ ଚନ୍ଦ୍ରଶେଖରପୁରସ୍ଥିତ ରେଳ ଅଡିଟୋରିୟମ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ଡ. ବିଶ୍ୱଭୂଷଣ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ଦୀକ୍ଷାନ୍ତ ଉଦ୍‌ବୋଧନ ସାଙ୍ଗକୁ ସତ୍ୟସାଇ ବାବାଙ୍କ ସମ୍ପର୍କରେ ଅନେକ ଜଣା ଓ ଅଜଣା ବିଷୟରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ସେହିଭଳି ବାବାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସାରା ବିଶ୍ୱର କୋଟି କୋଟି ଭକ୍ତ ଆଜି ତାଙ୍କର ଜନ୍ମଦିନ ପାଳନ କରୁଛନ୍ତି। ଏପରିକି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବାବାଙ୍କର ଅବଦାନ ଅତୁଳନୀୟ ବୋଲି ହରିଚନ୍ଦନ ମତପ୍ରକାଶ କରିଥିଲେ। ଅପରପକ୍ଷରେ ଗ୍ରୁପ୍‌ର ଅଧକ୍ଷ ଡ. ବଦ୍ରିନାଥ ପଟ୍ଟନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ ସାଙ୍ଗକୁ ନୂତନ ଭାବେ ଭାରତରେ ପ୍ରଥମ କରି ଡିଜିଟାଲ ସ୍କୁଲ ସ୍ଥାନୀୟ ଇନ୍‌ଫୋସିସ୍ ନିକଟରେ ଥିବା ଜାଭିୟର ଏଜୁକେଶନାଲ୍ ଗ୍ରୁପ୍‌ର ସମୂହ ଶିକ୍ଷା ଅନୁଷ୍ଠାନ ୨୦୨୩-୨୪ଠାରୁ ନୂତନ ବର୍ଷର ଶିକ୍ଷାଦାନ ବ୍ୟବସ୍ଥା ଆରମ୍ଭ କରାଯିବ। ଏପରିକି ଉକ୍ତ ସ୍କୁଲ ସମାଜରେ ଏକ ଆଦର୍ଶ ସ୍କୁଲ ଭାବେ ପରିଚାଳିତ ହେବ ବୋଲି ବଦ୍ରିନାଥ ମତପ୍ରକାଶ କରିଥିଲେ।

# ଶୈଳବାଳାରୁ ପ୍ରଦୂଷଣମୁକ୍ତ କ୍ୟାମ୍ପସ୍ ବାର୍ତ୍ତା

## ଆଜିଠୁ ପ୍ରତି ସୋମବାର ଗାଡ଼ି ମନା



କଟକ ଅଫିସ,୨୭।୧୧

ନାରୀ ଶିକ୍ଷାର ପ୍ରାଚୀନ ଶିକ୍ଷାନୁଷ୍ଠାନ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ଏକ ଅଭିନବ ଢଙ୍ଗରେ ପ୍ରଦୂଷଣମୁକ୍ତ କ୍ୟାମ୍ପସର ବାର୍ତ୍ତା ଆରମ୍ଭ କରିଛି । ନଭେମ୍ବର ୨୮ ତାରିଖରୁ ଆରମ୍ଭ କରି ପ୍ରତି ସୋମବାର କଲେଜ କ୍ୟାମ୍ପସକୁ ପ୍ରଦୂଷଣମୁକ୍ତ କରାଯିବ। ସେଥିପାଇଁ କେହି ଗାଡ଼ି ନେଇ କଲେଜ ପରିସରକୁ ପ୍ରବେଶ କରିବେ ନାହିଁ। ଏ ନେଇ କଲେଜ ବୈଠକରେ ଆଲୋଚନା ହେବା ପରେ ଗତ ଶନିବାର କଲେଜ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। କଲେଜରେ ପଢୁଥିବା ପାଖାପାଖି ୩,୫୦୦ ଛାତ୍ରୀ, ୮୦ ଅଧ୍ୟାପିକା ଅଧ୍ୟାପକଙ୍କ ସହ ୭୦ କର୍ମଚାରୀ ଏହି ନିୟମକୁ ପ୍ରଥମଥର ପାଇଁ ସୋମବାରଠାରୁ ପାଳନ କରିବେ । ଏଭଳି ନିଆରା ପ୍ରୟାସ ଉକ୍ତ ଶିକ୍ଷାନୁଷ୍ଠାନକୁ ନିଶ୍ଚିତ ଭାବେ ପ୍ରଶଂସା ସାଉଁଟିବାରେ ସହାୟକ ହେବ ବୋଲି ମତପ୍ରକାଶ ପାଇଛି।



"ମୁଖ୍ୟତଃ କ୍ୟାମ୍ପସକୁ ପ୍ରଦୂଷଣମୁକ୍ତ କରିବାକୁ ଲକ୍ଷ୍ୟ ରଖିଛୁ। ସମସ୍ତ ଛାତ୍ରୀ, ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନଙ୍କୁ କୁହାଯାଇଛି ପ୍ରତି ସୋମବାର ଗାଡ଼ି ନେଇ କଲେଜ ଆସିବେ ନାହିଁ। ଏହାଦ୍ୱାରା ପରିବେଶ ସୁରକ୍ଷାରେ ଆମର ଯୋଗଦାନ ରହିବା ସହ ପେଟ୍ରୋଲ ସଞ୍ଚୟ ହୋଇପାରିବ। ଏହା ମାଧ୍ୟମରେ ଅନ୍ୟ ଶିକ୍ଷାନୁଷ୍ଠାନକୁ ମଧ୍ୟ ଆମ କଲେଜ ପ୍ରଦୂଷଣମୁକ୍ତ କ୍ୟାମ୍ପସ୍‌ର ବାର୍ତ୍ତା ଦେବ।

-ପ୍ରଫେସର ଡ. ଗାୟତ୍ରୀ ବିଶ୍ୱାଳ, ଅଧକ୍ଷା



"ଦୈନନ୍ଦିନ ସହରର ପ୍ରଦୂଷଣ ଭିତରେ ଯିବାଆସିବା କରିବାକୁ ପଡୁଛି। ଆଧୁନିକତାର ଅଗ୍ରଗତି ସହ ତାଳ ଦେଇ ମଣିଷ ପ୍ରକୃତି ଉପରେ କରୁଥିବା ଅତ୍ୟାଚାରର ପରିଣାମ ଆମକୁ ଭୋଗିବାକୁ ପଡୁଛି। ସେ ଦୃଷ୍ଟିରୁ ଆମ କଲେଜ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଅତ୍ୟନ୍ତ ସ୍ୱାଗତଯୋଗ୍ୟ। ସପ୍ତାହରେ ଗୋଟିଏ ଦିନ ସୋମବାର ମୁଁ ସାଇକେଲରେ କଲେଜ ଆସିବି। ଏହାଦ୍ୱାରା ଆମ କଲେଜ କ୍ୟାମ୍ପସ ସବୁଜ, ସୁନ୍ଦର ଓ ପ୍ରଦୂଷଣମୁକ୍ତ ହୋଇପାରିବ।

-ତନୁଶ୍ରୀ ଜେନା, ଛାତ୍ରୀ, ଯୁକ୍ତ ୩ ଦ୍ୱିତୀୟ ବର୍ଷ



"ପ୍ରତି ସୋମବାର ସମସ୍ତଙ୍କୁ କଲେଜ ପରିସରକୁ ଗାଡି ଆଣିବାକୁ ବାରଣ କରାଯାଇଛି। ସେମାନେ ପବ୍ଲିକ ଟ୍ରାନ୍ସପୋର୍ଟରେ ଆସିବେ। କ୍ୟାମ୍ପସ୍ ଭିତରକୁ କେବଳ ସାଇକେଲ ପ୍ରବେଶ ପାଇଁ ଅନୁମତି ଦିଆଯାଇଛି। ପ୍ରଦୂଷଣ ମୁକ୍ତ କ୍ୟାମ୍ପସ ପାଇଁ ଏଭଳି ପଦକ୍ଷେପ ନେବାକୁ ସର୍ବସମ୍ମତି କ୍ରମେ ସ୍ଥିର ହୋଇଛି।

-ଡ. ଯାମିନୀ ରଞ୍ଜନ ମହାନ୍ତି, ଆଡ୍‌ମିନିଷ୍ଟ୍ରେଟିଭ ବର୍ସାର



"କଲେଜ ପକ୍ଷରୁ ନିଆଯାଇଥିବା ଏଭଳି ପଦକ୍ଷେପକୁ ସ୍ୱାଗତ କରୁଛି। ପ୍ରଥମଥର ପାଇଁ କଟକ ସହରବାସୀ ଓ ଅନ୍ୟ ଶିକ୍ଷାନୁଷ୍ଠାନର ଛାତ୍ରୀମାନଙ୍କୁ ପ୍ରଦୂଷଣମୁକ୍ତର ବାର୍ତ୍ତା ପ୍ରଦାନ କରାଯିବ। ଏଥିରେ ଆମେମାନେ ଶତ ପ୍ରତିଶତ ସହଯୋଗ କରିବୁ। ନିଜ ଗାଡ଼ିକୁ ଘରେ ରଖି ପ୍ରତି ସୋମବାର କଲେଜ ପଢ଼ିବାକୁ ଆସିବୁ।

-ସାଲୋନୀ କର, ଛାତ୍ରୀ, ଯୁକ୍ତ ତିନି ପ୍ରଥମ ବର୍ଷ




ଏମ୍ସ ଭୁବନେଶ୍ୱରରେ ରବିବାର ସର୍ଜିକାଲ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗ ପକ୍ଷରୁ ଅଙ୍ଗଦାନ ସଚେତନତା ନିମନ୍ତେ ବାହାରିଥିବା ୱାକାଥନ୍ ।

## ଅଙ୍ଗଦାନ ସଚେତନତା ନେଇ ଏମ୍ସର ୱାକାଥନ୍

ଭୁବନେଶ୍ୱର,୨୭।୧୧(ବ୍ୟୁରୋ)

ଏମ୍ସ ଭୁବନେଶ୍ୱରରେ ସର୍ଜିକାଲ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗ ପକ୍ଷରୁ ରବିବାର ସକାଳେ ଅଙ୍ଗଦାନ ସଚେତନତା ନିମନ୍ତେ ଏକ ୱାକାଥନ୍ ଅନୁଷ୍ଠିତ ହୋଇଯାଇଛି। ଏହି ୱାକାଥନରେ ହକି ଇଣ୍ଡିଆ ଅଧକ୍ଷ ତଥା ହକି ତାରକା ଦିଲୀପ ତିର୍କୀ ଯୋଗଦେଇ ୱାକାଥନକୁ ଶୁଭାରମ୍ଭ କରିଥିଲେ। ଅଙ୍ଗଦାନ ବର୍ତ୍ତମାନ ସମୟର ବହୁ ଜରୁରୀ ଆବଶ୍ୟକତା। ଏହାକୁ ନେଇ ରହିଥିବା ନାନା ଅନ୍ଧବିଶ୍ୱାସକୁ ଦୂର କରିବାରେ ଏମ୍ସ ଭୁବନେଶ୍ୱର ଛାତ୍ରୀଛାତ୍ର କାର୍ଯ୍ୟ କରିବେ ବୋଲି ଦିଲୀପ ଆହ୍ୱାନ ଦେଇଥିଲେ। ଏହି ୱାକାଥନ୍‌ରେ ପ୍ରାୟ ଏକ ହଜାରରୁ ଅଧିକ ଡାକ୍ତରୀ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ, ଏମ୍ସ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଆଶୁତୋଷ ବିଶ୍ୱାସ, ମେଡିକାଲ ଅଧୀକ୍ଷକ ପ୍ରଫେସର ଏସ୍.ଏନ୍. ମହାନ୍ତି, ଡିନ୍ ଡା. ପି. ଆର୍. ମହାପାତ୍ର, କୁଳସଚିବ ବି. ବି. ମିଶ୍ର, ଡା. ପ୍ରଭାସ ରଞ୍ଜନ ତ୍ରିପାଠୀ, ଡା. ସଞ୍ଜୟ ଗିରି, ଡିଡିଏ ରଶ୍ମି ରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ସରକାରୀ କ୍ଷେତ୍ରରେ ଲିଭର ଟ୍ରାନ୍ସପ୍ଲାଣ୍ଟ ସର୍ଜରୀ ଆରମ୍ଭ କରିଥିବା ପ୍ରଫେସର ଭିନିଏନ୍ଦ୍ର ପାମେଚା ପ୍ରମୁଖ ଅଂଶଗ୍ରହଣ କରି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଏମ୍ସ ଭୁବନେଶ୍ୱର ସର୍ଜିକାଲ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗର ସହକାରୀ ପ୍ରଫେସର ତଥା କାର୍ଯ୍ୟକ୍ରମ ସଂଗଠନ ସମ୍ପାଦକ ଡା. ବ୍ରହ୍ମଦତ୍ତ ପଟ୍ଟନାୟକ ୱାକାଥନ୍‌ର ସଫଳତା ନିମନ୍ତେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

## କିସ୍‌ର ଦୁଇଶାଖା ପରିଦର୍ଶନ କଲେ ଅଚ୍ୟୁତ ସାମନ୍ତ

ଭୁବନେଶ୍ୱର, ୨୭।୧୧(ବ୍ୟୁରୋ)

କିସ୍ ଭୁବନେଶ୍ୱରର ନୂଆ ଶାଖା କିସ୍-ବଲାଙ୍ଗୀର ଓ କିସ୍-ଭବାନୀପାଟଣାକୁ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ପରିଦର୍ଶନ କରିଛନ୍ତି। କେବଳ ଛାତ୍ରୀଙ୍କ ପାଇଁ ଉଭୟ କ୍ୟାମ୍ପସ୍ ଉଦ୍ଦିଷ୍ଟ ହୋଇଥିବାବେଳେ ଏଠାରେ ଚଳିତ ଶିକ୍ଷାବର୍ଷ ଆରମ୍ଭରୁ ଛାତ୍ରୀମାନେ ନାମ ଲେଖାଇଛନ୍ତି। ଶିକ୍ଷାଦାନ ଆରମ୍ଭ ହେବା ପରେ ଡ.ସାମନ୍ତ ଏହି ଦୁଇ କ୍ୟାମ୍ପସର ପରିଦର୍ଶନରେ ଯାଇଥିଲେ। ପ୍ରତିଷ୍ଠାତାଙ୍କୁ ପାଖରେ ପାଇ ଛାତ୍ରୀମାନେ ଖୁସି ଓ ଉତ୍ସାହିତ ହୋଇପଡ଼ିଥିଲେ। ଡ. ସାମନ୍ତ ଉଭୟ କ୍ୟାମ୍ପସ୍ ଓ ହଷ୍ଟେଲ ବୁଲି ଦେଖିବା ସହ ପିଲାଙ୍କ ପାଠପଢ଼ା, ଖାଦ୍ୟପେୟ ଆଦି ବିଷୟରେ ପଚାରି ବୁଝିଥିଲେ। ଏହି ଅବସରରେ ସେ ଛାତ୍ରୀମାନଙ୍କୁ ଖାଦ୍ୟ ପରଷିଥିଲେ। ଆଲୋଚନା ସମୟରେ ସେମାନଙ୍କୁ ଠିକ୍ ସମୟରେ ଖାଦ୍ୟ, ସ୍ୱାସ୍ଥ୍ୟ, କ୍ରୀଡ଼ା ଓ ଶିକ୍ଷାଦାନ କରାଯାଉଥିବା ଛାତ୍ରୀମାନେ ପ୍ରକାଶ କରିଥିଲେ। ଛାତ୍ରୀଙ୍କ ଉପଯୁକ୍ତ ଯତ୍ନ ନେବା ପାଇଁ ଉଭୟ କ୍ୟାମ୍ପସ୍‌ରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ବୁଝାଇଥିଲେ।

ସୂଚନାଯୋଗ୍ୟ, ବଲାଙ୍ଗୀର କ୍ୟାମ୍ପସରେ କେବଳ ବଲାଙ୍ଗୀର ଜିଲାର ଗରିବ ଜନଜାତି ଛାତ୍ରୀ ଓ ଭବାନୀପାଟଣାରେ କେବଳ କଳାହାଣ୍ଡି ଜିଲାର ଗରିବ ଜନଜାତି ଛାତ୍ରୀମାନେ ପଢୁଛନ୍ତି। ପ୍ରଥମ ପର୍ଯ୍ୟାୟରେ ଉଭୟ କ୍ୟାମ୍ପସ୍‌ରେ ୧୨ଶହ ଛାତ୍ରୀ ପଢୁଛନ୍ତି। ସେଠାରୁ ଦଶମ ପରୀକ୍ଷା ଉତ୍ତୀର୍ଣ୍ଣ ହେବା ପରେ ସେମାନେ କିସ୍ ଭୁବନେଶ୍ୱରରେ ଉଚ୍ଚଶିକ୍ଷା ଲାଭ କରିବେ। ଡ. ସାମନ୍ତଙ୍କ ଏହି ପରିଦର୍ଶନ ସମୟରେ ଉଭୟ କ୍ୟାମ୍ପସରେ ସମ୍ପୃକ୍ତ ଜିଲାର ପୁରାତନ କିସ୍ ଛାତ୍ରୀଛାତ୍ର ତାଙ୍କୁ ସାକ୍ଷାତ କରିଥିଲେ। ସେମାନେ କିସ୍‌ରୁ ଶିକ୍ଷା ଲାଭ କରି ବିଭିନ୍ନ କ୍ଷେତ୍ରରେ ଉଚ୍ଚ ପଦପଦବୀରେ ଅଧିଷ୍ଠିତ ହୋଇଥିବା ଜାଣି ସାମନ୍ତ ଖୁସିବ୍ୟକ୍ତ କରିଥିଲେ।




କିସ୍-ବଲାଙ୍ଗୀର ପରିସରରେ କୁନି ପିଲାଙ୍କ ସହ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ।

## ଶିଶୁ ସାହିତ୍ୟ ରଚନାର ଆବଶ୍ୟକତା ରହିଛି

ଭୁବନେଶ୍ୱର,୨୭।୧୧(ବ୍ୟୁରୋ):

ଇଟିକିଲି ମିଟିକିଲି ପକ୍ଷରୁ 'ବାଃ ବାଃ ବାଷଠି...'

ପିଲାଙ୍କ ପାଇଁ ଲେଖିବା ସହଜ କଥା ନୁହେଁ । ପୁଣି ଅଧିକାଂଶ ବୌଦ୍ଧିକ ସାହିତ୍ୟିକ କେବଳ ବଡ଼ମାନଙ୍କ ପାଇଁ ଲେଖନ୍ତି । ଓଡ଼ିଆ ଭାଷାରେ ସାହିତ୍ୟିକମାନେ ଶିଶୁସାହିତ୍ୟ ରଚନା କରିବାର ଆବଶ୍ୟକତା ରହିଛି। ରବିବାର ସୂଚନା ଭବନଠାରେ ପିଲାଙ୍କ ଅନୁଷ୍ଠାନ 'ଇଟିକିଲି ମିଟିକିଲି' ପକ୍ଷରୁ ଆୟୋଜିତ 'ବାଃ ବାଃ ବାଷଠି ହସଖୁସିର ଦିନଟିଏ' କାର୍ଯ୍ୟକ୍ରମରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ଅନୁଷ୍ଠାନ ପକ୍ଷରୁ ରୌପ୍ୟ ଜୟନ୍ତୀ ପାଳନ ସହ ପିଲାଙ୍କ ପାଇଁ ରଚିତ ଅନୁଷ୍ଠାନର ପ୍ରତିଷ୍ଠାତା ଶରତ କୁମାର ନାୟକଙ୍କ ଗପବହି 'ଲୁଣିଆଭୂତ' ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଦାଶ ବେନହୁର, ଔପନ୍ୟାସିକ ଶାନ୍ତନୁ କୁମାର ଆଚାର୍ଯ୍ୟ, କବି ଓ ପ୍ରଶାସକ ପ୍ରଦୀପ କୁମାର ବିଶ୍ୱାଳ, କବି ଓ ଗୀତିକାର ଶରତ କୁମାର ଦାଶ, ଶିକ୍ଷାବିତ ବିଷ୍ଣୁମୋହନ ମହାନ୍ତି ଓ 'ପକ୍ଷୀଘର'ର ସମ୍ପାଦକ ବନୋଜ ତ୍ରିପାଠୀ ପ୍ରମୁଖ ଯୋଗଦାନ କରିଥିଲେ। ପରେ ପିଲାଙ୍କ ଦ୍ୱାରା ଜୀବନଭିତ୍ତିକ ସଙ୍ଗୀତ ପରିବେଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥଲା । ଏହି କାର୍ଯ୍ୟକ୍ରମକୁ ଉପସ୍ଥାପନ କରଥିଲେ ଜେନାମଣି ସଞ୍ଜୀବ କୁମାର। ଅନୁଷ୍ଠାନର ଉପସଭାପତି ଚିତ୍ତ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ସାଂସ୍କୃତିକ ସମ୍ପାଦିକା ଅନିତା ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ । ସହସଚିବ ଜୟପ୍ରକାଶ ମିଶ୍ର ଧନ୍ୟବାଦ ଦେଇଥିଲେ।

## ଏକାମ୍ରରେ ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ

ପୁରୁଣା ଭୁବନେଶ୍ୱର, ୨୭।୧୧(ଡି.ଏନ୍.ଏ.):

ଏକାମ୍ର ନିର୍ବାଚନମଣ୍ଡଳୀରେ ରବିବାର ବିଭିନ୍ନ ପ୍ରକଳ୍ପର ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଶିଳାନ୍ୟାସ ଏବଂ ଉଦ୍‌ଘାଟନ କରିଛନ୍ତି। ବିଧାୟକ ଆଞ୍ଚଳିକ ଉନ୍ନୟନ ପାଣ୍ଠିରୁ ୱାର୍ଡ ନଂ.୬୪ର ଯଦୁପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀଗୃହର ଉଦ୍‌ଘାଟନ, ଇଦ୍‌ଗାର ଉନ୍ନତୀକରଣ, ଢୁମୁଢୁମା ସରକାରୀ ଉଚ୍ଚ ବିଦ୍ୟାଳୟ ମୁଖ୍ୟ ଫାଟକ ଓ ପାଚେରି ନିର୍ମାଣ ସହ ନୂଆସାହି, ମଧୁସୂଦନ ନଗର ଏବଂ ପଞ୍ଚସଖା ନଗର ଗୋଷ୍ଠୀ ଗୃହ ନିର୍ମାଣ କରାଯିବ। ସେହିପରି ୱାର୍ଡ ନଂ.୬୩ର ଜାଗମରା ସିଦ୍ଧେଶ୍ୱର କ୍ଲବ ପାଚେରି ନିର୍ମାଣର ଶିଳାନ୍ୟାସ ସହ ଭୁବନେଶ୍ୱର ମହାନଗର ନିଗମ ଜାଗା ମିଶନ କାର୍ଯ୍ୟକ୍ରମରେ ନୂଆସାହି ବିଜୁ ଆଦର୍ଶ କଲୋନିର ସୌନ୍ଦର୍ଯ୍ୟକରଣ କରାଯିବ। ୱାର୍ଡ ନଂ.୪୯ ଅନ୍ତର୍ଗତ ତପୋବନ ବିଜୁ ଆଦର୍ଶ କଲୋନିର ଡ୍ରେନ୍ ସଫେଇ କାର୍ଯ୍ୟକୁ ମନ୍ତ୍ରୀ ପଣ୍ଡା ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଡେପୁଟି ମେୟର ମଞ୍ଜୁଲତା କହଁର, କର୍ପୋରେଟର ସକିବା ମୁସ୍‌ରତ, ସଞ୍ଜୁକ୍ତା ସୁନ୍ଦରାୟ, କିରଣ ମାଝୀ, ଦୀପକ ମିଶ୍ର, ଜୋନାଲ ଡେପୁଟି କମିଶନର ରବି ନାରାୟଣ ଜେଠି, ପୂର୍ବତନ କର୍ପୋରେଟର ରୁନୁ ଜେନା, ଅଶ୍ୱିନୀ ସୁନ୍ଦରାୟ, ଦିଲୀପ ମାଝୀ, ମୁଜାହିଦ ହୁସେନ, ରାଜେଶ ପାତ୍ର, ଲୋକନାଥ ପାତ୍ର, ବର୍କତ ଗୁଲା, ଶୟଦ ଜକାବୁର ରହମାନ, ଦୀନବନ୍ଧୁ ପରିଡ଼ା, ହାଡ଼ିବନ୍ଧୁ ଦାସ, ଅନୁପ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେବି ଫ୍ରେଣ୍ଡ୍‌ସ ପକ୍ଷରୁ ଆନ୍ତଃ ମହାବିଦ୍ୟାଳୟ କୁଇଜ୍ ପ୍ରତିଯୋଗିତା

ଭୁବନେଶ୍ୱର,୨୭।୧୧(ବ୍ୟୁରୋ)

ବିଜେବି କଲେଜ ପୁରାତନ ଛାତ୍ର ସଂଘ 'ବିଜେବି ଫ୍ରେଣ୍ଡସ' ପକ୍ଷରୁ ଆନ୍ତଃ ମହାବିଦ୍ୟାଳୟ କୁଇଜ୍ ପ୍ରତିଯୋଗିତା ଗୀତ ଗୋବିନ୍ଦ ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟରୁ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ଉତ୍କଳ ବିଶ୍ୱବିଦ୍ୟାଳୟ ଆଇନ କଲେଜର ଶିବାନୀ ଦାସ ଓ ପ୍ରତିଷ୍ଠା ବରିସାଲ ପ୍ରଥମ, କିଟ୍ ବିଶ୍ୱବିଦ୍ୟାଳୟର ଅନୁରାଗ ସାମନ୍ତରାୟ ଓ ଆଶିଷ ମହାପାତ୍ର ଦ୍ୱିତୀୟ, ବିଜେବି ସ୍ୱୟଂ ଶାସିତ ମହାବିଦ୍ୟାଳୟର ମହେଶ୍ୱର ସେଠୀ ଓ ଆକାଶ ଗରାଡିଆ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଡିସେମ୍ବର ୧୧ରେ ବିଜେବି କଲେଜ ପରିସରରେ ବିଜେବି ଫ୍ରେଣ୍ଡ୍‌ସର ବନ୍ଧୁ ମିଳନ ଉତ୍ସବ ଆୟୋଜିତ ହେବ। ଏହି କୁଇଜ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ବିଜେବି ଆଲୁମନି ଆସୋସିଏଶନ ପକ୍ଷରୁ ଯଥାକ୍ରମେ ୧୫ ହଜାର, ୧୦ ହଜାର ଓ ୫ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ। ପ୍ରତିଯୋଗିତାକୁ କୁଇଜ୍ ମାଷ୍ଟର ମାନସ ନାୟକ ପରିଚାଳନା କରିଥିବାବେଳେ ବିଜେବି ଫ୍ରେଣ୍ଡ୍‌ସ କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ। ସେହିପରି ବିଜେବି ଆଲୁମ୍ନି ସଂଘର ୩୦ତମ ବାର୍ଷିକ ଉତ୍ସବକୁ ଦୃଷ୍ଟିରେ ରଖି ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। ଡିସେମ୍ବର ୪ ପୂର୍ବାହ୍ନ ୧୦ଟାରେ ବିଜେବି ଫ୍ରେଣ୍ଡ୍‌ସ ସଂଘର ସଦସ୍ୟ ଅର୍ଥାତ୍ ପୁରାତନ ଛାତ୍ର ଓ ବିଜେବି କଲେଜର ବର୍ତ୍ତମାନ ଛାତ୍ରଙ୍କ ମଧ୍ୟରେ ଏକ କ୍ରିକେଟ ମ୍ୟାଚ୍‌ର ଆୟୋଜନ ହୋଇଛି। ଏନେଇ ବିଜେବି ଫ୍ରେଣ୍ଡ୍‌ସ ପକ୍ଷରୁ ସୂଚନା ଦିଆଯାଇଛି।

## ଡିସେମ୍ବର ୨୬ରୁ ସପ୍ତଶଯ୍ୟା ମହୋତ୍ସବ

ଭୁବନେଶ୍ୱର,୨୭।୧୧(ବ୍ୟୁରୋ)

କଳା, ସଂସ୍କୃତିକୁ ନୂଆ ରୂପରେଖ ଦେବା ସହ ଡିଜାଇନରଙ୍କୁ ଶିଳ୍ପୀଙ୍କ ସହ ସଂଯୋଗ କରାଇବାକୁ ସପ୍ତଶଯ୍ୟା ଫାଉଣ୍ଡେଶନ ପକ୍ଷରୁ ଡିସେମ୍ବର ୨୬ରୁ ଆରମ୍ଭ ହେବ ସପ୍ତଶଯ୍ୟା ମହୋତ୍ସବର ତୃତୀୟ ସଂସ୍କରଣ। ଏହା ୪ଦିନ ଧରି ଡିସେମ୍ବର ୨୯ ତାରିଖ ପର୍ଯ୍ୟନ୍ତ ଢେଙ୍କାନାଳ ଜିଲାର ସଡ଼େଇବେରଣା କଳାକୃତି ଗ୍ରାମଠାରେ ଚାଲିବ। ଏ ନେଇ ଶନିବାର ଭୁବନେଶ୍ୱରସ୍ଥିତ ଆଦିବାସୀ ସଂଗ୍ରହାଳୟଠାରେ ଫାଉଣ୍ଡେଶନ ପକ୍ଷରୁ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

ଏହି ମହୋତ୍ସବରେ ସମସ୍ତ ପ୍ରକାରର ହସ୍ତତନ୍ତ୍ର ଏବଂ ସୂକ୍ଷ୍ମ କାରୁକାର୍ଯ୍ୟ ଗୋଟିଏ ସ୍ଥାନରେ ଦେଖିବାକୁ ମିଳିବ। ବିଭିନ୍ନ କ୍ଷେତ୍ରର କୁଶଳୀ କାରିଗର ୧୦ଜଣିଆ ଟିମ୍ ଗଠନ କରି ନୂଆ ତଥା ଭିନ୍ନଧରଣର କାରୁକାର୍ଯ୍ୟପୂର୍ଣ୍ଣ ହସ୍ତତନ୍ତ ସାମଗ୍ରୀ ପ୍ରସ୍ତୁତ କରିଛନ୍ତି। ଚଳିତ ବର୍ଷ ଏହି ଉତ୍ସବରେ ଓଡିଶାର ବିଭିନ୍ନ ପ୍ରକାରର ଧାତୁ ଏବଂ ଅଣଧାତୁ କାରିଗରି ସାମଗ୍ରୀ ଯଥା – ସାଦେଇବେରେନିର ଢୋକ୍ରା, ନୂଆଗାଁର ଢୋକ୍ରା, କରମୂଳର ଧାତୁ ଅଳଙ୍କାର, ଭୁବନର ବେଲ୍ ମେଟାଲ୍, କଟକର ଚାନ୍ଦି ତାରକସି, ଢେଙ୍କାନାଳର ବାଉଁଶ, ବଡଯୋଡର ସବାଇ ଘାସ, କେନ୍ଦୁଝରର ପେପର ମାଚେ, ସୋନପୁରର ଟେରାକୋଟା ଏବଂ ଭୁବନେଶ୍ୱରର ଆପିଲିକ୍ ଆଦିକୁ ଅନ୍ତର୍ଭୁକ୍ତ କରାଯିବ। ଅଂଶଗ୍ରହଣକାରୀମାନେ ଡିଜାଇନର୍ ବା କଳାକାରଙ୍କ ନେତୃତ୍ୱରେ କାର୍ଯ୍ୟ କରି ଗ୍ରାହକଙ୍କ ଚାହିଦା ପୂରଣ କରିବା ନିମନ୍ତେ ନୂତନ ଉତ୍ପାଦ ତିଆରି କରିବେ। ଫାଉଣ୍ଡେଶନର ପ୍ରତିଷ୍ଠାତା ଗାୟତ୍ରୀ ରଥ କହିଛନ୍ତି, ପାରମ୍ପରିକ ହସ୍ତଶିଳ୍ପକୁ ପ୍ରୋତ୍ସାହନ ଦେବା ଏବଂ ସପ୍ତଶଯ୍ୟାର ପ୍ରାକୃତିକ ସୌନ୍ଦର୍ଯ୍ୟ ତଥା ଗ୍ରାମ୍ୟ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ହେଉଛି ଏହି ମହୋତ୍ସବ ଆୟୋଜନର ଅନ୍ୟତମ ଲକ୍ଷ୍ୟ। ଫାଉଣ୍ଡେଶନ ପକ୍ଷରୁ ୨୦୧୯ ଓ ୨୦୨୧ରେ ୨ଟି ସଂସ୍କରଣ ହୋଇସାରିଛି। ଡିଜାଇନର ତଥା ଗବେଷକ ସିଦ୍ଧାର୍ଥ ମହାନ୍ତିଙ୍କ ଦ୍ୱାରା ଚଳିତ ବର୍ଷର ମହୋତ୍ସବ ପରିଚାଳିତ ହେଉଛି। ଏହି ଖବରଦାତା ସମ୍ମିଳନୀରେ ଆଶିଷ ଧୀର, ଜାଗୃତି ଦାସ, ଶାକ୍ସି ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ସପ୍ତଶଯ୍ୟା ଫାଉଣ୍ଡେଶନର ସଦସ୍ୟମାନେ ମହୋତ୍ସବ ସମ୍ପର୍କରେ ସୂଚନା ଦେଉଛନ୍ତି।

## ଦେଶୀ ମଦ ଜବତ, ମହିଳା ଗିରଫ

ଭୁବନେଶ୍ୱର, ୨୭।୧୧(ବ୍ୟୁରୋ):

କ୍ୟାପିଟାଲ ଥାନା ପୋଲିସ ଦେଶୀ ମଦ ବିକ୍ରି କରୁଥିବା ଅଭିଯୋଗରେ ଜଣେ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେ ହେଲେ କେଦାରପଲ୍ଲୀ ବସ୍ତିରେ ରହୁଥିବା ସୁକାନ୍ତି ଦେଇ। ତାଙ୍କଠାରୁ ୧୨ ଲିଟର ଦେଶୀ ମଦ ଜବତ କରାଯାଇଛି। ସେ ଶିଶୁଭବନ ଛକ ନିକଟରେ ବେଆଇନ ଭାବେ ଦେଶୀ ମଦ ବିକ୍ରି କରୁଥିବା ବେଳେ ପୋଲିସ ଗିରଫ କରିଥିଲା।

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ଭଣ୍ଡାର ସାମଗ୍ରୀ ଯୋଗାଣ ପାଇଁ ଟେଣ୍ଡର ବିଜ୍ଞପ୍ତି**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏନ୍ଆଇଟି/୧୪/୨୨/୪୯, ତାରିଖ: ୨୨।୧୧।୨୦୨୨

ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ ଏକ ଇ-ପ୍ରଣାଳୀର କାର୍ଯ୍ୟାନ୍ୱୟନ କରିଛି। ଭାରତର ରାଷ୍ଟ୍ରପତିଙ୍କ ତରଫରୁ ପ୍ରଧାନ ମୁଖ୍ୟ ସାମଗ୍ରୀ ପରିଚାଳକ, ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ ନିମ୍ନଲିଖିତ ସାମଗ୍ରୀର ଯୋଗାଣ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି। ବିଜ୍ଞାପିତ ଟେଣ୍ଡରଗୁଡ଼ିକ ସଂକ୍ରାନ୍ତ କାରବାର କେବଳ ଇ-ସଂଗ୍ରହଣ ପ୍ରଣାଳୀ ମାଧ୍ୟମରେ କରାଯିବ। କୌଣସି ମାନୁଆଲ ଅଫରକୁ ପ୍ରଶ୍ରୟ ଦିଆଯିବ ନାହିଁ । ଟେଣ୍ଡରଗୁଡ଼ିକୁ ଲିଙ୍କ୍ www.ireps.gov.in ଅଧୀନରେ ଦେଖାଯାଇପାରିବ।

| କ୍ର. ସଂ. | ଟେଣ୍ଡର ନଂ. | ସଂକ୍ଷିପ୍ତ ବର୍ଣ୍ଣନା | ଟେଣ୍ଡର ସମାପ୍ତି/ ଖୋଲାଯିବା ତାରିଖ | ପରିମାଣ |
|---|---|---|---|---|
| ୧. | ୦୨୨୨୪୦୮୫ଏ | ସବୁ ପ୍ରକାର ୩ ଫେଜ୍ ଲୋକୋ ପାଇଁ ଇଲାଷ୍ଟୋମେଟ୍ରିକ ସିଲିଂ ରବର୍ ସେଟ୍ | ୦୭।୧୨।୨୦୨୨ | ୧୮୮ ସେଟ୍ |
| ୨. | ୦୨୨୨୧୭୮୪ଏ | ଡବ୍ଲ୍ୟୁଏଜିୟୁ (ନୂଆ) ଲୋକୋ ପାଇଁ ୨୧ ଦନ୍ତବିଶିଷ୍ଟ ଶାଫ୍ଟ ପିନିୟନ୍ | ୧୨।୧୨।୨୦୨୨ | ୬୦ ଗୋଟି |
| ୩. | ୦୨୨୨୧୬୦୨ଏ | ମେଟାଲାଇଜ୍‌ଡ କାର୍ବନ୍ ଷ୍ଟ୍ରିପ୍ | ୧୫।୧୨।୨୦୨୨ | ୭୦୦ ସେଟ୍ |
| ୪. | ୦୪୨୨୨୩୯୧ଏ | ୪.୫ କେଡବ୍ଲ୍ୟୁ ଅଲ୍ଟରନେଟର ପାଇଁ ବୈଦ୍ୟୁତିକ ରେକ୍ଟିଫାଏର୍ ତଥା ରେଗୁଲେଟିଂ ୟୁନିଟ୍ | ୧୬।୧୨।୨୦୨୨ | ୪୪ ଗୋଟି |
| ୫. | ୦୩୨୨୧୪୯୫ଏ | ଇଏମ୍ ପ୍ୟାଡ୍ | ୧୭।୧୨।୨୦୨୨ | ୧୦୪୬୨୭ ଗୋଟି |
| ୬. | ୦୨୨୨୧୭୨୫ଏ | ମୋଡିଫାଏଡ୍ ସିଙ୍ଗଲ୍ ଡକ୍ଟ ଲେଦର୍ ବେଲୋ | ୧୯।୧୨।୨୦୨୨ | ୩୨୦ ଗୋଟି |
| ୭. | ୦୪୨୨୧୧୯୬ଏ | କମ୍ପର୍ ଓ୍ୱାର୍ ପାଇଁ ଆନିଲ୍‌ଡ ଷ୍ଟ୍ରାଣ୍ଡେଡ୍ କପର୍ କଣ୍ଡକ୍ଟର | ୧୯।୧୨।୨୦୨୨ | ୪୬୫୦ କି.ଗ୍ରା. |

ଟେଣ୍ଡର ସମାପ୍ତି/ଖୋଲାଯିବାର ସମୟ: ୧୦.୩୦ ଘଟିକାରେ

ଟେଣ୍ଡରଗୁଡ଼ିକ ପାଇଁ କୌଣସି ଶୁଦ୍ଧିପତ୍ର ଜାରି କରିବାର ଅଧିକାର ରେଳପଥ ସଂରକ୍ଷିତ ରଖିଛି। ଶୁଦ୍ଧିପତ୍ର ଏବଂ ବିକ୍ରେତାମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନୋଟିସ ଲିଙ୍କ୍ www.ireps.gov.inରେ ଦେଖାଯାଇପାରିବ।

CPR/10/337 ପ୍ରଧାନ ମୁଖ୍ୟ ସାମଗ୍ରୀ ପରିଚାଳକ/ବିଳାସପୁରଙ୍କ ପାଇଁ

South East Central Railway @secrail

**କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ, କଟକ**

ନିମଚଉଡ଼ି, କଟକ - ୭୫୩୦୦୨

ଇ-ମେଲ୍ ଠିକଣା : ccbho@cuttackccb.co.in

ଚାଷ ଓ ଚାଷୀର ସେବାରେ ଉତ୍ସର୍ଗିକୃତ କେନ୍ଦ୍ର ସମବାୟ ବ୍ୟାଙ୍କ

୧. ଜମି ପରିମାଣ ଅନୁଯାୟୀ ବିନା ସୁଧରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କୃଷି ଋଣ ସହାୟତା ।
୨. ସବ୍‌ସିଡି ଯୁକ୍ତ ବିଭିନ୍ନ ମଧ୍ୟମ ତଥା ଦୀର୍ଘକାଳୀନ କୃଷି ଆନୁସଙ୍ଗିକ ଋଣ ଉପଲବ୍ଧ ।
୩. ସ୍ୱୟଂ ସହାୟକ ଗୋଷ୍ଠୀ, ଜେଏଲଜି ଏବଂ ବଳରାମ ଯୋଜନାରେ ଭୂମିହୀନ ଚାଷୀଙ୍କୁ ଋଣ ପ୍ରଦାନ ।
୪. ହସ୍ତତନ୍ତ ବୁଣାକାର ମାନଙ୍କୁ ବଳିଆ ଯୋଜନାରେ ୫୦୦୦୦ ଟଙ୍କା ପର୍ଯ୍ୟନ୍ତ ଋଣ ସୁବିଧା ଓ ଯଥା ସମୟରେ ଋଣ ପରିଶୋଧ କଲେ ସୁଧ ରିହାତି ।
୫. ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ସହାୟତା ଓ ଯଥା ସମୟରେ ଋଣ ପରିଶୋଧ କଲେ ସମ୍ପୂର୍ଣ୍ଣ ସୁଧ ରିହାତି ।
୬. ପିଏଆଇଏସ୍ ଯୋଜନାରେ ଉପଯୁକ୍ତ ଦେୟ ପଇଠ କରି ୧ ଲକ୍ଷ ଟଙ୍କାର ବୀମା ସୁବିଧା ।

ଶ୍ରୀଯୁକ୍ତ ପ୍ରଭାତ ଚନ୍ଦ୍ର କାନୁନଗୋ, ସଭାପତି
ଶ୍ରୀ ଅଶୋକ କୁମାର ଦାଶ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

ସବିଶେଷ ବିବରଣୀ ପାଇଁ ନିକଟସ୍ଥ ବ୍ୟାଙ୍କ ଶାଖା ଏବଂ କୃଷି ସେବା ସମବାୟ ସମିତି ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ ।

## ସ୍ୱାସ୍ଥ୍ୟ ସଚେତନତା ଶିବିର

ବେଗୁନିଆ,(ଡି.ଏନ୍.ଏ.): ବେଗୁନିଆ ସଦର ମହକୁମାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର(ନିଯୁ) ପରିସରରେ ରବିବାର ମାଗଣା ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବେଗୁନିଆ ଗ୍ରାମ୍ୟ କମିଟି ଓ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ପକ୍ଷରୁ ଆୟୋଜିତ ଶିବିରରେ ୧୦୦ରୁ ଊର୍ଦ୍ଧ୍ୱ ରୋଗୀ ପଞ୍ଜୀକରଣ କରିଥିଲେ। ଡା. ସରୋଜ ସାହୁ ଏବଂ ଜନ୍ମେଜୟ ସାହୁ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ରୋଗର କାରଣ ଓ ପ୍ରତିକାର ସମ୍ପର୍କରେ ସଚେତନ କରାଇଥିଲେ। ରୋଗୀଙ୍କୁ ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଔଷଧ ଯୋଗାଇ ଦିଆଯାଇଛି। ଗ୍ରାମ୍ୟ କମିଟି ସଭାପତି ଲାଲା ଦିଲୀପ ରାୟ, ସମ୍ପାଦକ ଭାଗୀରଥି ପରିଡ଼ା, ଦେବାଶିଷ ସାହୁ ଅତିଥିଭାବେ ଯୋଗଦେଇଥିଲେ। ଡା. ରାଜକିଶୋର ପଣ୍ଡାଙ୍କ ପରିଚାଳନାରେ ଅନୁଷ୍ଠିତ ଶିବିରକୁ ୧୯୭୧ ବ୍ୟାଚ୍‌ର ଆଲୁମ୍ନି ସଦସ୍ୟ ସହଯୋଗ କରିଥିଲେ।

## ସଂକ୍ଷେପରେ

### ୫୦ ଗ୍ରାମ ବ୍ରାଉନ୍‌ସୁଗାର ଜବତ, ୨ ଗିରଫ



**ନିରାକାରପୁର,୨୭।୧୧(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଧୀନ ଛଣଗିରି ପଞ୍ଚାୟତ ତାରେଣୀ ଛକରେ ରବିବାର ଟାଙ୍ଗୀ ଅବକାରୀ ବିଭାଗ ଚଢ଼ାଉ କରି ୨ଜଣ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଛଣଗିରି ପାଟଣାସାହିର ପ୍ରଶାନ୍ତ କୁମାର ସାହୁ ଓ ଅରୁଣ କୁମାର ବେହେରା। ତେବେ ପ୍ରଶାନ୍ତଙ୍କ ଠାରୁ ୩୫ ଗ୍ରାମ ଓ ଅରୁଣଙ୍କଠାରୁ ୧୫ ଗ୍ରାମ ବ୍ରାଉନ୍‌ସୁଗାର ଜବତ ହୋଇଛି। ଏନେଇ ଅବକାରୀ ବିଭାଗରେ ଏକ ମାମଲା (ନଂ.୧୧୫/୨୨)ରୁଜୁ ପରେ ଅଭିଯୁକ୍ତଦ୍ୱୟଙ୍କ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଅବକାରୀ ଇନ୍ସପେକ୍ଟର ଆଲୋକ କୁମାର ପ୍ରଧାନ କହିଛନ୍ତି। ଏହି ଚଢ଼ାଉରେ ଏସ୍‌ଆଇ ସୁନିତା ଦଲେଇ, ଏଏସ୍‌ଆଇ ବିଶ୍ୱମ୍ଭର ବିଶ୍ୱାଳ, କନଷ୍ଟେବଲ ରତ୍ନାକର ଜାଲି, ଜିତେନ୍ଦ୍ର ହେମ୍ବ୍ରମ୍, ପୁରୁଷୋତ୍ତମ ପାଇକରାୟ, ଉର୍ମିଷ୍ଠା ସାମନ୍ତସିଂହାର ପ୍ରମୁଖ ସାମିଲ ହୋଇଥିଲେ।

### ୭ମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ: ଯୁବକ ଅଟକ

**ଖୋର୍ଦ୍ଧା ଅଫିସ,୨୭।୧୧:** ଖୋର୍ଦ୍ଧା ଉପକଣ୍ଠ ଅଞ୍ଚଳର ଜଣେ ୭ମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ଆଦର୍ଶ ଥାନା ପୋଲିସ ଏକ ମାମଲା (ନଂ.୬୨୭/୨୨)ରୁଜୁ କରିବା ସହ ଜଣେ ଯୁବକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଛାତ୍ରୀ ଜଣଙ୍କ ଚକୋଲେଟ ପାଇଁ ସମ୍ପୃକ୍ତ ଯୁବକଙ୍କ ଦୋକାନକୁ ଯାଇଥିଲେ। ଏହି ସମୟରେ ଯୁବକ ଜଣଙ୍କ ଜୋର୍‌ଜବରଦସ୍ତ ତାଙ୍କୁ ଭିଡ଼ିନେଇ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି।

### ଉନ୍ନୟନମୂଳକ କାର୍ଯ୍ୟକୁ ନେଇ ବିବାଦ ଘଟଣା: ସରପଞ୍ଚଙ୍କ ଅଭିଯୋଗକୁ ଖଣ୍ଡନ

**ନିରାକାରପୁର,୨୭।୧୧(ଡି.ଏନ୍.ଏ.):** ନିରାକାରପୁର ପଞ୍ଚାୟତ କାର୍ଯ୍ୟାଳୟରେ ଗତ ୨୩ ତାରିଖରେ ମାସିକ ବୈଠକରେ ଉନ୍ନୟନମୂଳକ କାର୍ଯ୍ୟକୁ ନେଇ ବିବାଦ ଦେଖାଦେଇଥିଲା। ସରପଞ୍ଚ, ସମିତିସଭ୍ୟ ଏବଂ ୱାର୍ଡ ସଭ୍ୟାସଭ୍ୟଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିବା ବେଳେ ଏନେଇ ଉଭୟ ପକ୍ଷ ଥାନାରେ ଅଭିଯୋଗ କରିଛନ୍ତି। ସରପଞ୍ଚଙ୍କ ଅଭିଯୋଗକୁ ଭିତ୍ତିକରି ନିରାକାରପୁର ଥାନା ପୋଲିସ ଏକ ମାମଲା (ନଂ.୨୪୮/୨୨)ରୁଜୁ କରିଛି। ସେହିପରି ୱାର୍ଡ ସଭ୍ୟାସଭ୍ୟ ଓ ସମିତି ସଭ୍ୟାଙ୍କ ଅଭିଯୋଗକ୍ରମେ ଏକ ମାମଲା(ନଂ.୨୪୯/୨୨) ରୁଜୁ ହୋଇଛି। ତେବେ ସରପଞ୍ଚ ଏକ ଭିଡିଓ ମାଧ୍ୟମରେ କରିଥିବା ଅଭିଯୋଗ କପୋଳକଳ୍ପିତ ଏବଂ ଘଟଣାର କୌଣସି ସତ୍ୟତା ନାହିଁ ବୋଲି ଶନିବାର ସମିତିସଭ୍ୟ ଓ ୱାର୍ଡସଭ୍ୟମାନେ କରିଥିବା ଖବରଦାତା ସମ୍ମିଳନୀରେ କହିଛନ୍ତି। ଅନ୍ୟପଟେ ଉଭୟ ପକ୍ଷର ଅଭିଯୋଗ ଆଧାରରେ ତଦନ୍ତ ଚାଲିଥିବା ପୋଲିସ କହିଛି।

# ‘ସହରର ବିକାଶ ପାଇଁ ମାଷ୍ଟରପ୍ଲାନ୍ ପ୍ରସ୍ତୁତ ହେଉ’

**ଖୋର୍ଦ୍ଧା ଅଫିସ,୨୭।୧୧**

ଖୋର୍ଦ୍ଧା ସଚେତନ ନାଗରିକ ମଞ୍ଚ ଆନୁକୂଲ୍ୟରେ ସ୍ଥାନୀୟ ବିଡିଏ କଲୋନୀସ୍ଥିତ ଉତ୍ତରାୟଣୀ ମନ୍ଦିର ସମ୍ମୁଖରେ ରବିବାର ‘ଖୋର୍ଦ୍ଧା ବିକାଶରେ ଆମର ଭୂମିକା’ ଶୀର୍ଷକ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ଆବାହକ ଶୋଭନ ଘୋଷଙ୍କ ସଂଯୋଜନାରେ ଆୟୋଜିତ ଏହି ସମ୍ମିଳନୀରେ ପୂର୍ବତନ ପ୍ରଶାସକ ଦେବପ୍ରସାଦ ମଜୁମଦାର ସଭାପତିତ୍ୱ କରିଥିଲେ। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥି ଏବଂ ଆଇନଜୀବୀ ଶକ୍ତିଶଙ୍କର ମିଶ୍ର ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଶତାଧିକ ବରିଷ୍ଠ ବୁଦ୍ଧିଜୀବୀ, ଶିକ୍ଷାବିତ୍, ସାମାଜିକ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ। ଖୋର୍ଦ୍ଧାର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା।

ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ଅଭାବ ରହିଛି। ଡାକ୍ତରଖାନାକୁ ଆସୁଥିବା ରୋଗୀଙ୍କୁ ଚିକିତ୍ସା ସେବା ସୁବିଧା ଯୋଗାଇବା ପରିବର୍ତ୍ତେ ତୁରନ୍ତ ଭୁବନେଶ୍ୱର ପଠାଇ ଦିଆଯାଉଛି। ଏହା ଏକ ରେଫେରାଲ ହସ୍ପିଟାଲ ପାଲଟିଛି।



ସମ୍ମିଳନୀରେ ଯୋଗଦେଇଥିବା ବୁଦ୍ଧିଜୀବୀ ଏବଂ ମହିଳାମାନେ।

### ବିଭିନ୍ନ ଦାବି ନେଇ ଏମ୍‌ପିଙ୍କ ଦୃଷ୍ଟି ଆକର୍ଷଣ କଲେ ବୁଦ୍ଧିଜୀବୀ

ଡାକ୍ତରଖାନାରେ ରୋଗୀ ଉତ୍ତମ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ମେଡିକାଲ ଠାରୁ ରକ୍ତଭଣ୍ଡାର ୨କିମି ଦୂର ସିଡିଏମ୍‌ଓ ଅଫିସ ପରିସରରେ ରହିଛି। ଏହାକୁ ମେଡିକାଲ ପରିସରକୁ ଅଣାଯିବାକୁ ଦାବି ହୋଇଛି। ଜରୁରିକାଳୀନ ଚିକିତ୍ସା ଲାଗି ସ୍ୱତନ୍ତ୍ର ୱାର୍ଡ, ଟ୍ରମାକେୟାରକୁ କାର୍ଯ୍ୟକ୍ଷମ, ଘରୋଇ ଆମ୍ବୁଲାନ୍ସ ଦୌରାତ୍ମ୍ୟ ବନ୍ଦ ଲାଗି ଏକାଧିକ ବୁଦ୍ଧିଜୀବୀ ସ୍ୱର ଉଠାଇଥିଲେ। ଏଥିସହିତ ସହରର ପରିମଳ, ଡ୍ରେନେଜ ବ୍ୟବସ୍ଥା, ଷ୍ଟ୍ରିଟଲାଇଟ, ରାସ୍ତାଘାଟ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହାର ମରାମତି ସହ ମୁକୁଲା ଡ୍ରେନ ଉପରେ ସ୍ଲାବ ପକାଯାଉ। ବରୁଣେଇ ଓ ଗଡ଼ଖୋର୍ଦ୍ଧା ଭଳି ଐତିହ୍ୟ ସ୍ଥାନର ପୁନରୁଦ୍ଧାର କରାଯାଉ। ସହରରେ ଶୌଚାଳୟ ନାହିଁ। ଫଳରେ ବାହାରୁ ଆସୁଥିବା ଯାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଶୌଚାଳୟ ବ୍ୟବସ୍ଥା କରାଯାଉ। ଖୋର୍ଦ୍ଧା ବସ୍‌ଷ୍ଟାଣ୍ଡ କୋଠା ଜରାଜୀର୍ଣ୍ଣ ହୋଇପଡିଛି। ଏକ ଅତ୍ୟାଧୁନିକ ବସଷ୍ଟାଣ୍ଡ, ଯାତ୍ରୀ ବିଶ୍ରାମାଗାର ନିର୍ମାଣ କରାଯାଉ। ଟ୍ରାଫିକ ଓ କ୍ୟାବିନ ସମସ୍ୟା ଦୂର ଲାଗି ପଦକ୍ଷେ ନିଆଯାଉ। ସହରର ଏକ ମାଷ୍ଟରପ୍ଲାନ, ପ୍ରବେଶ ପଥରେ ଆକର୍ଷଣୀୟ ତୋରଣ, ପର୍ଯ୍ୟଟନ ସ୍ଥଳ, ମଠ, ମନ୍ଦିର ବିକାଶ, ସହରର ସୌନ୍ଦର୍ଯ୍ୟକରଣ ଲାଗି ବୁଦ୍ଧିଜୀବୀମାନେ ଦାବି ଉଠାଇ ଏମ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ସ୍ମାରକପତ୍ର ଦେଇଥିଲେ। ଏମ୍‌ପି ଷଡ଼ଙ୍ଗୀ ଉତରାୟଣୀ ମନ୍ଦିର ପରିଦର୍ଶନ ସହ ମନ୍ଦିର ଉନ୍ନତୀକରଣ ଲାଗି ଏମ୍‌ପି ଫଣ୍ଡରୁ ୨ଲକ୍ଷ ଟଙ୍କା ଅନୁଦାନ ଘୋଷଣା କରିଥିଲେ। ମେଡିକାଲ ସମସ୍ୟା ଦୂର ଲାଗି ଆଗାମୀ ରୋଗୀ କଲ୍ୟାଣ ସମିତି ବୈଠକରେ ଆଲୋଚନା କରିବେ। ସହରର ବିକାଶ ପାଇଁ ପୌର ପରିଷଦ ଏବଂ ପ୍ରଶାସନ ସହ ଆଲୋଚନା କରାଯିବ। ସମସ୍ୟା ସମାଧାନ ଲାଗି ନିଜ ସ୍ତରରେ ଏବଂ ଗୋଷ୍ଠୀଗତ ଭାବେ ସ୍ୱର ଉଠାନ୍ତୁ। ପରସ୍ପର ମଧ୍ୟରେ ସମନ୍ୱୟ ରହିଲେ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ ବୋଲି ସେ କହିଥିଲେ। ବୁଦ୍ଧିଜୀବୀଙ୍କ ମହଲରୁ ଆସୁଥିବା ବିଭିନ୍ନ ପ୍ରସଙ୍ଗକୁ ତ୍ୱରାନ୍ୱିତ ଲାଗି ଶକ୍ତିଶଙ୍କର ମିଶ୍ର, ଶୋଭନ ଘୋଷ, ଦେବପ୍ରସାଦ ମଜୁମଦାର, ନିକୁଞ୍ଜ ପଟ୍ଟନାୟକ ପ୍ରମୁଖ ମନିଟରିଂ କରି ଏମ୍‌ପିଙ୍କ ସହ ଯୋଗାଯୋଗ ରଖିବେ। ଶୋଭନ ଘୋଷ, ନିକୁଞ୍ଜ ପଟ୍ଟନାୟକ ଏବଂ ରଶ୍ମିରଞ୍ଜନ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

# ପକ୍ଷୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ଏବଂ ଅନ୍ୟମାନେ।

**ଟାଙ୍ଗୀ(ଖୋର୍ଦ୍ଧା), ୨୭।୧୧ (ଡି.ଏନ୍.ଏ.)**

ଶୀତଋତୁରେ ଚିଲିକାକୁ ବିଦେଶାଗତ ପକ୍ଷୀଙ୍କ ଆଗମନ ହୋଇଥାଏ। ତେବେ ପକ୍ଷୀଙ୍କ ସୁରକ୍ଷା ପାଇଁ ମଙ୍ଗଳାଯୋଡି ଗ୍ରାମର ଚିଲିକା କୂଳ ଜେଟି ନିକଟରେ ପ୍ରେରଣା ଇଣ୍ଟରନ୍ୟାଶନାଲ ଗ୍ରୀନ ଆର୍ମି ପକ୍ଷରୁ ମାସ୍କଟ ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ବିଧାୟକ ଡ.ଦିଲୀପ ଶ୍ରୀଚନ୍ଦନ, ପୂର୍ବତନ ମନ୍ତ୍ରୀ ଦେବେନ୍ଦ୍ର ମାନସିଂହ, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ସାମାଜି କର୍ମୀ ପ୍ରକାଶ କୁମାର ଶ୍ରୀଚନ୍ଦନ, ଖୋର୍ଦ୍ଧା ଜିଲା ପରିଷଦର ପୂର୍ବତନ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ଟାଙ୍ଗୀ ବ୍ଲକ ଚେୟାରମ୍ୟାନ ରିସ୍ମା ମାନ୍ଧାତାଙ୍କ ସମେତ ସିନେ କଳାକାର ସାମିଲ ହୋଇଥିଲେ। ପକ୍ଷୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏପରିକି ସାଇକେଲ ଶୋଭାଯାତ୍ରା ସହ ପଦଯାତ୍ରା କରାଯାଇ ପକ୍ଷୀ ସୁରକ୍ଷା ପାଇଁ ପ୍ରେରଣା ଇଣ୍ଟରନ୍ୟାଶନାଲ ଗ୍ରୀନ ଆର୍ମି ପକ୍ଷରୁ ଜନ ସଚେତନତା ସୃଷ୍ଟି କରାଯାଇଥିଲା। ଚିଲିକାକୁ ଆସୁଥିବା ବିଦେଶୀ ପକ୍ଷୀଙ୍କ ସୁରକ୍ଷା ପାଇଁ ଏକ ସଚେତନତାମୂଳକ ସଙ୍ଗୀତ କଣ୍ଠଶିଳ୍ପୀ ଜୟଶ୍ରୀ ଧଳ ପରିବେଷଣ କରିଥିଲେ।

# ଦେଶ ପ୍ରଗତିରେ କ୍ୟାଡେଟଙ୍କ ପ୍ରମୁଖ ଭୂମିକା ରହିଛି



ନିରାକାରପୁର କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟରେ ଏନ୍‌ସିସି ଦିବସ ପାଳନ କରାଯାଉଛି।

**ଖୋର୍ଦ୍ଧା ଅଫିସ/ନିରାକାରପୁର, ୨୭।୧୧ (ଡି.ଏନ୍.ଏ.)**

ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡ଼ିଆରେ ରବିବାର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନ୍‌ସିସି) ଦିବସ ପାଳିତ ହୋଇଯାଇଛି। ଖୋର୍ଦ୍ଧା ଆଇଆର୍‌ବି ବାଟାଲିୟନ୍‌ର ଦୁର୍ଗପତି ନାରାୟଣ ଦୋରା ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ ସହ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। କଲେଜ ପରିଚାଳନା କମିଟି ସଭାପତି ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଅଧ୍ୟକ୍ଷା ଡ. ଅଜନ୍ତା ଶତପଥୀ, ଲ୍ୟୁଟ୍‌ନାଣ୍ଟ ଅସୀମା ଶତପଥୀ, ଶିକ୍ଷାବିତ ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ଏନ୍‌ସିସି ଅଫିସର ଜ୍ୟୋତିରଞ୍ଜନ ସ୍ୱାଇଁ ଏବଂ ପୂର୍ବତନ ଏସ୍‌ପି ଦେବପ୍ରସାଦ ମଜୁମଦାର ପ୍ରମୁଖ ଅତିଥିଭାବେ ଯୋଗଦେଇ ଦେଶର ପ୍ରଗତିରେ କ୍ୟାଡେଟଙ୍କ ପ୍ରମୁଖ ଭୂମିକା ରହିଛି ବୋଲି କହିଥିଲେ। ସୁବାସ ଚନ୍ଦ୍ର କୁମାର, ଚୌଧୁରୀ ପି.କେ. ଦାସ, ମେଜର ଦୁଷ୍ମନ୍ତ ରାଉତରାୟ, ପି.ସି. ଦାସ, ପ୍ରଫେସର ଶୁଭେନ୍ଦୁ ମହାନ୍ତି, ଏ.ସି. ମହାନ୍ତି ଉପସ୍ଥିତ ଥିଲେ। ପିଏନ୍ କଲେଜ ସମେତ ମହିଳା ମହାବିଦ୍ୟାଳୟ ଓ ବକ୍ସି ଜଗବନ୍ଧୁ ବିଦ୍ୟାଧର ହାଇସ୍କୁଲର ଏନ୍‌ସିସି କ୍ୟାଡେଟ ଯୋଗଦେଇଥିଲେ। କୃତୀ କ୍ୟାଡେଟଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଦୁଇଜଣ ଛାତ୍ରୀ ଚିତ୍ର ମାଧ୍ୟମରେ ଆମେ ଓ ଆମ ଦେଶ ସୁରକ୍ଷିତ ବୋଲି ବାର୍ତ୍ତା ଦେଇଥିଲେ। ସେହିପରି ନିରାକାରପୁର କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟରେ ଏନ୍‌ସିସି ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ସଞ୍ଜୟ ମହାପାତ୍ର ପୌରୋହିତ୍ୟ କରିଥିବା ବେଳେ ଥାନା ଅଧିକାରୀ ଗୀତାଞ୍ଜଳି ନାୟକ ଅତିଥିଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ଏନ୍‌ସିସି ଶିକ୍ଷକ ଲ୍ୟୁଟ୍‌ନାଣ୍ଟ ଲକ୍ଷ୍ମୀପ୍ରିୟା ଚାନ୍ଦ ପରିଚାଳନା କରିଥିବା ବେଳେ ଅଧ୍ୟାପକଜଗଦୀଶ କର, ମୃତ୍ୟୁଞ୍ଜୟ ରଥ, ଶଙ୍କର୍ଷଣ ପ୍ରଧାନ ସହଯୋଗ କରିଥିଲେ।

# ମହାଲକ୍ଷ୍ମୀ ଜନ ଆଶୀର୍ବାଦ ରଥକୁ ସ୍ୱାଗତ ସମ୍ବର୍ଦ୍ଧନା

**ବାଣପୁର/ଗମ୍ଭାରୀମୁଣ୍ଡା,୨୭।୧୧(ଡି.ଏନ୍.ଏ.)**

ଅଖିଳ ଭାରତୀୟ ଅଗ୍ରୱାଲ ସମ୍ମେଳନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଗୋପାଳ ଶରଣ ଗର୍ଗଙ୍କ ନେତୃତ୍ୱରେ ଅଗ୍ରୋହା ଶକ୍ତପୀଠରୁ ଆରମ୍ଭ ହୋଇଥିବା କୁଳଦେବୀ ଆଦ୍ୟ ମହାଲକ୍ଷ୍ମୀ ଜନ ଆଶୀର୍ବାଦ ରଥଯାତ୍ରା ଭାରତବର୍ଷରେ ଜାରି ରହିଛି। ସଙ୍ଗଠନ ପକ୍ଷରୁ ୧୮ଟି ରଥ ସାରା ଦେଶ ଭ୍ରମଣ କରିବା ସହ ପ୍ରତ୍ୟେକ ସ୍ଥାନର ଅଗ୍ରୱାଲ ପରିବାରବର୍ଗଙ୍କ ସହ ସମ୍ପର୍କ ସ୍ଥାପନ କରୁଛି। ଏହି ପରିପ୍ରେକ୍ଷୀରେ ରବିବାର ଏକ ରଥ ଖୋର୍ଦ୍ଧା ଜିଲା ବାଣପୁର ଏନ୍‌ଏସି ବଜାର ସାହିର ଲକ୍ଷ୍ମୀ ମନ୍ଦିର ନିକଟରେ ପହଞ୍ଚିଥିଲା। ବାଣପୁରର ଅଗ୍ରୱାଲ ସମାଜ ପକ୍ଷରୁ ଏହାକୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ମା’ ଲକ୍ଷ୍ମୀଙ୍କ ପ୍ରତିମାଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ବାଣପୁର ସହରର ମାରୱାଡି ସମ୍ପ୍ରଦାୟର ସମସ୍ତ ବ୍ୟକ୍ତିବିଶେଷ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଆଦ୍ୟ ମହାଲକ୍ଷ୍ମୀ ଏବଂ ଅଷ୍ଟଲକ୍ଷ୍ମୀଙ୍କ ଭବ୍ୟ ମନ୍ଦିର ନିର୍ମାଣ ନିମନ୍ତେ ସମସ୍ତ ପରିବାର ଅର୍ଥ ସହଯୋଗ କରିଥିବା ବେଳେ ରଥ ବାଣପୁର ସହର ପରିକ୍ରମା କରିଥିଲା। ଏହା ପରେ ରଥ ବ୍ରହ୍ମପୁର ଅଭିମୁଖେ ଯାତ୍ରା କରିଥିଲା।

# ସିଗ୍‌ମା ପବ୍ଲିକ୍ ସ୍କୁଲରେ ସ୍ପୋର୍ଟସ୍ ମିଟ୍




**ଖୋର୍ଦ୍ଧା ଅଫିସ,୨୭।୧୧**

ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ବିକଶିତ କରିବା ପାଇଁ ସିଗ୍‌ମା ପବ୍ଲିକ୍ ସ୍କୁଲ ପକ୍ଷରୁ ଆୟୋଜିତ ହୋଇଥିଲା ସ୍ପୋର୍ଟସ ମିଟ୍ ଆଣ୍ଡ ଷ୍ଟେମ୍ କାର୍ଯ୍ୟକ୍ରମ। ଗତ ୨୫ ତାରିଖରେ ଖୋର୍ଦ୍ଧା ଷ୍ଟାଡିୟମରେ ଚଳିତ ବର୍ଷର ସ୍ପୋର୍ଟସ ମିଟ୍ କାର୍ଯ୍ୟକ୍ରମକୁ ଖୋର୍ଦ୍ଧା ଏସ୍‌ଡିପିଓ ଦିଲୀପ କୁମାର ଦାସ ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା ଛାତ୍ରୀଛାତ୍ରଙ୍କ ଜୀବନରେ ଏକ ସାଧନା। ସମସ୍ତ ଶିଶୁ କ୍ରୀଡ଼ା ପ୍ରତିଯୋଗିତାରେ ଭାଗନେଇ ଲକ୍ଷ୍ୟ ହାସଲ କରିବା ଉଚିତ ବୋଲି ଦାସ କହିଥିଲେ। ୨୦୦ ମିଟର ଦୌଡ଼, ୧୦୦ ମିଟର ଦୌଡ଼, ବଲ୍ ଫୋପଡ଼ା, ମ୍ୟୁଜିକ୍ ଚେୟାର, ସାଇକେଲ ରେସ୍, ଲମ୍ଫ ଡିଆଁ ସହିତ ଅନେକ କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଉଦ୍‌ଯାପନୀ ଦିବସରେ ଷ୍ଟେମ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ବିଜ୍ଞାନ, ଗଣିତ, ବୈଷୟିକ, ପରିବେଶ ଉପରେ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ବିଭୁ ପ୍ରସାଦ ସାହୁ, ଇତିଶ୍ରୀ ଦାସ ଯୋଗଦେଇ ସମସ୍ତ ପ୍ରକଳ୍ପର ମୂଲ୍ୟାଙ୍କନ କରିବା ସହ ଉତ୍ସାହିତ କରିଥିଲେ। ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ପୂର୍ବତନ ପୌରାଧ୍ୟକ୍ଷା ସଞ୍ଜୁକ୍ତା ସାହୁ, ଉପନଗରପାଳ ସୌର୍ଯ୍ୟରଞ୍ଜନ ମହାନ୍ତି ଅତିଥିଭାବେ ଯୋଗଦେଇ କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କ୍ରୀଡ଼ାବିତ୍‌ଙ୍କୁ ପୁରସ୍କୃତ କରିଥିଲେ। ସ୍କୁଲ ଅଧ୍ୟକ୍ଷା ମମତାଞ୍ଜଳି ପଟ୍ଟନାୟକ ଏବଂ ନିର୍ଦ୍ଦେଶକ ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟଙ୍କ ନିର୍ଦ୍ଦେଶନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବହୁ ଅଭିଭାବକ ଯୋଗଦେଇଥିଲେ।

# ଗୀତିକାର ବିନୋଦିନୀ ଦେବୀଙ୍କୁ ଅକ୍ଷୟ ସଙ୍ଗୀତ ସମ୍ମାନ

**ଖୋର୍ଦ୍ଧା ଅଫିସ,୨୭।୧୧**

ଓଡ଼ିଶା ଅକ୍ଷୟ ମହାନ୍ତି ଫାଉଣ୍ଡେଶନ ଟ୍ରଷ୍ଟ ଆନୁକୂଲ୍ୟରେ ଅକ୍ଷୟ ମହୋତ୍ସବ-୨୦୨୨ ଗୀତାଭବନରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଚୈତନ୍ୟ ପ୍ରସାଦ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପ୍ରଫେସର୍ ଡ. ନାରାୟଣ ରାଓ ମୁଖ୍ୟବକ୍ତା, ପୌରାଧ୍ୟକ୍ଷା କନକଲକ୍ଷ୍ମୀ ମହାନ୍ତି, ପ୍ରକାଶ ଚନ୍ଦ୍ର ସାମନ୍ତରାୟ, ସାମାଜିକ କର୍ମୀ ସଞ୍ଜୟ ପଟ୍ଟନାୟକ, ସ୍ତମ୍ଭକାର ଉମାଶଙ୍କର ପ୍ରସାଦ, ଶିକ୍ଷାବିତ୍ ଜବାହାର୍‌ଲାଲ୍ ସୁବୁଦ୍ଧି, ନାଟ୍ୟ ନିର୍ଦ୍ଦେଶକ ହୃଦାନନ୍ଦ ଚମ୍ପତିରାୟ ଏବଂ ସାହିତ୍ୟିକ ଜ୍ଞାନ ରଞ୍ଜନ ଦାଶ ଅତିଥିଭାବେ ଯୋଗଦେଇଥିଲେ। ଅକ୍ଷୟ ମହାନ୍ତି ଜଣେ ପ୍ରଚଣ୍ଡ ସ୍ୱାଭିମାନୀ, ଅମ୍ଳାନ ପ୍ରତିଭା ଥିଲେ। ସେ ଓଡ଼ିଆ ସଙ୍ଗୀତ ଜଗତର ଅଦ୍ୱିତୀୟ ପ୍ରତିଭା ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ଚଳିତବର୍ଷ ଆକାଶବାଣୀର ପ୍ରଥମ ମହିଳା ଗୀତିକାର ବିନୋଦିନୀ ଦେବୀଙ୍କୁ ‘ଅକ୍ଷୟ ସଙ୍ଗୀତ ସମ୍ମାନ’ ପ୍ରଦାନ କରାଯାଇଛି। ପ୍ରଫେସର୍ ଡ. ନାରାୟଣ ରାଓଙ୍କୁ ‘ଭକ୍ତ ପ୍ରସନ୍ନ ପଟ୍ଟନାୟକ ସମ୍ମାନ’ ଏବଂ କନକଲକ୍ଷ୍ମୀ ମହାନ୍ତି, ଉମାଶଙ୍କର ପ୍ରସାଦ, ଅଭିଷେକ ସିଂହ ସାମନ୍ତଙ୍କୁ ‘ଅକ୍ଷୟ ଗୌରବ ସମ୍ମାନ’ରେ ସମ୍ମାନିତ କରାଯାଇଛି। ଏଥିସହିତ ଆଦି ନାରାୟଣ ଖଣ୍ଡୁଆଳ, ଜବାହାରଲାଲ୍ ସୁବୁଦ୍ଧି, ସୁଜିତ୍ କୁମାର ମିଶ୍ର, କାଶୀନାଥ ରାୟ, ଫୟାଜ୍ ଉଦ୍ଦିନ୍ ଖାଁ, ଆଲାମ୍ ଖାନ୍, କାଳୀ ପ୍ରସୋଦ ଚାଟାର୍ଜୀ ପ୍ରମୁଖଙ୍କୁ ‘ଭଲମଣିଷ’ ସମ୍ମାନରେ ସମ୍ମାନିତ କରାଯାଇଛି। ଭାଗୀରଥି ପାଣିଗ୍ରାହୀ, ବ୍ରହ୍ମଚାରୀ ଦାସ, ପ୍ରଜ୍ଞା ପ୍ରୀତିପର୍ଣ୍ଣା ମେହେର, ଅଭିଲାଷ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅନସୂୟା ବେହେରା ଧନ୍ୟବାଦ ଦେଇଥିଲେ।

# ଦିଲୀପ ଶ୍ରୀଚନ୍ଦନ, ବନୋଜ ତ୍ରିପାଠୀ ସମ୍ବର୍ଦ୍ଧିତ

**ଖୋର୍ଦ୍ଧା ଅଫିସ,୨୭।୧୧**

ଖୋରଧା ସାହିତ୍ୟ ସଂସଦ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ରବିବାର ସଂସଦ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂସଦ ସଭାପତି ପ୍ରାଧ୍ୟାପକ ଗୋପାଳ କୃଷ୍ଣ ଦାସ ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ଶିକ୍ଷାବିତ୍ ତଥା ପ୍ରାଣୀବିଜ୍ଞାନୀ ସନ୍ତୋଷ କୁମାର ନାୟକଙ୍କ ବିୟୋଗରେ ସ୍ମୃତିଚାରଣ ସହ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଖୋରଧା ସାହିତ୍ୟ ସଂସଦର ପୂର୍ବତନ ସଭାପତି ତଥା ପୂର୍ବତନ ବିଧାୟକ ଡ. ଦିଲୀପ ଶ୍ରୀଚନ୍ଦନ ଏବଂ ସାହିତ୍ୟିକ ବନୋଜ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଆସନ୍ତା ଫେବୃୟାରୀ ମାସରେ ସଂସଦର ସିଲ୍‌ଭର ଜୁବିଲି ପାଳନ କରାଯିବ। ଏହି ଅବସରରେ ଓଡ଼ିଶାର ରାଜ୍ୟପାଳ ଗଣେଶୀ ଲାଲ ଏବଂ ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ଅତିଥି ଭାବେ ନିମନ୍ତ୍ରଣ କରାଯିବ ବୋଲି ସଭାରେ ନିଷ୍ପତ୍ତି ନିଆଯାଇଛି। ଏହି ସଭାରେ ସମ୍ପାଦକ ବିଭୁ ପ୍ରସାଦ ହରିଚନ୍ଦନ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ସତ୍ୟବାଦୀ ବଳିଆରସିଂହ, ଜ୍ୟୋତିପ୍ରଭା ପଟ୍ଟନାୟକ, ଡ.ସସ୍ମିତା ପଟ୍ଟନାୟକ, ଡ. ଯୋଗେଶ ରଥ, ବାସୁଦେବ ସାହୁ, ବୈକୁଣ୍ଠନାଥ ରାଜଗୁରୁ, ଅଧିବକ୍ତା ବିଧାନଚନ୍ଦ୍ର ମହାନ୍ତି, ଗାଳ୍ପିକ ତପନ ମହାପାତ୍ର, ବଂଶୀଧର ଦାସ, ଇତିଶ୍ରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସଙ୍ଗଠନ ସମ୍ପାଦକ ରାମଶଙ୍କର ଧନ୍ୟବାଦ ଦେଇଥିଲେ।

# ଉଗ୍ରତାରା ଲାୟନ୍ସକୁ ହରାଇ ଖିଲାମୁଣ୍ଡା ୱାରିଅର ବିଜୟୀ

**ଟାଙ୍ଗୀ(ଖୋର୍ଦ୍ଧା),୨୭।୧୧(ଡି.ଏନ୍.ଏ.)**

### ଚାନ୍ଦପୁର ପ୍ରିମିୟର କ୍ରିକେଟ ଲିଗ୍ ଉଦ୍‌ଘାଟିତ

ସୋସିଆଲ କ୍ଲବ ଆନୁକୂଲ୍ୟରେ ଚାନ୍ଦପୁର ପ୍ରିମିୟର କ୍ରିକେଟ ଲିଗ୍ ଟୁର୍ନାମେଣ୍ଟ ରାମପାଦ ଖେଳପଡିଆରେ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଆୟୋଜକ କ୍ଲବର ସଭାପତି ବିଶ୍ୱଜିତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ସରପଞ୍ଚ ରଞ୍ଜିତା ସେନାପତି, ଅତିଥିଭାବେ ସବଇନ୍ସପେକ୍ଟର ଅଞ୍ଜଳି ଶାହା, ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ନାୟକ, ମାଉଣ୍ଟ ଲିଟେରା ଜି ସ୍କୁଲର ପ୍ରତିଷ୍ଠାତା ଭୀଷ୍ମ ନାରାୟଣ ମହାପାତ୍ର, ସାଇ ୟାମାର ଶୋରୁମ ମାଲିକ ପ୍ରଦୀପ ସାହୁ, ସାମାଜିକ କର୍ମୀ ଦୀପକ ସେନାପତି, ରଶ୍ମିରଞ୍ଜନ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଲିଗ୍‌ରେ ୬ଟି ଦଳ ଖିଲାମୁଣ୍ଡା ୱାରିଅର, ଉଗ୍ରତାରା ଲାୟନ୍ସ, ମହାଶକ୍ତି ୱାରିଅର, ମହାବୀର କ୍ରିକେଟ କ୍ଲବ, ବ୍ଲାକ କ୍ୟାପସ, ମା’ରାମଚଣ୍ଡୀ ୱାରିଅର ଭାଗ ନେଇଛନ୍ତି। ଉଦ୍‌ଘାଟନୀ ମ୍ୟାଚ୍ ଖିଲାମୁଣ୍ଡା ୱାରିଅର ଓ ଉଗ୍ରତାରା ଲାୟନ୍ସ ମଧ୍ୟରେ ହୋଇଥିଲା। ଉଗ୍ରତାରା ଲାୟନ୍ସ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୨୬ ରନ ସଂଗ୍ରହ କରିଥିଲା। ଜବାବରେ ଖିଲାମୁଣ୍ଡା ୱାରିଅର ୧୩ ଓଭରରେ ୪ ଉଇକେଟ ବିନିମୟରେ ୧୨୭ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ମନୋରଞ୍ଜନ ବେହେରା ଓ ଜଗଦୀଶ ପ୍ରଧାନ ମ୍ୟାଚ ପରିଚାଳନା କରିଥିଲେ। ସମ୍ପାଦକ ବିଜୟ କୁମାର ନାୟକ ଏବଂ ସଭ୍ୟମାନେ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଖେଳାଳିଙ୍କ ସହ ଅନ୍ୟମାନେ।

# ‘ପାଇକ ସ୍ମାରକୀ ନିର୍ମାଣ ପାଇଁ ସବୁ ଓଡ଼ିଆ ଏକ ହୁଅନ୍ତୁ’

**ଖୋର୍ଦ୍ଧା ଅଫିସ,୨୭।୧୧**

### କଳିଙ୍ଗ ପାଇକ ସଙ୍ଗଠନର ସାମ୍ବିଧାନିକ ସମ୍ମିଳନୀ

■ ଭୀମସେନ ସଭାପତି, କୃଷ୍ଣଚନ୍ଦ୍ର ସମ୍ପାଦକ

କଳିଙ୍ଗ ପାଇକ ସଙ୍ଗଠନର ସାମ୍ବିଧାନିକ ସମ୍ମିଳନୀ ରବିବାର ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଭୀମସେନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଶିକ୍ଷାବିତ୍ ସତ୍ୟବାଦୀ ବଳିଆରସିଂହ କହିଲେ ଯେ, ଏକଦା କଳିଙ୍ଗ ସାମ୍ରାଜ୍ୟ ଗଙ୍ଗାଠାରୁ ଗୋଦାବରୀ ଯାଏ ପରିବ୍ୟାପ୍ତ ଥିଲା। ଏହି ଭୂଖଣ୍ଡ କେବଳ ଭାରତବର୍ଷ ନୁହେଁ, ସାରା ବିଶ୍ୱରେ ସୁନାମ ଅର୍ଜନ କରିଥିଲା। ସାଧବ ପୁଅମାନେ ବାଣିଜ୍ୟ ବେପାର ପାଇଁ ଜାଭା, ସୁମାତ୍ରା, ବୋର୍ନିଓ ପ୍ରଭୃତି ଅଞ୍ଚଳକୁ ଯାଉଥିଲେ। କଟକରେ ବାଲିଯାତ୍ରା ସମ୍ପର୍କରେ ଜି-୨୦ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ମରଣ କରିବା ଆମ ପାଇଁ ଗୌରବର ବିଷୟ। ସେହିଭଳି ପାଇକ ବିଦ୍ରୋହ ଓଡ଼ିଆ ଜାତିର ଅସ୍ମିତା, ଇତିହାସରେ ଏହାର ସ୍ଥାନ ସ୍ୱତନ୍ତ୍ର। ପ୍ରତ୍ୟେକ ଓଡ଼ିଆ ଏଥିପାଇଁ ଗର୍ବ ଅନୁଭବ କରେ। ସାମାଜିକ କର୍ମୀ ଇଂ. ଶିଶିର କୁମାର ନାୟକ ବରୁଣେଇ ପାଦଦେଶସ୍ଥିତ ପ୍ରସ୍ତାବିତ ପାଇକ ସ୍ମାରକୀ ନିର୍ମାଣ ପାଇଁ ସମସ୍ତ ଓଡ଼ିଆ ଏକାଠି ହେବାକୁ ଆହ୍ୱାନ ଦେଇଥିଲେ। ଏହି ସମ୍ମିଳନୀରେ କଳିଙ୍ଗ ପାଇକ ସଙ୍ଗଠନର ବହୁ ସଦସ୍ୟ ଯୋଗଦେଇ ସଙ୍ଗଠନର କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ, ୨୦୦୧ରେ ଏହି ସଂଗଠନ ପଞ୍ଜୀକୃତ ହୋଇଥିଲା। ପାଇକ ସଂସ୍କୃତି, ପରମ୍ପରାର ସୁରକ୍ଷା ପାଇଁ ଏହା ଉଦ୍ୟମ କରୁଛି। ଏହି ଅବସରରେ କଳିଙ୍ଗ ପାଇକ ସଂଗଠନର ସଭାପତି ଭାବେ ଶିକ୍ଷାବିତ୍ ଭୀମସେନ ପ୍ରଧାନ, କାର୍ଯ୍ୟକାରୀ ସଭାପତି ଭାବେ ମୃତ୍ୟୁଞ୍ଜୟ ଛୋଟରାୟ, ପ୍ରଫୁଲ୍ଲ କୁମାର ସାମନ୍ତରାୟ ଉପସଭାପତି, କୃଷ୍ଣଚନ୍ଦ୍ର ହରିଚନ୍ଦନ ସାଧାରଣ ସମ୍ପାଦକ, ରମଜାନ୍ ଖାଁ ସମ୍ପାଦକ, ଇଂ. ଶିଶିର କୁମାର ନାୟକ ମୁଖ୍ୟ ସଞ୍ଚାଳକ, ସମରେନ୍ଦ୍ର ବଳିଆରସିଂହ କୋଷାଧ୍ୟକ୍ଷ ଏବଂ ରାମନାରାୟଣ ଦାଶ ଗଣମାଧ୍ୟମ ସଂଯୋଜକ ଭାବେ ସର୍ବସମ୍ମତିକ୍ରମେ ମନୋନୀତ ହୋଇଛନ୍ତି। ସେହିପରି ମୁଖ୍ୟ ଉପଦେଷ୍ଟା ଭାବେ ସତ୍ୟବାଦୀ ବଳିଆରସିଂହ ରହିଥିବାବେଳେ ମାର୍ଗଦର୍ଶକ ମଣ୍ଡଳୀ ତଥା କାର୍ଯ୍ୟକାରୀ କମିଟିକୁ ପଦ୍ମନାଭ ବିଶ୍ୱାଳ, ଅମରେନ୍ଦ୍ର ମହାପାତ୍ର, ବଂଶୀଧର ଜଗଦେବ, ଡ. ଦିଲୀପ ଶ୍ରୀଚନ୍ଦନ, ସୁରଥ ବିଶ୍ୱାଳ, ରାମଚନ୍ଦ୍ର ପାଲଟାସିଂହ, ଅବଦୁଲ କଲାମ୍ ଆଜାଦ୍ ପ୍ରମୁଖ ମନୋନୀତ ହୋଇଛନ୍ତି।



ସମ୍ମିଳନୀରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

## କ୍ରିକେଟ ଟୁର୍ନାମେଣ୍ଟ: ଇମେଜ ୧୧ ଭଦ୍ରକ ବିଜୟୀ

ବଡ଼ମ୍ବା,(ଡି.ଏନ.ଏ): ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଶଙ୍ଖମେରୀସ୍ଥିତ ବାପୁଜୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଶଙ୍ଖମେରୀ ପଡିଆରେ ଚାଲିଥିବା ଦ୍ୱିତୀୟ ସର୍ବଭାରତୀୟ ବାପୁଜୀ ପ୍ରିମିଅର ଲିଗ୍‌ର ରବିବାର ଥିଲା ଦ୍ୱିତୀୟ ଦିବସ। ଏହି ମ୍ୟାଚରେ ସମୁଦାୟ ୪ଟି ଦଳ ଯୋଗଦେଇଥିଲେ। ପ୍ରଥମ ମ୍ୟାଚ କେ.ସି.ସି ୟୁନିଟ ୯ ଭୁବନେଶ୍ୱର ଓ ଷ୍ଟାର ୧୧ ବ୍ରହ୍ମପୁର ମଧ୍ୟରେ ହୋଇଥିଲା। ଏଥିରେ ଭୁବନେଶ୍ୱର ଦଳ ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ ବି.ଆର୍‌.ସି.ଟି ଅଭିମାନପୁର (କଟକ) ଓ ଇମେଜ ୧୧ ଭଦ୍ରକ ମଧ୍ୟରେ ହୋଇଥିଲା ବେଳେ ଏଥିରେ ଭଦ୍ରକ ଦଳ ବିଜୟୀ ହୋଇଥିଲା। ପରେ ଭୁବନେଶ୍ୱର ଓ ଭଦ୍ରକ ଦଳ ମଧ୍ୟରେ ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା ଓ ଏଥିରେ ଭଦ୍ରକ ଦଳ ବିଜୟୀ ହୋଇଥିଲା।

# ଶୈଳବାଳାରୁ ପ୍ରଦୂଷଣମୁକ୍ତ କ୍ୟାମ୍ପସ୍ ବାର୍ତ୍ତା

## ଆଜିଠୁ ପ୍ରତି ସୋମବାର ଗାଡ଼ି ମନା




କଟକ ଅଫିସ,୨୭।୧୧

ନାରୀ ଶିକ୍ଷାର ପ୍ରାଚୀନ ଶିକ୍ଷାନୁଷ୍ଠାନ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ ଏକ ଅଭିନବ ଢଙ୍ଗରେ ପ୍ରଦୂଷଣମୁକ୍ତ କ୍ୟାମ୍ପସର ବାର୍ତ୍ତା ଆରମ୍ଭ କରିଛି। ନଭେମ୍ବର ୨୮ ତାରିଖରୁ ଆରମ୍ଭ କରି ପ୍ରତି ସୋମବାର କଲେଜ କ୍ୟାମ୍ପସକୁ ପ୍ରଦୂଷଣମୁକ୍ତ କରାଯିବ। ସେଥିପାଇଁ କେହି ଗାଡ଼ି ନେଇ କଲେଜ ପରିସରକୁ ପ୍ରବେଶ କରିବେ ନାହିଁ। ଏ ନେଇ କଲେଜ ବୈଠକରେ ଆଲୋଚନା ହେବା ପରେ ଗତ ଶନିବାର କଲେଜ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। କଲେଜରେ ପଢୁଥିବା ପାଖାପାଖି ୩,୫୦୦ ଛାତ୍ରୀ, ୮୦ ଅଧ୍ୟାପିକା ଅଧ୍ୟାପକଙ୍କ ସହ ୭୦ କର୍ମଚାରୀ ଏହି ନିୟମକୁ ପ୍ରଥମଥର ପାଇଁ ସୋମବାରଠାରୁ ପାଳନ କରିବେ। ଏଭଳି ନିଆରା ପ୍ରୟାସ ଉକ୍ତ ଶିକ୍ଷାନୁଷ୍ଠାନକୁ ନିଶ୍ଚିତ ଭାବେ ପ୍ରଶଂସା ସାଉଁଟିବାରେ ସହାୟକ ହେବ ବୋଲି ମତପ୍ରକାଶ ପାଇଛି।



"ମୁଖ୍ୟତଃ କ୍ୟାମ୍ପସକୁ ପ୍ରଦୂଷଣମୁକ୍ତ କରିବାକୁ ଲକ୍ଷ୍ୟ ରଖିଛୁ। ସମସ୍ତ ଛାତ୍ରୀ, ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନଙ୍କୁ କୁହାଯାଇଛି ପ୍ରତି ସୋମବାର ଗାଡ଼ି ନେଇ କଲେଜ ଆସିବେ ନାହିଁ। ଏହାଦ୍ୱାରା ପରିବେଶ ସୁରକ୍ଷାରେ ଆମର ଯୋଗଦାନ ରହିବା ସହ ପେଟ୍ରୋଲ ସଞ୍ଚୟ ହୋଇପାରିବ। ଏହା ମାଧ୍ୟମରେ ଅନ୍ୟ ଶିକ୍ଷାନୁଷ୍ଠାନକୁ ମଧ୍ୟ ଆମ କଲେଜ ପ୍ରଦୂଷଣମୁକ୍ତ କ୍ୟାମ୍ପସ୍‌ର ବାର୍ତ୍ତା ଦେବ।

**-ପ୍ରଫେସର ଡ. ଗାୟତ୍ରୀ ବିଶ୍ୱାଳ, ଅଧ୍ୟକ୍ଷା**



"ଦୈନନ୍ଦିନ ସହରର ପ୍ରଦୂଷଣ ଭିତରେ ଯିବାଆସିବା କରିବାକୁ ପଡୁଛି। ଆଧୁନିକତାର ଅଗ୍ରଗତି ସହ ତାଳ ଦେଇ ମଣିଷ ପ୍ରକୃତି ଉପରେ କରୁଥିବା ଅତ୍ୟାଚାରର ପରିଣାମ ଆମକୁ ଭୋଗିବାକୁ ପଡୁଛି। ସେ ଦୃଷ୍ଟିରୁ ଆମ କଲେଜ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଅତ୍ୟନ୍ତ ସ୍ୱାଗତଯୋଗ୍ୟ। ସପ୍ତାହରେ ଗୋଟିଏ ଦିନ ସୋମବାର ମୁଁ ସାଇକେଲରେ କଲେଜ ଆସିବି। ଏହାଦ୍ୱାରା ଆମ କଲେଜ କ୍ୟାମ୍ପସ ସବୁଜ, ସୁନ୍ଦର ଓ ପ୍ରଦୂଷଣମୁକ୍ତ ହୋଇପାରିବ।

**-ତନୁଶ୍ରୀ ଜେନା, ଛାତ୍ରୀ, ଯୁକ୍ତ ୩ ଦ୍ୱିତୀୟ ବର୍ଷ**



"ପ୍ରତି ସୋମବାର ସମସ୍ତଙ୍କୁ କଲେଜ ପରିସରକୁ ଗାଡି ଆଣିବାକୁ ବାରଣ କରାଯାଇଛି। ସେମାନେ ପବ୍ଲିକ ଟ୍ରାନ୍ସପୋର୍ଟରେ ଆସିବେ। କ୍ୟାମ୍ପସ୍ ଭିତରକୁ କେବଳ ସାଇକେଲ ପ୍ରବେଶ ପାଇଁ ଅନୁମତି ଦିଆଯାଇଛି। ପ୍ରଦୂଷଣମୁକ୍ତ କ୍ୟାମ୍ପସ ପାଇଁ ଏଭଳି ପଦକ୍ଷେପ ନେବାକୁ ସର୍ବସମ୍ମତି କ୍ରମେ ସ୍ଥିର ହୋଇଛି।

**-ଡ. ଯାମିନୀ ରଞ୍ଜନ ମହାନ୍ତି, ଆଡ୍‌ମିନିଷ୍ଟ୍ରେଟିଭ ବର୍ସାର**



"କଲେଜ ପକ୍ଷରୁ ନିଆଯାଇଥିବା ଏଭଳି ପଦକ୍ଷେପକୁ ସ୍ୱାଗତ କରୁଛି। ପ୍ରଥମଥର ପାଇଁ କଟକ ସହରବାସୀ ଓ ଅନ୍ୟ ଶିକ୍ଷାନୁଷ୍ଠାନର ଛାତ୍ରୀମାନଙ୍କୁ ପ୍ରଦୂଷଣମୁକ୍ତର ବାର୍ତ୍ତା ପ୍ରଦାନ କରାଯିବ। ଏଥିରେ ଆମେମାନେ ଶତ ପ୍ରତିଶତ ସହଯୋଗ କରିବୁ। ନିଜ ଗାଡ଼ିକୁ ଘରେ ରଖି ପ୍ରତି ସୋମବାର କଲେଜ ପଢ଼ିବାକୁ ଆସିବୁ।

**-ସାଲୋନୀ କର, ଛାତ୍ରୀ, ଯୁକ୍ତ ତିନି ପ୍ରଥମ ବର୍ଷ**

## ସଂକ୍ଷେପରେ

### ଟ୍ରେଲର ଜଳିଗଲା



ମଙ୍ଗୁଳି/ଜଗତପୁର ୨୭।୧୧(ଡି.ଏନ୍.ଏ): ଟାଙ୍ଗୀ ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥ ନିର୍ଗୁଣ୍ଡି ହନୁମାନ ପେଟ୍ରୋଲ ଟାଙ୍କି ଅପରପାର୍ଶ୍ୱରେ ଠିଆ ହୋଇଥିବା ଏକ ଟ୍ରେଲର ଇଞ୍ଜିନରେ ନିଆଁ ଲାଗି କ୍ୟାବିନ ସମ୍ପୂର୍ଣ୍ଣ ଜଳିଯାଇଛି । କେଉଁ କାରଣରୁ ନିଆଁ ଲାଗିଲା ତାହା ଅସ୍ପଷ୍ଟ ରହିଛି। ସୂଚନା ମୁତାବକ, ଚଣ୍ଡିଖୋଲରୁ ଲୁହା ରଡ଼ ନେଇ ଟ୍ରେଲରଟି କଟକ ଯାଉଥିବା ବେଳେ ଡ୍ରାଇଭର ଚା' ପିଇବା ପାଇଁ ଗାଡିକୁ ଠିଆ କରିଥିବା ସମୟରେ ଇଞ୍ଜିନରୁ ନିଆଁ ବାହାରୁଥିବା ଦେଖିବାକୁ ପାଇଥିଲେ। ଡ୍ରାଇଭର ନିଆଁକୁ ଆୟତ୍ତ କରିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ପାରିନଥିଲେ। ଖବର ପାଇ ରାଜପଥ ପୋଲିସ ଏବଂ ଚୌଦ୍ୱାର ଅଗ୍ନିଶମ ବିଭାଗର ଗୋଟିଏ ଗାଡ଼ି ଆସି ନିଆଁକୁ ଆୟତ୍ତ କରିଥିଲା। ଟ୍ରେଲରକୁ ଟାଙ୍ଗୀ ଥାନା ନିଜ ହେପାଜତକୁ ନେଇ ତଦନ୍ତ ଆରମ୍ଭ କରିଛି।

### ରସାୟନ ବିଜ୍ଞାନ ଅଲିମ୍ପିଆଡ୍ ପରୀକ୍ଷା

ବଡମ୍ବା,୨୭।୧୧(ଡି.ଏନ.ଏ): ବଡ଼ମ୍ବାସ୍ଥିତ ମୋହନ ସୁବୁଦ୍ଧି ମହାବିଦ୍ୟାଳୟରେ ଓଡ଼ିଶା କେମିକାଲ ସୋସାଇଟି ତରଫରୁ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗ ସହଯୋଗରେ ରାଜ୍ୟସ୍ତରୀୟ ରସାୟନ ବିଜ୍ଞାନ ଅଲିମ୍ପିଆଡ୍ ପରୀକ୍ଷା ରବିବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପରୀକ୍ଷାରେ ମହାବିଦ୍ୟାଳୟର +୨ ଦ୍ୱିତୀୟ ବର୍ଷ ବିଜ୍ଞାନ ଶ୍ରେଣୀରୁ ୪୯ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଅଧ୍ୟକ୍ଷା ଡ଼. ସୂଚୀସ୍ମିତା ମହାନ୍ତି ଓ ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ଡ. ସୁବାସ ଚନ୍ଦ୍ର ଆସ ପରୀକ୍ଷା ପରିଚାଳନା କରିଥିଲେ। ଅଧ୍ୟାପକ କେଦାର କୁମାର ସାହୁ, ସଞ୍ଜୟ କୁମାର ରାଉତ ସହଯୋଗ କରିଥିଲେ।

### ସ୍ୱେଚ୍ଛାସେବୀ ସଙ୍ଗଠନର ବାର୍ଷିକ ଉତ୍ସବ

କଟକ ସଦର,୨୭।୧୧(ଡି.ଏନ୍.ଏ.): କଟକ ସଦର ବ୍ଲକ ଅନ୍ତର୍ଗତ କିଶୋରନଗରସ୍ଥିତ ସ୍ୱେଚ୍ଛାସେବୀ ସଙ୍ଗଠନ 'ବିପଦର ବନ୍ଧୁ'ର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନ ସଭାପତି ଭୈରବ ଚନ୍ଦ୍ର ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମଚାରୀ ଯଦୁନାଥ ଚୈତନ୍ୟ, ଅନ୍ୟ ଅତିଥିଭାବେ ସ୍ୱାମୀ ଅଦ୍ୱୈତାନନ୍ଦ, ଅଜିତ୍ ମୁଖାର୍ଜୀ, ଅଜୟ ପଟ୍ଟନାୟକ, କିଶୋର ଦାସ, ଭବାନୀ ଶଙ୍କର ରାୟ, ପ୍ରଦୀପ୍ତ ଆଚାର୍ଯ୍ୟ ଯୋଗଦେଇଥିଲେ। ସମ୍ପାଦକ ସୁଧାକର ଦାଶ ବିବରଣୀ ପାଠ ଓ ପ୍ରତାପ ବେହେରା ଧନ୍ୟବାଦ ଦେଇଥିଲେ।

### ଭାଜପାରେ ମିଶିଲେ ବିଜେଡି, କଂଗ୍ରେସ କର୍ମୀ

କଣ୍ଟାପଡା,୨୭।୧୧(ଡି.ଏନ୍.ଏ.): କଣ୍ଟାପଡା ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତ ଭାଜପା ପକ୍ଷରୁ ପଞ୍ଚାୟତ ସ୍ତରୀୟ କାର୍ଯ୍ୟକାରିଣୀ ବୈଠକ ଓ ମିଶ୍ରଣ ପର୍ବ ସ୍ଥାନୀୟ ବଟକୃଷ୍ଣ ମଣ୍ଡପଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଗୋବିନ୍ଦପୁର ଭାଜପା ମଣ୍ଡଳ ସଭାପତି ବାବୁଲି ଚରଣ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କଣ୍ଟାପଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ଜିନା ଭୋଇ, ଉପାଧ୍ୟକ୍ଷ ଯତୀନ୍ଦ୍ର ବରାଳ, କଟକ ସଦର ଜିଲା ଭାଜପା ସମ୍ପାଦକ ଲଲାଟେନ୍ଦୁ ପ୍ରସାଦ ଦାଶ, ଜିଲା ଓବିସି ମୋର୍ଚ୍ଚା ସମ୍ପାଦକ ପ୍ରତାପ ଚନ୍ଦ୍ର ସ୍ୱାଇଁ, ଜିଲା ଅନୁସୂଚିତ ଜାତି ମୋର୍ଚ୍ଚା ଉପସଭାପତି ପ୍ରଶାନ୍ତ ବେହେରା, ଭାଜପା ନେତା ଛବି ମଲ୍ଲିକ, ବନ୍ଧୁଚରଣ ସାହୁ ପ୍ରମୁଖ ଯୋଗଦେଇ ଆଗାମୀ ଦିନରେ ପଞ୍ଚାୟତରେ ଦଳୀୟ ସଙ୍ଗଠନକୁ ମଜଭୁତ କରିବା ପାଇଁ ଆଲୋଚନା କରିଥିଲେ। ପଞ୍ଚାୟତ ଶକ୍ତିକେନ୍ଦ୍ରର ସଭାପତି ଭାବେ ରବିନାରାୟଣ ମହାପାତ୍ର, ସମ୍ପାଦକ ବିକ୍ରମ ଭୋଇଙ୍କ ସମେତ ଅନ୍ୟ କାର୍ଯ୍ୟକର୍ତ୍ତାଙ୍କ ନାମ ଘୋଷଣା କରାଯାଇଥିଲା। ଭବାନୀ ଶଙ୍କର ପ୍ରଧାନ, ବିଭୂତି ଭୂଷଣ ସ୍ୱାଇଁ, ଶଙ୍କର ଦାଶ, ଲଲାଟେନ୍ଦୁ ପାତ୍ରଙ୍କ ସମେତ ୯ଜଣିଆ ଉପଦେଷ୍ଟା କମିଟି ଗଠନ କରାଯାଇଥିଲା। ଏହି ଅବସରରେ ଦେବେନ୍ଦ୍ର ସେନାପତି, ଅଜୟ ଭୋଇ, ପୁରୁଷୋତ୍ତମ ଦାସ, ରଞ୍ଜିତ ମୁଦୁଲି, ନିତମ କୁମାର ମହାନ୍ତିଙ୍କ ସମେତ ବହୁ ବିଜେଡି ଓ କଂଗ୍ରେସ କର୍ମୀ ଭାଜପାରେ ସାମିଲ ହୋଇଥିଲେ।

## ଡିସେମ୍ବର ୧୮ରେ ମା'ଚର୍ଚ୍ଚିକା ପାଲାମଣ୍ଡଳ ସମ୍ମିଳନୀ

ବାଙ୍କୀ,୨୭।୧୧(ସ୍ୱ.ପ୍ର.)

ମା'ଚର୍ଚ୍ଚିକା ପାଲାମଣ୍ଡଳର କର୍ମକର୍ତ୍ତାମାନଙ୍କ ତୃତୀୟ ବାର୍ଷିକ ସମ୍ମିଳନୀ ପାଇଁ ଏକ ପ୍ରସ୍ତୁତି ବୈଠକ ଢଁସରସ୍ଥିତ ମା'ପର୍ବତେଶ୍ୱରଙ୍କଠାରେ ଅନୁଷ୍ଠିତ ହୋଇଯାଇଛି । ସଂଘ ସଭାପତି ନିଶିକାନ୍ତ ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ଡିସେମ୍ବର ୧୮ରେ କନ୍ତପହଁରାଠାରେ ଏହି ସମ୍ମିଳନୀ ଆୟୋଜନ କରାଯିବ ବୋଲି ସ୍ଥିର ହୋଇଛି । ଏହି ଅବସରରେ ଦକ୍ଷ ପାଲାଗାୟକ ଓ ପାଲାମଣ୍ଡଳ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରିବାକୁ ବୈଠକରେ ନିଷ୍ପତ୍ତି ହେଇଥିଲା। ଗାୟକ ରୁଦ୍ରନାରାୟଣ ପଣ୍ଡା ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଲକ୍ଷ୍ମୀଧର ଶର୍ମା ଏହାକୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜନ୍ମେଜୟ ପଣ୍ଡା, ସୁଦର୍ଶନ ପଣ୍ଡା, ସୁଦର୍ଶନ ଜେନା, ଶତ୍ରୁଘ୍ନ ରଣା, ନିକୁଞ୍ଜ ବେହେରା, ଲମ୍ବୋଧର ସ୍ୱାଇଁ ସତ୍ୟଭାମା ସୁବୁଦ୍ଧି ଓ ରାଜକିଶୋର ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଦିଲୀପ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।




କଟକ ଶ୍ରୀରାମଚନ୍ଦ୍ର ଭବନରେ ରବିବାର ସାହିତ୍ୟ ପତ୍ରିକା 'ସ୍ମୃତିଲିପି'ର ବାର୍ଷିକ ଉତ୍ସବରେ ଅତିଥିମାନେ ମା' ବୈଷ୍ଣୋଦେବୀ କାହାଣୀ ପୁସ୍ତକ ଉନ୍ମୋଚନ କରୁଛନ୍ତି। ଫଟୋ: ରାଜକିଶୋର

## ସଂସ୍କୃତିକୁ ଉଜ୍ଜୀବିତ କରିବା ନିମନ୍ତେ କର୍ମଶାଳା

ନିଶ୍ଚିନ୍ତକୋଇଲି,୨୭।୧୧(ସ୍ୱ.ପ୍ର)

ନିଶ୍ଚିନ୍ତକୋଇଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଓଡ଼ିଆ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରିବା ନିମନ୍ତେ କନ୍ୟା ଭାରତୀ ଓ ମାତୃ କର୍ମଶାଳା ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶିଶୁ ମନ୍ଦିର ପରିଚାଳାନା କମିଟି ସମ୍ପାଦକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ରୂପେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡାକ୍ତର ଜାପାନୀ ମହାପାତ୍ର, ମୁଖ୍ୟବକ୍ତା ଭାବେ ପ୍ରବାଶିକା ମମତା ପାଲ ଯୋଗଦାନ କରି ଶିଶୁ ଗଠନରେ ମା'ମାନଙ୍କ ଭୂମିକା ଓ କିଶୋରୀମାନଙ୍କର ବିଭିନ୍ନ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଶିଶୁ ମନ୍ଦିର ପରିଚାଳନା କମିଟିର ସଭାପତି ସୁନିଲ କୁମାର ମିଶ୍ର ସଭାପତିତ୍ୱ କରିଥିଲେ। ପରିଚାଳନା କମିଟିର ସହ ସମ୍ପାଦିକା ସୁଷମା ବେହେରା, କୋଷାଧ୍ୟକ୍ଷା ମିନତୀ ରାଉତ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ଅନୁଷ୍ଠିତ ପିଠା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କର୍ମଶାଳାକୁ ପ୍ରଧାନଆଚାର୍ଯ୍ୟ ସୁଶିଲ କୁମାର ବିଶୋଇ ସଂଯୋଜନା କରିଥିଲା ବେଳେ ପ୍ରିୟଦର୍ଶିନୀ ପ୍ରହରାଜ, କିଶୋର ବାରିକ, ବିଜୟଲକ୍ଷ୍ମୀ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

## ସାଟେଲାଇଟ୍ ସର୍ଭେରୁ ଧରାପଡ଼ିଲା ଅଯୋଗ୍ୟ ଜମି

କଟକ ସଦର, ୨୭।୧୧(ଡି.ଏନ୍.ଏ.)

### ଧାନ ବିକ୍ରି ପାଇଁ ନାମ ପଞ୍ଜୀକରଣ

୨୦୨୨-୨୦୨୩ ଆର୍ଥିକ ବର୍ଷରେ ଚାଷୀମାନେ ଧାନ ବିକ୍ରି ପାଇଁ ଅନ୍‌ଲାଇନରେ ନାମ ପଞ୍ଜୀକରଣ କରିଥିଲେ। ଏହି ପଞ୍ଜୀକରଣବେଳେ ବହୁ ଅଯୋଗ୍ୟ ପ୍ଲଟ୍‌ରେ ଧାନଚାଷ ହୋଇଥିବା ଦର୍ଶାଯାଇଥିଲା। ମାତ୍ର ସେହି ପ୍ଲଟ୍‌ଗୁଡ଼ିକରେ ଧାନଚାଷ ହୋଇ ନ ଥିବା ସାଟେଲାଇଟ୍ ସର୍ଭେରୁ ଜଣାପଡ଼ିଥିଲା। ଏହାର ସତ୍ୟାସତ୍ୟ ଜାଣିବା ପାଇଁ ତଦନ୍ତ କରିବାକୁ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି ବ୍ୟାପାର ବିଭାଗ ନିର୍ଦ୍ଦେଶ ଦେଇଛି। ତଦନୁଯାୟୀ କଟକ ସଦର ବ୍ଲକର ବିଭିନ୍ନ ସମବାୟ ସମିତିର କର୍ମଚାରୀମାନେ ବିଲକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି। ଅନେକ ଜମି ଉପରେ କୋଠାଘର, ପୋଖରୀ ଭଳି ଅଣ କୃଷି କାର୍ଯ୍ୟ ଚାଲିଥିବା ଜଣାପଡ଼ିଛି। ସେଥିପାଇଁ ସମ୍ପୃକ୍ତ ଚାଷୀମାନେ ବିରୋଧ କରିବା ସହ କର୍ମଚାରୀମାନଙ୍କୁ ଗାଳିଗୁଲଜ କରିଛନ୍ତି। ବିଶେଷକରି ୪୨ ମୌଜା ଭଳି ଅଣଜଳସେଚିତ ଅଞ୍ଚଳରେ ଅନେକ ଚାଷଜମିର କିସମ ପରିବର୍ତ୍ତନ କରା ନ ଯାଇ ବଡ଼ ବଡ଼ କୋଠାଘର କରାଯାଇଥିବା ସାଟେଲାଇଟ୍ ସର୍ଭେରୁ ଜଣାପଡ଼ିଛି, ଯାହାକୁ ନେଇ କୂଳସରିଚୁଆଁ, ଦଧିବାମନପୁର, ଗତିରାଉତପାଟଣା, କନ୍ଦରପୁର, ଯଶପଡ଼ା, କିଶୋରନଗର, ପ୍ରହରାଜପୁର ଅଞ୍ଚଳର ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତଥାପି ସରକାରଙ୍କ ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିବାକୁ ପଡ଼ିବ ବୋଲି କଟକସ୍ଥିତ ସହକାରୀ ସମବାୟ ନିବନ୍ଧକଙ୍କ କାର୍ଯ୍ୟାଳୟର ଜଣେ ବରିଷ୍ଠ ଅଧିକାରୀ ପରିଚୟ ଗୋପନ ରଖି କହିଛନ୍ତି।

## ଇମ୍ଫା ଶିଳ୍ପଗୋଷ୍ଠୀର ପ୍ରତିଷ୍ଠା ଦିବସ

ଚୌଦ୍ୱାର, ୨୭।୧୧(ଡି.ଏନ୍.ଏ.)

ଇମ୍ଫା ଶିଳ୍ପଗୋଷ୍ଠୀର ପ୍ରତିଷ୍ଠା ଦିବସ ଓ ଫାଉଣ୍ଡର ଚେୟାରମ୍ୟାନ୍ ସ୍ୱର୍ଗତଃ ବଂଶୀଧର ପଣ୍ଡାଙ୍କ ଜନ୍ମଦିନ କମ୍ପାନୀ କ୍ଲବ୍ ହାଉସ ପରିସରରେ ପାଳିତ ହୋଇଯାଇଛି। ଇମ୍ଫା କମ୍ପାନୀର ଆଜୀବନ ନିର୍ଦ୍ଦେଶକ ଚିତ୍ତରଞ୍ଜନ ରାଏ, ଉପ ସଭାପତି ବିନୟ ଅଗ୍ରୱାଲ ଅତିଥିଭାବେ ଯୋଗଦେଇ ମାନବସମ୍ବଳ, ଉତ୍ପାଦନ ଓ ଆଧୁନିକ ଜ୍ଞାନକୌଶଳ ପ୍ରୟୋଗ ସହିତ ଅନ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ବିଜ୍ଞାନମେଳା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ଦୀର୍ଘଦିନ ଧରି କାର୍ଯ୍ୟରତ ଶ୍ରମିକ ଓ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ୨ଜଣ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କମ୍ପାନୀର ଜିଜିଏମ୍ ଶାରଦା ପ୍ରସାଦ ରାଓ ସଭା ପରିଚାଳନା ଓ ଉତ୍ପାଦନ ମୁଖ୍ୟ ଧୀରେନ ନାଥ ଧନ୍ୟବାଦ ଦେଇଥିଲେ। ଲୋକସମ୍ପର୍କ ଅଧିକାରୀ ଧ୍ରୁବଚରଣ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## 'ମହିଳାଙ୍କ ଉପରେ ହେଉଥିବା ହିଂସାକୁ ବିରୋଧ କର'




ସଚେତନ ଶୋଭାଯାତ୍ରାରେ ଯୋଗଦେଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

ମାଣିଆବନ୍ଧ,୨୭।୧୧(ଡି.ଏନ.ଏ)

### ଅନ୍ତର୍ଜାତୀୟ ମହିଳା ହିଂସା ନିରୋଧୀ ଦିବସ

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ମାଣିଆବନ୍ଧ ବୁଦ୍ଧବିହାର ପରିସରରେ ଆନ୍ତର୍ଜାତିକ ମହିଳା ହିଂସା ବିରୋଧୀ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଭିନ୍ନ ମହାବିଦ୍ୟାଳୟର ବହୁ ଛାତ୍ରୀଛାତ୍ର ଯୋଗଦେଇ ମହିଳାମାନଙ୍କ ଉପରେ ହେଉଥିବା ହିଂସାକୁ ବିରୋଧ କରିବା ପାଇଁ ଶପଥ ନେବା ସହ ଏକ ସଚେତନ ଶୋଭାଯାତ୍ରା କରିଥିଲେ। ସାମାଜିକ ଉନ୍ନୟନ ଅନୁଷ୍ଠାନର ସାମାଜିକ କର୍ମୀ ଡ. ମମତା ପ୍ରଧାନ, ସୋମ ମହାପାତ୍ର ଓ ବିକ୍ରମ ମହାପାତ୍ର ଯୋଗଦେଇ ମହିଳା ଓ ବାଳିକାଙ୍କ ଉପରେ ହେଉଥିବା ହିଂସାକୁ ବିରୋଧ କରିବା ପାଇଁ ଯୁବଗୋଷ୍ଠୀ ଆଗେଇ ଆସନ୍ତୁ ବୋଲି ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବିଣା ମଲ୍ଲିକ, ସତ୍ୟନାରାୟଣ ପାତ୍ର ଓ ଅନିମା ମାଝି ପ୍ରମୁଖ ପରିଚାଳନା କରିଥିଲେ।

## 'ଗୋବିନ୍ଦ ରଥଙ୍କ ଆଦର୍ଶ ଥିଲା ବିପ୍ଳବାତ୍ମକ'

କଟକ ଅଫିସ,୨୭।୧୧

ସାହିତ୍ୟ ଓ ସାଂସ୍କୃତିକ ସଂଗଠନ ସମନ୍ୱୟ ପକ୍ଷରୁ ପଣ୍ଡିତ ଗୋବିନ୍ଦ ରଥଙ୍କ ଉପରେ ଏକ ଆଲୋଚନାଚକ୍ର ବିଡାନାସୀସ୍ଥ ଚହଟେଶ୍ୱର ମହାଦେବଙ୍କ ପୀଠରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ପ୍ରଶାନ୍ତ ଦାସ ଏହାକୁ ଉଦ୍‌ଘାଟନ କରି କହିଥିଲେ, ପଣ୍ଡିତ ଗୋବିନ୍ଦ ରଥଙ୍କ ଦୃଷ୍ଟିଭଙ୍ଗୀ ଓ ଆଦର୍ଶ ବିପ୍ଳବାତ୍ମକ ଥିଲା। ସଙ୍ଗଠନ ସଭାପତି ଦୁଃଖୀଶ୍ୟାମ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ପ୍ରଫେସର ଦୁର୍ଗା ପ୍ରସନ୍ନ ନନ୍ଦ ଯୋଗଦେଇଥିଲେ। ସମ୍ପାଦକ ଦେବେନ୍ଦ୍ର ପରିଡ଼ା ପ୍ରାରମ୍ଭିକ ସୂଚନା, ପ୍ରକାଶନ ସମ୍ପାଦକ ଇଂ. ଅବିନାଶ ପରିଡ଼ା ପ୍ରବନ୍ଧ ପାଠ ଓ ପଣ୍ଡିତ ଦିଲ୍ଲୀପ ସାବତ ବେଦପାଠ କରିଥିଲେ। କବୀର ଜେନା, ନଗେନ୍ଦ୍ର ରଥ, ସୌମ୍ୟ ସାରଥି ଦାସ ଓ ସନ୍ତୋଷ ଦାସ ଆଲୋଚନାରେ ଭାଗନେଇଥିଲେ। ଦେବେନ୍ଦ୍ର ନାରାୟଣ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ବାତ୍ୟା, ବନ୍ୟା ଆଶ୍ରୟସ୍ଥଳ ପରିଚାଳନା ତାଲିମ

ଆଠଗଡ଼,୨୭।୧୧(ସ୍ୱ.ପ୍ର)

ଆଠଗଡ଼ ବ୍ଲକ ପାଟେଣିଗାଁ ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳରେ ବାତ୍ୟା ଓ ବନ୍ୟା ପରିଚାଳନା, ରକ୍ଷଣାବେକ୍ଷଣ ତଥା ଆଶୁ ଚିକିତ୍ସା ଟାସ୍କଫୋର୍ସ ସଦସ୍ୟ, ସଦସ୍ୟାମାନଙ୍କ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଆଠଗଡ଼ ତହସିଲଦାର ପ୍ରିୟବ୍ରତ ଦାସ, ଜିଲା ପରିଷଦ ସଦସ୍ୟ ବଳଭଦ୍ର ବାଘ, କଟକିଆସାହି ସରପଞ୍ଚ ମାନସୀ ରାଉତ, ଧୁରୁଷିଆ ସରପଞ୍ଚଙ୍କ ପ୍ରତିନିଧି ମଙ୍ଗୁଳି ଚରଣ ପାଣି ପ୍ରମୁଖ ଯୋଗ ଦେଇଥିଲେ। ଏହି ଶିବିର ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ଚାଲୁରହିବ। ଆଶ୍ରୟସ୍ଥଳ କମିଟିର ୨୫ ଜଣ, ଉଦ୍ଧାରକାରୀ ଦଳର ୨୫ ଜଣ, ପ୍ରାଥମିକ ଆଶୁ ଚିକିତ୍ସାର ୨୫ ଜଣ, ମୋଟ ୭୫ ଜଣ ତାଲିମ ନେଇଥିଲେ। ଆଶ୍ରୟ ସ୍ଥଳରେ ଉପଲବ୍ଧ ସମସ୍ତ ଯନ୍ତ୍ରାଂଶର ପରିଚାଳନା, ଆଘାତପ୍ରାପ୍ତ ଜନସାଧାରଣଙ୍କ ପ୍ରାଥମିକ ଆଶୁ ଚିକିତ୍ସା ସମ୍ବନ୍ଧରେ ଶିକ୍ଷାଲାଭ କରି ଜନସାଧାରଣଙ୍କୁ ବିପର୍ଯ୍ୟୟ ସମୟରେ ସଠିକ ଢଙ୍ଗରେ ମୁକାବିଲା କରିବା ନିମନ୍ତେ ସକ୍ଷମ ହୋଇପାରିବେ। ଗ୍ରାମ ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ଗଗନ ବିହାରୀ ଷଡଙ୍ଗୀ ବିପର୍ଯ୍ୟୟ ପ୍ରଶମିତ କରିବା ନିମନ୍ତେ ସମ୍ୟକ ସୂଚନା ଦେଇଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ନାରାୟଣ ଦେବତା ଶିବିରକୁ ପରିଚାଳନା କରିଥିବା ବେଳେ ବାତ୍ୟା ଆଶ୍ରୟ ସ୍ଥଳର ସମ୍ପାଦକ ଶ୍ରୀନିବାସ ସାହୁ ସହଯୋଗ କରିଥିଲେ। ପ୍ରଫୁଲ୍ଲ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।



ବିପର୍ଯ୍ୟୟ ପରିଚାଳନା ସଦସ୍ୟାମାନଙ୍କ ସହ ଅତିଥି ଓ ଅନ୍ୟମାନେ।

## 'ସଚ୍ଚି ରାଉତରାୟ ଥିଲେ କ୍ରାନ୍ତିକାରୀ ସ୍ରଷ୍ଟା'

କଟକ ଅଫିସ,୨୭।୧୧

କବି ସଚ୍ଚି ରାଉତରାୟ ବିଶ୍ୱ ସାହିତ୍ୟ ସହିତ ସମାନ୍ତରାଳ ଧାରା ସୃଷ୍ଟି କରିପାରିଥିଲେ। ସେ ଓଡ଼ିଆ ଭାଷାରେ ରଚନା କରିଥିବା କୃତିଗୁଡ଼ିକ ତାଙ୍କୁ ଚିରଦିନ ଅମର କରି ରଖିବ। ବାଜି ରାଉତ କବିତା ତାଙ୍କର ଏକ କାଳଜୟୀ ସୃଷ୍ଟି। ସେହିପରି ପାଥେୟ, ପୂର୍ଣ୍ଣିମା, ଅଭିଯାନ, ରକ୍ତଶିଖା, ପଲ୍ଲିଶ୍ରୀ, ଭାନୁମତୀର ଦେଶ, କବିତା-୧୯୬୨ ଆଦି ରାଉତରାୟଙ୍କର ଅନବଦ୍ୟ କୃତି ବୋଲି ମୁମ୍ବାଇ ବିଶ୍ୱବିଦ୍ୟାଳୟ ଇଂଲିଶ ବିଭାଗର ପ୍ରଫେସର ଓ ବିଭାଗୀୟ ମୁଖ୍ୟ ଡକ୍ଟର ରାଜେଶ କରଙ୍କଲ କହିଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସାରଳା ସାହିତ୍ୟ ସଂସଦର ମିଳିତ ସହଯୋଗରେ କବି ସଚ୍ଚି ରାଉତରାୟ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମ କଟକ ସାରଳା ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡକ୍ଟର କରଙ୍କଲ ସ୍ମାରକୀ ବକ୍ତୃତା ପ୍ରଦାନ କରି ଉପରୋକ୍ତ ବିଷୟରେ କହିଥିଲେ। ସାହିତ୍ୟିକ ଡ. ରବି ନାରାୟଣ ସେନାପତି ଉତ୍ସବକୁ ଉଦ୍‌ଘାଟନ କରି କହିଥିଲେ,




ସାରଳା ଭବନରେ ଅନୁଷ୍ଠିତ କବି ସଚ୍ଚି ରାଉତରାୟ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

### କବି ସଚ୍ଚି ରାଉତରାୟ ସ୍ମାରକୀ ବକ୍ତୃତା

ଓଡ଼ିଆ କବିତାରେ ଆଧୁନିକତାର ପ୍ରବର୍ତ୍ତକ ହେଉଛନ୍ତି ସଚ୍ଚି ରାଉତରାୟ। ସେ ଜଣେ କ୍ରାନ୍ତିକାରୀ ସ୍ରଷ୍ଟା ଓ ଜୀବନଧର୍ମୀ କବି। ତାଙ୍କ ରଚିତ ଛୋଟ ମୋର ଗାଁଟି କବିତା ଓଡ଼ିଆ ସାହିତ୍ୟରେ ଏକ ଚିରସବୁଜ କୃତି।

ସେହିପରି ସମ୍ମାନିତ ଅତିଥି ସାରଳା ସାହିତ୍ୟ ସଂସଦର ସଭାପତି ଇଂ. ପ୍ରଭାକର ସ୍ୱାଇଁ କହିଥିଲେ, ସଚ୍ଚି ରାଉତରାୟଙ୍କ କାବ୍ୟ ବାଜି ରାଉତ ହରିନ୍ଦ୍ରନାଥ ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ଇଂଲିଶ ଭାଷାରେ ଅନୁଦିତ ହୋଇ ବିଶ୍ୱରେ ଆଲୋଡ଼ନ ସୃଷ୍ଟି କରିଥିଲା। କବିଙ୍କ ପୁତ୍ର ଶ୍ରୀହର୍ଷ ରାଉତରାୟ ନିଜ ଅଭିବ୍ୟକ୍ତିରେ ସଚ୍ଚି ରାଉତରାୟଙ୍କ କୃତିରାଜି ସବୁ ଶ୍ରେଣୀର ପାଠକଙ୍କୁ ଛୁଇଁ ପାରିଥିଲା ବୋଲି କହିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଡ. ହୃଷୀକେଶ ମଲ୍ଲିକ ଅଧ୍ୟକ୍ଷତା କରି ସଚ୍ଚି ରାଉତରାୟଙ୍କୁ ବିଂଶ ଶତକର ମହାକବି ରୂପେ ଅଭିହିତ କରିଥିଲେ।

ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ପ୍ରବୋଧ କୁମାର ରାଉତ ସ୍ୱାଗତ ଭାଷଣ ଓ ସାରଳା ସାହିତ୍ୟ ସଂସଦର ସମ୍ପାଦକ ପ୍ରଫେସର ଡା. ନିରଞ୍ଜନ ତ୍ରିପାଠୀ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ଉପସଭାପତି ଡ. ସଂଗ୍ରାମ ଜେନା ଯୋଗଦେଇ ସଚ୍ଚି ରାଉତରାୟଙ୍କୁ ଜଣେ ସାମ୍ୟବାଦୀ ଚେତନାର କବି ଭାବେ ବର୍ଣ୍ଣନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ସାହିତ୍ୟିକ, ବୁଦ୍ଧିଜୀବୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

**ଗରିବଙ୍କୁ ଶୀତବସ୍ତ୍ର ବାଣ୍ଟିଲେ ଛାତ୍ରୀଛାତ୍ର**

ପିପିଲି,(ଡି.ଏନ୍.ଏ.): ଦାଣ୍ଡମୁକୁନ୍ଦପୁରସ୍ଥିତ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ଉଚ୍ଚ ବିଦ୍ୟାଳୟର ୧୯୭୧ ମାଟ୍ରିକ ବ୍ୟାଚ ଛାତ୍ରଙ୍କ ବନ୍ଧୁମିଳନ ରବିବାର ଅନୁଷ୍ଠିତ ହୋଇଯାଇଛି। ଦାଣ୍ଡମୁକୁନ୍ଦପୁରସ୍ଥିତ ଲୋଟସ କଲ୍ୟାଣ ମଣ୍ଡପରେ ସଭା ହୋଇଥିଲା। ପ୍ରଥମେ ବିଦ୍ୟାଳୟରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ମଣ୍ଡପଠାରେ ପ୍ରାକ୍ତନ ଛାତ୍ର କିଶୋର ପଟ୍ଟନାୟକଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜନ ହୋଇଥିଲା। ଅତିଥି ଭାବେ ଶିକ୍ଷକ ଉମେଶ ମହାପାତ୍ର, ଯୋଗେଶ୍ୱର ପ୍ରସାଦ ଗିରି ଓ ରାଜପ୍ରସାଦ ଦାଶ ଯୋଗଦେଇଥିଲେ। ପୁରାତନ ଛାତ୍ରମାନେ ଗୁରୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ କେତେଜଣ ଗରିବଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା। କିଶୋର ଚନ୍ଦ୍ର ପଟ୍ଟନାୟକ ଓ ଚୌଧୁରୀ ନଳିନୀକାନ୍ତ ସାହୁ ପ୍ରମୁଖ ସଭା ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଶିରୁଳି ମହାବୀରଙ୍କ ହୁଣ୍ଡିବାକ୍ସ ଖୋଲାଗଲା

ପୁରୀ ଅଫିସ, ୨୭।୧୧: ପୁରୀ ସଦର ବ୍ଲକ ଅନ୍ତର୍ଗତ ଶିରୁଳିରେ ଥିବା ଶିରୁଳି ମହାବୀରଙ୍କ ଦାନହୁଣ୍ଡି ବାକ୍ସ ରବିବାର ଖୋଲାଯାଇଛି। ବହୁ ବାଦବିବାଦ ପରେ ଦୀର୍ଘ ତିନିମାସ ପରେ ଗ୍ରାମବାସୀ ଓ ଛତିଶ ନିଯୋଗ ଉପସ୍ଥିତିରେ ହୁଣ୍ଡି ବାକ୍ସ ଖୋଲାଯାଇଥିଲା। ବାକ୍ସରୁ ୨,୬୯,୩୯୨ ଟଙ୍କା ବାହାରିଥିବା ସୂଚନା ମିଳିଛି।

### ବୃଦ୍ଧଙ୍କୁ ହାତୁଡ଼ିରେ ଆକ୍ରମଣ, ଅଭିଯୁକ୍ତ ଫେରାର

ଗୋପ,୨୭।୧୧(ଡି.ଏନ୍.ଏ.): ଗୋପ ଥାନା ଅଧୀନ ଅଡ଼ଙ୍ଗାସାହି ଗ୍ରାମର ନିତ୍ୟାନନ୍ଦ ରାଉତରାୟ(୭୬)ଙ୍କୁ ଗ୍ରାମର ଜଣେ ଯୁବକ ହାତୁଡ଼ିରେ ଆକ୍ରମଣ କରିଥିବା ନେଇ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୪୬୭/୨୨)ରୁଜୁକରି ତଦନ୍ତ ଚଳାଇଥିବା ବେଳେ ଅଭିଯୁକ୍ତ ଫେରାର ଥିବା ଜଣାପଡ଼ିଛି। ସୂଚନା ମୁତାବକ, ଶନିବାର ପୂର୍ବାହ୍ନରେ ନିତ୍ୟାନନ୍ଦ ଘର ନିକଟରେ ବସିଥିବା ବେଳେ ସମ୍ପୃକ୍ତ ଯୁବକ ସେହିପଟେ ଯାଉଥିଲେ। କୌଣସି ଘଟଣାକୁ ନେଇ ନିତ୍ୟାନନ୍ଦ ଓ ଯୁବକଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଯୁବକ ଜଣଙ୍କ ନିତ୍ୟାନନ୍ଦଙ୍କୁ ଏକ ହାତୁଡ଼ିରେ ଆକ୍ରମଣ କରି ପଳାଇଥିଲେ। ଗୁରୁତର ଅବସ୍ଥାରେ ନିତ୍ୟାନନ୍ଦଙ୍କୁ ପରିବାର ଲୋକେ ଉଦ୍ଧାର କରି ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ କ୍ୟାପିଟାଲ ହସ୍ପିଟାଲ ଓ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

### ଭାଜପା ପକ୍ଷରୁ ଅଗ୍ନି ବିପନ୍ନଙ୍କୁ ସହାୟତା

କାକଟପୁର,୨୭।୧୧(ଡି.ଏନ୍.ଏ.): କାକଟପୁର ଭାଜପା ପକ୍ଷରୁ ରବିବାର କୁଣ୍ଢେଇ ପଞ୍ଚାୟତ ଅଧୀନ ପାଟପୁର ଗ୍ରାମର ହରିଡାଗଡ଼ ସାହିରେ ଅଗ୍ନି ବିପନ୍ନଙ୍କୁ ରୋଷେଇ ସାମଗ୍ରୀ ପ୍ରଦାନ କରାଯାଇଛି। କାକଟପୁର ଭାଜପା ମଣ୍ଡଳ ସଭାପତି ଉପେନ୍ଦ୍ର ସୁବୁଦ୍ଧି, କୁଣ୍ଢେଇ ପଞ୍ଚାୟତ ଭାଜପା ସଭାପତି ପ୍ରକାଶ ପାତ୍ର, ସମ୍ପାଦକ ହୁରେଶ ବିଶ୍ୱାଳ, ପ୍ରଭାରୀ ଦୁଷ୍ମନ୍ତ ମଲ୍ଲ, ଯୁବକର୍ମୀ ରାଜୁ ସ୍ୱାଇଁ, ପ୍ରକାଶ ମଲ୍ଲିକ, କାବୁଲା ନାୟକ ଏବଂ ସନ୍ତୋଷ ଡାଲୁଆ ପ୍ରମୁଖ ବାସନକୁସନ ଓ ତେଜରାତି ସଉଦା ଅଗ୍ନି ବିପନ୍ନଙ୍କୁ ପ୍ରଦାନ କରିଛନ୍ତି।

### ସ୍କୁଲ୍ ଜୀବନ ସ୍ମୃତି ବାଣ୍ଟିଲେ ଛାତ୍ରୀଛାତ୍ର

କଣାସ,୨୭।୧୧(ସ୍ୱ.ପ୍ର.): କୁଳମଣି ସଂଯୁକ୍ତ ବିଦ୍ୟାପୀଠର ୧୯୮୭ ବ୍ୟାଚ ଛାତ୍ରୀଛାତ୍ରଙ୍କ ପକ୍ଷରୁ ବନ୍ଧୁମିଳନ, ଆଲୋଚନାଚକ୍ର ରବିବାର ମା'ଉଗ୍ରତାରାଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଯୁଧିଷ୍ଠିର ବଲିୟାରସିଂ ସଭାପତିତ୍ୱ କରିଥିଲେ। ପ୍ରାକ୍ତନ ଶିକ୍ଷକ ଦେବରାଜ ବଲିୟାରସିଂ, ନିର୍ମଳଚନ୍ଦ୍ର ସାମନ୍ତରାୟ, ନାରାୟଣ ବିଶ୍ୱାଳ, ପ୍ରେମାନନ୍ଦ ପ୍ରଧାନ, ଲକ୍ଷ୍ମୀକାନ୍ତ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଦିବଂଗତ ଗୁରୁଜୀ ଓ ସହପାଠୀଙ୍କ ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଗୁରୁଙ୍କୁ ଛାତ୍ରୀଛାତ୍ରମାନେ ସମ୍ବର୍ଦ୍ଧିତ କରିଥିଲେ। ଛାତ୍ରୀଛାତ୍ର ନିଜ ସ୍କୁଲ ଜୀବନର ସ୍ମୃତି ବଖାଣିଥିଲେ। ଅଶ୍ୱନୀ ସାମନ୍ତରାୟ, ରବୀନ୍ଦ୍ର ଗୁମାନସିଂ, ଶୁଭ୍ରାନ୍ତୀ ନରେନ୍ଦ୍ର, ଲଲାଟ ସାମନ୍ତରାୟ, ଚିତ୍ତରଞ୍ଜନ ସାମନ୍ତରାୟ ପ୍ରମୁଖ ସଭାର ଦାୟିତ୍ୱ ତୁଲାଇଥିଲେ। ପ୍ରଫୁଲ୍ଲ ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ।

# 'ସର୍ବଦା ଦେଶ ପାଇଁ ଉତ୍ସର୍ଗୀକୃତ ରହିଥାନ୍ତି ସୈନିକ'

**■ଅଖିଳ ଭାରତୀୟ ପୂର୍ବସୈନିକ ସେବା ପରିଷଦର ସାଧାରଣ ଅଧିବେଶନ ଉଦ୍ଯାପିତ**

ପୁରୀ ଅଫିସ, ୨୭।୧୧



ଅଧିବେଶନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏବଂ ଅନ୍ୟ ଅତିଥିମାନେ ପରିଷଦର ସ୍ମରଣିକା ଉନ୍ମୋଚନ କରୁଛନ୍ତି।

ଅଖିଳ ଭାରତୀୟ ପୂର୍ବ ସୈନିକ ସେବା ପରିଷଦ ପକ୍ଷରୁ ରବିବାର ବାଲିଗୁଆଳିସ୍ଥିତ ସ୍ୱାମୀ ନାରାୟଣ ମନ୍ଦିର ପରିସରରେ ଆୟୋଜିତ ପରିଷଦର ବାର୍ଷିକ ସାଧାରଣ ଅଧିବେଶନ ରବିବାର ଉଦ୍ଯାପିତ ହୋଇଯାଇଛି। ଉଦ୍ଯାପନୀ ଦିବସରରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ କହିଥିଲେ, ସୈନିକର ପ୍ରତିଟି ରକ୍ତରେ ସେବା ପ୍ରବାହିତ ହୋଇଥାଏ। ଜଣେ ସୈନିକ ସେବାରେ ଥାଆନ୍ତୁ ଅବା ସେବା ନିବୃତ୍ତ ହୁଅନ୍ତୁ କିନ୍ତୁ ସେମାନେ ସର୍ବଦା ଦେଶ ପାଇଁ ଉତ୍ସର୍ଗୀକୃତ ରହିଥାନ୍ତି। କାର୍ଯ୍ୟ ସିଦ୍ଧି ପାଇଁ ସମର୍ପଣ ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ।

ପରିଷଦର ଓଡ଼ିଶା ପ୍ରଦେଶ ଅଧ୍ୟକ୍ଷ ବ୍ରିଗେଡିୟର ଅଭିମନ୍ୟୁ ରାଉତ କାର୍ଯ୍ୟକ୍ରମରେ ଯୋଗଦେଇ କହିଥିଲେ, ସେବାରେ ଥିବା ବେଳେ ସୈନିକମାନେ ଯେପରି କାମ କରୁଥିଲେ ବର୍ତ୍ତମାନ ଅବସର ନେବା ପରେ ମଧ୍ୟ ସେମାନେ ସମାଜ ସେବା ଓ ସଂସ୍କୃତିର ସୁରକ୍ଷା ଦିଗରେ କାର୍ଯ୍ୟରତ ରହିଛନ୍ତି। ସମାଜ ସେବା ଓ ସଂସ୍କୃତିର ସୁରକ୍ଷା ନେଇ ଏହି ପରିଷଦ ଗଠନ କରାଯାଇଛି। ଅଧିବେଶନରେ ପରିଷଦର ସମ୍ପାଦକ ସଂଗ୍ରାମ କେଶରୀ ବରାଳ ଏବଂ ସାଧାରଣ ସମ୍ପାଦକ ଦେବରାଜ ମଲ୍ଲିକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ କେତେଜଣ ସେବା ନିବୃତ୍ତ ସୈନିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ ଅଧିବେଶନରେ ଦେଶର ବିଭିନ୍ନ ସ୍ଥାନରୁ ଜେନେରାଲ, ଲ୍ୟୁଟ୍‌ନାଣ୍ଟ, ବ୍ରିଗେଡିୟର, କଲୋନେଲ, ଲ୍ୟୁଟ୍‌ନାଣ୍ଟ କଲୋନେଲ, ମେଜରଙ୍କ ସମେତ ବହୁ ସେବା ନିବୃତ୍ତ ଅଧିକାରୀ ଯୋଗଦେଇଥିଲେ।

## ଶୃଙ୍ଖଳିତ ଜୀବନର ବାର୍ତ୍ତାବହ ଏନ୍‌ସିସି

ସାକ୍ଷୀଗୋପାଳ,୨୭।୧୧ (ସ୍ୱ.ପ୍ର./ଡି.ଏନ୍.ଏ.)

ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ଏନ୍‌ସିସି ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପୂର୍ବତନ ଏନ୍‌ସିସି ଅଫିସର ତଥା କୃଷକ ବିଦ୍ୟାପୀଠ ସୁନାମୁହିଁର ପ୍ରଧାନ ଶିକ୍ଷକ ବିଜୟ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ବିଦ୍ୟାଳୟର ଏନ୍‌ସିସି ଅଫିସର ସୁଚିତ୍ର ଖଟେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୪୦ ଜଣ କ୍ୟାଡେଟ୍ ମାର୍ଚ୍ଚ ସହ ଏକଜୁଟ ହୋଇ ଏନ୍‌ସିସି ପତାକା ଉତ୍ତୋଳନ କରିଥିଲେ। ଏନ୍‌ସିସି ଶୃଙ୍ଖଳିତ ଜୀବନର ବାର୍ତ୍ତାବହ। ସ୍କୁଲ ସମୟରୁ ଛାତ୍ରୀଛାତ୍ରମାନେ ଏନ୍‌ସିସି ମାଧ୍ୟମରେ ପ୍ରଥମେ ଦେଶର ସୁରକ୍ଷା କ୍ଷେତ୍ରରେ ନିଜକୁ ଉତ୍ସର୍ଗୀକୃତ କରିବାକୁ ପ୍ରେରଣା ପାଇଥାନ୍ତି ବୋଲି ପରିଡ଼ା କହିଥିଲେ। କ୍ୟାଡେଟ୍‌ମାନେ ଏନ୍‌ସିସି ସଙ୍ଗୀତ ପରିବେଷଣ କରିବା ସହ ବିଦ୍ୟାଳୟ ପରିସରରେ ସଫେଇ କରିଥିଲେ। ଶିକ୍ଷୟିତ୍ରୀ ସୌଦାମିନୀ ନାୟକ ଧନ୍ୟବାଦ ଦେଇଥିଲେ।

## ରାଜ୍ୟସ୍ତରୀୟ ପଶାଖେଳ ପ୍ରତିଯୋଗିତା ଉଦ୍ଯାପିତ

ସାକ୍ଷୀଗୋପାଳ,୨୭।୧୧ (ସ୍ୱ.ପ୍ର./ଡି.ଏନ୍.ଏ.)

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଅଳଗୁମ ପଞ୍ଚାୟତ ମାଳିସାହିସ୍ଥିତ ମହାବୀର ମନ୍ଦିର ପରିସରରେ ଶନିବାର ଏକଦିବସୀୟ ରାଜ୍ୟସ୍ତରୀୟ ଦିନରାତି ପଶାଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରଫୁଲ୍ଲ ଜେନା ଏବଂ ଉପେନ୍ଦ୍ର ଯାଦବ ପ୍ରଦୀପ ପ୍ରଜ୍ୱଳନ କରି ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ସତ୍ୟବାଦୀ, କଣାସ, ଡେଲାଙ୍ଗ, ପୁରୀ, ଭୁବନେଶ୍ୱର, କଟକ, ଖୋର୍ଦ୍ଧା ଓ ସୁନାଖଳା ସହିତ ଆଖପାଖ ଜିଲାର ୩୨ଟି ଦଳ ଅଂଶଗ୍ରହଣ କରିଥିଲେ। ଦିନ, ରାତି ଦଳ ଦଳ ହୋଇ ଖେଳାଳିଙ୍କ ମଧ୍ୟରେ ପ୍ରତିଯୋଗିତା ଚାଲିଥିଲା। ରବିବାର ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ବିଜୟୀ ଦଳକୁ ସଂଘ ପକ୍ଷରୁ ଚାମ୍ପିୟନ ଓ ରନର୍ସ ଅପ୍ ଟ୍ରଫି ପ୍ରଦାନ କରାଯାଇଥିଲା। ସୁନାଖଳାର ଜିତେନ୍ଦ୍ର ସୁନ୍ଦରାୟ ଏବଂ ବିଲପାଟଣାର ସୁବାସ ଚନ୍ଦ୍ର ମହାପାତ୍ର ଚାମ୍ପିୟନ ଓ ପାଇକମରାର ମନୋରଞ୍ଜନ ସାମନ୍ତସିଂହାର, ରାଜୀବ ସାହୁ ପ୍ରମୁଖ ରନର୍ସ ଅପ୍ ହୋଇଥିଲେ। କାର୍ଯ୍ୟକ୍ରମରେ ଗ୍ରାମବାସୀ ସହଯୋଗ କରିଥିଲେ।



ପୁରୀ ୟୁଥ୍ ହଷ୍ଟେଲ ସମ୍ମିଳନୀ କକ୍ଷରେ ରବିବାର ଆୟୋଜିତ ଓଡ଼ିଶା ଲେଖିକା ସଂସଦ ପୁରୀ ଜିଲା ଶାଖାର ବାର୍ଷିକ ସାରସ୍ୱତ ଉତ୍ସବରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱମାନେ।

## 'ଦେଶ ସେବା ପାଇଁ କ୍ୟାଡେଟ୍ ପ୍ରସ୍ତୁତ ହୁଅନ୍ତୁ'

ପୁରୀ ଅଫିସ, ୨୭।୧୧

ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟରେ ରବିବାର ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନ୍‌ସିସି) ଦିବସ ପାଳିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷା ପ୍ରଫେସର ଡ. ସୁଜାତା ମିଶ୍ର ଏନ୍‌ସିସି ପତାକା ଉତ୍ତୋଳନ କରି କ୍ୟାଡେଟ୍‌ଙ୍କ ଦ୍ୱାରା ପରେଡ ଅଭିବାଦନ ଗ୍ରହଣ କରି ସମାଜସେବା ଓ ଦେଶ ସେବା ପାଇଁ ଏବେଠାରୁ କ୍ୟାଡେଟ୍‌ମାନଙ୍କୁ ପ୍ରସ୍ତୁତ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଗତ ଦିନରେ ଏନ୍‌ସିସି କ୍ୟାଡେଟ୍‌ମାନଙ୍କ ଦ୍ୱାରା କରାଯାଇଥିବା ବିଭିନ୍ନ ସମାଜ ସେବା ତଥା ଅନ୍ୟାନ୍ୟ କାର୍ଯ୍ୟକ୍ରମ ସହିତ ଭାରତ ସରକାରଙ୍କ ନିର୍ଦ୍ଦେଶରେ ଏନ୍‌ସିସି ମହାନିର୍ଦ୍ଦେଶାଳୟ ନୂଆଦିଲ୍ଲୀଙ୍କ ପୁନିତ ସାଗର ଅଭିଯାନ କାର୍ଯ୍ୟକ୍ରମ ସମ୍ପର୍କରେ ମହାବିଦ୍ୟାଳୟର ଏନ୍‌ସିସି ଅଧିକାରୀ ଲ୍ୟୁଟ୍‌ନାଣ୍ଟ ଡ. ସଞ୍ଜୟ କୁମାର ସୁନ୍ଦରାୟ ଆଲୋକପାତ କରିଥିଲେ। ଲ୍ୟୁଟ୍‌ନାଣ୍ଟ ଡ. ସୁନ୍ଦରାୟଙ୍କୁ ଅଧ୍ୟକ୍ଷା ସମ୍ବର୍ଦ୍ଧିତ କରିଥିଲେ। କ୍ୟାଡେଟମାନଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା।

# ନିର୍ଭୀକ ଲେଖନୀ ଚାଳନା ପାଇଁ ଆହ୍ୱାନ

**ଓଡ଼ିଶା ଲେଖିକା ସଂସଦ ପୁରୀ ଜିଲା ଶାଖାର ସାରସ୍ୱତ ଉତ୍ସବ**

ପୁରୀ ଅଫିସ,୨୭।୧୧

ଓଡ଼ିଶା ଲେଖିକା ସଂସଦ ପୁରୀ ଜିଲା ଶାଖାର ବାର୍ଷିକ ସାରସ୍ୱତ ଉତ୍ସବ ରବିବାର ୟୁଥ୍ ହଷ୍ଟେଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ପୁରୀ ଜିଲା ଶାଖାର ଆବାହକ ସୁବାସିନୀ ଧଳ ଅଧ୍ୟକ୍ଷତା କରିଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଲେଖିକା ତଥା ସଂସଦର ରାଜ୍ୟ ସମ୍ପାଦିକା ଡ. ଶକୁନ୍ତଳା ବଳିଆରସିଂହ ଉତ୍ସବକୁ ଉଦ୍‌ଘାଟନ କରି ସୁଦୃଢ଼ ଓ ନିର୍ଭୀକ ଲେଖନୀ ଚାଳନା କରିବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡ. ଅଦ୍ୱୈତ ଚରଣ ଧଳ ଯୋଗଦେଇଥିଲେ। ନାରୀ ସେବା ସଂଘର ସଭାପତି ଡ. କୃଷ୍ଣପ୍ରିୟା ଆଚାର୍ଯ୍ୟ ମୁଖ୍ୟବକ୍ତା ଏବଂ ଅବସରପ୍ରାପ୍ତ ବରିଷ୍ଠ ଅଦ୍ୱୈତ ବେଦାନ୍ତ ପ୍ରଫେସର ଡ. ପ୍ରଭାତ ରଞ୍ଜନ ମହାପାତ୍ର ସମ୍ମାନିତ ବକ୍ତା ଭାବେ ଯୋଗଦେଇ ଲେଖିକାମାନଙ୍କର ବିଭିନ୍ନ ସମସ୍ୟା ଓ ସାରସ୍ୱତ ସାଧନା ସମ୍ପର୍କରେ ମତ ରଖିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ କ୍ରିଷ୍ଣା ମହାପାତ୍ର ସ୍ୱାଗତ ଭାଷଣ ଓ ହରପ୍ରିୟା ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର ଦେବୀପ୍ରଭା ଲୋକାର୍ପିତ ହୋଇଥିଲା। ସେହିପରି ଗୋଲାପ ମଞ୍ଜରୀ କର, ରତ୍ନପ୍ରଭା ବାଇ, ବୀଣାପାଣି ସାହୁ, ଜୟଶ୍ରୀ ପଟ୍ଟନାୟକ, ସୌଦାମିନୀ ସାମଲ, ପ୍ରମୋଦା ଦେବୀ, ପୌର୍ଣ୍ଣମାସୀ ଦେବୀ, ପ୍ରଭାତ ତ୍ରିପାଠୀ, ମଞ୍ଜୁଶ୍ରୀ ମିଶ୍ର, ବିଜୟଲକ୍ଷ୍ମୀ ଦାଶ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶ୍ୟାମପ୍ରକାଶ ସେନାପତି ସଞ୍ଚାଳନ କରିଥିଲେ। ଅନ୍ନପୂର୍ଣ୍ଣା ଦେବୀ ଧନ୍ୟବାଦ ଦେଇଥିଲେ। ସେହିପରି ଦ୍ୱିତୀୟ ଅଧିବେଶନରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ବହୁ କବି କବିତା ପାଠ କରିଥିଲେ। ମନୋରମା ପାତ୍ର , ଆଶାଲତା ପ୍ରଧାନ, ପ୍ରବାସିନୀ ମିଶ୍ର, ତୃପ୍ତି ପଣ୍ଡା, ସର୍ବାଣୀ ଦାସ, ମନୋରମା ଆଚାର୍ଯ୍ୟ, ମୀରା ମହାନ୍ତି, ବାସନ୍ତି ମହାନ୍ତି ଏବଂ ସରୋଜିନୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## 'ପ୍ରତିବଦ୍ଧତା ବୃତ୍ତିଗତ ଜୀବନରେ ସଫଳତା ଆଣେ'

ପୁରୀ ଅଫିସ, ୨୭।୧୧

ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟରେ ୨୦୨୨-୨୩ ଶିକ୍ଷାବର୍ଷ ପାଇଁ ଏମ୍‌ବିଏ ବିଭାଗର ନୂତନ ଛାତ୍ରୀଛାତ୍ରଙ୍କ ଅଭିମୁଖୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷା ପ୍ରଫେସର ଡ. ସୁଜାତା ମିଶ୍ର ଅଧ୍ୟକ୍ଷତା କରିଥିଲେ। ଏମ୍‌ବିଏ ଭଳି ଉପଯୋଗୀ ପାଠ୍ୟକ୍ରମ ଚୟନ କରିଥିବାରୁ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ ସେ କାମନା କରିଥିଲେ। ବିଭାଗୀୟ ସଂଯୋଜକ ଡ. ଚିତ୍ତରଞ୍ଜନ ଦ୍ୱିବେଦୀ ଅତିଥି ପରିଚୟ ଏବଂ ବିଭାଗୀୟ ମୁଖ୍ୟ ଡ. ସତ୍ୟପ୍ରକାଶ ମିଶ୍ର ପାଠ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଶା ମାଇନିଂ କର୍ପୋରେଶନ ମାନବ ସମ୍ବଳ ବିଭାଗର ଡେପୁଟି ମ୍ୟାନେଜର ସୁମିତ ସାହୁ ଯୋଗଦେଇ ବ୍ୟକ୍ତିଗତ ଜୀବନରେ ପ୍ରତିବଦ୍ଧତା ହିଁ ବୃତ୍ତିଗତ ଜୀବନରେ ସଫଳତା ଆଣିଥାଏ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ବ୍ୟବସାୟ ପରିଚାଳନା ବିଭାଗର ମୁଖ୍ୟ ପ୍ରଫେସର ଡ. ସତ୍ୟସ୍ୱରୂପ ଦେବାଶିଷ ଯୋଗଦେଇ ଛାତ୍ରୀଛାତ୍ରଙ୍କ ବ୍ୟକ୍ତିତ୍ୱ ଓ ସକାରାତ୍ମକ ମନୋଭାବ ଉପରେ ଗୁରୁତ୍ୱ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏସ୍‌ସିଏସ୍ କଲେଜ ଭୂଗୋଳ ବିଭାଗ ମୁଖ୍ୟ ପ୍ରଫେସର ଡ. ମିହିର ପ୍ରସାଦ ମିଶ୍ର ଏବଂ କୋକାକୋଲା ଇଣ୍ଡିଆ ଲିମିଟେଡ୍ (ଓଡ଼ିଶା)ର ବରିଷ୍ଠ ସେଲ୍ସ ଅଧିକାରୀ ମହାବୀର ପାଣିଗ୍ରାହୀ ମଞ୍ଚାସୀନ ଥିଲେ। ଅଧ୍ୟାପିକା ସୌମ୍ୟା ମହାନ୍ତି ସଭା ପରିଚାଳନା ଏବଂ ଅଧ୍ୟାପକ ଶିବପ୍ରସନ୍ନ ପଟ୍ଟନାୟକ, ଅଭିଷେକ ଶତପଥୀ ଓ ରାଜେଶ ତ୍ରିପାଠୀ ସହଯୋଗ କରିଥିଲେ। ଅଧ୍ୟାପିକା ବିଜୟଲକ୍ଷ୍ମୀ ଭୋଳ ଧନ୍ୟବାଦ ଦେଇଥିଲେ।

## ନିମାପଡ଼ାକୁ ସବ୍‌ଡିଭିଜନ ମାନ୍ୟତା ମିଳୁ


ଖବରଦାତା ସମ୍ମିଳନୀରେ ରାଜ୍ୟ ଗଣପରିଷଦ ଓଡ଼ିଶାର କର୍ମକର୍ତ୍ତାମାନେ ସୂଚନା ଦେଉଛନ୍ତି।

ନିମାପଡ଼ା,୨୭।୧୧(ଡି.ଏନ୍.ଏ.)

ନିମାପଡ଼ା ନିର୍ବାଚନମଣ୍ଡଳୀର ସ୍ୱାଭିମାନ, ସାମଗ୍ରିକ ବିକାଶ, ଏକ ଦୁର୍ନୀତିମୁକ୍ତ ନିମାପଡ଼ା ଗଠନ କରିବା ନବ ଗଠିତ ରାଜ୍ୟ ଗଣପରିଷଦ ଓଡ଼ିଶା(ସେବା ସଂଘ)ର ମୂଳମନ୍ତ୍ର। ରାଜ୍ୟ ଗଣପରିଷଦ, ଓଡ଼ିଶା ପକ୍ଷରୁ ନିମାପଡ଼ାଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେବାସଂଘର ରାଜ୍ୟ ସଭାପତି ଜ୍ୟୋତ୍ସ୍ନାରାଣୀ ତ୍ରିପାଠୀ ଏହି ମତ ଦେଇଛନ୍ତି। ନିମାପଡ଼ା ନିର୍ବାଚନମଣ୍ଡଳୀର ଅବହେଳିତ, ନିଷ୍ପେଷିତ, ଗରିବ, ଅସହାୟ ବ୍ୟକ୍ତିଙ୍କର ସେବା କରିବା, ନିମାପଡ଼ାବାସୀଙ୍କର ମୌଳିକ ଅଧିକାର, ନ୍ୟାଯ୍ୟ ଦାବି ପାଇଁ ଅହରହ ସଂଗ୍ରାମ କରିବାକୁ ଆମ ସଂଗଠନ ଦୃଢ ସଂକଳ୍ପବଦ୍ଧ ଓ ସଦା ଚେଷ୍ଟିତ ବୋଲି ତ୍ରିପାଠୀ କହିଛନ୍ତି। ଏହି ଅବସରରେ ନିମାପଡ଼ାକୁ ସବ୍‌ଡିଭିଜନ୍‌ର ମାନ୍ୟତା ଦେବା, ଭୁବନେଶ୍ୱରରୁ ଅସ୍ତରଙ୍ଗ ଭାୟା ନିମାପଡ଼ା, କାକଟପୁର ଦେଇ ମୋ ବସ୍ ଚଳାଚଳର ବ୍ୟବସ୍ଥା କରାଯିବା, ୨୦୧୯ ଫନି ବାତ୍ୟା ଓ ଚଳିତ ବନ୍ୟାରେ କ୍ଷତିଗ୍ରସ୍ତ ଚାଷୀ ଓ ହିତାଧିକାରୀଙ୍କୁ ସରକାରଙ୍କ ପକ୍ଷରୁ କ୍ଷତିପୂରଣ ଅର୍ଥରାଶି ପ୍ରଦାନ କରାଯିବା, କୃଷିଋଣ ଛାଡ଼ କରାଯିବା, ନିମାପଡ଼ା, ଚାରିଛକ, ବଳଙ୍ଗା, ଗୋପ ମେଡିକାଲରେ ଖାଲି ପଡିଥିବା ଡାକ୍ତର ପଦବୀ ତୁରନ୍ତ ପୂରଣ କରାଯିବା ସମେତ ୭ ଦଫା ସମ୍ମିଳିତ ଏକ ଦାବିପତ୍ର ସେବାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କୁ ପ୍ରଦାନ କରାଯାଇଥିବା ଅନୁଷ୍ଠାନର କର୍ମକର୍ତ୍ତା କହିଛନ୍ତି। ସମ୍ମିଳନୀରେ ରାଜ୍ୟ ଗଣପରିଷଦର ରାଜ୍ୟ ସମ୍ପାଦକ ମାଧବ ମଲ୍ଲିକ, ନିମାପଡ଼ା ବ୍ଲକ ମହିଳା ମୋର୍ଚ୍ଚା ସଭାନେତ୍ରୀ ଜ୍ୟୋତ୍ସ୍ନାରାଣୀ ସ୍ୱାଇଁ, ନଗର ମହିଳା ମୋର୍ଚ୍ଚା ସଭାନେତ୍ରୀ ଜୟଶ୍ରୀ ପାତ୍ର, ସମ୍ପାଦିକା ଚିନ୍ମୟୀ ରାୟ, ବେବିନା ବାରିକ ପ୍ରମୁଖ ଯୋଗଦେଇଥିଲେ।

# ୩୮ କୃତୀ ପ୍ରତିଯୋଗୀ ପୁରସ୍କୃତ

ପୁରୀ ଅଫିସ, ୨୭।୧୧



ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ କୃତୀ ଟାଏକୋଣ୍ଡୋ ପ୍ରତିଯୋଗୀମାନେ।

ସ୍କୁଲ ଅଫ୍ ଟାଏକୋଣ୍ଡୋ ପକ୍ଷରୁ ରବିବାର ଗୋପାଳବଲ୍ଲଭ ରୋଡ୍, ଗାଡ଼ିଖାନା ନିକଟସ୍ଥ କ୍ରୀଡ଼ା ପ୍ରାଙ୍ଗଣରେ ବାର୍ଷିକ ବେଲ୍ଟ ମେଡାଲ ଓ ପ୍ରଶଂସାପତ୍ର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୁରୀ ଟାଉନ ଥାନା ଭାରପ୍ରାପ୍ତ ଅଧିକାରୀ ଗୋକୁଳ ରଞ୍ଜନ ଦାସ ଯୋଗଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଓଡ଼ିଶା ଟାଏକୋଣ୍ଡୋ ଆସୋସିଏଶନ ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ, ସମ୍ମାନିତ ଅତିଥି ଭାବେ ଆସୋସିଏଶନ କୋଷାଧ୍ୟକ୍ଷ ବ୍ୟୋମକେଶ ଅଭିଲାଷ ପ୍ରସାଦ ଦାସ ଏବଂ ଅନ୍ୟତମ ଅତିଥି ଭାବେ ଉଦ୍ୟୋଗୀ ହରିବନ୍ଧୁ ସାହୁ ଯୋଗଦେଇଥିଲେ। କ୍ରୀଡ଼ା ଦ୍ୱାରା ଆମେ ସୁସ୍ଥ ରହିପାରିବା ବୋଲି ଅତିଥିମାନେ କହିଥିଲେ। ବିଭିନ୍ନ ପ୍ରତିଯୋଗିତାର ୩୯ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ କୋଚ୍ ଅଭିଜିତ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷକ ବିନୋଦ ସେନାପତି ମଞ୍ଚ ପରିଚାଳନା କରିଥିଲେ।

# ପୁରୀ ରଥଯାତ୍ରାକୁ ମିଳିପାରେ ୟୁନେସ୍କୋ ମାନ୍ୟତା

**ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ**

ପୁରୀ ଅଫିସ, ୨୭।୧୧

ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାକୁ ୟୁନେସ୍କୋ ମାନ୍ୟତା ମିଳିବା ଦିଗରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ତେଣୁ ୨୦୨୩ ପୁରୀ ରଥଯାତ୍ରାକୁ ୟୁନେସ୍କୋର ସାଂସ୍କୃତିକ ଐତିହ୍ୟ ତାଲିକାରେ ସ୍ଥାନ ମିଳିପାରେ ବୋଲି ଆଶା ପ୍ରକାଶ ପାଇଛି। ଏନେଇ ୟୁନେସ୍କୋକୁ ସମ୍ପୂର୍ଣ୍ଣ ଚିଠା ପଠାଯିବ। ଚିଠା ପ୍ରସ୍ତୁତି ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିବାକୁ ଶ୍ରୀମନ୍ଦିର ପ୍ରଶାସନକୁ ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ମିଳିଛି। ଏ ସଂକ୍ରାନ୍ତ ଚିଠି ପାଇବା ପରେ ଶ୍ରୀମନ୍ଦିର ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରିଛି।

ରାଜ୍ୟ ସଂସ୍କୃତି ବିଭାଗ ଓ ପୁରୀ ଜିଲା ପ୍ରଶାସନ ପକ୍ଷରୁ ୟୁନେସ୍କୋର ସାଂସ୍କୃତିକ ଐତିହ୍ୟ ତାଲିକାରେ ପୁରୀ ରଥଯାତ୍ରାକୁ ସାମିଲ କରାଯିବା ନେଇ ଗତବର୍ଷ ଚିଠି ଦିଆଯାଇଥିଲା। ଆସନ୍ତା ୨୦୨୩ ବର୍ଷର ରଥଯାତ୍ରାକୁ ୟୁନେସ୍କୋ ମାନ୍ୟତା ମିଳିବା ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। ୟୁନେସ୍କୋରେ ନାମାଙ୍କନ ଦାଖଲ କରିବା ପାଇଁ ଚିଠା ପ୍ରସ୍ତୁତ ନିମନ୍ତେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିବାକୁ ଶ୍ରୀମନ୍ଦିର ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ କରାଯିବା ସହ କମିଟି ଲାଗି ୭ ଜଣଙ୍କ ନାମ ପ୍ରଦାନ କରାଯାଇଛି। ଉକ୍ତ ୭ଜଣଙ୍କ ମଧ୍ୟରେ ଶ୍ରୀମନ୍ଦିର ପରିଚାଳନା କମିଟିର ୫ ଜଣ ସେବାୟତ ପ୍ରତିନିଧି ଓ ୨ଜଣ ମଠାଧୀଶ ରହିଥିବା ଜଣାପଡ଼ିଛି। ଏ ନେଇ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ତଥା ବରିଷ୍ଠ ସେବାୟତ ମାଧବ ଚନ୍ଦ୍ର ମହାପାତ୍ର କହିଛନ୍ତି, ଭାରତରେ ୧୩ଟି ଜିନିଷକୁ ୟୁନେସ୍କୋ ମାନ୍ୟତା ମିଳିଛି। ତେଣୁ ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ ୟୁନେସ୍କୋ ମାନ୍ୟତା ପ୍ରଦାନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଚେଷ୍ଟା କରାଯାଉଛି।

ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସନକୁ ଚିଠି ଆସିଥିଲା, ଯେଉଁଥିରେ ଏକ କମିଟି ଗଠନ କରିବା ପାଇଁ ନିର୍ଦ୍ଦେଶ ରହିଥିଲା। କମିଟିରେ ୫ଜଣ ସେବାୟତ ପ୍ରତିନିଧି ଓ ୨ଜଣ ମଠାଧୀଶଙ୍କ ସମେତ ରାଜ୍ୟର ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ରହିଛନ୍ତି। ପୁରୀ ରଥଯାତ୍ରା ସଂକ୍ରାନ୍ତ ପ୍ରାମାଣିକ ଚିତ୍ର, ସ୍ଥିର ଚିତ୍ର, ଡକ୍ୟୁମେଣ୍ଟେଶନ ଆଦି ପ୍ରଦାନ କରାଯିବ। ସରସ୍ୱତୀ ପୂଜାଠାରୁ ନୀଳାଦ୍ରି ପୂଜା ପର୍ଯ୍ୟନ୍ତ ସମୟ ମଧ୍ୟରେ ପ୍ରାମାଣିକ ତଥ୍ୟ ପ୍ରଦାନ କରାଯିବ। ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ସହ ପୁରୁଣା ଐତିହ୍ୟ କିପରି ଜଡ଼ିତ ରହିଛି ସେ ନେଇ ସମସ୍ତ ପ୍ରକାର ତଥ୍ୟ ଉପସ୍ଥାପନ କରାଯିବ। ୨୦୨୩ରେ ୟୁନେସ୍କୋର ପ୍ରତିନିଧିମାନଙ୍କୁ ଡାକି ରଥଯାତ୍ରାରେ ସାମିଲ କରି ରଥଯାତ୍ରାକୁ ୟୁନେସ୍କୋ ମାନ୍ୟତା ପ୍ରଦାନ ଦିଗରେ ସରକାର କାର୍ଯ୍ୟକୁ ଆଗେଇନେବେ ବୋଲି ମହାପାତ୍ର ଆଶା ବ୍ୟକ୍ତ କରିଛନ୍ତି।

# ବାଳକରେ ଯାଜପୁର, ବାଳିକା ବର୍ଗରେ ଗଞ୍ଜାମ ଚାମ୍ପିୟନ

**ରାଜ୍ୟସ୍ତରୀୟ ଜୁନିୟର ହ୍ୟାଣ୍ଡବଲ ଚାମ୍ପିୟନଶିପ୍**

ପୁରୀ ଅଫିସ, ୨୭।୧୧



ଅତିଥିଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳିମାନେ।

ଖାଡ଼େଶ୍ୱରୀ କ୍ଲବ୍ ଆନୁକୂଲ୍ୟରେ ତାଳବଣିଆସ୍ଥିତ ସ୍ପୋର୍ଟସ କମ୍ପ୍ଲେକ୍ସରେ ଆୟୋଜିତ ୨୮ତମ ରାଜ୍ୟସ୍ତରୀୟ ଜୁନିୟର ହ୍ୟାଣ୍ଡବଲ ଚାମ୍ପିୟନଶିପ୍ ରବିବାର ଉଦ୍ଯାପିତ ହୋଇଯାଇଛି। ପୁରୁଷ ବର୍ଗରେ ରାଜ୍ୟର ୧୬ଟି ଦଳ ଭାଗ ନେଇଥିବାବେଳେ ବାଳିକା ବିଭାଗରେ ୮ଟି ଦଳ ଭାଗ ନେଇଥିଲେ। ତେବେ ସେମିଫାଇନାଲକୁ ଉଭୟ ବର୍ଗରେ ୪ଟି ଦଳ ଯୋଗ୍ୟତା ହାସଲ କରିଥିଲେ। ରବିବାର ବାଳକ ବିଭାଗରେ ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ ଭୁବନେଶ୍ୱରକୁ କେନ୍ଦୁଝର ଭେଟିଥିବାବେଳେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ଯାଜପୁର ଓ ଗଞ୍ଜାମ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ଯାଜପୁର ୨୨/୧୮ ପଏଣ୍ଟରେ ଗଞ୍ଜାମକୁ ହରାଇ ଫାଇନାଲକୁ ଉନ୍ନୀତ ହୋଇଥିବା ବେଳେ ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ କେନ୍ଦୁଝର ୮/୨ ପଏଣ୍ଟରେ ଭୁବନେଶ୍ୱରକୁ ହରାଇ ଫାଇନାଲକୁ ଯାଇଥିଲା। ସେହିପରି ବାଳିକା ବିଭାଗରେ କେନ୍ଦୁଝର, ଯାଜପୁର, ଜଗତ୍‌ସିଂହପୁର ଓ ଗଞ୍ଜାମ ସେମିଫାଇନାଲ ମ୍ୟାଚ ଖେଳିଥିଲେ। ସେମିଫାଇନାଲ ମ୍ୟାଚରେ କେନ୍ଦୁଝର ଯାଜପୁରକୁ ୬/୩ ପଏଣ୍ଟରେ ହରାଇ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିବା ବେଳେ ଗଞ୍ଜାମ ଜଗତ୍‌ସିଂହପୁରକୁ ୮/୫ ପଏଣ୍ଟରେ ହରାଇ ଫାଇନାଲକୁ ଉନ୍ନୀତ ହୋଇଥିଲା। ପରେ ବାଳକ ବିଭାଗରେ ଯାଜପୁର କେନ୍ଦୁଝରକୁ ୨୧/୧୬ ପଏଣ୍ଟରେ ହରାଇ ଯାଜପୁର ଚାମ୍ପିୟନ ହୋଇଥିବାବେଳେ ବାଳିକା ବିଭାଗରେ ଗଞ୍ଜାମ କେନ୍ଦୁଝରକୁ ହରାଇ ଚାମ୍ପିୟନ ହୋଇଥିଲା। ପ୍ରତିଯୋଗିତାରେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ ବାଳକ ବିଭାଗରେ ବିଜୟ ହାସଲ କରିଥିବା ଯାଜପୁର ଓ ବାଳିକା ବିଭାଗରେ ଗଞ୍ଜାମ ଦଳକୁ ବିଜେତା ଟ୍ରଫି ପ୍ରଦାନ କରିଥିଲେ।

**ଜାତିସଂଘ ମୁଖ୍ୟାଳୟରେ ଅନାବରଣ ହେବ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି**

ଜାତିସଂଘ ସୁରକ୍ଷା ପରିଷଦରେ ଭାରତ ଆସନ୍ତା ମାସରେ ଅଧକ୍ଷତା କରିବାକୁ ଯାଉଛି। ଏହି ଅବସରରେ ଡିସେମ୍ବର ୧୪ରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ଉପସ୍ଥିତିରେ ଜାତିସଂଘ ମୁଖ୍ୟାଳୟରେ ମହାତ୍ମା ଗାନ୍ଧୀଙ୍କ ଆବକ୍ଷ ପ୍ରତିମୂର୍ତ୍ତି ଅନାବରଣ ହେବ ବୋଲି ଭାରତର ସ୍ଥାୟୀ ପ୍ରତିନିଧି ରୁଚିରା କମ୍ବୋଜ୍ କହିଛନ୍ତି। ଭାରତ ପକ୍ଷରୁ ଏହାକୁ ଉପହାର ଦିଆଯାଇଥିଲା। ପଦ୍ମଶ୍ରୀ ବିଜେତା ଖ୍ୟାତନାମା ଭାରତୀୟ ମୂର୍ତ୍ତି କାରିଗର ରାମ ସୂତାର ଏହି ପ୍ରତିମୂର୍ତ୍ତି ନିର୍ମାଣ କରିଛନ୍ତି।

## ସଂକ୍ଷେପରେ

### ସାମାନ୍ୟ ଜ୍ୱରରେ ଆଣ୍ଟିବାୟୋଟିକ୍ ମନା

**ଆଇସିଏମ୍ଆର୍ ଗାଇଡ୍‌ଲାଇନ**

**ନୂଆଦିଲ୍ଲୀ,୨୭।୧୧(ପି.ଟି.):** ସାମାନ୍ୟ ଜ୍ୱର ଏବଂ ଭାଇରାଲ ବ୍ରୋଙ୍କାଇଟ୍ସ ଭଳି ସ୍ଥିତିରେ ଆଣ୍ଟିବାୟୋଟିକ୍ସ ବ୍ୟବହାର ନ କରିବାକୁ ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍ଆର୍) ପକ୍ଷରୁ ଜାରି ଗାଇଡ୍‌ଲାଇନରେ ସତର୍କ କରିଦିଆଯାଇଛି। ଔଷଧ ଲେଖିବା ବେଳେ ରୋଗୀଙ୍କ ପୂର୍ବ ରୋଗ ବିବରଣୀକୁ ଦେଖିବା ଲାଗି ଡାକ୍ତରଙ୍କୁ ପରାମର୍ଶ ଦିଆଯାଇଛି। ଚର୍ମ ଓ କୋମଳ ଟିସ୍ୟୁ ସଂକ୍ରମଣ ଲାଗି ୫ ଦିନ ପାଇଁ ଆଣ୍ଟିବାୟୋଟିକ୍ ଲେଖାଯାଇପାରିବ। ସେହିପରି ନିମୋନିଆ ପାଇଁ ୫ ଦିନ ଏବଂ ଗୁରୁତର କ୍ଷେତ୍ରରେ ୮ ଦିନ ଆଣ୍ଟିବାୟୋଟିକ୍ ଦେବାକୁ କୁହାଯାଇଛି। ସେହିପରି ଗୁରୁତର ରୋଗୀଙ୍କ କ୍ଷେତ୍ରରେ ମଧ ଏମ୍ପିରିକ୍ ଆଣ୍ଟିବାୟୋଟିକ୍ ଚିକିତ୍ସା ସୀମିତ ରଖିବାକୁ କୁହାଯାଇଛି। କାର୍ବାପେନେମ୍ ନାମକ ଏକ ପାୱାରଫୁଲ୍ ଆଣ୍ଟିବାୟୋଟିକ୍ ନିମୋନିଆ ଏବଂ ସେପ୍ଟିସେମିଆ ଚିକିତ୍ସା ପାଇଁ ବ୍ୟବହାର କରାଯାଇଥାଏ। ଏଥିରୁ କୌଣସି ଫାଇଦା ମିଳୁ ନ ଥିବା ଆଇସିଏମ୍ଆର୍ ସର୍ଭେରୁ ଜଣାପଡ଼ିଛି।

### ବ୍ୟାଙ୍କ୍‌ରୁ ୫ କୋଟି ଟଙ୍କାର ସୁନା ଲୁଟ୍

**ଭୋପାଳ,୨୭।୧୧:** ମଧ୍ୟପ୍ରଦେଶ କଟ୍‌ନି ଜିଲାରେ ସୁନା ବଦଳରେ ଋଣ ଦେଉଥିବା ଏକ ବ୍ୟାଙ୍କରୁ ଡକାୟତମାନେ ୫ କୋଟି ଟଙ୍କା ମୂଲ୍ୟର ସୁନା ଓ ନଗଦ ୩.୫ ଲକ୍ଷ ଟଙ୍କା ଲୁଟି ନେଇଯାଇଛନ୍ତି। ମାସ୍କ ପିନ୍ଧିଥିବା ୬ ଜଣ ସଶସ୍ତ୍ର ଡକାୟତ ମୋଟର ସାଇକେଲ୍‌ରେ ଆସି ବନ୍ଧୁକ ମୁନରେ କର୍ମଚାରୀଙ୍କୁ ଭୟଭୀତ କରି ଟଙ୍କା ଓ ସୁନା ନେଇ ପଳାଇଥିଲେ। ବର୍ଗୱାନ ଅଞ୍ଚଳରେ ଥିବା ଏହି ବ୍ୟାଙ୍କରେ ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ନ ଥିଲା ବୋଲି କଟ୍‌ନି ଏସ୍‌ପି ଏସ୍.କେ. ଜୈନ କହିଛନ୍ତି।

### ଫୁଟ୍ ଓଭରବ୍ରିଜ୍ ଭୁଶୁଡ଼ି ଜଣେ ମୃତ, ୧୪ ଆହତ

**ନାଗପୁର,୨୭।୧୧:** କେନ୍ଦ୍ରୀୟ ରେଲ୍‌ୱେ ନାଗପୁର ଡିଭିଜନର ବଲ୍ଲାରଶାହ ଷ୍ଟେଶନରେ ରବିବାର ଅପରାହ୍ନ ୫ଟା ୧୦ରେ ଫୁଟ୍ ଓଭରବ୍ରିଜ୍ ଭୁଶୁଡ଼ିପଡ଼ିଛି। ଏଥିରେ ଜଣେ ମହିଳାଙ୍କ ମୃତ୍ୟୁ ହେବା ସହ ଅନ୍ୟ ୧୪ ଯାତ୍ରୀ ଆହତ ହୋଇଛନ୍ତି। ଉକ୍ତ ଓଭରବ୍ରିଜ୍ ୧ ଓ ୨ ନମ୍ବର ପ୍ଲାଟ୍‌ଫର୍ମକୁ ସଂଯୋଗ କରୁଛି। ଯାତ୍ରୀମାନେ ପୁଣେ ଟ୍ରେନ୍ ଧରିବା ଲାଗି ଓଭରବ୍ରିଜ୍‌ରେ ଯାଉଥିବାବେଳେ ଏହାର ସ୍ଲାବ୍ ଭୁଶୁଡ଼ିପଡ଼ିବାରୁ ଯାତ୍ରୀମାନେ ରେଳଲାଇନରେ ଖସିପଡ଼ିଥିଲେ। ଆହତମାନଙ୍କୁ ବଲ୍ଲାରପୁର ହସ୍ପିଟାଲ ଓ ଚନ୍ଦ୍ରପୁର ମେଡିକାଲ କଲେଜ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଗୁରୁତର ଆହତ ନୀଳିମା ରଙ୍ଗରିଙ୍କର ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁ ଘଟିଛି।

### ଟ୍ରକ୍‌ରେ ଘୋଷାଡ଼ି ହୋଇ ଭାରତୀୟ ଛାତ୍ରଙ୍କ ମୃତ୍ୟୁ

**ଟରଣ୍ଟୋ,୨୭।୧୧:** କାନାଡ଼ାରେ ଜଣେ ଭାରତୀୟ ଛାତ୍ର ସାଇକେଲ୍‌ରେ ରାସ୍ତା ଅତିକ୍ରମ କରୁଥିବା ବେଳେ ଏକ ପିକ୍‌ଅପ୍ ଟ୍ରକ୍ ଧକ୍କାଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ଟ୍ରକ୍‌ଟି ଧକ୍କା ଦେବା ପରେ ତାଙ୍କୁ କିଛିବାଟ ଘୋଷାଡ଼ି ନେଇଥିଲା। ହରିୟାଣା କର୍ନାଲ ଅଞ୍ଚଳର କାର୍ତ୍ତିକ ସାଇନି ଗତବର୍ଷ ଅଗଷ୍ଟରେ ପଢ଼ିବା ପାଇଁ କାନାଡା ଯାଇଥିଲେ। ସେ ଶେରିଦାନ କଲେଜରେ ପଢୁଥିଲେ ବୋଲି କଲେଜ କର୍ତ୍ତୃପକ୍ଷ ସ୍ପଷ୍ଟ କରିବା ସହ ତାଙ୍କ ମୃତ୍ୟୁରେ ଶୋକବ୍ୟକ୍ତ କରିଛନ୍ତି।

# ଇସ୍ତଫା ଦିଅ ଜିନ୍‌ପିଙ୍ଗ୍

## ଚାଇନାରେ କୋଭିଡ୍ କଟକଣାକୁ ବିରୋଧ

**ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଚାଇନାରେ ପୁଣି ଅସମ୍ଭାଳ ହେଲାଣି କୋଭିଡ୍-୧୯। ଘାତକ ଭୂତାଣୁ ସଂକ୍ରମଣ ଲଗାତର ବୃଦ୍ଧି ପାଉଥିବାରୁ ବେଜିଂ, ସାଂଘାଇ ଓ ଉରୁମ୍‌କି ସମେତ ବିଭିନ୍ନ ସହରରେ କଟକଣା ଜାରି କରିଛନ୍ତି କମ୍ୟୁନିଷ୍ଟ ସରକାର। ଏହାର ପ୍ରତିବାଦରେ ଲୋକେ ରାସ୍ତାକୁ ଓହ୍ଲାଇ ବିକ୍ଷୋଭ କରୁଛନ୍ତି। ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କ ୧ ଦଶନ୍ଧି ଶାସନ କାଳରେ ଏଭଳି ବିରୋଧର ସ୍ୱର କେବେ ଶୁଣାଯାଇ ନ ଥିଲା।**



ସାଂଘାଇର ଏକ ବନ୍ଦ ରେଷ୍ଟୁରାଣ୍ଟ ବାହାରେ ସ୍ଥିତି ଅନୁଧ୍ୟାନ କରୁଛନ୍ତି ୨ ସରକାରୀ କର୍ମଚାରୀ।

- ଜିନ୍‌ପିଙ୍ଗଙ୍କ ଶାସନରେ ଅଭୂତପୂର୍ବ ଆଇନ ଅମାନ୍ୟ ହାୱା
- ବେଜିଂ, ସାଂଘାଇରେ ରାତି ଅନିଦ୍ରା ରହିଲେ ବିକ୍ଷୋଭକାରୀ
- ଉରୁମ୍‌କି ଫ୍ୟାକ୍ଟ୍ରି ନିଆଁରେ ୧୦ ଜଣଙ୍କ ମୃତ୍ୟୁ ପରେ ବଢ଼ିଛି ଜନାକ୍ରୋଶ

**ବେଜିଂ/ସାଂଘାଇ, ୨୭।୧୧(ପି.ଟି./ଏ.ପି.)**

ଚାଇନାର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ସହର ସାଂଘାଇର ୱୁଲୁମୁକି ରୋଡ୍‌ରେ ଶନିବାର ରାତିରେ ଲୋକେ ଏକତ୍ରିତ ହୋଇ କ୍ୟାଣ୍ଡେଲଲାଇଟ୍ ଶୋଭାଯାତ୍ରାର ଆୟୋଜନ କରିଥିଲେ। ରବିବାର ଭୋର ସମୟରେ ଏହି ଶୋଭାଯାତ୍ରା ବଡ଼ ବିକ୍ଷୋଭର ରୂପ ନେଇସାରିଥିଲା। ବିକ୍ଷୋଭକାରୀମାନେ ହାତରେ ସାଦା କାଗଜ ଧରି ଚାଇନା କମ୍ୟୁନିଷ୍ଟ ପାର୍ଟି (ସିପିସି) ଏବଂ ରାଷ୍ଟ୍ରପତି ଜିନ୍‌ପିଙ୍ଗ୍‌ଙ୍କ ବିରୋଧରେ ସ୍ଲୋଗାନ ଦେଉଥିଲେ। ଦେଶର ନେତୃତ୍ୱ ବିରୋଧରେ ବିକ୍ଷୋଭ ବେଳେ ଶୁଣାଯାଉଥିଲା, ଲକ୍‌ଡାଉନ୍ ହଟାଅ ଏବଂ ଶି ଜିନ୍‌ପିଙ୍ଗ୍ ଡାଉନ୍ ଡାଉନ୍। ଏହାର ଭିଡିଓ ଫୁଟେଜ୍ ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ହେବାରେ ଲାଗିଛି। ରବିବାର ୱୁଲୁମୁକି ରୋଡ୍‌ରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ପୋଲିସ କର୍ମଚାରୀମାନେ ସମ୍ପୃକ୍ତ ଅଞ୍ଚଳର ରାସ୍ତାଗୁଡ଼ିକୁ ବ୍ୟାରିକେଡ୍ କରି ଭିଡ଼କୁ ଆୟତ୍ତ ଉଦ୍ୟମ ଚଳାଇଛନ୍ତି।

ଫୁଲ, କ୍ୟାଣ୍ଡେଲ ଏବଂ 'ଉରୁମ୍‌କି ନଭେମ୍ବର ୨୪ ମୃତକଙ୍କୁ ଶାନ୍ତି ମିଳୁ' ଉଲ୍ଲିଖିତ ପ୍ଲାକାର୍ଡ ଧରିଥିବା ପ୍ରାୟ ୩୦୦ ବିକ୍ଷୋଭକାରୀଙ୍କୁ ଅଟକାଇବାକୁ ଯାଇ ଲଙ୍କାଗୁଣ୍ଡ ସ୍ପ୍ରେ କରିଛନ୍ତି। କେତେଜଣ ବିକ୍ଷୋଭକାରୀଙ୍କୁ ଗିରଫ କରାଯିବା ପରେ ଦେଖଣାହାରୀ ମଧ ବିକ୍ଷୋଭ ପ୍ରଦର୍ଶନ କରିବାରେ ଲାଗିଛନ୍ତି। ଜଣେ ବିକ୍ଷୋଭକାରୀ କହିଛନ୍ତି, ଉରୁମ୍‌କି ଅଗ୍ନିକାଣ୍ଡ ଯୋଗୁ ସେ ସେଠାରେ ଉପସ୍ଥିତ ଅଛନ୍ତି। ସେ ସ୍ୱାଧୀନତା ପାଇଁ ଲଢ଼େଇ କରୁଛନ୍ତି।

ଶୀତ ଆସୁଛି। ଲୋକଙ୍କୁ ସ୍ୱାଧୀନତା ଦରକାର। ପିସିଆର୍ ଟେଷ୍ଟ ଲୋଡ଼ା ନାହିଁ। ବେଜିଂରେ ମଧ ଅଭୂତପୂର୍ବ ବିକ୍ଷୋଭ ଦେଖିବାକୁ ମିଳିଛି। ସିଙ୍ଗ୍‌ହୁଆ ୟୁନିଭର୍ସିଟିରେ କୋଭିଡ୍ କଟକଣା ପ୍ରତିବାଦରେ ଶତାଧିକ ଛାତ୍ରୀଛାତ୍ର ଶାନ୍ତିପୂର୍ଣ୍ଣ ଭାବେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବିକ୍ଷୋଭ ବେଳେ ସେମାନେ ଜାତୀୟ ସଙ୍ଗୀତ ଗାନ କରି ସରକାର ବିରୋଧୀ ସ୍ଲୋଗାନ ଦେଇଥିଲେ। ଜଣେ ଛାତ୍ର କହିଛନ୍ତି, ବେଜିଂର କାର୍ଯ୍ୟାନୁଷ୍ଠାନ ଭୟରେ ଆମେ ଯଦି କହିବାକୁ ସାହସ ଜୁଟାଇବା ନାହିଁ ତେବେ ଆମ ଉପରୁ ଆମ ଲୋକଙ୍କ ଭରସା ତୁଟିଯିବ। ଆମକୁ ଏହି ପ୍ରସିଦ୍ଧ ବିଶ୍ୱବିଦ୍ୟାଳୟର ଛାତ୍ର ହିସାବରେ ସାରା ଜୀବନ ଅନୁତପ୍ତ ହେବାକୁ ପଡ଼ିବ। ଏକଦା ଜିନ୍‌ପିଙ୍ଗ୍ ପାଠ ପଢ଼ିଥିବା ଏହି ବିଶ୍ୱବିଦ୍ୟାଳୟରେ ତାଙ୍କ ବିରୋଧରେ ଏପରି ବିକ୍ଷୋଭକୁ ଦେଖି କେତେଜଣ ପ୍ରତ୍ୟକ୍ଷଦର୍ଶୀ ଆଶ୍ଚର୍ଯ୍ୟଚକିତ ହୋଇଯାଇଛନ୍ତି।

### 'ଲକ୍‌ଡାଉନ୍ ବନ୍ଦ କର'

୪ ନିୟୁତ ଜନସଂଖ୍ୟା ବିଶିଷ୍ଟ ଉରୁମ୍‌କି ହେଉଛି ଶିଞ୍ଜିଆନ୍ ରିଜିଅନ୍ ରାଜଧାନୀ, ଯେଉଁଠି ଦୀର୍ଘ ୧୦୦ ଦିନ ଧରି ଲୋକେ ବନ୍ଦ ଘରେ ରହିବାକୁ ବାଧ୍ୟ ହୋଇଛନ୍ତି। ଗତ ୨୪ରେ ଉରୁମ୍‌କିସ୍ଥିତ ଏକ ବିଶାଳ କୋଠାରେ ନିଆଁ ଲାଗିଯିବାରୁ ୧୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୯ ଜଣ ଆହତ ହୋଇଥିଲେ। ଲକ୍‌ଡାଉନ ଯୋଗୁ ଉକ୍ତ ବିଲ୍ଡିଂକୁ ଆଂଶିକ ଭାବେ ବନ୍ଦ କରିଦିଆଯାଇଥିବାରୁ ଅନେକ ବାସିନ୍ଦା ନିଜ ଜୀବନ ବଞ୍ଚାଇବା ପାଇଁ ସେଠାରୁ ବାହାରିପାରି ନ ଥିଲେ। ଏହାର ପ୍ରତିବାଦରେ ଶୁକ୍ରବାର ସନ୍ଧ୍ୟାରେ ଲୋକେ ରାସ୍ତାକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନେ ସ୍ଲୋଗାନ ଦେଇଥିଲେ, 'ଲକ୍‌ଡାଉନ୍ ବନ୍ଦ କର'।

### କ'ଣ ଦେଇଛି ଜିରୋ-କୋଭିଡ୍ ନୀତି

କୋଭିଡ୍-୧୯ ସଂକ୍ରମଣର ମୁକାବିଲା ପାଇଁ ଚାଇନା ସରକାର କଡ଼ା କଠୋର ନୀତି ଆପଣାଇଛନ୍ତି। ଜିରୋ-କୋଭିଡ୍ ପଲିସି ଅନୁସାରେ ଲକ୍‌ଡାଉନ୍ ଜାରି ସହ ଯାତ୍ରା ଉପରେ ମଧ କଟକଣା କରାଯାଇଛି। ଏଥିସହ ସମୂହ ଟେଷ୍ଟିଂ ଉପରେ ଗୁରୁତ୍ୱ ଦିଆଯାଉଛି। ବିଶ୍ୱର ଅନେକ ଦେଶରେ କୋଭିଡ୍ କଟକଣାକୁ କୋହଳ କିମ୍ବା ସମ୍ପୂର୍ଣ୍ଣ ହଟାଇ ଦିଆଯାଇଥିବାବେଳେ ରାଷ୍ଟ୍ରପତି ଜିନ୍‌ପିଙ୍ଗ୍‌ଙ୍କ ଏହି ନୀତି ଯୋଗୁ ଚାଇନାବାସୀ ହନ୍ତସନ୍ତ ହେଉଛନ୍ତି। କଟକଣା ସତ୍ତ୍ୱେ ସଂକ୍ରମଣ ବୃଦ୍ଧି ଚିନ୍ତାର କାରଣ ହୋଇଛି। କେବଳ ଶନିବାର ପ୍ରାୟ ୪୦,୦୦୦ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କେବଳ ସେତିକି ନୁହେଁ, ଲକ୍‌ଡାଉନ୍ ଯୋଗୁ କଳକାରଖାନା ବନ୍ଦ ପଡ଼ିଥିବାରୁ ଫ୍ୟାକ୍ଟ୍ରି ଆଉଟ୍‌ପୁଟ୍ ପ୍ରଭାବିତ ହୋଇଛି। ଖୁଚୁରା ବିକ୍ରି ୫ ମାସରେ ସର୍ବନିମ୍ନ ସ୍ତରକୁ ଖସିଆସିଛି। ଫଳରେ ବିଶ୍ୱର ଦ୍ୱିତୀୟ ବୃହତ୍ ଅର୍ଥନୀତି ଚାଇନାକୁ ବୈଶ୍ୱିକ ମାନ୍ଦାବସ୍ଥାର ସାମ୍ନା କରିବାକୁ ପଡ଼ିଲାଣି।

### ଅବଜ୍ଞାର ନୂଆ ପ୍ରତୀକ ସାଦା କାଗଜ

ଚାଇନାରେ ଜାରି କୋଭିଡ୍ କଟକଣାର ପ୍ରତିବାଦରେ ଅଭୂତପୂର୍ବ ଜନ ଅସନ୍ତୋଷ ଦେଖିବାକୁ ମିଳିଛି। ନାଞ୍ଜିଂ ଓ ବେଜିଂ ସମେତ ବିଭିନ୍ନ ସହରରେ ଥିବା ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ସାଦା କାଗଜ ଧରି ନୀରବ ବିକ୍ଷୋଭ କରୁଛନ୍ତି। ଗିରଫଦାରି ଏଡ଼ାଇବା ପାଇଁ ଏହା ଏକ କୌଶଳପୂର୍ଣ୍ଣ ବିରୋଧ ବୋଲି କୁହାଯାଉଛି।



## ଇଜିପ୍ଟ ରାଷ୍ଟ୍ରପତି ହେବେ ସାଧାରଣତନ୍ତ୍ର ଦିବସ ମୁଖ୍ୟ ଅତିଥି


ଅବଦେଲ୍ ଫତେହ ଅଲ୍-ସିସି

**ନୂଆଦିଲ୍ଲୀ,୨୭।୧୧**

ଆସନ୍ତାବର୍ଷ ସାଧାରଣତନ୍ତ୍ର ଦିବସରେ ଇଜିପ୍ଟ ରାଷ୍ଟ୍ରପତି ଅବଦେଲ୍ ଫତେହ ଅଲ୍-ସିସି ମୁଖ୍ୟ ଅତିଥି ଭାବେ ଯୋଗଦେବେ। ପ୍ରଥମ ଥର ପାଇଁ ଆରବ ରିପବ୍ଲିକ୍ ଅଫ୍ ଇଜିପ୍ଟର ରାଷ୍ଟ୍ରପତି ଭାରତର ସାଧାରଣତନ୍ତ୍ର ଦିବସରେ ମୁଖ୍ୟ ଅତିଥି ହେଉଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ରବିବାର ଏକ ବିବୃତିରେ କୁହାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଠାଇଥିବା ଆନୁଷ୍ଠାନିକ ଆମନ୍ତ୍ରଣ ପତ୍ରକୁ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଗତ ମାସ ୧୬ ତାରିଖରେ ଇଜିପ୍ଟ ରାଷ୍ଟ୍ରପତିଙ୍କୁ ଦେଇଥିଲେ। ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ସ୍ଥାପନକୁ ୭୫ ବର୍ଷ ହୋଇଥିବାବେଳେ ଉଭୟ ଦେଶ ଏହାକୁ ପାଳନ କରୁଛନ୍ତି। ଆସନ୍ତାବର୍ଷ ଭାରତ ଜି୨୦ର ଅଧକ୍ଷତା କରିବାକୁ ଯାଉଥିବାବେଳେ ଇଜିପ୍ଟକୁ ଅତିଥି ରାଷ୍ଟ୍ର ଭାବେ ଯୋଗଦେବା ଲାଗି ଆମନ୍ତ୍ରଣ କରିଛି। ୧୯୫୦ରୁ ଭାରତ ସାଧାରଣତନ୍ତ୍ର ଦିବସରେ ବନ୍ଧୁ ରାଷ୍ଟ୍ରଗୁଡ଼ିକର ନେତାମାନଙ୍କୁ ଅତିଥି କରିଆସୁଛି। ୨୦୨୧ରେ ବ୍ରିଟେନ୍‌ର ତତ୍କାଳୀନ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନଙ୍କୁ ମୁଖ୍ୟ ଅତିଥି ଭାବେ ଆମନ୍ତ୍ରଣ କରାଯାଇଥିବାବେଳେ କୋଭିଡ୍ ସଂକ୍ରମଣ ବଢ଼ିବାରୁ ତାଙ୍କ ଗସ୍ତ ବାତିଲ ହୋଇଥିଲା। ଚଳିତ ବର୍ଷ ମଧ ୫ କେନ୍ଦ୍ରୀୟ ଏସିଆ ରିପବ୍ଲିକ୍‌ର ନେତାଙ୍କୁ ଆମନ୍ତ୍ରଣ କରାଯାଇଥିଲା। ତେବେ ଭାରତରେ ସଂକ୍ରମଣ ବଢ଼ିବାରୁ ସେମାନଙ୍କ ଗସ୍ତ ବାତିଲ ହୋଇଥିଲା ଏବଂ ଭାରତ-କେନ୍ଦ୍ରୀୟ ଏସିଆ ସମିଟ୍ ଭର୍ଚୁଆଲରେ କରାଯାଇଥିଲା।


ବେଙ୍ଗାଲୁରୁରୁ କୋଲକାତା ଯାଉଥିବା ହାଓଡ଼ା ଏକ୍ସପ୍ରେସ୍‌ର ଏକ ବଗିରେ ନିଆଁ ଲାଗିଯାଇଛି। ଆନ୍ଧ୍ରପ୍ରଦେଶର ଚିତ୍ତୁର ଜିଲାର କୁପ୍ପମ ଷ୍ଟେଶନରେ ଟ୍ରେନ୍‌ଟି ଯାଉଥିବାବେଳେ ଏହାର ଏସ୍୯ ଏସି କୋଚ୍‌ରେ ନିଆଁ ଲାଗିଯାଇଥିବା ଦେଖି ଡ୍ରାଇଭର ଟ୍ରେନ୍‌କୁ ଅଟକାଇଥିଲେ। ଏଥିସହିତ ସେ ଯାତ୍ରୀମାନଙ୍କୁ ଓହ୍ଲାଇଯିବା ଲାଗି କହିଥିଲେ।

## ବିଶ୍ୱର ମଙ୍ଗଳ ପାଇଁ ଜି୨୦ ଅଧକ୍ଷତା

**ନୂଆଦିଲ୍ଲୀ,୨୭।୧୧(ପି.ଟି.)**


ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍

ଶକ୍ତିଶାଳୀ ଜି୨୦ ରାଷ୍ଟ୍ରଗୋଷ୍ଠୀର ଅଧକ୍ଷତା ଗ୍ରହଣ କରିବା ଭାରତ ପାଇଁ ଏକ ବଡ଼ ସୁଯୋଗ। ଏହି ଅଧକ୍ଷତା ସମୟରେ ଭାରତ ବିଶ୍ୱର ମଙ୍ଗଳ ଉପରେ ଧ୍ୟାନ ଦେବା ସହ ଶାନ୍ତି, ଏକତା, ପରିବେଶ ଏବଂ ସ୍ଥାୟୀ ବିକାଶ ପ୍ରତି ଦେଖାଦେଇଥିବା ଚ୍ୟାଲେଞ୍ଜଗୁଡ଼ିକର ସମାଧାନ ଦିଗରେ ଉଦ୍ୟମ କରିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ତାଙ୍କର 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ କହିଛନ୍ତି। ଡିସେମ୍ବର ୧ରେ ଭାରତ ଇଣ୍ଡୋନେସିଆଠାରୁ ଆନୁଷ୍ଠାନିକ ଭାବେ ଜି୨୦ ଅଧକ୍ଷତା ଗ୍ରହଣ କରିବାକୁ ଯାଉଛି। ଭାରତ ବସୁଧୈବ କୁଟୁମ୍ବକମ୍ ନୀତି ପ୍ରତି ପ୍ରତିଶ୍ରୁତିବଦ୍ଧ। ଜି୨୦ ରାଷ୍ଟ୍ରଗୋଷ୍ଠୀ ଅଧୀନରେ ବିଶ୍ୱ ଜନସଂଖ୍ୟାର ଦୁଇ-ତୃତୀୟାଂଶ ଏବଂ ବିଶ୍ୱ ବାଣିଜ୍ୟର ତିନିଚତୁର୍ଥାଂଶ ରହୁଛି। ବିଶ୍ୱ ଜିଡିପିର ଏହା ୮୫ ପ୍ରତିଶତ। ଡିସେମ୍ବର ୧ରୁ ଭାରତ ଏବେ ବଡ଼ ତଥା ଶକ୍ତିଶାଳୀ ଗ୍ରୁପ୍‌ର ଅଧକ୍ଷତା କରିବାକୁ ଯାଉଛି, ଯାହା ଆମ ପାଇଁ ଏକ ବଡ଼ ସୁଯୋଗ ବୋଲି ମୋଦି କହିଛନ୍ତି। ତା' ଛଡ଼ା ଭାରତ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଆଜାଦୀ କା ଅମୃତ କାଳ ପାଳନ କରୁଥିବାବେଳେ ଏହି ସୁଯୋଗ ମିଳିଛି। ଏହି ଅବସରରେ ତେଲଙ୍ଗାନା ବୁଣାକାର ହରିପ୍ରସାଦ ଜି୨୦ ଲୋଗୋ ନିଜ ହାତରେ ବୁଣି ଏକ ଅନନ୍ୟ ଉପହାର ଭାବେ ପଠାଇଥିବାରୁ ମୋଦି ତାଙ୍କର ପ୍ରଶଂସା କରିଥିଲେ।

ଭାରତର ଘରୋଇ ସ୍ପେସ୍ ଷ୍ଟାର୍ଟଅପ୍ ଦ୍ୱାରା ପ୍ରସ୍ତୁତ ପ୍ରଥମ ରକେଟ 'ବିକ୍ରମ-ଏସ୍' ମହାକାଶକୁ ପଠାଯିବା ପ୍ରତ୍ୟେକ ଭାରତୀୟଙ୍କୁ ଗର୍ବିତ କରିଛି। ଡ୍ରୋନ୍ କ୍ଷେତ୍ରରେ ଭାରତ ଦ୍ରୁତ ବିକାଶ କରୁଛି। ଗତ ୮ ବର୍ଷରେ ଭାରତରୁ ବାଦ୍ୟଯନ୍ତ୍ର ରପ୍ତାନି ୩.୫ ଗୁଣ ବୃଦ୍ଧି ପାଇଛି। ଭାରତୀୟ ସଙ୍ଗୀତର ଖ୍ୟାତି ସାରା ବିଶ୍ୱରେ ପ୍ରସାରିତ ହୋଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

## କଠୋର ନିଷ୍ପତ୍ତି ନେବାକୁ ପଛାଇବନି କଂଗ୍ରେସ: ରମେଶ

**ଇନ୍ଦୋର,୨୭।୧୧(ପି.ଟି.)**

**ଗେହଲଟ୍-ପାଇଲଟ୍ ବିବାଦ**


ଜୟରାମ ରମେଶ

ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ଏବଂ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟ୍‌ଙ୍କ ମଧ୍ୟରେ କ୍ଷମତା କନ୍ଦଳ ଲାଗିରହିଥିବାବେଳେ ସଂଗଠନକୁ ସୁଦୃଢ଼ କରିବା ଲାଗି ଆବଶ୍ୟକ ହେଲେ କଠୋର ନିଷ୍ପତ୍ତି ନେବାରୁ କଂଗ୍ରେସ ପଛାଇବ ନାହିଁ ବୋଲି ବରିଷ୍ଠ ନେତା ଜୟରାମ ରମେଶ ରବିବାର କହିଛନ୍ତି। ରାଜସ୍ଥାନରେ କଂଗ୍ରେସ ପାଇଁ ସଂଗଠନ ସବୁଠୁ ଗୁରୁତ୍ୱପୂର୍ଣ୍ଣ ବୋଲି ଇନ୍ଦୋରରେ ଭାରତ ଯୋଡ଼ୋ ଯାତ୍ରା ଅବସରରେ ଦଳର ସାଧାରଣ ସମ୍ପାଦକ ରମେଶ କହିଛନ୍ତି। ସୂଚନାଯୋଗ୍ୟ, ପାଇଲଟ୍ ଜଣେ ଗଦ୍ଦାର ଏବଂ ତାଙ୍କୁ କଦାପି ମୁଖ୍ୟମନ୍ତ୍ରୀ କରାଇ ଦିଆଯିବ ନାହିଁ ବୋଲି ଗେହଲଟ୍ ଗତ ଗୁରୁବାର ଏକ ଟିଭି ଚ୍ୟାନେଲ୍‌କୁ କହିଥିଲେ। ଏହାକୁ ନେଇ ପାଇଲଟ୍ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ତେବେ ପରସ୍ପରକୁ କାଦୁଅଫିଙ୍ଗାରୁ କୌଣସି ଫାଇଦା ମିଳିବ ନାହିଁ। ଆସନ୍ତା ମାସରେ ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ଯାତ୍ରା ରାଜସ୍ଥାନରେ ପ୍ରବେଶ କରିବାକୁ ଥିବାବେଳେ ଦୁଇ ନେତାଙ୍କ ମଧ୍ୟରେ ଫାଟ ବଢ଼ିବାରେ ଲାଗିଛି। ରାଜସ୍ଥାନ ଘଟଣାରେ ସଂଗଠନକୁ ସୁଦୃଢ଼ କରିବା ଭଳି ସମାଧାନ ପଦକ୍ଷେପ ନିଆଯିବ ବୋଲି ରମେଶ ଗଣମାଧ୍ୟମକୁ କହିଛନ୍ତି। ଏଥିପାଇଁ କଠୋର ନିଷ୍ପତ୍ତି ନେବାକୁ ପଡ଼ିଲେ ବି ଦଳ ପଛାଇବ ନାହିଁ ବୋଲି ସେ କହିଛନ୍ତି।

## ହିଜାବ ପିନ୍ଧି ନ ଥିବା ମହିଳାଙ୍କୁ ସର୍ଭିସ୍ ଦେବାରୁ ବ୍ୟାଙ୍କ ମ୍ୟାନେଜରଙ୍କ ଚାକିରି ଗଲା

**ତେହରାନ,୨୭।୧୧**

ଇରାନରେ ୧୯୭୯ ବିପ୍ଳବ ପରେ ଆମେରିକା ସମର୍ଥିତ ରାଜତନ୍ତ୍ରର ଅବସାନ ଘଟିଥିଲା। ଏହାର ୪ ବର୍ଷ ପରେ ପ୍ରତିଷ୍ଠିତ ଇସ୍‌ଲାମୀୟ ଗଣତନ୍ତ୍ରରେ ହିଜାବ ପରିଧାନକୁ ଦେଶରେ ବାଧ୍ୟତାମୂଳକ କରାଯାଇଥିଲା। ବେଶଭୂଷାକୁ ନେଇ ରୁଚିରେ ପରିବର୍ତ୍ତନ ଆସିବାରୁ ମହିଳାମାନେ ମଧ ଟାଇଟ୍ ଜିନ୍ସ ପିନ୍ଧି ବୁଲୁଥିବା ଦେଖିବାକୁ ମିଳିଥିଲା। କିନ୍ତୁ ଗତ ଜୁଲାଇରେ ଅତିରକ୍ଷଣଶୀଳ ରାଷ୍ଟ୍ରପତି ଇବ୍ରାହିମ୍ ରଇସି ସବୁ ସରକାରୀ ସଂସ୍ଥାରେ ହିଜାବ ଆଇନକୁ କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହି ନିୟମକୁ ଅନେକ ମହିଳା ମାନି ନ ଥିଲେ। ଅବଜ୍ଞାକାରୀମାନଙ୍କ ମଧ୍ୟରେ ଥିଲେ ୨୨ ବର୍ଷୀୟା ମହଶା ଅମିନି। ସେପ୍ଟେମ୍ବର ୧୬ରେ ମୋରାଲିଟି ପୋଲିସ ମାଡ଼ରେ ମହଶାଙ୍କ ମୃତ୍ୟୁ ଘଟିଥିଲା। ଏହି ହାଜତ ମୃତ୍ୟୁକୁ ନେଇ ଦେଶବ୍ୟାପୀ ଆନ୍ଦୋଳନ ଚାଲିଛି। ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନରେ ଅଦ୍ୟାବଧି ୪୫୦ ବିକ୍ଷୋଭକାରୀଙ୍କ ଜୀବନ ଯାଇଥିବାବେଳେ ୧୮,୧୭୩ ଆହତ ହେଲେଣି। ମୃତକଙ୍କ ମଧ୍ୟରେ ୬୩ ପିଲା ଓ ୬୦ ସୁରକ୍ଷା କର୍ମୀ ଅଛନ୍ତି। ଅନ୍ୟପକ୍ଷେ 'ପାଶ୍ଚାତ୍ୟ ଶତ୍ରୁ' ଦଙ୍ଗା ଉସୁକାଉଥିବାରୁ ଏପରି ସ୍ଥିତି ଉପୁଜିଥିବା ତେହରାନ କହିଛି। ଏଭଳି ସମୟରେ କୋମ୍ ପ୍ରଦେଶର ବ୍ୟାଙ୍କ ମ୍ୟାନେଜର ହିଜାବ ପିନ୍ଧି ନ ଥିବା ଜଣେ ମହିଳାଙ୍କୁ ବ୍ୟାଙ୍କିଙ୍ଗ୍ ସର୍ଭିସ୍ ଦେବାରୁ ଗଭର୍ନରଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ନିଜ ଚାକିରି ହରାଇବାକୁ ପଡ଼ିଛି। ଇରାନର ଅଧିକାଂଶ ବ୍ୟାଙ୍କ ସରକାରୀ ନିୟନ୍ତ୍ରଣରେ ରହିଛି। ତେଣୁ ହିଜାବ ନିୟମର ଅନୁପାଳନକୁ ସୁନିଶ୍ଚିତ କରିବା ଏପରି ସଂସ୍ଥାଗୁଡ଼ିକର ମ୍ୟାନେଜରଙ୍କ ଦାୟିତ୍ୱ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

### ସୁପ୍ରିମ ଲିଡରଙ୍କ ଭାଣିଜୀ ଗିରଫ


ଫରିଦେ ମୋରାଦଖାନି

ଇରାନର ସୁପ୍ରିମ ଲିଡର ଆୟାତୋଲ୍ଲା ଖାମେନେଇଙ୍କ ଭାଣିଜୀ ତଥା ଜଣାଶୁଣା ସିଭିଲ୍ ରାଇଟ୍ସ ଆକ୍ଟିଭିଷ୍ଟ ଫରିଦେ ମୋରାଦଖାନି ତେହରାନ ସହ ସବୁ ପ୍ରକାର ସମ୍ପର୍କ ଛିନ୍ନ କରିବା ପାଇଁ ବିଦେଶୀ ସରକାରଙ୍କୁ ଅନୁରୋଧ କରିଛନ୍ତି। ପେସାରେ ଇଞ୍ଜିନିୟର ଫରିଦେଙ୍କ ସ୍ୱର୍ଗତ ପିତା ଅଲୀ ମୋରାଦଖାନି ଅରଙ୍ଗେ ବିରୋଧୀ ଦଳର ଜଣେ ବରିଷ୍ଠ ନେତା ଥିଲେ। ସେ ଖାମେନେଇଙ୍କ ଭଉଣୀଙ୍କୁ ବିବାହ କରିଥିଲେ। ଇସ୍‌ଲାମିକ୍ ରିପବ୍ଲିକ୍ ବିରୋଧୀ ଆଭିମୁଖ୍ୟ ପାଇଁ ତାଙ୍କୁ ଏକ ଜେଲରେ ରଖାଯାଇଥିବାବେଳେ ନିକଟରେ ତାଙ୍କ ମୃତ୍ୟୁ ଘଟିଛି। ଇତିମଧ୍ୟରେ ଫରିଦେ ଅନ୍‌ଲାଇନ୍‌ରେ ଏକ ଭିଡିଓ ଶେୟାର କରିଥିଲେ। ଏଥିରେ ସେ ଦେଶବାସୀଙ୍କୁ ସମ୍ବୋଧନ କରି କହିଥିଲେ, ହେ ମୁକ୍ତ ଜନ ସାଧାରଣ, ଆମ ସହ ରୁହ। ଏହି ହତ୍ୟାକାରୀ ଓ ଶିଶୁହନ୍ତା ସରକାରକୁ ସମର୍ଥନ ବନ୍ଦ କର। ଏହି ଶାସନ ନିଜର କୌଣସି ଧର୍ମୀୟ ସିଦ୍ଧାନ୍ତ ପ୍ରତି ବିଶ୍ୱସ୍ତ ନୁହେଁ। କ୍ଷମତାରେ ରହିବା ଓ ବଳ ପ୍ରୟୋଗ କରିବା ଛଡ଼ା ଏହାକୁ କିଛି ଜଣାନାହିଁ। ତେଣୁ ସମସ୍ତ ସ୍ୱାଧୀନ ଓ ଗଣତାନ୍ତ୍ରିକ ରାଷ୍ଟ୍ର ଇରାନରୁ ନିଜ ନିଜ ପ୍ରତିନିଧିଙ୍କୁ ଫେରାଇ ନେଇ ଏହି ବର୍ବର ଶାସନକୁ ଉଚିତ ଜବାବ ଦିଅନ୍ତୁ ବୋଲି ସେ କହିଥିଲେ। ଏହା ପରେ ନଭେମ୍ବର ୨୩ରେ ଫରିଦେଙ୍କୁ ପୋଲିସ ଗିରଫ କରିଥିଲା। ତାଙ୍କ ଦୋଷ ହେଉଛି ଇରାନର ପୂର୍ବତନ ରାଜକୀୟ ଶାସକଙ୍କୁ ପ୍ରଶଂସା କରିବା। ଇରାନର ଉଚ୍ଚ ପଦାଧିକାରୀଙ୍କ ସମ୍ପର୍କୀୟମାନେ ସରକାରକୁ ସମାଲୋଚନା କରିବା ନୂଆ ନୁହେଁ। ୨୦୧୨ରେ ପୂର୍ବତନ ରାଷ୍ଟ୍ରପତି ଆକବର ହାଶେମି ରଫସାଞ୍ଜାନିଙ୍କ ଝିଅ ଫାଜେ ହାଶେମିଙ୍କୁ ଦେଶ ବିରୋଧୀ ଅଭିଯାନ ପାଇଁ ଜେଲ ଯିବାକୁ ପଡ଼ିଥିଲା।

# ଭୋପାଳ ଗ୍ୟାସ୍ ଦୁର୍ଘଟଣା



ନିକୁଞ୍ଜ ବିହାରୀ ସାହୁ



୧୯୮୪ ମସିହା ଡିସେମ୍ବର ୨ ତାରିଖ, ମଧ୍ୟପ୍ରଦେଶର ରାଜଧାନୀ ଭୋପାଳ ସହରର ଏକ ଶୀତୁଆ ବିଳମ୍ବିତ ରାତ୍ରି। ଲୋକମାନେ ରେଜେଇ ଘୋଡ଼େଇ ଶୋଇ ପଡ଼ିଛନ୍ତି ନିଘୋଡ଼ ନିଦରେ। କିଏ ଜାଣିଥିଲା ଏହା ଭୋପାଳବାସୀଙ୍କ ପାଇଁ ଏକ କାଳରାତ୍ରି ହେବ ବୋଲି! ଏହିଦିନ ମଧ୍ୟରାତ୍ରରେ ସହରରେ ଏକ ରାସାୟନିକ କାରଖାନାରୁ ଅଚାନକ ଗୋଟିଏ ବିଷାକ୍ତ ଗ୍ୟାସ୍ ନିର୍ଗତ ହୋଇ ଏକ ବିରାଟ ଦୁର୍ଘଟଣା ଘଟିଥିଲା। ସେହି କାଳରାତ୍ରିର କଥା ମନେ ପଡ଼ିଲେ ଏବେବି ଲୋମ ଟାଙ୍କୁରି ଉଠେ। ଏଥିରେ ସଙ୍ଗେସଙ୍ଗେ ୨୨୦୦ରୁ ଅଧିକ ଲୋକ ମୃତ୍ୟୁବରଣ କରିଥିଲାବେଳେ ପରବର୍ତ୍ତୀ ଦୁଇ ସପ୍ତାହ ମଧ୍ୟରେ ସମୁଦାୟ ମୃତ୍ୟୁସଂଖ୍ୟା ୧୦,୦୦୦ରୁ ଊର୍ଦ୍ଧ୍ୱ ହୋଇଥିଲା। ଏହି ଗ୍ୟାସ୍ ପ୍ରଭାବରେ ହଜାର ହଜାର ପଶୁପକ୍ଷୀ ମଧ୍ୟ ମୃତ୍ୟୁମୁଖରେ ପଡ଼ିଥିଲେ। ଏହା ବିଶ୍ୱର ସବୁଠାରୁ ଭୟାନକ ଶିଳ୍ପ ଦୁର୍ଘଟଣା ମଧ୍ୟରୁ ଅନ୍ୟତମ ଥିଲା। ସରକାର ଏହି ଘଟଣାକୁ ସ୍ମରଣୀୟ କରି ଶିଳ୍ପକ୍ଷେତ୍ରରେ ଘଟୁଥିବା ଦୁର୍ଘଟଣାକୁ ଏଡ଼ାଇବା ନିମନ୍ତେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତି ବର୍ଷ ଡିସେମ୍ବର ୨ ତାରିଖକୁ 'ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ଦିବସ' ରୂପେ ପାଳନ କରୁଛନ୍ତି।

**ଦୁର୍ଘଟଣାର କାରଣ:** ପୁରୁଣା ଭୋପାଳ ସହରରେ ଅବସ୍ଥିତ କୀଟନାଶକ ପଦାର୍ଥ ପ୍ରସ୍ତୁତ କରୁଥିବା ଏକ ଆମେରିକୀୟ ବହୁରାଷ୍ଟ୍ରୀୟ କମ୍ପାନୀ ୟୁନିୟନ କାର୍ବାଇଡ ଇଣ୍ଡିଆ ଲିମିଟେଡ (Union Carbide India Limited UCIL) ର ଏକ ଭୂତଳ ଗ୍ୟାସ୍ ଟାଙ୍କିରୁ ମିଥାଇଲ୍ ଆଇସୋସ୍ୟାନେଟ୍ (Methyl Isocyanate- MIC) ନାମକ ଏକ ଅତି ବିଷାକ୍ତ ଗ୍ୟାସର ନିର୍ଗମନ ଘଟିବାରୁ ଏହି ଦୁର୍ଘଟଣା ଘଟିଥିଲା। କମ୍ପାନୀର ଏହି କାରଖାନାକୁ ଘେରି ଘନ ଜନବସତି ରହିଥିଲା, ଯେଉଁ ବସ୍ତିରେ ବିଶେଷକରି ଗରିବ ଶ୍ରେଣୀର ଲୋକ ବାସ କରୁଥିଲେ। ସେମାନଙ୍କ ମଧ୍ୟରୁ ଅଧିକାଂଶ ଥିଲେ ସେହି କାରଖାନାର ଶ୍ରମିକ। ସୁତରାଂ ଏହି ଲୋକମାନେ ସିଧାସଳଖ ଏହି ଗ୍ୟାସ ଦୁର୍ଘଟଣାର ଶିକାର ହୋଇଥିଲେ।

**ଦୁର୍ଘଟଣାର ଭୟାବହତା:** ମିଥାଇଲ୍ ଆଇସୋସ୍ୟାନେଟ୍ ଗ୍ୟାସ୍ ବାୟୁଠାରୁ ଭାରିଥିବାରୁ ଏବଂ ଶୀତଦିନେ ବାୟୁପ୍ରବାହର ବେଗ କମ୍ ଥିବାରୁ ଏହି ଗ୍ୟାସ୍ ସଞ୍ଚାଳିତ ନ ହୋଇ ତଳେ ଜମି ଯାଇଥିଲା। ଏହି ଗ୍ୟାସ୍ ସଂସ୍ପର୍ଶରେ ଆସିଥିବା ଲୋକମାନଙ୍କ ପ୍ରଥମେ ଆଖି ଜଳାପୋଡ଼ା, ବାନ୍ତି ହେବା, ତଣ୍ଟି ପୋଡ଼ିବା ତଥା ଶ୍ୱାସରୁଦ୍ଧ ଭଳି ଲକ୍ଷଣମାନ ପ୍ରକାଶ ପାଇଥିଲା। ଲୋକେ ଏଥିରେ ଆତଙ୍କିତ ହୋଇ ଘର ଛାଡ଼ି ପଦାରେ ଦୌଡ଼ାଦୌଡ଼ି ଆରମ୍ଭ କରିଥିଲେ। ମାତ୍ର ପଦାରେ ଖୋଲା ସ୍ଥାନରେ ଗ୍ୟାସର ପ୍ରଭାବ ଅଧିକ ଥିବାରୁ ଲୋକମାନେ ବେଶି ମାତ୍ରାରେ ଏହି ଗ୍ୟାସର ସଂସ୍ପର୍ଶରେ ଆସିଥିଲେ। ଯେଉଁମାନେ ଘର ଭିତରେ କବାଟ ଝରକା ବନ୍ଦକରି ରହିଥିଲେ ସେମାନେ ଊଣା ଅଧିକେ ଗ୍ୟାସର ପ୍ରଭାବରୁ ବଞ୍ଚି ଯାଇଥିଲେ। କିନ୍ତୁ ବସ୍ତିରେ ଥିବା ଅଧିକାଂଶ ମାଟିଘରର କବାଟ ଝରକା ନ ଥିବାରୁ ଘର ଭିତରେ ରହିଯାଇଥିବା ଲୋକେ ମଧ୍ୟ ଏହି ଗ୍ୟାସର ଶିକାର ହୋଇଥିଲେ। ପୀଡ଼ିତ ଲୋକଙ୍କୁ ସହରସ୍ଥ ହମେଦିଆ ସରକାରୀ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ହେଲେ ହସପିଟାଲରେ ରୋଗୀଙ୍କ ସଂଖ୍ୟା ତାହାର କ୍ଷମତାଠାରୁ ଯଥେଷ୍ଟ ଟପି ଯାଇଥିଲା। ଡାକ୍ତରମାନେ ପୂର୍ବରୁ ମିଥାଇଲ୍ ଆଇସୋସ୍ୟାନେଟ୍ ଗ୍ୟାସ୍ ସମ୍ପର୍କରେ ଆଦୌ ଶୁଣି ନ ଥିଲେ ଏବଂ ସେଥିପାଇଁ ଏହାର ଚିକିତ୍ସା ନିମନ୍ତେ ସେମାନଙ୍କ ପାଖରେ କୌଣସି ସଫଳ ଉପଚାର (Antidote) ନ ଥିଲା। ସେମାନେ କିଛି ରୋଗୀଙ୍କୁ କୃତ୍ରିମ ଶ୍ୱାସକ୍ରିୟା ନିମନ୍ତେ ଅକ୍ସିଜେନ୍ ଦେଇଥିଲେ। ମାତ୍ର ଅକ୍ସିଜେନ୍ ସହିତ ମିଥାଇଲ୍ ଆଇସୋସ୍ୟାନେଟ୍ ଗ୍ୟାସର ଅତି ମାରାତ୍ମକ ରାସାୟନିକ ପ୍ରତିକ୍ରିୟା ହୋଇଥିବାରୁ ଏହି ରୋଗୀଙ୍କ ଅବସ୍ଥା ଆହୁରି ଗୁରୁତର ହୋଇଥିଲା। ଫଳରେ ଲୋକେ ପୋକମାଛି ଭଳି ଝଡ଼ି ପଡ଼ିଥିଲେ। ସକାଳ ବେଳକୁ ରାସ୍ତାରେ ମଣିଷ ତଥା ବିଭିନ୍ନ ଜୀବଜନ୍ତୁ ଓ ଗୃହପାଳିତ ପଶୁ ଯଥା ଗୋରୁ, ଷଣ୍ଢ, ଛେଳି, ମେଣ୍ଢା, ଗଧ , ଘୋଡ଼ା ଓ ପକ୍ଷୀମାନଙ୍କ କୁଢ଼କୁଢ଼ ଶବ ଜମା ହୋଇଥିଲା। ଏପରିକି ଗଛଗୁଡ଼ିକର ପତ୍ର ଶୁଖି ଯାଇଥିଲା ଓ ପାଣିରେ ମାଛମାନେ ମଧ୍ୟ ମରିଯାଇଥିଲେ। ସରକାର ସଙ୍ଗେସଙ୍ଗେ ସେନାର ଟ୍ରକ୍ ଜରିଆରେ କୁଢ଼କୁଢ଼ ମଣିଷ ଶବକୁ ଉଠାଇ ଗାତ ଖୋଳି ମାଟିରେ ପୋତି ପକାଇଥିଲେ।

> "୧୯୮୪ ଡିସେମ୍ବର ୨ରେ ମଧ୍ୟପ୍ରଦେଶର ରାଜଧାନୀ ଭୋପାଳରେ ଘଟିଥିଲା ଭୟାନକ ବିଷାକ୍ତ ଗ୍ୟାସ ଦୁର୍ଘଟଣା। ଏଥିରେ ପାଖାପାଖି ୧୦,୦୦୦ରୁ ଅଧିକ ଲୋକ ମୃତ୍ୟୁବରଣ କରିଥିଲେ। ଶିଳ୍ପ କ୍ଷେତ୍ରରେ ଘଟୁଥିବା ଏପରି ଦୁର୍ଘଟଣା ସମ୍ପର୍କରେ ସଚେତନ କରାଇବା ଲାଗି ପ୍ରତିବର୍ଷ ଏହି ଦିବସକୁ ଆମ ଦେଶରେ 'ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ଦିବସ' ଭାବରେ ପାଳନ କରାଯାଇ ଆସୁଅଛି।"

**ପୃଷ୍ଠଭୂମି:** ଭାରତ ସରକାର ଦେଶରେ ରୋଗପୋକ ଦମନ କରି କୃଷି ଉତ୍ପାଦନ ବୃଦ୍ଧି କରିବା ନିମନ୍ତେ ୧୯୬୯ ମସିହାରେ ଏକ ଆମେରିକୀୟ ରାସାୟନିକ କମ୍ପାନୀ 'ୟୁନିୟନ କାର୍ବାଇଡ କର୍ପୋରେଶନ'କୁ ମଧ୍ୟ ଭାରତର ସହର ଭୋପାଳଠାରେ ଏକ ଶିଳ୍ପ କାରଖାନା ପ୍ରତିଷ୍ଠା କରିବା ପାଇଁ ଅନୁମତି ପ୍ରଦାନ କରିଥିଲେ। ଏହି କାରଖାନା ଭୋପାଳର ଉତ୍ତରପୂର୍ବ ଦିଗରେ ପ୍ରାୟ ୧୭ ଏକର ପରିମିତ ଜମି ଉପରେ ପ୍ରତିଷ୍ଠିତ ଥିଲା ଯେଉଁଠାରେ ପ୍ରାୟ ୭୫୦ ଶ୍ରମିକ କାର୍ଯ୍ୟ କରୁଥିଲେ। ଏହି କମ୍ପାନୀ 'ମିଥାଇଲ୍ ଆଇସୋସ୍ୟାନେଟ୍' ଗ୍ୟାସକୁ ଏକ ମଧ୍ୟବର୍ତ୍ତୀ ଦ୍ରବ୍ୟ ହିସାବରେ ବ୍ୟବହାର କରି ସେଭିନ୍ (Sevin) ନାମକ ଏକ କୀଟନାଶକ ପଦାର୍ଥ (Pesticide) ପ୍ରସ୍ତୁତ କରୁଥିଲା। ପ୍ରଥମେ କମ୍ପାନୀ ଏହି ଗ୍ୟାସକୁ ବିଦେଶରୁ ଆମଦାନୀ କରୁଥିଲା। ମାତ୍ର ଉତ୍ପାଦର ଚାହିଦା ବୃଦ୍ଧି ପାଇବାରୁ କମ୍ପାନୀ ୧୯୭୯ ମସିହାରେ ଏହି ଗ୍ୟାସର ଆବଶ୍ୟକ ଉତ୍ପାଦନ ପାଇଁ ନିଜସ୍ୱ କାରଖାନାରେ ଏକ ସ୍ୱତନ୍ତ୍ର ବିଭାଗ ମଧ୍ୟ ସ୍ଥାପନ କରିଥିଲା। ଏଥିରେ ଦୁଇଟି ଅତି ବିଷାକ୍ତ ଗ୍ୟାସ୍ ଯଥା ମିଥାଇଲମାଇନ୍ (Methylmine) ଓ ଫସଜିନ୍ (Phosgene)ର ରାସାୟନିକ ପ୍ରତିକ୍ରିୟା ଘଟାଯାଇ ଏହି ମିଥାଇଲ୍ ଆଇସୋସ୍ୟାନେଟ୍ ଗ୍ୟାସ୍ ପ୍ରସ୍ତୁତ କରାଯାଉଥିଲା। ଶେଷରେ ଏହି ମିଥାଇଲ୍ ଆଇସୋସ୍ୟାନେଟ୍ ଗ୍ୟାସ୍ ସହିତ '୧-ନାପଥୋଲ' ନାମକ ଆଉ ଗୋଟିଏ ବିଷାକ୍ତ ଗ୍ୟାସର ରାସାୟନିକ ପ୍ରତିକ୍ରିୟା ଘଟାଯାଇ କାର୍ବାରାଇଲ୍ (Carbaryl) ନାମକ କୀଟନାଶକ ପଦାର୍ଥ ପ୍ରସ୍ତୁତ କରାଯାଇ ବ୍ୟବସାୟିକ 'ସେଭିନ୍' ନାମରେ ବଜାରରେ ବିକ୍ରି କରାଯାଉଥିଲା। ଏହି କାରଖାନାରୁ ବାର୍ଷିକ ପ୍ରାୟ ୫୦୦୦ ଟନ୍ ସେଭିନ୍ ଉତ୍ପାଦନ ହେଉଥିଲା।

ମିଥାଇଲ୍ ଆଇସୋସ୍ୟାନେଟ୍ ଗ୍ୟାସକୁ ଉତ୍ପାଦନ ପରେ ଭଣ୍ଡାରଣ କରି ରଖିବା ପାଇଁ କାରଖାନା ପରିସରରେ କଙ୍କ୍ରିଟରେ ଗଢ଼ା ପାଖାପାଖି ତିନୋଟି ଭୂତଳ ଟାଙ୍କି ନିର୍ମାଣ କରାଯାଇଥିଲା। ଏହି ତିନୋଟି ଟାଙ୍କିରେ ସମୁଦାୟ ୬୮,୦୦୦ ଲିଟର ମିଥାଇଲ୍ ଆଇସୋସ୍ୟାନେଟ୍ ଗ୍ୟାସ ଗଚ୍ଛିତ ହୋଇ ରହିବାର ବ୍ୟବସ୍ଥା ଥିଲା। ନିୟମ ଅନୁସାରେ, ଏହି ଟାଙ୍କି ସବୁରେ ମାତ୍ର ଅର୍ଦ୍ଧେକ ଅଂଶ ମିଥାଇଲ୍ ଆଇସୋସ୍ୟାନେଟ୍ ଗ୍ୟାସରେ ପୂର୍ଣ୍ଣ କରାଯାଉଥିଲା ଓ ବାକି ଅର୍ଦ୍ଧେକ ଅଂଶରୁ ବାୟୁ ଖାଲି କରାଯାଇ ନାଇଟ୍ରୋଜେନ୍ ଗ୍ୟାସ୍‌କୁ ଉଚ୍ଚ ଚାପରେ ଭର୍ତ୍ତି କରାଯାଉଥିଲା। ଏଥିପାଇଁ ଦୁଇଟି କାରଣ ଥିଲା : ପ୍ରଥମତଃ ବାୟୁରେ ଥିବା ଜଳୀୟବାଷ୍ପ ସହିତ ମିଥାଇଲ୍ ଆଇସୋସ୍ୟାନେଟ୍ ଗ୍ୟାସର ରାସାୟନିକ ପ୍ରତିକ୍ରିୟା ଅତି ବିସ୍ଫୋରକ ଥିଲା। ଦ୍ୱିତୀୟତଃ ଚାପଯୁକ୍ତ ନାଇଟ୍ରୋଜେନ୍ ଗ୍ୟାସ୍‌କୁ ବ୍ୟବହାର କରି ଟାଙ୍କିରୁ ସଞ୍ଚିତ ମିଥାଇଲ୍ ଆଇସୋସ୍ୟାନେଟ୍ ଗ୍ୟାସ୍‌କୁ ମଧ୍ୟ ଆବଶ୍ୟକତା ଅନୁସାରେ ପଦାକୁ ନିର୍ଗତ କରି ବ୍ୟବହାର କରାଯାଇପାରୁଥିଲା। (କ୍ରମଶଃ...)

-ଏଜୁକେସନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ
ମୋ : ୮୦୧୮୭୦୮୮୫୮

## କ୍ୟାନ୍‌ସର ଚିହ୍ନଟ କରିବ ନୂଆ ଡିଭାଇସ୍



ବର୍ତ୍ତମାନ ଚିକିତ୍ସା ବିଜ୍ଞାନରେ ଚିନ୍ତାର କାରଣ ସାଜିଥିବା କେତେକ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟରୁ କ୍ୟାନ୍‌ସର ଅନ୍ୟତମ। ଏହାକୁ ପ୍ରାରମ୍ଭିକ ଅବସ୍ଥାରେ ଚିହ୍ନଟ କରି ଉପଯୁକ୍ତ ଚିକିତ୍ସା କରାଗଲେ ଏଥିରୁ ଅନେକାଂଶରେ ଆରୋଗ୍ୟ ଲାଭ କରାଯାଇପାରୁଛି। ହେଲେ ସମୟ ଗଡ଼ିଗଲେ ତାହା ଜୀବନନାଶକ ସାଜିଥାଏ। ତେବେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ନିକଟରେ ଏଭଳି ଏକ ନୂଆ ଡିଭାଇସ୍ ପ୍ରସ୍ତୁତ କରିଛନ୍ତି, ଯାହାଦ୍ୱାରା କ୍ୟାନ୍‌ସର ପରି ମାରାତ୍ମକ ରୋଗକୁ ନିରୂପଣ କରାଯାଇପାରିବ। ଏହାକୁ ସେମାନେ 'ଡି-୧୩' ନାମରେ ନାମିତ କରିଛନ୍ତି। ଉକ୍ତ ଡିଭାଇସ୍‌ରେ ଏକ ଉଚ୍ଚ ଶକ୍ତିସମ୍ପନ୍ନ କ୍ୟାମେରା ସଂଯୋଗ କରାଯାଇଛି। ଏହି କ୍ୟାମେରା ଶରୀର ଭିତରେ କୋଷଗୁଡିକ (ସେଲ) ଫଟୋ ଉଠାଇବା ପରେ ବିଶେଷଜ୍ଞମାନେ ସେଗୁଡିକୁ ତର୍ଜମା କରି କ୍ୟାନସର ଆକ୍ରାନ୍ତ କୋଷକୁ ଚିହ୍ନଟ କରିଥାଆନ୍ତି। ପରୀକ୍ଷାମୂଳକ ଭାବରେ ଏହି ଡିଭାଇସ୍‌କୁ ପରୀକ୍ଷା କରି ସେଥିରୁ ସଫଳତା ମିଳିଛି ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ବୃଦ୍ଧି ହେବ ରୋଗ ପ୍ରତିରୋଧକ ଶକ୍ତି



ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ସବୁବେଳେ ଦୃଢ଼ ରହିବା ଦରକାର। ନ ହେଲେ ଆମେ ବିଭିନ୍ନ ପ୍ରକାର ରୋଗର ସମ୍ମୁଖୀନ ହେବାର ଆଶଙ୍କା ରହିଛି। ହେଲେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାର ଏକ ସରଳ ତଥା ସହଜ ଉପାୟ ହାତ ପାଆନ୍ତାରେ ରହିଛି। ତାହା ହେଲା ସୁନିଦ୍ରା। ଯଦି ଜଣେ ବ୍ୟକ୍ତି ପ୍ରତିଦିନ ୬-୭ ଘଣ୍ଟା ଭଲ ଭାବରେ ଶୁଅନ୍ତି ତେବେ ତାଙ୍କର ରୋଗ ପ୍ରତିରୋଧକ ଶକ୍ତି କେତେକାଂଶରେ ବୃଦ୍ଧି ପାଇଥାଏ ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି। ୟୁନିଭର୍ସିଟି ଅଫ୍ ବର୍ଲିନର ବିଶେଷଜ୍ଞମାନେ ଏ ନେଇ ଗବେଷଣା କରି ଏ କଥା ଜାଣିପାରିଛନ୍ତି। ଜଣେ ବ୍ୟକ୍ତି ଆବଶ୍ୟକ ମୁତାବକ ଶୋଇବା ଦ୍ୱାରା ତାଙ୍କ ଶରୀର ଭିତରେ ବିଭିନ୍ନ ପ୍ରକ୍ରିୟା ଠିକ୍ ଭାବରେ ହୋଇଥାଏ। ଫଳରେ ଜଣେ ବ୍ୟକ୍ତି କେତେକାଂଶରେ ନିଜକୁ ସୁସ୍ଥ ରଖିଥାନ୍ତି। କେବଳ ସେତିକି ନୁହେଁ, ଏହାସହ ନିଜର ଖାଦ୍ୟପେୟ ଏବଂ ଦୈନନ୍ଦିନ ଜୀବନଶୈଳୀ ପ୍ରତି ଦୃଷ୍ଟି ଦେବା ଆବଶ୍ୟକ ବୋଲି ସେମାନେ ପରାମର୍ଶ ଦେଇଛନ୍ତି।

## ଅଜୀର୍ଣ୍ଣ ସମସ୍ୟା ଥିଲେ...



ଏପରି କିଛି ବ୍ୟକ୍ତି ଅଛନ୍ତି ଯେଉଁମାନେ ମନଲୋଭା ଖାଦ୍ୟ ଦେଖିଲେ ନିଜର ଲୋଭକୁ ନିୟନ୍ତ୍ରଣରେ ରଖିପାରନ୍ତି ନାହିଁ। ଫଳରେ ସେମାନେ ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଇଥାଆନ୍ତି। ଏହାଦ୍ୱାରା ଅଜୀର୍ଣ୍ଣ ଏବଂ ପେଟଜନିତ ସମସ୍ୟା ସୃଷ୍ଟି ହେଇଥାଏ। ଯଦି ଏହି ସମସ୍ୟା ଗୁରୁତର ଥାଏ ତେବେ ସଂପୃକ୍ତ ବ୍ୟକ୍ତିଙ୍କୁ ହସପିଟାଲରେ ଆଡମିଶନ କରି ଚିକିତ୍ସା କରାଇବାକୁ ପଡେ। ତେବେ ଏଭଳି କେତେକ ଉପାୟ ରହିଛି ଯାହାକୁ ଅନୁସରଣ କଲେ ଆପଣ ନିଜକୁ ଅଜୀର୍ଣ୍ଣ ସମସ୍ୟାଠାରୁ ଅନେକାଂଶରେ ଦୂରେଇ ରଖିପାରିବେ। ପ୍ରଥମେ କଦାପି ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଅନ୍ତୁ ନାହିଁ। ଚାପ କିମ୍ବା ଚିନ୍ତାଗ୍ରସ୍ତ ଥିବା ସମୟରେ ଖାଦ୍ୟ ନ ଖାଇବା ଭଲ। ଅଧିକ ଫ୍ୟାଟଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ। ଖାଇବା ପରେ ନିଶାଦ୍ରବ୍ୟ ସେବନଠାରୁ ନିଜକୁ ଦୂରେଇ ରଖନ୍ତୁ। କାରଣ ଏହାର ପ୍ରଭାବ ପାଚନ କ୍ରିୟା ଉପରେ ପଡିଥାଏ। ଏପରି ଖାଦ୍ୟ ଖାଆନ୍ତୁ ଯାହା ସହଜରେ ହଜମ ହୋଇପାରୁଥିବ। ଖାଦ୍ୟ ଚୋବାଇବା ସମୟରେ ଆଦୌ କଥାବାର୍ତ୍ତା କରନ୍ତୁ ନାହିଁ। ପ୍ରତିଦିନ ୨-୩ ଲିଟର ପାଣି ପିଅନ୍ତୁ।

## ଭାତ: କିଛି କଥା



ଆମ ଦୈନନ୍ଦିନ ଖାଦ୍ୟର ପ୍ରମୁଖ ଖାଦ୍ୟ ହେଉଛି ଭାତ। ତେବେ ଏହାକୁ ନେଇ ଅନେକଙ୍କ ମନରେ କିଛି ଭ୍ରାନ୍ତ ଧାରଣା ରହିଛି। କେତେକେ ଭାବନ୍ତି ଯେ ଭାତ ଖାଇଲେ ମେଦବହୁଳତା ବଢ଼ିଥାଏ। କିନ୍ତୁ ବାସ୍ତବରେ ସେପରି କିଛି ଘଟି ନ ଥାଏ। ଭାତରେ ଫ୍ୟାଟ୍ ଅଂଶ କମ୍ ଥାଏ। ଏଥିରେ ପ୍ରଚୁର ପରିମାଣରେ କାର୍ବୋହାଇଡ୍ରେଡ୍ ଏବଂ ଫାଇବର ରହିଛି, ଯାହା ଶରୀରକୁ ଶକ୍ତି ପ୍ରଦାନ କରେ। ଭାତ ମଧ୍ୟ କୋଲେଷ୍ଟରଲକୁ କେତେକାଂଶରେ ସନ୍ତୁଳିତ କରିରଖିଥାଏ। କେତେକ ବ୍ୟକ୍ତିଙ୍କ ମନରେ ଧାରଣା ଅଛି ଯେ, ଭାତରେ 'ଗ୍ଲୁଟୋନ୍' ନମକ ତତ୍ତ୍ୱ ରହିଛି, ଯାହା ଶରୀରରେ ଆଲର୍ଜି ସୃଷ୍ଟି କରେ। ହେଲେ ଏଭଳି ଧାରଣା ଭୁଲ। କାରଣ ଏଭଳି ତତ୍ତ୍ୱ ଭାତରେ ଆଦୌ ନାହିଁ। ଯେଉଁଥିପାଇଁ ଅବସ୍ଥା ଦେଖି ଡାଇବେଟିସ୍ ରୋଗୀଙ୍କୁ ଅଳ୍ପ ଭାତ ଖାଇବାକୁ ଡାକ୍ତର ପରାମର୍ଶ ଦେଇଥାଆନ୍ତି। କେତେକ ଭାବନ୍ତି ଯେ ଭାତରେ ଆଦୌ ପ୍ରୋଟିନ୍ ନାହିଁ। ହେଲେ ଏଭଳି ଧାରଣା ଅମୂଳକ। ଏକ କପ୍ ଭାତରେ ୩-୪ଗ୍ରାମ୍ ପ୍ରୋଟିନ୍ ରହିଛି। ଭାତରେ ସୋଡିୟମ ଥିବାରୁ ଏହାକୁ ବ୍ଲଡପ୍ରେସର ରୋଗୀ ଖାଇବା ଠିକ୍ ନୁହେଁ। କିନ୍ତୁ ଏଭଳି ଧାରଣା ଠିକ୍ ନୁହେଁ। ଭାତରେ ଅଳ୍ପ ପରିମାଣର ସୋଡିୟମ ଅଛି, ଯାହାର କୌଣସି ଖରାପ ପ୍ରଭାବ ଶରୀର ଉପରେ ପଡି ନ ଥାଏ।

## ଦୈନନ୍ଦିନ ଜୀବନଶୈଳୀ ଓ ଟାଟୁ



ଆଜିକାଲି ଟାଟୁ କରିବା ଏକ ଫ୍ୟାଶନ ପାଲଟିଗଲାଣି। ବିଶେଷଭାବରେ ଯୁବପିଢ଼ି ଏହାକୁ ଆଦରି ନେଇଛନ୍ତି କହିଲେ ଆଦୌ ଭୁଲ ହେବ ନାହିଁ। କିନ୍ତୁ ଏହାର ପ୍ରଭାବ ଜଣେ ବ୍ୟକ୍ତିର ଜୀବନଶୈଳୀ ଉପରେ ପଡ଼ିବାର ଆଶଙ୍କା ରହିଛି ବୋଲି ଏକ ସଦ୍ୟତମ ସର୍ଭେରୁ ଜଣାପଡ଼ିଛି। 'ଦୈନନ୍ଦିନ ଜୀବନଶୈଳୀ ଏବଂ ଟାଟୁ' ଶୀର୍ଷକ ବିଷୟକୁ ନେଇ ୟୁନିଭର୍ସିଟି ଅଫ୍ ସିଡ୍‌ନୀର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏଥିରୁ ସେମାନେ ଏଭଳି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି। ସର୍ଭେ ସମୟରେ ଟାଟୁ କରିଥିବା ଯୁବପିଢ଼ିଙ୍କୁ ଏହାର ପରିସରଭୁକ୍ତ କରାଯାଇଥିଲା। ଅନ୍ୟପକ୍ଷରେ ଏହି ସମୟ ଭିତରେ ସେମାନଙ୍କ ଜୀବନଶୈଳୀକୁ ତନ୍ନ ତନ୍ନ କରି ତର୍ଜମା ମଧ୍ୟ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ବ୍ୟକ୍ତିଙ୍କ ଜୀବନଶୈଳୀ ଟାଟୁ ଯୋଗୁଁ ପ୍ରଭାବିତ ହେଉଥିବାର ସେମାନେ ଜାଣିବାକୁ ପାଇଥିଲେ। କେବଳ ସେତିକି ନୁହେଁ, ଏହାଦ୍ୱାରା ସେମାନଙ୍କର ଆଚାର ବ୍ୟବହାରରେ ମଧ୍ୟ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଥିଲା। ତେବେ ନିଜର ମାନସିକତାରେ ପରିବର୍ତ୍ତନ କଲେ ଟାଟୁ କରିଥିବା ଜଣେ ବ୍ୟକ୍ତି ଏଭଳି ସମସ୍ୟାଠାରୁ ନିଜକୁ ଦୂରେଇ ରଖିପାରିବ ବୋଲି ଉକ୍ତ ୟୁନିଭର୍ସିଟିର ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

## ବିଳମ୍ବରେ ଖାଦ୍ୟ ଖାଉଥିଲେ...

ଆମେ ଖାଦ୍ୟ ଖାଇବାର ଏକ ନିର୍ଦ୍ଦିଷ୍ଟ ସମୟ ନିର୍ଘଣ୍ଟ ରହିଛି। କେତେକଙ୍କଠାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଥାଏ। ସକାଳ ଜଳଖିଆ ହେଉ କି ମଧ୍ୟାହ୍ନ ଭୋଜନ ଅବା ରାତ୍ରିଭୋଜନ-ସବୁଗୁଡ଼ିକରେ କୌଣସି ନିର୍ଦ୍ଦିଷ୍ଟ ସମୟ ନ ଥାଏ। ଫଳରେ ସେମାନେ କିଛି ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି। କେତେକ ବ୍ୟକ୍ତି ବିଳମ୍ବିତ ରାତିରେ ଖାଇଥାଆନ୍ତି। ଏହା ତ ହଜମକ୍ରିୟାକୁ ପ୍ରଭାବିତ କରିଥାଏ, ତା'ସହ ସମ୍ପୃକ୍ତ ବ୍ୟକ୍ତିଙ୍କର କାର୍ଯ୍ୟଧାରାକୁ ମଧ୍ୟ ପ୍ରଭାବିତ କରିବାର ଆଶଙ୍କା ରହିଛି।



ଆବଶ୍ୟକ ସମୟଠାରୁ ଡେରିରେ ରାତ୍ରଭୋଜନ କରୁଥିବା କିଛି ବ୍ୟକ୍ତିଙ୍କର କାର୍ଯ୍ୟଧାରାକୁ ୟୁନିଭର୍ସିଟି ଅଫ ଲଣ୍ଡନର ବିଶେଷଜ୍ଞମାନେ ତର୍ଜମା କରିଥିଲେ। ଆଶ୍ଚର୍ଯ୍ୟଜନକ ଭାବରେ ସେମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତିଙ୍କର କାର୍ଯ୍ୟଧାରା ଏଭଳି ଅଭ୍ୟାସ ଦ୍ୱାରା ପ୍ରଭାବିତ ହେଉଥିବାର ଜଣାପଡ଼ିଥିଲା। ତେଣୁ ଆମେ ସବୁବେଳେ ନିର୍ଦ୍ଦିଷ୍ଟ ସମୟରେ ଖାଦ୍ୟ ଖାଇବାକୁ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

## ସ୍ୱାସ୍ଥ୍ୟ ସୂଚନା

- ଖାଦ୍ୟ ଖାଇବା ସମୟରେ ନିଜ ଲୋଭକୁ ନିୟନ୍ତ୍ରଣ କରନ୍ତୁ। ଏଭଳି ଖାଦ୍ୟ ଖାଆନ୍ତୁ ନାହିଁ ଯାହା ପରବର୍ତ୍ତୀ ସମୟରେ କେତେକ ରୋଗକୁ ପରୋକ୍ଷରେ ଆମନ୍ତ୍ରଣ କରିବ।
- ବୟସ ବଢ଼ିବା ସହ ନିଜ ଶରୀରର ରୁଟିନ୍ ଚେକ୍‌ଅପ୍ କରାଇ ନିଅନ୍ତୁ। କାରଣ ଏହି ସମୟରେ କିଛି ରୋଗର ସମ୍ମୁଖୀନ ହେବାର ଆଶଙ୍କା ରହିଛି।
- କୌଣସି ସ୍ୱାସ୍ଥ୍ୟଜନିତ ସମସ୍ୟା ଥିଲେ ବିଭିନ୍ନ ଲୋକଙ୍କ ସହ ଆଲୋଚନା କରିବା ଅପେକ୍ଷା ଅଭିଜ୍ଞ ଡାକ୍ତରଙ୍କ ସହ ଏ ନେଇ ପରାମର୍ଶ ନିଅନ୍ତୁ।
- ସବୁବେଳେ ଟେନ୍‌ସନ୍ ଏବଂ ଅବସାଦଠାରୁ ନିଜକୁ ଯେତେ ସମ୍ଭବ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ।
- ସବୁବେଳେ ସନ୍ତୁଳିତ ଜୀବନଶୈଳୀ ଅନୁସରଣ କରନ୍ତୁ। ଏହା ଆପଣଙ୍କୁ ଅନେକାଂଶରେ ସୁସ୍ଥ ରଖିଥାଏ।
- ପ୍ରତିଦିନ ସକାଳେ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲନ୍ତୁ।
- କଦାପି ସୁଗାର କ୍ୟାଲୋରୀ ଡ୍ରିଙ୍କସ ପିଅନ୍ତୁ ନାହିଁ। କାରଣ ଏହା ଶରୀରରେ ଚର୍ବି ପରିମାଣ ବଢ଼ାଇବାରେ ସାହାଯ୍ୟ କରିଥାଏ।
- ଶରୀର ଭିତରେ ଯେପରି ଜଳୀୟ ଅଂଶ ପରିମାଣ ସବୁବେଳେ ସନ୍ତୁଳିତ ରହେ ସେଥିପ୍ରତି ଧ୍ୟାନ ଦିଅନ୍ତୁ।



**ଜନ୍ମଦିନର ଶୁଭେଚ୍ଛା**

ନାମ: ...............................
ବୟସ: ...............................
ଜନ୍ମ ତାରିଖ: ...............................


ଏସ୍. ମଧୁ ମଙ୍ଗଳ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ରାସ୍ତାକୁ ଯିଏ ଆସିଲା ସିଏ ଫସିଲା

## ଆନ୍ଦୋଳନ ପାଇଁ ଟ୍ରାଫିକ ଜାମ୍

- ଗଡ଼ିପାରିଲାନି ମୋ ବସ୍, ଟାଉନ୍ ବସ୍
- ନାକେଦମ୍ ହେଲା ପୋଲିସ, ହଟହଟା ଜନତା

ଭୁବନେଶ୍ୱର, ୨୭।୧୧(ବ୍ୟୁରୋ)

ସକାଳୁ ସକାଳୁ ସହରର ସାଧାରଣ ଜୀବନଯାତ୍ରା ସ୍ୱାଭାବିକ ଥିଲା। ହେଲେ ୧୦ଟା ପରେ ରାଜଧାନୀର ଚିତ୍ର ସମ୍ପୂର୍ଣ୍ଣ ବଦଳିଯାଇଥିଲା। ଚାରିପଟୁ ରାଜଧାନୀକୁ ପ୍ରବେଶ କରିଥିଲା ମାଳମାଳ ଗାଡି। ଯେଉଁଆଡେ ଦେଖିବ ବ୍ୟାନର ଲଗାହୋଇଥିବା ବସ୍, ବୋଲେରୋ, କାର୍। ଅଧିକାଂଶ ଗାଡ଼ିଥିଲା ଶିକ୍ଷକମାନଙ୍କର। ୩ଦଫା ଦାବି ନେଇ ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ରବିବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବଡ଼ଧରଣର ସମାବେଶର ଆୟୋଜନ କରାଯାଇଥିଲା। ଏହି ସମାବେଶରେ ଯୋଗଦେବାକୁ ସାରା ଓଡ଼ିଶାରୁ ପ୍ରାଥମିକ ଶିକ୍ଷକମାନେ ଆସିଥିଲେ। ରସୁଲଗଡ଼, ବାଣୀବିହାର, ଆଚାର୍ଯ୍ୟ ବିହାର, ଜୟଦେବ ବିହାର, କଳ୍ପନା, ଖଣ୍ଡଗିରି ପଟୁ ବିଭିନ୍ନ ବାଟ ଦେଇ ଲୋୟର ପିଏମ୍‌ଜିକୁ ଆସିଥିଲେ। ସେମାନଙ୍କ ସଂଖ୍ୟା ଏତେ ଅଧିକ ଥିଲା ଯେ, ଛୁଟିଦିନ ସତ୍ତ୍ୱେ ରାସ୍ତାରେ ହଠାତ୍ ଅସମ୍ଭାଳ ଭିଡ଼ ଆରମ୍ଭ ହୋଇଥିଲା। ଦିନ ବଢ଼ିବା ସହ ଟ୍ରାଫିକ୍ ଜାମ୍ ଯୋଗୁ ଭୁବନେଶ୍ୱରର ରାସ୍ତାଘାଟ ଏକପ୍ରକାର ଅଚଳ ହୋଇପଡିଥିଲା। ରାସ୍ତାକୁ ଯିଏ ବାହାରିଥିଲେ ଜାମ୍‌ରେ ଫସିଥିଲେ। ମଧ୍ୟାହ୍ନରେ ସ୍ଥିତି ଟିକିଏ ସୁଧୁରିଥିବାବେଳେ ଅପରାହ୍ନରେ ପୁଣି ବିଗିଡି ଯାଇଥିଲା। ସବୁଠୁ ଅଧିକ ମାତ୍ରାରେ ପ୍ରଭାବିତ ହୋଇଥିଲା ସ୍ମାର୍ଟ ଜନପଥ। ୧ କିମି ରାସ୍ତା ଅତିକ୍ରମ କରିବାକୁ ଘଣ୍ଟାଏରୁ ଅଧିକ ସମୟ ଲାଗିଥିଲା। ବିଶେଷକରି ମାଷ୍ଟରକ୍ୟାଣ୍ଟିନ ଦେଇ ଚଳାଚଳ କରୁଥିବା ମୋ ବସ୍ ଓ ଟାଉନ୍ ବସ୍ ଗଡ଼ି ପାରି ନ ଥିଲା। ଜାମ୍ ହଟାଇବାକୁ ପୋଲିସ ନାକେଦମ୍ ହୋଇଥିବାବେଳେ ଜନତା ନାନା ହଟହଟା ହୋଇଥିଲେ। ପୂର୍ବରୁ ଆନ୍ଦୋଳନକାରୀଙ୍କ ଗାଡି ପାର୍କିଂ ପାଇଁ କିଛି ନିର୍ଦ୍ଦିଷ୍ଟ ସ୍ଥାନ ଚିହ୍ନଟ କରାଯାଇଥିଲା। ହେଲେ ଢେର ଅଧିକ ଲୋକ ଆସିବାରୁ ଯିଏ ଯୁଆଡେ ପାରିଲେ ଗାଡ଼ି ଥୋଇଲେ। ଏପରିକି ରାସ୍ତା କଡରେ ମାଳମାଳ ଗାଡି ରହିବାରୁ ସବୁ ରାସ୍ତା ସଂକୁଚିତ ହୋଇପଡ଼ିଥିଲା। ଆପେଆପେ ଟ୍ରାଫିକ ଜାମ୍ ଜଟିଳ ସ୍ଥିତି ସୃଷ୍ଟି କରିଥିଲା। ସେହିପରି ଅନ୍ୟ ସଂଘ ଓ ସଙ୍ଗଠନ ପକ୍ଷରୁ ମଧ୍ୟ ସେଠାରେ ଆନ୍ଦୋଳନ ଚାଲିଥିବାରୁ ବିଭିନ୍ନ ଜିଲାରୁ ଲୋକଙ୍କ ଯିବାଆସିବା ଲାଗିରହିଛି। ବିଧାନସଭା ସରିବା ପର୍ଯ୍ୟନ୍ତ ଏପରି ସମସ୍ୟା ଲାଗି ରହିବା ସମ୍ଭାବନା ଥିବାରୁ ଏହାର ସ୍ଥାୟୀ ସମାଧାନ ପାଇଁ ରାଜଧାନୀବାସୀ ଦାବି କରିଛନ୍ତି।






ରାଜଧାନୀ ରାସ୍ତାରେ ଟ୍ରାଫିକ ଜାମ୍ ଯୋଗୁ ଗାଡି ମୋଟର ଅଟକି ରହିଛି। (ଫଟୋ: ବିକାଶ)

## ଶୀତରାତିରେ ହନ୍ତସନ୍ତ ଆନ୍ଦୋଳନକାରୀ

ରାତି ବଢ଼ିବା ସହ ଶୀତ ବଢ଼ିବାରେ ଲାଗିଥିଲା। ହକ୍ ପାଇଁ ଆନ୍ଦୋଳନରେ ସାମିଲ ହୋଇଥିବା ଆନ୍ଦୋଳନକାରୀ ଏହାକୁ ଖାତିର ନ କରି ଲୋୟର ପିଏମଜିରେ ରାତି ବିତାଇଥିଲେ। ଦୂରଦୂରାନ୍ତରୁ ଆସିଥିବା ଲୋକେ ସଞ୍ଜ ନଇଁବାମାତ୍ରେ କେଉଁଠି ଟିକେ ଆଶ୍ରୟ ନେବାକୁ ଜାଗା ଖୋଜିଥିଲେ। ନେତୃତ୍ୱ ନେଉଥିବା ସଦସ୍ୟଙ୍କ ଆଖିରେ ନିଦ ନ ଥିଲା। ଆଗାମୀ ଦିନରେ ଆନ୍ଦୋଳନକୁ ସଫଳ କରିବା ସହ ଦାବି ହାସଲ ପାଇଁ ଚାଲିଥିଲା ଆଲୋଚନା। କେଉଁଠି ଟେଣ୍ଟ ତଳେ ଏକାଠି ବସିଥିଲେ ତ ଆଉ କେଉଁଠି କିଏ ଦିନସାରାର କଷ୍ଟରେ ତଳେ ଶୋଇଯାଇଥିଲେ। ଏପରି ଦୁର୍ଦ୍ଦଶା ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବ ବୋଲି ଆନ୍ଦୋଳନକାରୀଙ୍କ ମନରେ ଆଶା ସଞ୍ଚାର କରିଥିଲା।


ଆନ୍ଦୋଳନକାରୀମାନେ ଲୋୟର ପିଏମ୍‌ଜି ରାସ୍ତାରେ ଶୀତ କାକରରେ ଶୋଇଛନ୍ତି। (ଫଟୋ: ମୌସମ୍)

### ପ୍ରାଥମିକ ଶିକ୍ଷକଙ୍କ ଦାବି ସରକାର ପୂରଣ କରନ୍ତୁ



ସରକାର ଯେ କୌଣସି କାମ ଦେଲେ ଆମେ ନିଷ୍ଠାର ସହ କରୁଛୁ । ନିର୍ବାଚନ ହେଉ କିମ୍ବା କରୋନା ସମୟ ସବୁ ସମୟରେ ଦିଆଯାଇଥିବା ଦାୟିତ୍ୱକୁ ଠିକ ଭାବେ ପରିଚାଳନା କରିଛୁ। ପିଲାଙ୍କୁ ଗଢ଼ି ତୋଳିବାରେ ପ୍ରାଥମିକ ଶିକ୍ଷକଙ୍କ ଭୂମିକା ଅଧିକ ରହିଛି। ଏହାସତ୍ତ୍ୱେ ସରକାର କାହିଁକି ଅଣଦେଖା କରୁଛନ୍ତି କିଛି ଜଣାପଡୁନାହିଁ। ତେଣୁ ଯାହାବି ଦାବି ରହିଛି ସରକାର ତାକୁ ସ୍ୱତଃପ୍ରବୃତ ଭାବେ ପୂରଣ କରନ୍ତୁ।

**– ମାନସ ରଞ୍ଜନ ପରିଡା, ଶିକ୍ଷକ, ଅନୁଗୋଳ**

### ଏପରି ଅବସ୍ଥା ରାଜ୍ୟ ସରକାର କେତେଦିନ ଦେଖିବେ



ରାଜ୍ୟର ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ଅଣଦେଖା କରାଯାଉଛି। ଯେ ପର୍ଯ୍ୟନ୍ତ ସରକାର ଆମ ଦାବି ମାନି ନେଇନାହାନ୍ତି, ଆମେ ଆନ୍ଦୋଳନରୁ ଓହରିବୁ ନାହିଁ। ଶିକ୍ଷାଦାନ ବର୍ଜନ କରି ରାଜରାସ୍ତାରେ ପଡ଼ିରହିବୁ ପଛେ ଖାଲି ହାତରେ ଘରକୁ ଫେରିବୁ ନାହିଁ। ମୟୂରଭଞ୍ଜ ଜିଲାରୁ ଅଢ଼େଇ ହଜାର ଶିକ୍ଷୟିତ୍ରୀଶିକ୍ଷକ ସକାଳଠାରୁ ଆସିଛୁ। କିନ୍ତୁ କେବେ ଫେରିବୁ ଜଣା ନାହିଁ। ଏଠାରେ ଏକ ଲକ୍ଷ ଆନ୍ଦୋଳନକାରୀଙ୍କ ଆଶ୍ରୟ ପାଇଁ କୌଣସି ବନ୍ଦୋବସ୍ତ ନାହିଁ। ମହିଳା ଓ ପୁରୁଷ ସମସ୍ତେ ଏପରି ରାଜରାସ୍ତାରେ ପଡ଼ିରହିବା ରାଜ୍ୟ ସରକାର କେତେ ଦିନ ଦେଖିବେ ?

**–ଧୀରେନ୍ଦ୍ର ଭଞ୍ଜଦେଓ, ଶିକ୍ଷକ, ମୟୂରଭଞ୍ଜ**

### ରାଜ୍ୟର ଶିକ୍ଷା ବ୍ୟବସ୍ଥା ପାଇଁ ଲଢ଼େଇ



ଆମେ ଗତକାଲିଠାରୁ ଆସି ଆଜିଠାରୁ ପ୍ରତିବାଦ ଆରମ୍ଭ କରିଛୁ। କୁନି କୁନି ପିଲାଙ୍କୁ ନେଇ ମହିଳାମାନେ ନିଜ ହକ୍ ପାଇଁ ଲଢ଼େଇ କରୁଛୁ। ଦିନ ସାରା ଖରା ଖାଇବା ପରେ ରାତିରେ ଶୀତକାକରରେ ଯଦି ଥରୁଛୁ କେବଳ ଆମ ପାଇଁ ନୁହେଁ, ବରଂ ଏହା କେବଳ ରାଜ୍ୟର ଶିକ୍ଷା ବ୍ୟବସ୍ଥା ପାଇଁ ଲଢ଼େଇ। ପିଲାଙ୍କ ପାଠପଢ଼ାରେ ଯେଉଁ କ୍ଷତି ହେବ ସେଥିପାଇଁ ସରକାର ଦାୟୀ ରହିବେ।

**–ବିଜୟଲକ୍ଷ୍ମୀ ଦାସ, ଶିକ୍ଷୟିତ୍ରୀ, ଗଞ୍ଜାମ**

### ରାଜ୍ୟର ଶିକ୍ଷା ବ୍ୟବସ୍ଥା ପାଇଁ ଲଢ଼େଇ



୩ଦଫା ଦାବି ପୂରଣ ନ ହେଲେ ୩ଦିନ ବା ୩ ମାସ ନୁହେଁ, ଅନିର୍ଦ୍ଦିଷ୍ଟ କାଳ ପାଇଁ ପ୍ରତିବାଦ ଜାରି ରହିବ। ଶିକ୍ଷକଙ୍କ ପ୍ରତି ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବକୁ ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ବରଦାସ୍ତ କରିବ ନାହିଁ। ସ୍ଥାୟୀ ନିଯୁକ୍ତି, ଉପଯୁକ୍ତ ଦରମା ଓ ପେନ୍‌ସନ ଯୋଜନା ଆମର ଅଧିକାର। ରାଜ୍ୟ ସରକାରଙ୍କ ଆବଶ୍ୟକ କାଳରେ ଠିକା କର୍ମଚାରୀ ଭାବେ ଶିକ୍ଷକମାନେ କାର୍ଯ୍ୟ କରିଛନ୍ତି। ତେବେ ଶିକ୍ଷକଙ୍କ ଆବଶ୍ୟକତା ପୂରଣରେ ରାଜ୍ୟ ସରକାର କୁଣ୍ଠାବୋଧ ପ୍ରକାଶ କରିବାର ଯଥାର୍ଥତା କ'ଣ ଅଛି ?

**– ହୋତେଶ୍ୱର ଶେଖର ଦେଓ, ଶିକ୍ଷକ ସଂଘର ସୁନ୍ଦରଗଡ଼ ଜିଲା ସଭାପତି**

## ରକ୍ତବାନ୍ତି କରି ଅଚେତ ହେଲେ ଶିକ୍ଷକ, ଅଙ୍ଗନୱାଡି କର୍ମୀ ଅସୁସ୍ଥ

ଲୋୟର ପିଏମଜିରେ ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ସହ ଚାଷୀ ଏକତା ମଞ୍ଚ, ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିସ୍ ୱାର୍କର୍ସ ଆସୋସିଏଶନ, ସିଆଇଟିୟୁ, ଭାଜପା ପକ୍ଷରୁ ରବିବାର ଆନ୍ଦୋଳନ ଯୋଗୁ ଲୋୟର ପିଏମ୍‌ଜିରେ ଅଣନିଃଶ୍ୱାସୀ ଭିଡ଼ ହୋଇଥିଲା। ମଧ୍ୟାହ୍ନରେ ଖରା ଓ ଗରମରେ ଆନ୍ଦୋଳନକାରୀ ଅସ୍ତବ୍ୟସ୍ତ ହୋଇପଡ଼ିଥିଲେ। ଭିଡ଼ ଭିତରେ ଠେଲାପେଲା ମଧ ଆରମ୍ଭ ହୋଇଥିଲା। ଏକାଧିକ ବିକ୍ଷୋଭକାରୀ ବିକ୍ଷୋଭସ୍ଥଳରେ ଅସୁସ୍ଥ ହୋଇପଡ଼ିଥିବା ଦେଖିବାକୁ ମିଳିଥିଲା। ତେବେ ଢେଙ୍କାନାଳରୁ ଆସିଥିବା ଜଣେ ଶିକ୍ଷକ ଗୁରୁତର ହୋଇ ପଡ଼ିଥିଲେ। ଆନ୍ଦୋଳନସ୍ଥଳରେ ସେ ରକ୍ତ ବାନ୍ତି କରିବା ସହ ଅଚେତ୍ ହୋଇଯାଇଥିଲେ। ସହକର୍ମୀମାନେ ତାଙ୍କୁ ଅନେକ ବାଟ ଯାଏ ଟେକି ନେବା ପରେ ଆମ୍ବୁଲାନ୍ସରେ ହସ୍ପିଟାଲକୁ ନିଆଯାଇଥିଲା। ସେହିପରି ଅନ୍ୟଜଣେ ଅଙ୍ଗନୱାଡି କର୍ମୀ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ମଧ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

## ଲୋୟର ପିଏମ୍‌ଜିରେ ମିନାବଜାର ଭ୍ରମ




ଆନ୍ଦୋଳନକାରୀମାନେ କିଣାକିଣି ସହ ଖିଆପିଆ କରୁଛନ୍ତି। (ଫଟୋ: ମୌସମ୍)

ଆନ୍ଦୋଳନ ସହ ରାଜଧାନୀ ବୁଲିବା ଆଶା ନେଇ ଅନେକେ ଆସିଥିଲେ। ସଭା, ବିକ୍ଷୋଭ ସମାବେଶ, ଶୋଭାଯାତ୍ରାରେ ଯୋଗଦେବା ସହ କିଣାକିଣି ଓ ଖିଆପିଆ କରିଥିଲେ। ସମାଗମକୁ ଦୃଷ୍ଟି ରଖି ଲୋୟର ପିଏମ୍‌ଜିରେ ଅସ୍ଥାୟୀ ଦୋକାନ ଖୋଲିଥିଲା। ଆନ୍ଦୋଳନକାରୀମାନେ ଗୁପଚୁପ, ଦହିବରା, ଆଇସକ୍ରିମଠାରୁ ଆରମ୍ଭ କରି ଭଳିକି ଭଳି ଚଟ୍‌ପଟା ଖାଦ୍ୟ ଖାଇ ମଉଜ କରିଥିଲେ। ଏହା ସାଙ୍ଗକୁ ଘରସଜା ଓ ପ୍ରସାଧନ ସାମଗ୍ରୀ କିଣିବାରେ ବ୍ୟସ୍ତଥିଲେ ମହିଳା ବିକ୍ଷୋଭକାରୀମାନେ। ଅଣଓଡ଼ିଆ ବ୍ୟବସାୟୀ ଗହଳି ଭିତରେ ମେଲିଥିଲେ ଶାଢ଼ି ପସରା। ସେହିପରି ବିକ୍ଷୋଭସ୍ଥଳରେ ରାତି କାଟିବାକୁ କମ୍ବଳ ଓ ଚଦର ମଧ୍ୟ କିଣୁଥିବା ଦେଖିବାକୁ ମିଳିଥିଲା। କିଛି ଆନ୍ଦୋଳନକାରୀ କାଖରେ କୁନି କୁନିଛୁଆଙ୍କୁ ନେଇ ଆସିଥିବାବେଳେ ଖେଳଣା ଓ ବମ୍ବେଲଡ୍ଡୁ କିଣିଦେଇ ସେମାନଙ୍କ ମନ ବୁଝାଉଥିଲେ। ସେହିପରି ଏଠାକୁ ଆସିଥିବା ଫଳ ବ୍ୟବସାୟୀମାନେ ମଧ୍ୟ ସେଓ, କଦଳୀ, କମଳା ଓ ପଇଡ ବିକି ବେଶ୍ ଲାଭବାନ ହୋଇଥିଲେ। ଫଳରେ ଲୋୟର ପିଏମ୍‌ଜି ମିନା ବଜାରର ଭ୍ରମ ସୃଷ୍ଟି କରିଥିଲା।

CLASSIFIED DISPLAY
ALL EDITION - BW (Everyday)
MORE SPACE • SAME PRICE
For Booking Contact 0674-2580385

**ମୁଦ୍ରା ଫାଇନାନ୍ସ**
**PM ମୁଦ୍ରା ଯୋଜନା**
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
**ମୁଦ୍ରା ଫାଇନାନ୍ସ**
**Mob. 8985384630**

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Classified Everyday**
**0674-2580101, 2549949**


REAL ESTATE
SALE

ଜଟଣୀ NISER Institute ସାମ୍ନାରେ 1 K.M. ଦୂରତାରେ yellowzone ଏବଂ ଘରବାଡ଼ି 30ft road ଥାଇ ସ୍ଥିତିବାନ୍ ପ୍ଲଟ୍ କିଣି immediate ଘର କରନ୍ତୁ। sqft.-750/-. 9938066403, 9438315973. D-74158

ଘରବାରୀ ପାଚେରି ରୋଡ୍, ଇଲେକ୍ଟ୍ରିସିଟି ଥାଇ ନଖରା East College mainroad 200mtr. ଦୂରତାରେ SC/ General ପ୍ଲଟ୍ gated society ଥାଇ ବିକ୍ରିହେବ। 8093419724, 9776602067. D-74127

Yellowzone gharabari plot for sale, 2000sqft. (15 Nos.) at Mouza- Sankarpur, Ghatikia in front of Tata Ariana, Vipul Garden backside, Bhubaneswar. Govt. road connected internal road-30ft. & road side plantation. Immediately possession then registration. Water & Electricity available. N.H.-5 to 1KM. per sqft.-2000/-. Contact: 8114744495, 8328943165. D-2069

ଭୁବନେଶ୍ୱର-ନଖରା ଛକ ପାଖରେ ସଙ୍ଗେସଙ୍ଗେ ଘର କଲା ଭଳି SC plot ବିକ୍ରିହେବ। 9439832956. D-2093

ଭୁବନେଶ୍ୱର ନଖରା ଘରବାରି SC plot sqft.-150/-, general-350/-. 9439660381. D-74157




3BHK House for rent at IRC Village near Ekamra Kanan Park, Bhubaneswar. 7381035667. D-73898




Newly open Spa positively health benefit with expert. Contact: 7749976301. D-73899

Relax, Refresh your body, Mind at Saikrupa Spa with best therapies. 8984068077. D-2048

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ**

**୰ଦେବାଶିଷ ସ୍ୱାଇଁ**
ନବିନାବାଗ, ଖୋର୍ଦ୍ଧା
ଆବିର୍ଭାବ: ୦୫।୧୦।୧୯୯୨
ତିରୋଧାନ: ୨୮।୧୧।୨୦୨୦
ଆଜି ତୋର ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ । ଦେଖୁ ଦେଖୁ ଦୁଇବର୍ଷ ବିତିଗଲା। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତୋ ଆତ୍ମାର ସଦ୍‌ଗତି କାମନା କରୁଛୁ।
ଶୋକସନ୍ତପ୍ତ: ବାପା, ମାଆ, ଭଉଣୀ ଓ ପରିବାର, ବନ୍ଧୁବର୍ଗ ।
ଧ-୭୩୫୨୨

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**

**୰ସୁଦୀପ୍ତ କୁମାର ମହାନ୍ତି**
ଆବିର୍ଭାବ: ୨୬।୦୫।୧୯୬୮
ତିରୋଧାନ: ୦୮।୧୨।୨୦୨୧
ଦିମ ଭାଇ ଚାହୁଁ ଚାହୁଁ ବର୍ଷେ ବିତିଗଲା। ଭଗବାନ ତୁମକୁ ଶାନ୍ତିରେ ରଖନ୍ତୁ। ଆଜି ବି ତୁମକୁ ଚାହିଁ ରହିଛୁ କି ତୁମେ ଆସିବ।
ତୁମର ପ୍ରିୟ କୁନୁ, ଓମ୍, ଅତୁ, ବୁବୁ, ଜିତ୍ , ପରିବାରବର୍ଗ ଓ ସାଙ୍ଗସାଥୀ ।
ଧ-୨୦୭୪

# ବିପର୍ଯ୍ୟୟ ସୃଷ୍ଟିକଲା ମରକ୍କୋ



ବେଲ୍‌ଜିୟମକୁ ହରାଇବାପରେ ମରକ୍କୋ ଖେଳାଳିଙ୍କ ବିଜୟ ଉଲ୍ଲାସ।

## ବେଲ୍‌ଜିୟମକୁ ୨-୦ ଗୋଲରେ ହରାଇଲା

**ଦୋହା, ୨୭।୧୧**

ଚଳିତ ଫିଫା ବିଶ୍ୱକପରେ ଆଉ ଏକ ବିପର୍ଯ୍ୟୟ ଘଟାଇଛି ମରକ୍କୋ। ରବିବାର ଅଲ ଥୁମାମା ଷ୍ଟାଡିୟମରେ ଅନୁଷ୍ଠିତ ଗ୍ରୁପ୍ 'ଏଫ୍' ମ୍ୟାଚରେ ଏହି ଦଳ ବିଶ୍ୱର ୨ ନମ୍ବର ବେଲଜିୟମକୁ ୨-୦ ଗୋଲରେ ପରାସ୍ତ କରିଛି। ମରକ୍କୋ ଏବେ ବିଶ୍ୱ ର୍ୟାଙ୍କିଙ୍ଗ୍‌ର ୨୨ତମ ସ୍ଥାନରେ ରହିଛି। ପୂର୍ବରୁ ଆର୍ଜେଣ୍ଟିନାକୁ ସାଉଦି ଆରବ ଏବଂ ଜର୍ମାନୀକୁ ଜାପାନ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିବାବେଳେ ଏଥିରେ ଯୋଡ଼ି ହୋଇଛି ମରକ୍କୋ। ମ୍ୟାଚଟି ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ ପ୍ରଥମାର୍ଦ୍ଧରେ ଗୋଲ ହୋଇ ନ ଥିଲା। ଦ୍ୱିତୀୟାର୍ଦ୍ଧରେ ମଧ୍ୟ ବେଲଜିୟମକୁ ଟକ୍କର ଦେଇଥିଲା ମରକ୍କୋ। ଅଗ୍ରଣୀ ନେବାପାଇଁ ଉଭୟ ଦଳ ଜୋରଦାର ଉଦ୍ୟମ କରିଥିଲେ। ସମସ୍ତ ପୂର୍ବାନୁମାନ ଓ ଆକଳନ ବେଲଜିୟମ ସପକ୍ଷରେ ରହିଥିଲା। ତେବେ ୭୩ତମ ମିନିଟରେ ଅବ୍‌ଦେଲାମିଦ ସାବିରିଙ୍କ ଗୋଲ ଏହାକୁ ଭୁଲ ପ୍ରମାଣିତ କରିଥିଲା। ଗୋଲ ପରିଶୋଧ କରିବାପାଇଁ ବେଲଜିୟମ ଆକ୍ରମଣାତ୍ମକ ଅଭିମୁଖ୍ୟକୁ ଅଧିକ ଶାଣିତ କରିଥିବାବେଳେ ଇଞ୍ଜୁରି ଟାଇମ୍ ଅର୍ଥାତ୍ ୯୦+୨ ମିନିଟରେ ଜାକାରିଆ ଆବୌଖଲାଲ ଗୋଲ ସ୍କୋର କରି ମରକ୍କୋ ବିଜୟକୁ ନିଶ୍ଚିତ କରି ଦେଇଥିଲେ। ବେଲଜିୟମ ପ୍ରତ୍ୟାବର୍ତ୍ତନ କରିବାକୁ ଆଉ ବେଶି ସମୟ ପାଇ ନ ଥିଲା। ଚଳିତ ବିଶ୍ୱକପରେ ମରକ୍କୋର ଏହା ପ୍ରଥମ ବିଜୟ। କେବଳ ସେତିକି ନୁହେଁ ୧୯୯୮ ବିଶ୍ୱକପ ପରେ ମଧ୍ୟ ଦଳ ଏଠାରେ ପ୍ରଥମ ବିଜୟ ସ୍ୱାଦ ଚାଖିଛି। ମରକ୍କୋ ଏହାର ପ୍ରଥମ ମ୍ୟାଚକୁ କ୍ରୋଏସିଆ ବିପକ୍ଷରେ ଗୋଲଶୂନ୍ୟ ଡ୍ର ରଖିଥିଲା।

## ବ୍ରସେଲ୍ସରେ ଦଙ୍ଗା

**ବ୍ରସେଲ୍ସ, ୨୭।୧୧ (ଏପି)**

ଚଳିତ ଫୁଟ୍‌ବଲ ବିଶ୍ୱକପ୍‌ରେ ମରକ୍କୋ ୨-୦ ଗୋଲ୍‌ରେ ବେଲଜିୟମକୁ ପରାସ୍ତ କରି ବିପର୍ଯ୍ୟୟ ସୃଷ୍ଟି କରିବା ପରେ ବ୍ରସେଲ୍ସରେ ଦଙ୍ଗା ଦେଖିବାକୁ ମିଳିଛି। ଗଣ୍ଡଗୋଳକାରୀଙ୍କୁ ଘଉଡ଼ାଇବା ଲାଗି ପୋଲିସ ୱାଟର କ୍ୟାନନ ଓ ଟିୟର ଗ୍ୟାସ୍ ପ୍ରୟୋଗ କରିଛି। ବେଲଜିୟମ ରାଜଧାନୀ କେନ୍ଦ୍ରାଞ୍ଚଳର କିଛି ଅଂଶ ସିଲ୍ କରିଦେଇଛି। କିଛି ଦଙ୍ଗାକାରୀ କାର୍‌କୁ ଟେକା,ପଥର ଫିଙ୍ଗିବା ସହ ନିଆଁ ଲଗାଇ ଦେଇଥିଲେ। ଜଣେ ଲୋକ ଗୁରୁତର ଆହତ ହୋଇଥିବା ଖବର ପାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ବ୍ରସେଲ୍ସ ମେୟର ଫିଲିପ୍ କ୍ଲୋଜ୍ ଫୁଟ୍‌ବଲ ସମର୍ଥକମାନଙ୍କୁ ସହରର କେନ୍ଦ୍ର ସ୍ଥଳ ଛାଡ଼ି ଚାଲିଯିବାକୁ ଅନୁରୋଧ କରିଛନ୍ତି। ପୋଲିସର କାର୍ଯ୍ୟାନୁଷ୍ଠାନ ଯୋଗୁ ସବ୍‌ୱେ ଓ ଟ୍ରାମ୍ ଟ୍ରାଫିକ୍‌ରେ ବାଧା ସୃଷ୍ଟି ହୋଇଥିଲା। ମରକ୍କୋର ବିଜୟ ଚଳିତ ବିଶ୍ୱକପ୍‌ର ଏକ ବଡ଼ ବିପର୍ଯ୍ୟୟ। ମରୋକାନ ସମ୍ପ୍ରଦାୟର ଲୋକମାନେ ବେଲଜିୟମର ବିଭିନ୍ନ ସହରରେ ବିଜୟ ଉତ୍ସବ ପାଳନ କରିବାରୁ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ପୋଲିସ କେତେଜଣ ଗଣ୍ଡଗୋଳକାରୀଙ୍କୁ ଗିରଫ କରିଛି ତାହା ସ୍ପଷ୍ଟ କରିନାହିଁ।

## ଗୁରୁତ୍ୱପୂର୍ଣ୍ଣ ବିଜୟ

**ଜର୍ଜ ବୁରୁଚାଗା**

ଲୁସେଲ ଷ୍ଟାଡିୟମରେ ମେକ୍ସିକୋ ବିପକ୍ଷରେ ଗୁରୁତ୍ୱପୂର୍ଣ୍ଣ ବିଜୟ ହାସଲ କରିବା ପରେ ଆର୍ଜେଣ୍ଟିନାର ବିଶ୍ୱକପ୍ ଜିତିବା ସ୍ୱପ୍ନ ଉଜାଗର ହୋଇଛି। ମ୍ୟାଚରେ ଲିଓନେଲ ମେସି ଲଢୁଆ ପ୍ରଦର୍ଶନ କରିଥିଲେ। ଦଳ ତରଫରୁ ସେ ପ୍ରଥମ ଗୋଲ୍ ସ୍କୋର କରିଥିଲେ, ପୁଣି ତାଙ୍କ ବାମ ଗୋଡ଼ରେ। ମ୍ୟାଚଟି ଖୁବ୍ ସଂଘର୍ଷପୂର୍ଣ୍ଣ ରହିଥିଲା। ଏଞ୍ଜୋ ଫର୍ନାଣ୍ଡିଜଙ୍କ ଗୋଲ୍ ପରେ ଦଳର ବିଜୟ ନିଶ୍ଚିତ ହୋଇଥିଲା। ବର୍ତ୍ତମାନ ଦଳର ନଜର ପୋଲାଣ୍ଡ ଉପରେ। ସାଉଦି ଆରବ ବିପକ୍ଷ ଓପନିଂ ଗେମ୍‌ରେ ପରାଜିତ ହୋଇଥିବାରୁ ଆର୍ଜେଣ୍ଟିନା ପାଇଁ କର ଅବା ମର ସ୍ଥିତି ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଦଳ ପାଇଁ ମେକ୍ସିକୋ ବିପକ୍ଷ ମ୍ୟାଚ କଷ୍ଟସାଧ୍ୟ ଥିଲା। ଏହି ମ୍ୟାଚ ପାଇଁ ଦଳ ମାନସିକ ଚାପରେ ରହିଥିଲା। କାରଣ ଏହି ଦୁଇ ଦଳ ହେଉଛନ୍ତି ପୁରୁଣା ପ୍ରତିଦ୍ୱନ୍ଦ୍ୱୀ। ଉଭୟେ ଉଭୟଙ୍କର ବଳ ଓ ଦୋଷ ଦୁର୍ବଳତା ଭଲରୂପେ ଜାଣନ୍ତି। ମେକ୍ସିକୋର କୋଚ୍ ମାର୍ଟିନୋ ହେଉଛନ୍ତି ଆର୍ଜେଣ୍ଟିନାର। ମେସିଙ୍କୁ ସେ ବାଲ୍ୟକାଳରୁ ଦେଖି ଆସୁଛନ୍ତି। ଏହାପୂର୍ବରୁ ମେସି ଓ ଅନ୍ୟମାନଙ୍କୁ ସେ ଟ୍ରେନିଂ ମଧ୍ୟ ଦେଇଛନ୍ତି। ଆର୍ଜେଣ୍ଟିନାର ଖେଳ ଷ୍ଟାଇଲ, ଦଳର ସମ୍ବଳ ଓ ଦୁର୍ବଳତା ବିଷୟରେ ତାଙ୍କୁ ଜଣା। ସମସ୍ତ ପ୍ରକାର ପ୍ରତିକୂଳ ପରିସ୍ଥିତିରେ ମେସି ଓ ତାଙ୍କ ଦଳ ବିଶ୍ୱକପ୍ ପଥରେ ଏକ ଗୁରୁତ୍ୱପୂର୍ଣ୍ଣ ବିଜୟ ହାସଲ କରିଛି। ତେବେ ଆର୍ଜେଣ୍ଟିନା ଦଳର ପ୍ରଦର୍ଶନ ଉପରେ ଯଦି ମୋତେ ପଚରାଯାଏ ସନ୍ତୋଷଜନକ ନୁହେଁ ବୋଲି ମୁଁ କହିବି। କହିବାକୁ ଗଲେ ଆରବ ବିପକ୍ଷରେ ଭଲ ଖେଳି ନ ପାରି ଆର୍ଜେଣ୍ଟିନା ପରାସ୍ତ ହୋଇଥିଲା। ମେକ୍ସିକୋ ବିପକ୍ଷରେ ମଧ୍ୟ ଆର୍ଜେଣ୍ଟିନା ଭଲ ଖେଳି ନ ଥିଲା। ମେସିଙ୍କ ପାଇଁ ପ୍ରଥମେ ପରିସ୍ଥିତି ଜଟିଳ ଥିଲା, କିନ୍ତୁ ପରେ ଭଲରେ ଶେଷ ହୋଇଥିଲା। ଚମତ୍କାର ରକ୍ଷଣାତ୍ମକ ଖେଳ ଏବଂ ମେସି ଓ ଏଞ୍ଜୋ ଫର୍ନାଣ୍ଡିଜଙ୍କ ଗୋଲ୍ ପାଇଁ ଧନ୍ୟବାଦ। ଆର୍ଜେଣ୍ଟିନା ଦଳର ରିଦିମ୍ ଅବା ଲୟର ଅଭାବ ଦେଖାଦେଇଥିଲା। ସେଥିପାଇଁ କୋଚ୍‌ଙ୍କୁ ଶେଷ ପର୍ଯ୍ୟନ୍ତ ଖେଳାଳି ଅଦଳବଦଳ କରିବାକୁ ପଡ଼ିଥିଲା। କିନ୍ତୁ ଏସବୁ ସତ୍ତ୍ୱେ ମୋ ମତରେ ଟୁର୍ନାମେଣ୍ଟରେ ଆର୍ଜେଣ୍ଟିନା ଅନ୍ୟତମ ଫେଭରାଇଟ୍। ମେକ୍ସିକୋ ବିପକ୍ଷରେ ବିଜୟ ଦ୍ୱାରା ଦଳ ଆତ୍ମବିଶ୍ୱାସ ଫେରିପାଇଥିବ। ସ୍କୋଲାରିଙ୍କୁ ବହୁ ହୋମ୍‌ୱାର୍କ କରିବାକୁ ପଡ଼ିବ। ମେକ୍ସିକୋ ମ୍ୟାଚରେ ସମଗ୍ର ଆର୍ଜେଣ୍ଟିନା ଟିମ୍ ଟ୍ରେନିଂ ନେଇଥିବା ଦେଖି ମୋତେ ବହୁତ ଖୁସି ଲାଗିଲା। ଆଉ ଏକ ବିଶ୍ୱକପ୍ ଅଭିଯାନ ଆରମ୍ଭ ହୋଇଛି ବୋଲି ମେସି କହିବା ପରେ ସମସ୍ତେ କଥାକୁ ଦେହକୁ ନେଇଥିବା ଏହା ପ୍ରମାଣିତ କରୁଛି। ମୋର ଯାହା ମନେପଡୁଛି, ୧୯୮୬ ବିଶ୍ୱକପ୍‌ରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଆର୍ଜେଣ୍ଟିନାକୁ ଫେଭରାଇଟ୍ ବିବେଚନା କରାଯାଉ ନ ଥିଲା। ପ୍ରଥମ ଗେମ୍‌ରେ ବିଜୟ, ଇଟାଲୀ ସହ ଡ୍ର ଏବଂ ବୁଲଗେରିଆକୁ ପରାଜିତ କରିବା ପରେ ଗ୍ରୁପ୍‌ର ଶୀର୍ଷରେ ରହିବା ଦ୍ୱାରା ଦଳକୁ ବଡ଼ ପ୍ରେରଣା ମିଳିଥିଲା। ଆତ୍ମବିଶ୍ୱାସ ଫେରାଇ ଆଣିବା ବର୍ତ୍ତମାନ ମେସି ଓ ତାଙ୍କ ଟିମ୍‌ମେଟ୍ ପାଇଁ ଗୁରୁତ୍ୱପୂର୍ଣ୍ଣ।

(ଟିଭାକ୍‌ସ୍ପୋର୍ଟ୍ସ)

## କାନାଡ଼ାକୁ ହରାଇ ଶୀର୍ଷରେ କ୍ରୋଏସିଆ

**ଅଲ୍ ରାୟାନ (କାତାର), ୨୭।୧୧**

ଚଳିତ ଫିଫା ବିଶ୍ୱକପର ଦ୍ୱିତୀୟ ରାଉଣ୍ଡ ଖେଳ ଶେଷରେ ଗ୍ରୁପ୍ 'ଏଫ୍'ରୁ କାନାଡ଼ା ଏଲିମିନେଟ ହୋଇଛି। ରବିବାର ଅନୁଷ୍ଠିତ ମ୍ୟାଚରେ କାନାଡ଼ାକୁ ୪-୧ ଗୋଲରେ ହରାଇ ଗତ ସଂସ୍କରଣର ରନରଅପ୍ କ୍ରୋଏସିଆ ପଏଣ୍ଟ ଟେବୁଲର ଶୀର୍ଷକୁ ଉନ୍ନୀତ ହୋଇଛି। ମ୍ୟାଚର ଦ୍ୱିତୀୟ ମିନିଟରେ ଆଲଫୋନ୍‌ସୋ ଡେଭିସଙ୍କ ଗୋଲ ବଳରେ କାନାଡ଼ା ଅଗ୍ରଣୀ ନେଇଥିଲା। ବିଶ୍ୱକପରେ କାନାଡ଼ାର ଏହାଥିଲା ସର୍ବପ୍ରଥମ ଗୋଲ। ମାତ୍ର କ୍ରୋଏସିଆ ପକ୍ଷରୁ ଆନ୍ଦ୍ରେଜ କ୍ରାମାରିକ ୩୬ ଓ ୭୦ ମିନିଟରେ ୨ଟି ଏବଂ ମାର୍କୋ ଲିଭାଜା ୪୪ ଓ ଲାଭ୍ରୋ ମାଜେର ୯୦+୪ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇ ଦଳକୁ ବଡ଼ ବିଜୟ ଦେଇଥିଲେ। କ୍ରୋଏସିଆ ଏହାର ପ୍ରଥମ ମ୍ୟାଚକୁ ମରକ୍କୋ ସହ ଗୋଲଶୂନ୍ୟ ଡ୍ର ରଖିଥିଲା। କ୍ରୋଏସିଆର ବିଜୟ ଫଳରେ ବେଲଜିୟମର ନକ୍‌ଆଉଟକୁ ଯିବା ଅଧିକ କଠିନ ହୋଇ ଯାଇଛି। ଡିସେମ୍ବର ୧ରେ ହେବାକୁଥିବା ମ୍ୟାଚରେ କ୍ରୋଏସିଆକୁ ହରାଇଲେ ଯାଇ ବେଲ୍‌ଜିୟମ ନକ୍‌ଆଉଟରେ ପ୍ରବେଶ କରିପାରିବ।

## ଗୋଲ୍‌କିପର ନିଖୋଜ

**ଦୋହା,୨୭।୧୧,(ପି.ଟି.):** ଫିଫା ବିଶ୍ୱକପ ମ୍ୟାଚର ଠିକ୍ ପୂର୍ବରୁ ନିଖୋଜ ହୋଇଗଲ ଗୋଲକିପର୍। ରବିବାର ଅଲ ଥୁମାମା ଷ୍ଟାଡିୟମରେ ବେଲଜିୟମ ବିପକ୍ଷ ମ୍ୟାଚର ଠିକ୍ ପୂର୍ବରୁ ଗୋଲକିପର ୟାସିନେ ବୋନୋଉଙ୍କ ପତ୍ତା ମିଳିନାହିଁ। ୟାସିନେ ଦଳ ସହିତ ଜାତୀୟ ସଙ୍ଗୀତ ଗାଇଥିଲେ। ଏହାପରେ କୋଚ ୱାଲିଦ ରେଗ୍ରୁଗାଇଙ୍କ ସହିତ ସେ କିଛି ଆଲୋଚନା କରୁଥିବା ଦେଖିବାକୁ ମିଳିଥିଲା। ଏହାପରେ ଅନ୍ୟତମ ଗୋଲକିପର ମୁନିର ଏଲ୍ କାଜୌଇ ପ୍ରସ୍ତୁତ ହେବା ସହିତ ଗୋଲ କିପିଂ କରିଥିଲେ। ମୁନିର ବଢିଆ ଗୋଲ କିପିଂ କରିବା ସହିତ ଗୋଟିଏ ବି ଗୋଲ ବରଣ କରିନଥିଲେ। ତେବେ ୟାସିନେ କାହିଁକି ନିଖୋଜ ହେଲେ ଏହାର କୌଣସି ଉତ୍ତର ମିଳିନଥିଲା। ତେବେ ମରକ୍କୋ ଟିଭି ଚ୍ୟାନେଲ ଅନୁସାରେ ମ୍ୟାଚ ପୂର୍ବରୁ ତାଙ୍କୁ ଥକ୍କା ଲାଗିବା କାରଣରୁ ସେ ପଡିଆ ଛାଡିଥିଲେ।

## ଜାପାନକୁ ହରାଇଲା କୋଷ୍ଟାରିକା

**ଦୋହା, ୨୭।୧୧**

ଚଳିତ ଫିଫା ବିଶ୍ୱକପ୍‌ରେ ରବିବାର ପ୍ରଥମ ବିଜୟ ହାସଲ କରିଛି କୋଷ୍ଟାରିକା। ଅଲ୍ ରାୟାନ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଏହି ଦଳ ଜାପାନକୁ ୧-୦ ଗୋଲରେ ପରାସ୍ତ କରିଛି। ଏଥିସହ କୋଷ୍ଟାରିକା ନକ୍‌ଆଉଟ ଆଶା ଉଜ୍ଜୀବିତ ରଖିଛି। ଅନ୍ୟପକ୍ଷରେ ନିଜର ପ୍ରଥମ ମ୍ୟାଚରେ ଶକ୍ତିଶାଳୀ ଜର୍ମାନୀକୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିବା ଜାପାନ ଏଠାରେ ସେହି ପ୍ରଦର୍ଶନ ଦୋହରାଇ ପାରିନାହିଁ। ତେବେ ଦଳ ଏବେ ମଧ୍ୟ ନକ୍‌ଆଉଟ ଦୌଡ଼ରେ ରହିଛି। କୋଷ୍ଟାରିକା-ଜାପାନ ମ୍ୟାଚ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଅଗ୍ରଣୀ ନେବାପାଇଁ ଉଭୟ ଦଳ ମଧ୍ୟରେ ଆକ୍ରମଣ ପ୍ରତିଆକ୍ରମଣ ଜାରି ରହିଥିଲେ ହେଁ ପ୍ରଥମାର୍ଦ୍ଧ ଶେଷସୁଦ୍ଧା କେହି ଗୋଲ କରିପାରି ନ ଥିଲେ। ଦ୍ୱିତୀୟାର୍ଦ୍ଧ ଉତ୍ତେଜନାପୂର୍ଣ୍ଣ ରହିଥିଲା। ସଂଘର୍ଷ ମଧ୍ୟରେ ମ୍ୟାଚ ଶେଷ ପର୍ଯ୍ୟାୟ ଆଡ଼କୁ ଗତି କରୁଥିବାବେଳେ ୮୧ତମ ମିନିଟରେ କୋଷ୍ଟାରିକାର କେଶେର ଫୁଲେର କରିଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା।



ଜାପାନ ବିପକ୍ଷରେ ଗୋଲ ଦେବାପରେ କୋଷ୍ଟାରିକାର କେଶେର ଫୁଲେର।

### ଫିଫା ବିଶ୍ୱକପ (ଆଜିର ମ୍ୟାଚ)

**କାମେରୁନ୍ ବନାମ ସର୍ବିଆ**
ସ୍ଥାନ: ଅଲ ଜନୌବ ଷ୍ଟାଡିୟମ, ସମୟ: ଅପରାହ୍ନ ୩.୩୦

**ଦକ୍ଷିଣ କୋରିଆ ବନାମ ଘାନା**
ସ୍ଥାନ: ଏଜୁକେଶନ୍ ସିଟି ଷ୍ଟାଡିୟମ୍, ସମୟ: ସନ୍ଧ୍ୟା ୬.୩୦

**ବ୍ରାଜିଲ ବନାମ ସ୍ୱିଜରଲାଣ୍ଡ**
ସ୍ଥାନ: ରସ ଆବୁ ଅବୌଦ ଷ୍ଟାଡିୟମ, ସମୟ: ରାତି ୯.୩୦

**ପର୍ତ୍ତୁଗାଲ ବନାମ ଉରୁଗୁଏ**
ସ୍ଥାନ: ଲୁସେଲ୍ ଷ୍ଟାଡିୟମ, ସମୟ: ରାତି ୧୨.୩୦

## ପଏଣ୍ଟ ବାଣ୍ଟିଲେ ଜର୍ମାନୀ, ସ୍ପେନ୍

**ଦୋହା, ୨୭।୧୧:**

କାତାରରେ ଅନୁଷ୍ଠିତ ଫିଫା ବିଶ୍ୱକପ୍ ୨୦୨୨ରେ ପ୍ରଥମ ପଏଣ୍ଟ ହାସଲ କରିଛି ଜର୍ମାନୀ। ସ୍ପେନ୍ ବିପକ୍ଷ ମ୍ୟାଚକୁ ୧-୧ରେ ଡ୍ର ରଖିବା ସହିତ ଚଳିତ ଟୁର୍ନାମେଣ୍ଟରେ ପ୍ରଥମ ପଏଣ୍ଟ ହାସଲ କରିଛି ଦଳ। ପ୍ରଥମ ମ୍ୟାଚରେ ଜାପାନ ନିକଟରୁ ପରାଜିତ ହୋଇଥିବା ଜର୍ମାନୀ ପାଇଁ ଏହି ମ୍ୟାଚ କର ବା ମର ପରସ୍ଥିତି ସୃଷ୍ଟି କରିଥିଲା। ସ୍ପେନ୍ ୪-୩-୩ ଓ ଜର୍ମାନୀ ୪-୨-୩-୧ କମ୍ବିନେଶନ ସହିତ ଓହ୍ଲାଇଥିଲେ। ସ୍ପେନ୍ ନିଜ ଅଭେଦ୍ୟ ଡିଫେନ୍ସ ସହିତ ମ୍ୟାଚର ୬୫ % ସମୟ ବଲକୁ ନିୟନ୍ତ୍ରଣରେ ରଖିଥିଲା। ପ୍ରଥମାର୍ଦ୍ଧ ଗୋଲ ଶୂନ୍ୟ ରହିବା ପରେ ଦ୍ୱିତୀୟାର୍ଦ୍ଧର ୬୨ତମ ମିନିଟରେ ଆଲଭେରୋ ମୋରାଟା ସ୍ପେନ ପାଇଁ ପ୍ରଥମ ଗୋଲ ଦେଇଥିଲେ। ୭୯ତମ ମିନିଟରେ ଜର୍ମାନୀର ନିକଲାସ ଫୁଲକର୍ଗ ବଦଳ ଖେଳାଳି ଭାବରେ ଆସିବା ସହିତ ୮୩ ତମ ମିନିଟରେ ଗୋଲ ପରିଶୋଧ କରିଥିଲେ। ଏହି ମ୍ୟାଚରେ ପଏଣ୍ଟ ହାସଲ କରିବା ସହିତ ଜର୍ମାନୀ ନିଜର ନକ୍‌ଆଉଟ ଆଶାକୁ ଉଜ୍ଜୀବିତ ରଖିବାରେ ସମର୍ଥ ହୋଇଛି। ସ୍ପେନ୍ ୨ମ୍ୟାଚରୁ ୪ ପଏଣ୍ଟ ସହିତ ଗ୍ରୁପ୍ ଇର ପ୍ରଥମ ସ୍ଥାନରେ ରହିଥିବା ବେଳେ ଜର୍ମାନୀ ୧ ପଏଣ୍ଟ ସହିତ ସବୁଠୁ ତଳେ ରହିଛି।

### ଅନ୍ୟ ଖେଳ ଖବର

## ବିଜୟରୁ ଓଏଫ୍‌ସିର ଅଭିଯାନ

### ଓଡ଼ିଶା ଓମେନ୍ସ ଲିଗ୍ ଆରମ୍ଭ

**ଭୁବନେଶ୍ୱର,୨୭।୧୧ (ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ପକ୍ଷରୁ ଓଡ଼ିଶା ଓମେନ୍ସ ଲିଗ୍ ରବିବାର ଆରମ୍ଭ ହୋଇଛି। ପ୍ରଥମକରି ଭାଗ ନେଇଥିବା ଓଡ଼ିଶା ଏଫ୍‌ସି (ଓଏଫ୍‌ସି) ଓ ଇଷ୍ଟକୋଷ୍ଟ ରେଲୱେ ମଧ୍ୟରେ ପ୍ରଥମ ମ୍ୟାଚ ଖେଳାଯାଇଥିଲା। ପ୍ରଥମାର୍ଦ୍ଧରେ ଦୁଇ ଦଳ ମଧ୍ୟରେ ଜୋର୍‌ଦାର ସଂଘର୍ଷ ଦେଖିବାକୁ ମିଳିଥିଲେ ମଧ୍ୟ କୌଣସି ଗୋଲ ହୋଇ ନ ଥିଲା। ଦ୍ୱିତୀୟାର୍ଦ୍ଧରେ ପେନାଲ୍‌ଟିରୁ କାର୍ତ୍ତିକା ଆଙ୍ଗମୁଥୁ(୮୫ ମିନିଟ୍) ଗୋଲ ସ୍କୋର କରିବା ସହ ଓଏଫ୍‌ସି ମହିଳା ଟିମ୍ ୧-୦ରେ ବିଜୟୀ ହୋଇଥିଲା। ଓଏଫ୍‌ସିର ପରବର୍ତ୍ତୀ ମ୍ୟାଚ୍ ଓଡ଼ିଶା ପୋଲିସ ସହ ଆସନ୍ତା ୧ ଡିସେମ୍ବରରେ ହେବାକୁ ଯାଉଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଫାଓର ଯୁଗ୍ମ ସଚିବ ଅଭିଜିତ୍ ପଲ୍, ଶୁଭେନ୍ଦୁ ପଣ୍ଡା କ୍ରୀଡ଼ା ସଚିବ, ପୂର୍ବତନ ଫୁଟ୍‌ବଲର ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଓ ସସ୍ମିତା ମଲିକ୍ ପ୍ରମୁଖ ଯୋଗଦେଇଥିଲେ।




ଓଡ଼ିଶା ଏଫ୍‌ସି ଓ ଇଷ୍ଟକୋଷ୍ଟ ରେଲୱେ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

## ଜୟନ୍ତୀଙ୍କୁ ସ୍ୱର୍ଣ୍ଣ ପଦକ

**ଭୁବନେଶ୍ୱର, ୨୭।୧୧ (କ୍ରୀଡ଼ା ପ୍ରତିନିଧି):** ପର୍ତ୍ତୁଗାଲରେ ଚାଲିଥିବା ଆଇଡବ୍ଲ୍ୟୁଏଏସ୍ (ଇଣ୍ଟରନ୍ୟାଶନାଲ ହୁଇଲଚେୟାର ଆଣ୍ଡ ଆମ୍ପ୍ୟୁଟି ସ୍ପୋର୍ଟ୍ସ) ୱାର୍ଲ୍ଡ ଗେମ୍ସର ଟି୪୬/୪୭ ମହିଳା ୨୦୦ ମିଟର ରେସ୍‌ରେ ଓଡ଼ିଶାର ଜୟନ୍ତି ବେହେରା ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ୨୭.୫୯ ସେକେଣ୍ଡ ସମୟ ନେଇ ଏହି ସଫଳତା ପାଇଛନ୍ତି। ପୋଲାଣ୍ଡର ଦୁଇ ପ୍ରତିଯୋଗୀ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି। ଚଳିତ ପ୍ରତିଯୋଗିତାରେ ଜୟନ୍ତୀଙ୍କର ଏହା ଦ୍ୱିତୀୟ ପଦକ। ପୂର୍ବରୁ ୧୦୦ ମିଟର ରେସ୍‌ରେ ସେ ୧୩.୬୨ ସେକେଣ୍ଡ ସମୟ ନେଇ ରୌପ୍ୟ ପଦକ ପାଇଥିଲେ।

## କିଟ୍‌କୁ ଫିକି ଇଣ୍ଡିଆ କ୍ରୀଡ଼ା ପୁରସ୍କାର

**ଭୁବନେଶ୍ୱର,୨୭।୧୧**

କ୍ରୀଡ଼ାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡଷ୍ଟ୍ରିଆଲ୍ ଟେକ୍ନୋଲୋଜି(କିଟ୍)କୁ ଭାରତୀୟ ବାଣିଜ୍ୟ ଓ ଶିଳ୍ପ ମହାସଂଘ (ଫିକି) ପକ୍ଷରୁ ଚଳିତ ବର୍ଷର ଫିକି ଇଣ୍ଡିଆ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯାଇଛି। ରବିବାର ନୂଆଦିଲ୍ଲୀରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କିଟ୍ କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଉତ୍ସବରେ ଫିକି ପ୍ରେସିଡେଣ୍ଟ ଇଲେକ୍ଟ ତଥା ଇମ୍ପା ପରିଚାଳନା ନିର୍ଦ୍ଦେଶକ ଶୁଭ୍ରକାନ୍ତ ପଣ୍ଡା, ବିଶିଷ୍ଟ କ୍ରୀଡ଼ା ସାମ୍ବାଦିକ ଓ ଭାରତୀୟ କ୍ରୀଡ଼ା ପୁରସ୍କାର ପ୍ୟାନେଲ ଅଧ୍ୟକ୍ଷ ବିଜୟ ଲୋକାପାଲି, ଫିକି କ୍ରୀଡ଼ା ଓ ଯୁବ ବ୍ୟାପାର କମିଟି ଅଧ୍ୟକ୍ଷ ତଥା ଡିସ୍ନେ ଷ୍ଟାର କ୍ରୀଡ଼ା ମୁଖ୍ୟ ସଂଯୋଗ ଗୁପ୍ତା ଓ ଫିକି କ୍ରୀଡ଼ା ଏବଂ ଯୁବ ବ୍ୟାପାର କମିଟି କୋ-ଚେୟାର ଅମିତ୍ ଭାଲା ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ ସାମ୍ବୋରେ ଓଡ଼ିଶା ଦଳ ଭାଗନେବ

**ଭୁବନେଶ୍ୱର, ୨୭।୧୧ (କ୍ରୀଡ଼ା ପ୍ରତିନିଧି)**

ମାର୍ଶାଲ ଆର୍ଟର ଅନ୍ୟତମ ଷ୍ଟାଇଲ ସାମ୍ବୋର ଜାତୀୟ ପ୍ରତିଯୋଗିତାରେ ଓଡ଼ିଶା ଦଳ ଭାଗନେବ। ଏହି ପ୍ରତିଯୋଗିତା ଜମ୍ମୁସ୍ଥିତ ଭଗବତୀ ନଗର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଚଳିତ ମାସ ୩୦ରୁ ଡିସେମ୍ବର ୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଅଂଶଗ୍ରହଣ ପାଇଁ ଓଡ଼ିଶା ପ୍ରତିଯୋଗୀମାନେ ଅନ୍ତର୍ଜାତୀୟ ଖେଳାଳି ବିଭୂତି ଭୂଷଣ ବେହେରାଙ୍କ ତତ୍ତ୍ୱାବଧାନରେ ଜମ୍ମୁ ଯାତ୍ରା କରିଛନ୍ତି। ଭାଗନେବାକୁ ଯାଇଥିବା ଓଡ଼ିଶା ପ୍ରତିଯୋଗୀମାନେ ହେଲେ ଆର୍ଯ୍ୟନ ଶର୍ମା, ସୁପ୍ରିୟା ଦାଶ, ମହମ୍ମଦ ଦକ୍ଷ ଖାଁ ଓ ମହମ୍ମଦ ୟାଶ୍ ଖାଁ। ଟିମ୍ ମ୍ୟାନେଜର ଅଛନ୍ତି ଜିତେନ୍ଦ୍ର ମିଶ୍ର। ପ୍ରତିଯୋଗିତା ସ୍ଥଳରେ ଅନ୍ତର୍ଜାତୀୟ ରେଫରି ସେମିନାର ଅନୁଷ୍ଠିତ ହେବ। ସେଥିରେ ଓଡ଼ିଶାରୁ ବିଭୂତି ପ୍ରତିନିଧିତ୍ୱ କରିବେ। ଓଡ଼ିଶା ଦଳକୁ ବିଦାୟୀ ଶୁଭେଚ୍ଛା ଜଣାଇବା ପାଇଁ ମୁଦ୍ରା ଅନୁଷ୍ଠାନ ପକ୍ଷରୁ ରବିବାର ଏକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏଥିରେ ଅନୁଷ୍ଠାନର ପ୍ରତିଷ୍ଠାତା ଲୋପାମୁଦ୍ରା ସାହୁ, ସଭାପତି ପ୍ରବୋଧ ତିର୍କୀ, ଉପସଭାପତି ନୀଳମାଧବ ନନ୍ଦ, ଜ୍ୟୋତି ରଞ୍ଜନ ମିଶ୍ର, ଯୁଗ୍ମ ସମ୍ପାଦକ ଗଙ୍ଗାଧର ସାହୁ ପ୍ରମୁଖ ଉପସ୍ଥିତ ରହି ଓଡ଼ିଶା ଦଳକୁ ଶୁଭେଚ୍ଛା ଜଣାଇଥିଲେ।



ଜମ୍ମୁଠାରେ ହେବାକୁଥିବା ଜାତୀୟ ସାମ୍ବୋ ପ୍ରତିଯୋଗିତା ପାଇଁ ମନୋନୀତ ଓଡ଼ିଶା ଦଳ ଅତିଥିଙ୍କ ସହ।

# ବୃଦ୍ଧି ପାଉଛି ଭାରତୀୟ ଫାର୍ମା ରପ୍ତାନି

**ନୂଆଦିଲ୍ଲୀ,୨୭।୧୧**

ଚଳିତ ଆର୍ଥିକ ବର୍ଷର ଏପ୍ରିଲରୁ ଅକ୍ଟୋବର ମଧ୍ୟରେ ଭାରତୀୟ ଫାର୍ମାର ରପ୍ତାନି ୪.୨୨% ବୃଦ୍ଧି ପାଇ ୧୪.୫୭ ବିଲିୟନ ଡଲାରରେ ପହଞ୍ଚିଛି। ଏପରିକି ଗତ ମାସରେ ଏକ ନକାରାତ୍ମକ ଧାରା ସତ୍ତ୍ୱେ ୨୦୨୨-୨୩ର ପ୍ରଥମ ୭ମାସ କ୍ରମାଗତଭାବେ ଭାରତରୁ ଔଷଧ ରପ୍ତାନି ବୃଦ୍ଧି ପାଇଚାଲିଛି। ସେହିଭଳି ବାଣିଜ୍ୟ ମନ୍ତ୍ରଣାଳୟ ଅଧୀନରେ ଥିବା ଏକ ସଂସ୍ଥା ଫାର୍ମାସ୍ୟୁଟିକାଲ୍ସ ରପ୍ତାନି ପ୍ରମୋସନ କାଉନସିଲ୍ ଅଫ୍ ଇଣ୍ଡିଆ (ଫାର୍ମାକ୍ସିଲ୍)ର ମହାନିର୍ଦ୍ଦେଶକ ଉଦୟ ଭାସ୍କର କହିଛନ୍ତି, ଗତ ଆର୍ଥିକ ବର୍ଷରେ ୨୪.୬୨ ବିଲିୟନ ଡଲାର ତୁଳନାରେ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏହାର ପରିମାଣ ପ୍ରାୟ ୨୭ବିଲିୟନ ଡଲାରରେ ଶେଷ କରିବାକୁ ସେ ଆଶାବାଦୀ ଅଛନ୍ତି। ବିଶେଷକରି ୨୦୨୨ ଜୁଲାଇରେ -୦.୩୨%, ଅଗଷ୍ଟରେ -୫.୪୫% ଏବଂ ସେପ୍ଟେମ୍ବରରେ ୮.୪୭%ର ସକାରାତ୍ମକ ଅଭିବୃଦ୍ଧି ଘଟିଛି। ଏହା ଆସନ୍ତା ମାସରେ ପୁନର୍ଜୀବିତ ସହ ବର୍ଷ ଶେଷ ସୁଦ୍ଧା ପ୍ରାୟ ୨୭ ବିଲିୟନ ଡଲାରରେ ପହଞ୍ଚିବ ବୋଲି ଭାସ୍କର ମତପ୍ରକାଶ କରିଛନ୍ତି। ସେହିପରି ଗତ ଆର୍ଥିକ ବର୍ଷର ସମାନ ଅବଧି ମଧ୍ୟରେ ରପ୍ତାନି ୧୩.୯୮ ବିଲିୟନ ଡଲାର ରହିଥିଲା। ଅପରପକ୍ଷରେ ଆମେରିକା, କାନାଡା ଏବଂ ମେକ୍ସିକୋ (ନାଫ୍‌ଟା ଦେଶ), ୟୁରୋପ ଏବଂ ଆଫ୍ରିକା ୬୭.୫% (ପ୍ରାୟ ୫ ବିଲିୟନ ଡଲାର) ମୋଟ ରପ୍ତାନି ହୋଇଛି। ଏପରିକି ଟିକା ବର୍ଗରେ ଆମର ରପ୍ତାନି ଅତ୍ୟନ୍ତ ଖରାପ ସ୍ଥିତିରେ ରହିଛି। ବିଶେଷକରି ଚଳିତ ବର୍ଷ ଅକ୍ଟୋବରରେ ରପ୍ତାନି ୫.୪୫% ହ୍ରାସ ପାଇ ୧.୯୫ ବିଲିୟନ ଡଲାରରେ ପହଞ୍ଚିଛି। ବାଣିଜ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ଗତ ବର୍ଷ ତୁଳନାରେ ୨୦୨୨ ଅକ୍ଟୋବରରେ ଭାରତର ସାମଗ୍ରିକ ରପ୍ତାନି ୧୬.୬୫% ହ୍ରାସ ପାଇ ୨୯.୭୮ ବିଲିୟନ ଡଲାରରେ ପହଞ୍ଚିଛି। ୨୦୨୨ ଏପ୍ରିଲରୁ ଅକ୍ଟୋବର ରପ୍ତାନିରେ ୧୨.୫୫% ଅଭିବୃଦ୍ଧି ଘଟି ୨୬୩.୩୫ ବିଲିୟନ ଡଲାରରେ ପହଞ୍ଚିଛି।

# 'ମେଳା ଜରିଆରେ କର୍ମଯୋଗାଣକୁ ଗୁରୁତ୍ୱ'

**ଭୁବନେଶ୍ୱର,୨୭।୧୧**



ରାଜ୍ୟ ପ୍ରମୁଖ ହସ୍ତତନ୍ତ ସଂସ୍ଥା ସମ୍ବଲପୁରୀ ବସ୍ତ୍ରାଳୟ ପକ୍ଷରୁ ଏକ ସ୍ୱତନ୍ତ୍ର ହସ୍ତତନ୍ତ ମେଳାର ଆୟୋଜନ କରାଯାଇଛି। ବିଶେଷକରି ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଓ ସମ୍ବଲପୁରୀ ବସ୍ତ୍ରାଳୟ ହ୍ୟାଣ୍ଡଲୁମ୍ କୋ-ଅପରେଟିଭ ସୋସାଇଟି ଲିମିଟେଡ୍‌ର ମିଳିତ ସହଯୋଗରେ ସ୍ଥାନୀୟ ଏକାମ୍ର ହାଟ ପରିସରରେ 'ସ୍ୱତନ୍ତ୍ର ହସ୍ତତନ୍ତ ମେଳା-୨୦୨୨' ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୟନଶିଳ୍ପ ନିର୍ଦ୍ଦେଶକ ଶୋଭନ କ୍ରିଷ୍ଣା ସାହୁ, ବିଭାଗୀୟ ସ୍ୱତନ୍ତ୍ର ସଚିବ ସରୋଜ ପଟେଲ,ସମ୍ବଲପୁରୀ ବସ୍ତ୍ରାଳୟର ପରିଚାଳନା ନିର୍ଦ୍ଦେଶକ ଶିଶିର କୁମାର ନାଗ, ସଭାପତି ସମ୍ବିତ କୁମାର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ରାଜ୍ୟରେ ଥିବା ବିଭିନ୍ନ ହସ୍ତତନ୍ତ ସମିତି, ସ୍ୱୟଂ ସହାୟକ ଗୋଷ୍ଠୀ ସହ ଜଡ଼ିତ ଥିବା ବୁଣାକାରମାନଙ୍କ ଦ୍ୱାରା ପ୍ରସ୍ତୁତ ଲୁଗାର ବିକ୍ରୟ ବୃଦ୍ଧି ସହ ବୁଣାକାରମାନଙ୍କୁ ନିୟମିତଭାବେ କାମ ଯୋଗାଇଦେବା ନିମନ୍ତେ ବିଭାଗ ଗୁରୁତ୍ୱ ଦେଇଆସିଛି। ଏପରିକି ବିଭାଗ ଦ୍ୱାରା ଅନୁମୋଦିତ ବାର୍ଷିକ ତାଲିକା ହିସାବରେ ଏହି ମେଳା ଆୟୋଜିତ ହୋଇଛି। ଏହି ପରିପ୍ରେକ୍ଷୀରେ ୩୪ଟି ଦେୟମୁକ୍ତ ଷ୍ଟଲ ମଧ୍ୟ ଉକ୍ତ ବ୍ୟବସାୟୀଙ୍କୁ ପ୍ରଦାନ କରାଯାଇଛି। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଉତ୍ପାଦିତ ହସ୍ତତନ୍ତ ଲୁଗା ଉପରେ ଗ୍ରାହକମାନଙ୍କୁ ପ୍ରାୟ ୩୦%ର (୧୦%+୨୦%)ର ସରକାରୀ ରିହାତି ମଧ୍ୟ କ୍ରୟ ଉପରେ ପ୍ରଦାନ କରାଯାଉଛି। ଏହି ମେଳା ଡିସେମ୍ବର ୧୪ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଉକ୍ତ କାର୍ଯ୍ୟକ୍ରମକୁ ସମିତିର ବାଣିଜ୍ୟ ଅଧିକାରୀ ହେମନ୍ତ କୁମାର ମିଶ୍ର ସଂଯୋଜନା କରିଥିଲେ।


ଦୈନିକ ଖବରକାଗଜ ଧରିତ୍ରୀର ୪୯ ତମ ସ୍ୱନକ୍ଷତ୍ର ଉତ୍ସବ ଅବସରରେ ମୋ ପଞ୍ଚାୟତବାସୀଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି। ଆଗାମୀ ଦିନରେ ଓଡ଼ିଶାବାସୀଙ୍କ ପାଖରେ ଧରିତ୍ରୀ ଅଧିକରୁ ଅଧିକ ଆସ୍ଥା ଓ ବିଶ୍ୱାସ ଭାଜନ ହେଉ ଏତିକି ମୋର କାମନା।
ସିଦ୍ଧାର୍ଥ ଶଙ୍କର ଖେତୀ
ସରପଞ୍ଚ, କୁଦଗାଁ ଗ୍ରାମ ପଞ୍ଚାୟତ

ଅଭିନନ୍ଦନ
ଧରିତ୍ରୀର ୪୯ତମ ଜନ୍ମଦିବସ ଉପଲକ୍ଷେ ଧରିତ୍ରୀ ପରିବାରକୁ ଶୁଭେଚ୍ଛା ଜଣାଉଛୁ । ଆମ୍ଭେ ତଣ୍ଡିକି ଆଶ୍ରମ ବିଦ୍ୟାଳୟର ଛାତ୍ରଛାତ୍ରୀ ଆଗାମୀ ଦିନର ଭବିଷ୍ୟତ । ଶିକ୍ଷା ଗ୍ରହଣ ଆମ୍ଭର ଲକ୍ଷ୍ୟ ।

ଆଶ୍ରମ ବିଦ୍ୟାଳୟ,ତଣ୍ଡିକି

ଅଭିନନ୍ଦନ
ଧରିତ୍ରୀର ୪୯ତମ ଜନ୍ମଦିବସ ଉପଲକ୍ଷେ ଧରିତ୍ରୀ ପରିବାରକୁ ମୋ ତରଫରୁ ଶୁଭେଚ୍ଛା ଏବଂ ଅଭିନନ୍ଦନ ଜଣାଉଛି ।

ପାୟଲ ବାନାର୍ଜୀ
ମାଲକାନଗିରି

ଅଭିନନ୍ଦନ
ଧରିତ୍ରୀର ୪୯ତମ ଜନ୍ମ ଦିବସ ଉପଲକ୍ଷେ ଧରିତ୍ରୀ ପରିବାରକୁ ସାବତ ପରିବାର ତରଫରୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛୁ ।

ସାବତ ପରିବାର
ମାଲକାନଗିରି

ଓଡ଼ିଶାର ଦୈନିକ ଖବରକାଗଜ ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀ ପରିବାରର ସମସ୍ତ କର୍ମକର୍ତ୍ତାଙ୍କୁ ଅନେକ ଅନେକ ଶୁଭେଚ୍ଛା।

ଦିଲ୍ଲିପ ଦାଶଶର୍ମା
ଉତ୍କଳ ସମ୍ମିଳନୀ
ମଞ୍ଜେଶ୍ୱର ଶାଖା ସଭାପତି

ୱାନ ଷ୍ଟପ ସେଣ୍ଟର (ସଖୀ), ମାଲକାନଗିରି
ଉଦ୍ଦେଶ୍ୟ-ନିର୍ଯାତିତା/ହିଂସା ପୀଡିତା ମହିଳା ଏବଂ ବାଳିକା (୧୮ ବର୍ଷରୁ କମ୍ ବୟସ) ମାନଙ୍କ ସମନ୍ୱିତ ସୁବିଧା ଓ ସହଯୋଗ ନିମନ୍ତେ ପୋଲିସ ସହାୟତା, ଡାକ୍ତରୀ ସହାୟତା, ଆଇନଗତ ସହାୟତା, ମନସ୍ତାତ୍ତ୍ୱିକ ଓ ସାମାଜିକ ପରାମର୍ଶ । ଆଶ୍ରୟ ଓ ଅନ୍ୟ କୌଣସି ଆବଶ୍ୟକ ସହାୟତା ଯୋଗାଇ ଦିଆଯାଏ ।
ୱାନ ଷ୍ଟପ ସେଣ୍ଟର (ସଖୀ), ମାଲକାନଗିରି ଅଗଷ୍ଟ-୨୦୧୯ ୧୫ରେ ଉଦ୍‌ଘାଟନ କରାଯାଇଥିଲା । ଅଗଷ୍ଟ ୨୦୨୨ ପର୍ଯ୍ୟନ୍ତ ସର୍ବମୋଟ ୪୫୯ ଗୋଟି କେସ ପଞ୍ଜୀକୃତ କରାଯାଇଛି । ମନସ୍ତାତ୍ତ୍ୱିକ ଓ ସାମାଜିକ ପରାମର୍ଶ ସୁବିଧା ୪୫୯, ପୋଲିସ ସୁବିଧା ୨୦୬, ଡାକ୍ତରୀ ସୁବିଧା ୧୨୬, ଆଇନଗତ ସୁବିଧା ୨୦୬ । ହିଂସା ପୀଡିତା ମହିଳାମାନଙ୍କୁ ସମାଜରେ ସମାନ ଅଧିକାର ଏବଂ ଉପଯୁକ୍ତ ସମ୍ମାନ ପାଇଁ ସର୍ବଦା ଚେଷ୍ଟା କରିଆସୁଛି ।
Towards a new dawn
ସହାୟତା- ଶିଶୁ ଓ ମହିଳା କଲ୍ୟାଣ ବିଭାଗ
ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ମାଲକାନଗିରି
ପରିଚାଳନା-ପରିବର୍ତ୍ତନ, ଫୋନ ନମ୍ବର-୦୯୩୩୭୬୯୫୭୭୧
Email:osc.malkangiri@gmail.com

ଅଭିନନ୍ଦନ
ଧରିତ୍ରୀର ୪୯ତମ ଜନ୍ମଦିବସ ଉପଲକ୍ଷେ ଧରିତ୍ରୀ ପରିବାରକୁ ଶୁଭେଚ୍ଛା ଜଣାଉଛି । ମାଲକାନଗିରି ଜିଲ୍ଲାବାସୀ ନିଜର ଜଙ୍ଗଲ ଏବଂ ବନ୍ୟପ୍ରାଣୀ ସୁରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ପାଇଁ ଅନୁରୋଧ କରୁଅଛି ।

ମୋହନ ଗୁଡ଼ିଆ
ବନପାଳ, ମାଲକାନଗିରି

ଅଭିନନ୍ଦନ
ଧରିତ୍ରୀର ୪୯ତମ ଜନ୍ମଦିବସ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ଧରିତ୍ରୀ ପରିବାର ଏବଂ ପାଠକମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ । ଜଙ୍ଗଲ ଆମର ଅମୂଲ୍ୟ ସମ୍ପଦ, ଜଙ୍ଗଲ ବିନା ଜୀବଜଗତ ବଞ୍ଚିବା ଅସମ୍ଭବ । ଆସନ୍ତୁ ସମସ୍ତେ ମିଶି ଜଙ୍ଗଲ ସୁରକ୍ଷା ସହ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ।

ଦେବାଶିଷ ପ୍ରଧାନ
ବନପାଳ, ମାଲକାନଗିରି

ଅଭିନନ୍ଦନ
ଧରିତ୍ରୀର ୪୯ତମ ଜନ୍ମଦିବସର ଶୁଭେଚ୍ଛା ଜଣାଇବା ସହ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ପାଇଁ ଜିଲ୍ଲାର ସମସ୍ତ ବନ ସଂରକ୍ଷଣ ସମିତି ଏବଂ ବନାଞ୍ଚଳରେ ବସବାସ କରୁଥିବା ଅଧିବାସୀମାନେ ଆଗେଇ ଆସିବାକୁ ଅନୁରୋଧ କରୁଅଛି ।

ବଳରାମ ନାୟକ
ବନାଞ୍ଚଳ ଅଧିକାରୀ, ମୋଟୁ

ଅଭିନନ୍ଦନ
ଧରିତ୍ରୀର ୪୯ତମ ଜନ୍ମଦିବସ ଉପଲକ୍ଷେ ଧରିତ୍ରୀ ପରିବାରକୁ ଆମ୍ଭର ହାର୍ଦ୍ଦିକ ଶୁଭେଚ୍ଛା ।
ମାଲକାନଗିରି ବନାଞ୍ଚଳ ସମସ୍ତ ବନସଂରକ୍ଷଣ ସମିତି ନିଜ ଅଞ୍ଚଳରେ ଜଙ୍ଗଲ ସୁରକ୍ଷା ଏବଂ ବୃକ୍ଷରୋପଣ କରିବା ସହ ବନ୍ୟଜନ୍ତୁ ସଂରକ୍ଷଣରେ ଅଗ୍ରିମ ଭୂମିକା ଗ୍ରହଣ କରିବା ପାଇଁ ନିବେଦନ କରୁଅଛି ।

ବାସୁଦେବ ନାୟକ
ବନାଞ୍ଚଳ ଅଧିକାରୀ,
ମାଲକାନଗିରି

ଅଭିନନ୍ଦନ
ଧରିତ୍ରୀର ୪୯ତମ ଜନ୍ମଦିବସ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ । ସରକାରଙ୍କ ନିୟମ ଅନୁଯାୟୀ ଜାତୀୟ ଖାଦ୍ୟ ସୁରକ୍ଷା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀଙ୍କୁ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଆସୁଥିବା ଖାଦ୍ୟ ଶସ୍ୟ କେବଳ ଗ୍ରାମପଞ୍ଚାୟତ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ଯୋଗାଇ ଦିଆଯାଉଅଛି । ଗତ ୨୦୨୧-୨୨ ଖରିଫ ବିପଣନ ବର୍ଷରେ ୮ ଗୋଟି ଲ୍ୟାମ୍ପ ଓ ୪ ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ୨୭୭୧୦ କ୍ଷୁଦ୍ରତମ ଓ ମଧ୍ୟମ ଚାଷୀଙ୍କଠାରୁ ୬୫ ଗୋଟି ଧାନ କ୍ରୟ କେନ୍ଦ୍ର ଦ୍ୱାରା ୧୨୧୬୨୫୧.୫୬ କ୍ୱିଣ୍ଟାଲ ଧାନ ସର୍ବନିମ୍ନ ସହାୟକ ମୂଲ୍ୟରେ କ୍ରୟ କରାଯାଇଅଛି ।
ଜିଲ୍ଲା ଯୋଗାଣ ଅଧିକାରୀ,ମାଲକାନଗିରି

ଅଭିନନ୍ଦନ
ଧରିତ୍ରୀର ୪୯ତମ ଜନ୍ମଦିବସ ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ଧରିତ୍ରୀ ପରିବାର ଏବଂ ପାଠକମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ । ପ୍ରାକୃତିକ ଜଙ୍ଗଲ ଓ ବନ୍ୟପ୍ରାଣୀ ସୁରକ୍ଷାରେ ନିଜକୁ ନିୟୋଜିତ କରିବା ପାଇଁ ବିନୀତ ଅନୁରୋଧ ।

ଦିବାକର ଜେନା
ବନପାଳ
ଶିଖପାଲ୍ଲୀ,ମାଲକାନଗିରି

MALKANGIRI FOREST RANGE
Forest & Environment Department, Govt. of Odisha
Step into the nature's lap : Eco tourism destinations in Malkangiri
Visit the Eco Tourism centres and Nature camps in Malkangiri and experience the serenity and tranquility of nature. We have cottages at Satiguda (Malkangiri) and Chitrakonda with all the necessary amenities, managed by local communities with the help of forest department.

Satiguda nature Camp

Chitrakonda Nature Camp
**Other Attractions :** Garden, Boating paints, Tribal Museum, Dam site, Bird watching, Watch Tower trek point.
**Nearby locations :** Gurupriya Setu, Balimela Dam, Hydroelectric, Power plant, Ekajodi Water falls, Gummajharan Waterfall, Amakund and many more.
You can book cottages online at www.ecotourodisha.com
For further enquiries, contact : Forest Range Officer, Malkangiri, Mob.: +91 9438040206
Jagannath Prasad Bisoi, Range Officer, Malkangiri

ଅଭିନନ୍ଦନ
ଧରିତ୍ରୀର ୪୯ତମ ଜନ୍ମ ଦିବସ ଉପଲକ୍ଷେ ଧରିତ୍ରୀ ପରିବାରକୁ ଶୁଭେଚ୍ଛା ଜଣାଉଛି ।
ଶିକ୍ଷିତ ଝିଅମାନେ ଚାକିରି ପଛରେ ନ ଦୌଡି ମୋ ପରି ଛୋଟ ଛୋଟ ଶିଳ୍ପ ପ୍ରତିଷ୍ଠା କରି ଅନେକଙ୍କୁ ଚାକିରିର ସୁବିଧା ଦେଇ ସମାଜରେ ନୂତନ ଉଦାହରଣ ସୃଷ୍ଟି କରନ୍ତୁ । ଏହାହିଁ ମୋର କାମନା ।

ଭବାନୀ ଜୈନ
ମାଲକାନଗିରି

ଅଭିନନ୍ଦନ
ଧରିତ୍ରୀର ୪୯ତମ ଜନ୍ମଦିବସ ଉପଲକ୍ଷେ ଧରିତ୍ରୀ ପରିବାରକୁ ଶୁଭେଚ୍ଛା ଜଣାଉଛି ।
ମାଲକାନଗିରି ଜିଲ୍ଲାର ଚାଷୀଭାଇମାନଙ୍କ ମଙ୍ଗଳ କାମନା କରିବା ସହ ଚଳିତ ବର୍ଷ ସରକାରଙ୍କ ନିୟମ ଅନୁଯାୟୀ ମଣ୍ଡିରେ ଧାନ ବିକ୍ରି କରି ଉପକୃତ ହେବା ସହ ଧାନ କଟା ପରେ ଜମିକୁ ପଡିଆ ନ ରଖି ପନିପରିବା ଏବଂ ଡାଲି ଚାଷ କରନ୍ତୁ ।
ନାୟକ ପରିବାର
ମାଲକାନଗିରି

ଅଭିନନ୍ଦନ
ଧରିତ୍ରୀର ୪୯ତମ ଜନ୍ମଦିବସ ଉପଲକ୍ଷେ ଧରିତ୍ରୀ ପରିବାରକୁ ଶୁଭେଚ୍ଛା ଓ ଅଭିନନ୍ଦନ ।
B.M.S. FUELS
Jayanagar, M.V. 42
Malkangiri

ଅଭିନନ୍ଦନ
ଧରିତ୍ରୀର ୪୯ତମ ଜନ୍ମଦିବସ ଉପଲକ୍ଷେ ଧରିତ୍ରୀ ପରିବାରକୁ ଶୁଭେଚ୍ଛା ଜଣାଉଛୁ । ନେତାଜୀ ଉନ୍ନୟନ ସଂସ୍ଥା ଦ୍ୱାରା ବାହାର ରାଜ୍ୟକୁ ଯାଇ କୃଷି ସମ୍ବନ୍ଧୀୟ ଅଧିକ ଜ୍ଞାନ ଆହରଣ କରିବା ପାଇଁ ସୁଯୋଗ ଦେଇଥିବାରୁ ଆମ୍ଭେ କୃତଜ୍ଞ ।


ନେତାଜୀ ଉନ୍ନୟନ ସଂସ୍ଥା, ମାଲକାନଗିରି

ଅଭିନନ୍ଦନ
ଧରିତ୍ରୀର ୪୯ତମ ଜନ୍ମଦିବସ ଉପଲକ୍ଷେ ଶୁଭେଚ୍ଛା ଜଣାଇବା ସହ ମାଲକାନଗିରି ଜିଲ୍ଲାରେ ଉତ୍ତପ୍ତ ଜଳବାୟୁ ଏବଂ ମୃତ୍ତିକା କ୍ଷୟ ରୋକିବା ପାଇଁ ମାଟି ଇଟା ବଦଳରେ ସିମେଣ୍ଟ ଇଟା ବ୍ୟବହାର କରିବା ପାଇଁ ଅନୁରୋଧ । ଏହାଦ୍ୱାରା ପରିବେଶ ସୁରକ୍ଷା ଏବଂ ଜଳବାୟୁ ପରିବର୍ତ୍ତନକୁ ରୋକାଯାଇପାରିବ ।

ସାବିତ୍ରୀ ଫ୍ଲାଏ ଆସ୍ ବ୍ରିକ୍ସ
ମାଲକାନଗିରି

ଅଭିନନ୍ଦନ
ଧରିତ୍ରୀର ୪୯ତମ ସ୍ୱନକ୍ଷତ୍ର ଉପଲକ୍ଷେ ହାର୍ଦ୍ଦିକ ଅଭିନନ୍ଦନ । ଏହି ଅବସରରେ ବାଲୁଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇବା ସହ ଉତ୍ତରୋତ୍ତର ଉନ୍ନତି କାମନା କରୁଅଛୁ । ଆସନ୍ତୁ ସମସ୍ତେ ମିଳିମିଶି ବାଲୁଗାଁ ସହରକୁ ସରସ ସୁନ୍ଦର କରି ଗଢି ତୋଳିବା ।


ସୁକାନ୍ତି ପାଇକରାୟ
ଅଧ୍ୟକ୍ଷା
ବାଲୁଗାଁ ଏନ୍‌ଏସି
ସନ୍ତୋଷ ପାଇକରାୟ
ଅଧ୍ୟକ୍ଷା ପ୍ରତିନିଧି ଓ ବିଜେଡି ଯୁବ ସଂଗଠକ,
ବାଲୁଗାଁ ଏନ୍‌ଏସି

ଫୁରସତ୍



# ‘ବଡେ ମିଆଁ ଛୋଟେ ମିଆଁ’ରେ ମାନୁଷୀ

**ମୁମ୍ବାଇ:** ବଲିଉଡ୍‌ର ବେଶ୍ ଜଣାଶୁଣା ୨ ଅଭିନେତା ଅକ୍ଷୟ କୁମାର ଏବଂ ଟାଇଗର ଶ୍ରଫ ଖୁବ୍‌ଶୀଘ୍ର ଏକାଠି ନଜରକୁ ଆସିବେ। ଫିଲ୍ମ ନିର୍ଦ୍ଦେଶକ ଅଲି ଅବ୍ବାସ ଜାଫରଙ୍କ ମେଗା ବଜେଟ୍ ଫିଲ୍ମ ‘ବଡେ ମିଆଁ ଛୋଟେ ମିଆଁ’ରେ ଏହି ଦୁହିଁଙ୍କୁ ଦେଖିବାକୁ ମିଳିବ। ତେବେ ୨୦୧୭ର ମିସ୍ ୱାର୍ଲ୍ଡ ମାନୁଷୀ ଛିଲ୍ଲର ମୁଭିରେ ମୁଖ୍ୟ ନାୟିକା ଭୂମିକା ଗ୍ରହଣ କରିବେ। ପିଙ୍କଭିଲ୍ଲା ରିପୋର୍ଟ ଅନୁସାରେ, ବାସୁ ଏବଂ ଜ୍ୟାକି ଭାଗ୍ନାନୀଙ୍କ ଦ୍ୱାରା ନିର୍ମିତ ଏହି ଚଳଚ୍ଚିତ୍ରରେ ଏକ ଅନ୍ତର୍ଜାତୀୟ ଆକ୍ସନ ଟିମ୍ ରହିବେ। ଏହି ଚଳଚ୍ଚିତ୍ରକୁ ହିନ୍ଦୀ ସିନେମାର ସବୁଠୁ ବଡ ଆକ୍ସନ ଫିଲ୍ମ କରୁବାକୁ ନିର୍ଦ୍ଦେଶକ ଯୋଜନା କରୁଛନ୍ତି। ଫିଲ୍ମରେ ୩ଜଣ ଲିଡ୍ ଅଭିନେତ୍ରୀ ଭୂମିକାରେ ନଜର ଆସିବେ। ତେବେ ମାନୁଷୀ ଛିଲ୍ଲରଙ୍କ ସହ ଜାହ୍ନବୀ କପୁର ମଧ୍ୟ ଅଭିନେତ୍ରୀ ଭାବେ ଚୟନ ହୋଇଛନ୍ତି। ସିନେମାଟି ଭାରତ, ୟୁରୋପ, ୟୁଏଇ ଆଦି ବିଭିନ୍ନ ଦେଶରେ ସୁଟିଂ ହେବାର ସୂଚନା ରହିଥିବାବେଳେ ଜାନୁୟାରୀ ୧୫ରେ ଏହାର ସୁଟିଂ ଆରମ୍ଭ ହେବ। ସିନେମାଟି ୨୫ ଡିସେମ୍ବର ୨୦୨୩ରେ ରିଲିଜ୍ ହେବାର ଯୋଜନା ରହିଛି। ଏମାନଙ୍କ ବ୍ୟତୀତ ଫିଲ୍ମରେ ମହେଶ ବାବୁ, ପ୍ରମୋଦ କୁମାର, ଅନମୋଲ ବକାୟା ପ୍ରମୁଖଙ୍କୁ ଦେଖିବାକୁ ମିଳିବ। ତେବେ ମାନୁଷୀ ଏହା ପୂର୍ବରୁ ଫିଲ୍ମ ‘ପୃଥ୍ୱୀରାଜ’ରେ ମୁଖ୍ୟ ନାୟିକା ଭାବରେ ନଜରକୁ ଆସିଥିଲେ।

# ଆର୍ଜେଣ୍ଟିନା ମହିଳାଙ୍କ ଦେହରେ ତ୍ରିରଙ୍ଗା

**ଦୋହା:** କାତାରରେ ହେଉଥିବା ଫିଫା ୱାର୍ଲ୍ଡ କପ୍‌ରେ ଆର୍ଜେଣ୍ଟିନାର ଲେଟି ଏସ୍‌ଟିଭେଜ୍ ନାମକ ଜଣେ ମହିଳା ଭାରତୀୟ ପତାକାକୁ ଦେହରେ ଗୁଡାଇ ହୋଇଥିବାବେଳେ କେରଳର ଜଣେ ଫୁଟବଲ୍‌ପ୍ରେମୀ ୟଦିଲ ଏମ୍ ଇକ୍‌ବାଲ୍ ଆର୍ଜେଣ୍ଟିନାର ପତାକାକୁ ଦେହରେ ଗୁଡାଇଥିବା ଇନ୍‌ଷ୍ଟାଗ୍ରାମ୍ ଭିଡିଓରେ ଦେଖିବାକୁ ମିଳିଛି। ମହିଳା ଜଣଙ୍କ କହିଥିଲେ, ଆର୍ଜେଣ୍ଟିନାର ଫୁଟବଲ୍ ମ୍ୟାଚ୍ ବେଳେ ସେ ଭାରତର ପତାକା ଦେଖିଛନ୍ତି, ଯାହାକୁ ଆର୍ଜେଣ୍ଟିନା ପ୍ରତି ଭାରତୀୟଙ୍କ ଭଲ ପାଇବା ସୂଚାଉଛି। ସେ ଭାରତୀୟକୁ ସ୍ୱାଗତ କରିବା ପାଇଁ ଭାରତର ପତାକାକୁ ଦେହରେ ଗୁଡାଇଥିବା କହିଛନ୍ତି। ଅନ୍ୟପଟେ ଇକ୍‌ବାଲ୍ ଫୁଟ୍‌ବଲ୍ ପ୍ରତି କେରଳର ଭଲ ପାଇବା ଦର୍ଶାଇବାକୁ ସେ ଏଭଳି କରିଥିବା କହିଛନ୍ତି।



ରବି ଋତୁରେ ଆଳୁ ଚାଷ, ପିଆଜ ଚାଷ, ହାଇବ୍ରିଡ ପନିପରିବା ଚାଷ, ଗେଣ୍ଡୁଫୁଲ ଚାଷ, ପାନଚାଷ ଓ ଅଣୁ ଜଳସେଚନ ପାଇଁ ନିକଟସ୍ଥ ଉଦ୍ୟାନ ବିଭାଗ କର୍ମଚାରୀଙ୍କ ସହ ଯୋଗାଯୋଗ କରନ୍ତୁ।
ସହକାରୀ ନିର୍ଦ୍ଦେଶକ, ଉଦ୍ୟାନ
କୃଷି ବିଭାଗ, ଜଗତ୍‌ସିଂହପୁର

ଅଭିନନ୍ଦନ
ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଅବସରରେ ତିର୍ତ୍ତୋଲ ବିଧାନସଭା ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭ କାମନା।
ବିଜୟ ଶଙ୍କର ଦାସ
ବିଧାୟକ
ତିର୍ତ୍ତୋଲ, ଜଗତ୍‌ସିଂହପୁର

ଅଭିନନ୍ଦନ
‘ଧରିତ୍ରୀ’ର ୪୯ତମ ଜନ୍ମଦିନରେ ହାର୍ଦ୍ଦିକ ଶୁଭେଚ୍ଛା। ସତ୍ୟ ଓ ନିର୍ଭୀକ ଖବର ପ୍ରକାଶନ ପାଇଁ ‘ଧରିତ୍ରୀ’ ସବୁବେଳେ ଚର୍ଚ୍ଚାରେ। ବାଲେଶ୍ୱର ୧୭ ନଂ. ଜୋନ୍‌ର ସର୍ବାଙ୍ଗୀନ ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ କାମନା କରୁଛି।
ସୁଜାତା ରାଣୀ ଦଣ୍ଡପାଟ
ଜିଲାପରିଷଦ ସଭ୍ୟା, ୧୭ନଂ. ଜୋନ୍, ବସ୍ତା, ବାଲେଶ୍ୱର

ଅଭିନନ୍ଦନ
ଧରିତ୍ରୀ ଓଡ଼ିଆ ଖବରକାଗଜର ୪୯ତମ ଜନ୍ମବାର୍ଷିକୀ ଅବସରରେ ନୀଳଗିରି ବ୍ଲକର ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ରିଜର୍ଭ ବ୍ୟାଙ୍କର ଅବସରପ୍ରାପ୍ତ ମୁଖ୍ୟ ମହାପ୍ରବନ୍ଧକ ମଦନମୋହନ ମାଝୀ ଓ ନୀଳଗିରି ଅଞ୍ଚଳର ସମସ୍ତ ଜନସାଧାରଣଙ୍କ ପକ୍ଷରୁ ଧରିତ୍ରୀ ପରିବାରକୁ ଆନ୍ତରିକ ଶୁଭେଚ୍ଛା ଏବଂ ଅଭିନନ୍ଦନ ।
ଶୁଭଲକ୍ଷ୍ମୀ ମାଝୀ ମଦନମୋହନ ମାଝୀ
ନୀଳଗିରି, ବାଲେଶ୍ୱର, ଧରିତ୍ରୀର ଶୁଭଚିନ୍ତକ

ଅଭିନନ୍ଦନ
ଓଡ଼ିଶାର ଅଗ୍ରଣୀ ଓ ନିରପେକ୍ଷ ଖବରକାଗଜ ଧରିତ୍ରୀର ୪୯ତମ ଜନ୍ମବାର୍ଷିକୀ ଅବସରରେ ନୀଳଗିରି ମାଟିର ସନ୍ତାନ ସ୍ୱର୍ଗତ ଶିବାଶିଷ ଦ୍ୱିବେଦୀ (ବାପୁଲୁ)ଙ୍କ ପରିବାର ଓ ବନ୍ଧୁଜନଙ୍କ ପକ୍ଷରୁ ଧରିତ୍ରୀ ପରିବାରକୁ ଶୁଭେଚ୍ଛା ଓ ଶୁଭକାମନା ।
ସ୍ୱ ଶିବାଶିଷ ଦ୍ୱିବେଦୀ (ବାପୁଲୁ)
ମିରିଗିଣି, ନୀଳଗିରି, ବାଲେଶ୍ୱର, ଧରିତ୍ରୀର ଶୁଭଚିନ୍ତକ

‘ଧରିତ୍ରୀ’ର ସ୍ୱନକ୍ଷତ୍ର ଦିବସରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ନିମାଇଁ ଚରଣ ସିଂହ
ଜଗତ୍‌ସିଂହପୁର

‘ଧରିତ୍ରୀ’ର ପ୍ରତିଷ୍ଠା ଦିବସରେ ଜଗତ୍‌ସିଂହପୁର ପୌର ପରିଷଦ ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ଅର୍ଚ୍ଚନା ସିଂହ
ଅଧ୍ୟକ୍ଷା, ଜଗତ୍‌ସିଂହପୁର ପୌରପରିଷଦ

‘ଧରିତ୍ରୀ’ର ୪୯ତମ ପ୍ରତିଷ୍ଠା ଦିବସ ଅବସରରେ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ଆର୍ତ୍ତତ୍ରାଣ ପତି
ପରିଚାଳନା ପରିଷଦ ସଭାପତି,
କଟକ ସମବାୟ ଦୁଗ୍ଧ ଉତ୍ପାଦକ ସଂଘ ଲିମିଟେଡ୍

ଅଭିନନ୍ଦନ
ଦେଶର ଅଗଣିତ ପାଠକ ଓ ପାଠିକାଙ୍କ ସ୍ନେହ ଓ ଭଲପାଇବାର ନିଚ୍ଛକ ପ୍ରଦର୍ଶନ ଯୋଗୁ ଧରିତ୍ରୀ ଆଜି ୪୯ ବର୍ଷରେ ପାଦ ଦେଇଛି ।
ଆଗକୁ ଏହା ଆହୁରି ଲୋକଙ୍କ ପାଇଁ କାମ କରୁ ଏବଂ ପବିତ୍ର ସ୍ୱନକ୍ଷତ୍ର ଅବସରରେ ଧରିତ୍ରୀକୁ ଢେର ସାରା ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।
ମାନବ ସେବା ହିଁ ମାଧବ ସେବା
ସମାଜସେବୀ ଉଦୟଜ୍ୟୋତି ମହାନ୍ତି (ବବୁଲା)
ନୀଳଗିରି,ବାଲେଶ୍ୱର, ଧରିତ୍ରୀର ଶୁଭଚିନ୍ତକ

‘ଧରିତ୍ରୀ’ର ୪୯ତମ ପ୍ରତିଷ୍ଠା ଦିବସ ଅବସରରେ ରାଜ୍ୟର ଅଗଣିତ ପାଠିକା ପାଠକଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ଶ୍ରୀ ଲୋକନାଥ ଶିକ୍ଷାଶ୍ରମ
ନିମିଡ଼ିହି, ପାରାଦୀପ

‘ଧରିତ୍ରୀ’ର ୪୯ତମ ପ୍ରତିଷ୍ଠା ଦିବସରେ ଜଗତ୍‌ସିଂହପୁର ଜିଲାବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।
କିଓରୱେଲ ହସ୍ପିଟାଲ
ମେଡିକାଲ ପାର୍ଶ୍ୱ, ପାଣିଶାଳିଆ, ଜଗତ୍‌ସିଂହପୁର

‘ଧରିତ୍ରୀ’ର ସ୍ୱନକ୍ଷତ୍ର ଦିବସରେ ଜଗତ୍‌ସିଂହପୁର ଜିଲାବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।
ନଟବର ବାରିକ
ଜିଲା କଂଗ୍ରେସ ସଭାପତି, ଜଗତ୍‌ସିଂହପୁର

‘ଧରିତ୍ରୀ’ର ୪୯ତମ ପ୍ରତିଷ୍ଠା ଦିବସ ଅବସରରେ ରାଜ୍ୟର ଅଗଣିତ ପାଠିକା ପାଠକଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ପ୍ରଶାନ୍ତ କୁମାର ମୁଦୁଲି
ଜଗତ୍‌ସିଂହପୁର ବିଧାୟକ ତଥା ରାଜ୍ୟ ସରକାରୀ ମୁଖ୍ୟ ସଚେତକ, ଓଡ଼ିଶା ବିଧାନସଭା

# ଏଥର ଖର୍ଚ୍ଚ ପରିମାଣ ୧୬ ଗୁଣା ଅଧିକ

**ଭୁବନେଶ୍ୱର, ୨୭।୧୧**

ଓଡ଼ିଶାରେ ଦ୍ୱିତୀୟଥର ପାଇଁ ହେବାକୁ ଯାଉଛି ହକି ବିଶ୍ୱକପ୍। ପୂର୍ବରୁ ୨୦୧୮ରେ ଏହା ଭୁବନେଶ୍ୱରରେ ସଫଳତାର ସହ ଆୟୋଜନ ହୋଇଥିଲା। ୨୦୨୩ ହକି ବିଶ୍ୱକପ୍ କିନ୍ତୁ ଉଭୟ ଭୁବନେଶ୍ୱର ଓ ରାଉରକେଲାରେ ଅନୁଷ୍ଠିତ ହେବ। ଏହା ଜାନୁୟାରୀ ୧୩ରୁ ଆରମ୍ଭ ହୋଇ ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଓଡ଼ିଶା ସରକାର ଏଥିପାଇଁ ପାଖାପାଖି ୧,୧୦୦ କୋଟି ଟଙ୍କା ଖର୍ଚ୍ଚ କରିବେ, ଯାହା ୨୦୧୮ ହକି ବିଶ୍ୱକପ୍ ଖର୍ଚ୍ଚ ଅପେକ୍ଷା ୧୬ ଗୁଣା ଅଧିକ। ୨୦୧୮ ହକି ବିଶ୍ୱକପ୍ ପାଇଁ ୬୬.୯୮ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ମାତ୍ର ଆଗାମୀ ବିଶ୍ୱକପ୍ ପାଇଁ ୧,୦୯୮.୪୦ କୋଟି ଖର୍ଚ୍ଚ ହେବ ବୋଲି ଜଣାଯାଇଛି।

୨୦୧୮ ହକି ବିଶ୍ୱକପ୍ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହୋଇଥିଲା। ୨୦୨୩ ବିଶ୍ୱକପ୍ କଳିଙ୍ଗ ସମେତ ରାଉରକେଲାରେ ନବନିର୍ମିତ ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ଅନୁଷ୍ଠିତ ହେବ। ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ବିର୍ସାମୁଣ୍ଡା ହକି ଷ୍ଟାଡିୟମ ଏବଂ ରାଉରକେଲା ସହର ଆଖପାଖ ଅଞ୍ଚଳର ଉନ୍ନତି ପାଇଁ ୧,୦୧୦ କୋଟି ଟଙ୍କା ଖର୍ଚ୍ଚ ହେବ। ରାଉରକେଲାରେ ନୂଆ ଷ୍ଟାଡିୟମ ନିର୍ମାଣ ପାଇଁ ସର୍ବାଧିକ ୮୭୫.୭୮ କୋଟି ଟଙ୍କା ବିନିଯୋଗ କରାଯାଇଛି। ଏହି ଷ୍ଟାଡିୟମର ନିର୍ମାଣ କାର୍ଯ୍ୟ ଏବେ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଆବାସ ଗୃହ ନିର୍ମାଣ ପାଇଁ ୮୪ କୋଟି, ରାଉରକେଲା ଆଖପାଖ ଅଞ୍ଚଳର ଉନ୍ନତୀକରଣ ଲାଗି ୧୦.୫୦ କୋଟି




ଏବଂ ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ଇଲେକ୍ଟ୍ରିକାଲ କାର୍ଯ୍ୟ ନିମନ୍ତେ ୧୩ କୋଟି ଟଙ୍କା ଖର୍ଚ୍ଚ ହୋଇଛି।

ସେହିପରି ଉଭୟ ଭୁବନେଶ୍ୱର ଓ ରାଉରକେଲା ଷ୍ଟାଡିୟମରେ ସିନ୍ଥେଟିକ୍ ଟର୍ଫ ବିଛାଇବା ପାଇଁ ସରକାର ହକି ଇଣ୍ଡିଆକୁ ୧୭.୫୦ କୋଟି ଟଙ୍କା ଦେଇଛନ୍ତି। ଏହା ବ୍ୟତୀତ ଭେନ୍ୟୁ ମ୍ୟାନେଜ୍‌ମେଣ୍ଟ, ଆକୋମୋଡେଶନ, ଟ୍ରାନ୍ସପୋର୍ଟେଶନ ଏବଂ ମିଡିଆ ପବ୍ଲିସିଟି ଲାଗି ସରକାର ୭୫ କୋଟି ଟଙ୍କା ବ୍ୟୟ କରିବେ। ଏହା ବ୍ୟତୀତ ରାଉରକେଲାରେ ସୁଇମିଂ ପୁଲ୍‌ର ଉନ୍ନତୀକରଣ ପାଇଁ ୯.୧୫ କୋଟି, କଳିଙ୍ଗ ଷ୍ଟାଡିୟମରେ ଫ୍ଲଡ୍‌ଲାଇଟ୍ ଲାଗି ୫.୩୯ କୋଟି ଏବଂ ୱେଷ୍ଟ ଷ୍ଟାଣ୍ଡର ସମ୍ପ୍ରସାରଣ ପାଇଁ ୮ କୋଟି ଟଙ୍କା ବ୍ୟୟ ହେବ।

୨୦୧୮ରେ ଖର୍ଚ୍ଚ ହୋଇଥିବା ୬୬.୯୮ କୋଟି ମଧ୍ୟରୁ ଓଡ଼ିଶା ସରକାର ପ୍ରେଜେଣ୍ଟିଙ୍ଗ୍ ପାର୍ଟନର ରାଇଟ୍ସ ଫି' ବାବଦରେ ହକି ଇଣ୍ଡିଆ ଓ ଏଫ୍‌ଆଇଏଚ୍(ଅନ୍ତର୍ଜାତୀୟ ହକି ଫେଡେରେଶନ) ନିକଟରେ ୨୫ କୋଟି ଟଙ୍କା ଦାଖଲ କରିଥିଲେ। ଭେନ୍ୟୁ ଓ ଇଭେଣ୍ଟ ମ୍ୟାନେଜ୍‌ମେଣ୍ଟ ପାଇଁ ମାତ୍ର ୧୮.୮୯ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ଅବଶିଷ୍ଟ ଅର୍ଥ ଟ୍ରାନ୍ସପୋର୍ଟେଶନ ଆକୋମୋଡେଶନ, ପବ୍ଲିସିଟି ଏବଂ ଅନ୍ୟ ବାବଦରେ ବ୍ୟୟ ହୋଇଥିଲା। ୨୦୧୮ରୁ ଭାରତୀୟ ହକି ଦଳର ପ୍ରାୟୋଜକ ରହିଆସିଥିବା ଓଡ଼ିଶା ସରକାର ଆଗାମୀ ବିଶ୍ୱକପ୍‌କୁ ପୂର୍ବାପେକ୍ଷା ଅଧିକ ସ୍ମରଣୀୟ ଏବଂ ବଡ଼ ଆକାରରେ କରିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏଥିରେ ରାଜ୍ୟବ୍ୟାପୀ ଅନେକ ମେଗା ସ୍ପୋର୍ଟିଂ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନର ଯୋଜନା ରହିଛି।

# ବର୍ଷା ଯୋଗୁ ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଦିନିକିଆ ବାତିଲ

**ହାମିଲଟନ, ୨୭।୧୧(ପି.ଟି.):** ବର୍ଷା ଯୋଗୁ ଏଠାରେ ରବିବାର ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ହେବାକୁ ଥିବା ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ୍ ଅଧାରୁ ବାତିଲ କରାଯାଇଛି। ଖେଳ ବନ୍ଦ ରଖାଯିବା ବେଳକୁ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୧୨.୫ ଓଭରରେ ୧ ଉଇକେଟ ହରାଇ ୮୯ ରନ୍ କରିଥିଲା। ଅଧିନାୟକ ଶିଖର ଧାୱନ ମାତ୍ର ୩ ରନ୍ କରି ଆଉଟ ହୋଇଥିବା ବେଳେ ଶୁବମନ ଗିଲ୍ ୪୨ ବଲ୍‌ରୁ ୪୫ ରନ୍ ଏବଂ ସୂର୍ଯ୍ୟକୁମାର ଯାଦବ ୨୫ ବଲ୍‌ରୁ ୩୪ ରନ୍ କରି ଅପରାଜିତ ରହିଥିଲେ। ଏହି ଦୁଇ ବ୍ୟାଟର ୮ ଓଭରରେ ୬୬ ରନ୍ ଯୋଗ କରିଥିଲେ।

# ଆଇଓଏର ସଭାପତି ହେବେ ପିଟି ଉଷା

**ନୂଆଦିଲ୍ଲୀ, ୨୭।୧୧(ପି.ଟି.)**

ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ)ର ପ୍ରଥମ ମହିଳା ସଭାପତି ହେବାକୁ ଯାଉଛନ୍ତି କିମ୍ବଦନ୍ତୀ ଆଥ୍‌ଲେଟ୍ ପି.ଟି. ଉଷା। ଡିସେମ୍ବର ୧୦ରେ ହେବାକୁଥିବା ନିର୍ବାଚନରେ ଆଇଓଏ ସଭାପତି



ପଦବୀ ପାଇଁ ସେ ଜଣେମାତ୍ର ପ୍ରାର୍ଥୀ ହୋଇଛନ୍ତି। ୫୮ ବର୍ଷୀୟା ଉଷା ହେଉଛନ୍ତି ଏକାଧିକ ସ୍ୱର୍ଣ୍ଣ ପଦକ ବିଜୟିନୀ। ଏହାସହ ସେ ୧୯୮୪ ଅଲିମ୍ପିକ୍ସ ୪୦୦ ମିଟର ହର୍ଡଲ୍ସ ଫାଇନାଲରେ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ରବିବାର ସେ ଓ ତାଙ୍କ ଅନୁଗତ ବିଭିନ୍ନ ପଦବୀ ପାଇଁ ସେମାନଙ୍କ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ଆଇଓଏ ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲର ଅନ୍ତିମ ଦିବସ ଥିଲା ରବିବାର। ଆଇଓଏ ନିର୍ବାଚନର ରିଟର୍ନିଂ ଅଫିସର ଉମେଶ ସିହ୍ନାଙ୍କୁ ଶୁକ୍ରବାର କିମ୍ବା ଶନିବାର କୌଣସି ପ୍ରାର୍ଥୀପତ୍ର ମିଳି ନ ଥିଲା। କିନ୍ତୁ ରବିବାର ବିଭିନ୍ନ ପଦବୀ ଲାଗି ୨୪ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଉଷା ତାଙ୍କ ସମୟରେ ଜଣେ ଟପ୍ ସ୍ପ୍ରିଣ୍ଟର ଥିଲେ। ଆଇଓଏର ଆଥ୍‌ଲେଟିକ୍ସ କମିଶନ ଦ୍ୱାରା ନିର୍ବାଚିତ ୮ଜଣ ସ୍ପୋର୍ଟ୍ସ ପର୍ସନ ଅଫ୍ ଆଉଟଷ୍ଟାଣ୍ଡିଂ ମେରିଟ୍ (ଏସ୍‌ଓଏମ୍)ଙ୍କ ମଧ୍ୟରେ ସେ ଅନ୍ୟତମ ଥିଲେ। ଏହାଦ୍ୱାରା ସେ ଇଲେକ୍ଟୋରାଲ କଲେଜର ଜଣେ ସଦସ୍ୟ ହୋଇ ଯାଇଥିଲେ। ୯୫ ବର୍ଷର ଇତିହାସରେ ଜଣେ ପ୍ରଥମ ଅଲିମ୍ପିଆନ ଓ ପ୍ରଥମ ଅନ୍ତର୍ଜାତୀୟ ପଦକ ବିଜେତା ଆଇଓଏର ମୁଖ୍ୟ ହେବାକୁ ଯାଉଛନ୍ତି। ମହାରାଜ ଯାଦବିନ୍ଦ୍ରା ସିଂଙ୍କ ପରେ ଦେଶରୁ ପ୍ରତିନିଧିତ୍ୱ କରିଥିବା ପ୍ରଥମ କ୍ରୀଡ଼ାବିତ୍ ଭାବେ ଉଷା ଆଇଓଏର ମୁଖ୍ୟ ହେବାକୁ ଯାଉଛନ୍ତି। ଯାଦବିନ୍ଦ୍ରା ୧୯୩୪ରେ ଏକ ଟେଷ୍ଟ ମ୍ୟାଚ୍ ଖେଳିଥିଲେ। ସେ ୧୯୩୮ରୁ ୧୯୬୦ ମଧ୍ୟରେ ୩ଥର ଆଇଓଏ ସଭାପତି ହୋଇଛନ୍ତି।

# ହକି ସିରିଜ: ଭାରତର ଦ୍ୱିତୀୟ ପରାଜୟ

**ଆଡିଲେଡ୍, ୨୭।୧୧,(ପି.ଟି.):** ଅଷ୍ଟ୍ରେଲିଆ ଗସ୍ତରେ ରହିଥବା ଭାରତୀୟ ପୁରଷ ହକି ଦଳ କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଛ। ରବିବାର ଖେଳା ଯାଇଥିବା ହାଇ ସ୍କୋରିଂ ମ୍ୟାଚକୁ ଭାରତ ୭-୪ରେ ହାରିଛି। ଭାରତୀୟ ଖେଳାଳି ମାନେ ଭଲ ପ୍ରଦର୍ଶନ କରିଥିବା ବେଳେ ବ୍ଲେକ୍ ଗୋଭର୍ସ ହ୍ୟାଟ୍ରିକ ସହିତ ଦଳକୁ ଜିତାଇଥିଲେ। ଅନ୍ତିମ କ୍ଷଣରେ ଗୋଲ ବରଣ କରିବାର ଦୁର୍ବଳତା ଭାରତ ପାଇଁ ମହଙ୍ଗା ପଡିଥିଲା। ଅନ୍ତିମ କ୍ୱାର୍ଟର ପୂର୍ବରୁ ଭାରତ ୪-୩ରେ ରେ ପଛୁଆ ରହିଥିଲା। ତେବେ ଅନ୍ତିମ କ୍ୱାର୍ଟରରେ ଦଳ ୩ ଗୋଲ ବରଣ କରିଥିଲା। ଭାରତ ପକ୍ଷରୁ ହରମନ୍‌ପ୍ରୀତ୍ ସିଂ (୪,୬୦), ହାର୍ଦ୍ଦିକ୍ ସିଂ(୨୫) ଓ ମହମ୍ମଦ ରାହିଲ(୩୬ ମିନିଟ) ଗୋଲ କରିଥିଲେ। ବ୍ଲେକ୍ ଗୋଭର୍ସ(୧୨, ୨୭,୩୫), ୱେଲ୍ଟ (୧୭,୨୪), ଜେକ୍ ହ୍ୱେଟନ୍ (୪୯) ଓ ଜାକବ୍ ଆଣ୍ଡରସନ୍ (୪୮) ପ୍ରମୁଖ ଅଷ୍ଟ୍ରେଲିଆ ପାଇଁ ଗୋଲ ସ୍କୋର କରିଥିଲେ।

# ମୟଙ୍କ ଓ ସର୍ବେଶଙ୍କ ଶତକ



ମୟଙ୍କ ସାଣ୍ଡିଲ୍ୟ



ସର୍ବେଶ ରୋହିଲା

## କୁଚବିହାର ଟ୍ରଫି

■ ହରିୟାଣାର ୪୬୬ ରନ, ଓଡ଼ିଶା ବୋଲିଂ ବିଫଳ

**ସମ୍ବଲପୁର, ୨୭।୧୧(ବ୍ୟୁରୋ)**

ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ୧୯ବର୍ଷରୁ କମ୍ କୁଚବିହାର ଟ୍ରଫି ରବିବାର ଦ୍ୱିତୀୟ ଦିନ ଖେଳ ଶେଷ ହୋଇଛି। ହରିୟାଣା ଦଳର ଦୁଇଜଣ ଖେଳାଳି ଶତକ ଓ ତିନିଜଣ ଅର୍ଦ୍ଧଶତକ କରି ମ୍ୟାଚକୁ ମଜଭୁତ ସ୍ଥିତିରେ ପହଞ୍ଚାଇଥିଲେ। ଓଡ଼ିଶା ଦଳ ବୋଲିଂରେ ବିଫଳ ହୋଇଥିଲା। ବ୍ୟାଟସ୍‌ମ୍ୟାନ ମୟଙ୍କ ସାଣ୍ଡିଲ୍ୟ ୧୯୪ ବଲରେ ୧୨୯ ରନ କରିଥିଲେ। ସେଥିରେ ୧୬ ଚୌକା ଓ ୪ ଛକ୍କା ରହିଛି। ସେହିପରି ସର୍ବେଶ ରୋହିଲା ୧୪୭ ବଲର ସାମ୍ନା କରି ୧୧୮ରନ ସହ ଅପରାଜିତ ରହିଛନ୍ତି। ସେଥିରେ ୧୨ ଚୌକା ଓ ୩ ଗୋଟି ଛକ୍କା ରହିଛି। ୟସବର୍ଦ୍ଧନ ଦଲାଲ ୧୧୦ ବଲରେ ୮୬ ରନ କରି ଅପରାଜିତ ଅଛନ୍ତି। ସାମନ୍ତ ଝାକର ୬୭ ବଲରେ ୫୦ ରନ ଓ ନିଶାନ୍ତ ସିନ୍ଧୁ ୧୦୦ ବଲରେ ୬୫ ରନ କରି ଦଳର ସ୍କୋର ବଢାଇଥିଲେ। ହରିୟାଣା ଦଳ ମୋଟ ୧୦୬ ଓଭରରେ ୫ ଉଇକେଟ ହରାଇ ୪୬୬ ରନ ସଂଗ୍ରହ କରିଥିଲା। ପ୍ରଥମ ଇନିଂସରେ ଓଡ଼ିଶା ଦଳ ୧୯୪ ରନ କରି ଅଲଆଉଟ ହୋଇଥିଲା। ପ୍ରଥମ ଇନିଂସ ଖେଳ ବାକି ରହିଥିବା ବେଳେ ଓଡିଶାଠାରୁ ହରିୟାଣା ଦଳ ୨୭୨ ରନ ଆଗରେ ରହିଛି। ଓଡିଶା ବୋଲର ସଞ୍ଜୟ ରାଉତରାୟ ୨୧ ଓଭରରେ ୨ ଉଇକେଟ ଏବଂ ରିତେଶ ପ୍ରିୟରଞ୍ଜନ, ସନ୍ଦିପ ମହାପାତ୍ର ଓ ଅଭିନବ ନନ୍ଦ ଗୋଟିଏ ଲେଖାଏ ଉଇକେଟ ନେବାରେ ସଫଳ ହୋଇଥିଲେ। ଆର୍ ସୁବ୍ରମନିୟମ ଆୟାର ଓ ଆର୍. ରାକେଶ ଅମ୍ପାୟାର ଓ ମ୍ୟୋମିତା ଚୌଧୁରୀ ମ୍ୟାଚ ରେଫରି ରହିଥିଲେ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ